ମୁଁ ହିରୋ ହେବି

ଗୋପାଳ ଚନ୍ଦ୍ର ପଟ୍ଟନାୟକ

Digitized by PPRACHIN, SOA

ମୁଁ ହିରୋ ହେବି

ଏବଂ

ଅନ୍ୟାନ୍ୟ ହାସ୍ୟ ନାଟିକା

ଗୋପାଳ ଚନ୍ଦ୍ର ପଟ୍ଟନାୟକ
ଭୁବନେଶ୍ୱର

Digitized by PPRACHIN, SOA

ମୁଁ ହିରୋ ହେବ
(ହାସ୍ୟ ନାଟିକା ସଂକଳନ)

ରଚନା :

ଗୋପାଳ ଚନ୍ଦ୍ର ପଟ୍ଟନାୟକ

ପ୍ରକାଶନା :

ଶ୍ରୀମତୀ ବାସନ୍ତୀ ପଟ୍ଟନାୟକ

~~ୟୁନିଟ୍–୬ ଭି ଆର୍–୧୪~~ ସି/୨୨, [illegible]

ଭୁବନେଶ୍ୱର–୧୪

ପ୍ରଚ୍ଛଦ :

ଶ୍ରୀ ବଳଦେବ ମହାରଥୀ

ନୂଆପଲ୍ଲୀ

ଭୁବନେଶ୍ୱର

ମୁଦ୍ରଣ :

ମ୍ୟାଗ୍ନମ୍ ପ୍ରିଣ୍ଟର୍ସ

୨୦, ଜନପଥ, ବାପୁଜୀନଗର

ଭୁବନେଶ୍ୱର–୭୫୧୦୦୯

ପ୍ରକାଶ ତିଥି :

ପହିଲିରଜ

୧୯୮୭

ମୂଲ୍ୟ : ଅଠର ଟଙ୍କା

Digitized by PPRACHIN, SOA

● ନାଟକକୁ ଶ୍ରଦ୍ଧା କରୁଥିବା ମୋର
ପିଲ୍ଲମାନେ– ଟେରି (ମୀନାକ୍ଷୀ) ଓ
ଝୁମ୍ପୁ (ଅଞ୍ଜନା) ଏବଂ ସାତ ଆଠ
ବର୍ଷ ବୟସରୁ ନାଟକ କରି ଆସୁଥିବା
ପିକ୍କୁ (ସଞ୍ଜୟ) – ମୋର ସେଇ
ପିଲ୍ଲମାନଙ୍କ ହାତରେ – ଅନେକ
ଶ୍ରଦ୍ଧା ଓ ଶୁଭଚିନ୍ତା ସହ–

ଗୋପାଳ ପଟ୍ଟନାୟକ

Digitized by PPRACHIN, SOA

ପଦେ ନିଜ କଥା

କଲେଜରେ ପାଠ ପଢ଼ିଲାବେଳେ କଟକ ବେତାର କେନ୍ଦ୍ର ପାଇଁ କିଛି ନାଟକ ଲେଖିଥିଲି । ସେ ଗୁଡ଼ିକ ଏକାଧିକ ବାର ପ୍ରସାରିତ ହୋଇ କିଛି ଆଦର ଓ ପରିଚିତି ଲାଭ କରି ପାରିଥିଲା ।

କିନ୍ତୁ-ଏବେ ବି ସେ କଥା ମନେ ପଡ଼ିଗଲେ ଭାରି ଦୁଃଖ ଲାଗେ- ମୋର ସବୁ ଲେଖାଲେଖି ଊଣେଇଶ ଶହ ବାବନ ମସିହା ପରଠାରୁ ପୂରାପୂରି ବନ୍ଦ ହୋଇଗଲା । ମଙ୍ଗଳାନୁରାଗୀ ବନ୍ଧୁ ଓ ଆତ୍ମୀୟମାନଙ୍କର ଉତ୍ସାହ ଓ ପ୍ରେରଣା ଏବଂ ନିଜର ନାଟକ ପ୍ରତି ଆବାଲ୍ୟସଚିତ ଶ୍ରଦ୍ଧା ଯୋଗୁଁ ଅନେକ ବର୍ଷ- ପ୍ରାୟ ଛବିଶ ବର୍ଷ - ପରେ ଊଣେଇଶ ଶହ ଅଠସ୍ତରୀ ମସିହାରେ ମୁଁ ପୁଣି ଥରେ ଆସ୍ତେ ଆସ୍ତେ ନାଟକ ଲେଖିବା ଆରମ୍ଭ କଲି । ପ୍ରଥମ ନାଟକ "ଦିନେ ଖରାବେଳେ" ପ୍ରଥମେ କଟକ କେନ୍ଦ୍ରରୁ ଏବଂ ପରେ ସମ୍ବଲପୁର/ଜୟପୁର ବେତାରକେନ୍ଦ୍ରମାନଙ୍କରୁ ବିଭିନ୍ନ ସମୟରେ ବାରମ୍ବାର ପ୍ରସାରିତ ହୋଇ କିଛି ଶ୍ରଦ୍ଧା ଓ ସାଫଲ୍ୟ ପାଇଲା । ତା ପରଠାରୁ ମୁଁ ମଝିରେ ମଝିରେ ବେତାର ପାଇଁ ହାସ୍ୟ ନାଟକ ଲେଖି ଆସୁଛି । କିଛି ମଞ୍ଚ ନାଟକ ବି ଲେଖିଛି । ତେବେ ସରକାରୀ କର୍ମର ଜଞ୍ଜାଳ ଓ ବ୍ୟସ୍ତତା ଭିତରେ ବିଶେଷ କିଛି ଲେଖିବା ସମ୍ଭବ ହୋଇ ପାରି ନାହିଁ ଏବଂ ମୌଳିକ ସୃଷ୍ଟିଶୀଳ ଏକ ମାନବନ୍ତ ରଚନାର ଧାରାକୁ ଚଳେଇ ରଖିବା ବେଳେ ବେଳେ କଷ୍ଟକର ହୋଇ ପଡୁଛି - ବିଶେଷ କରି ଦୀର୍ଘ ଛବିଶ ବର୍ଷର ନୀରବତା ପରେ । ତଥାପି ଅନିୟମିତ ହେଲେ ସୁଦ୍ଧା ମଝିରେ ମଝିରେ କିଛି କିଛି ଲେଖିବାର ଚେଷ୍ଟା କରି ଚାଲିଛି ।

ଏ ସଙ୍କଳନରେ ପ୍ରକାଶିତ ସମସ୍ତ ନାଟକ ବିଭିନ୍ନ ସମୟରେ ଆକାଶ ବାଣୀ/ବିବିଧ ଭାରତୀ କେନ୍ଦ୍ର ମାନଙ୍କରୁ ପ୍ରସାରିତ ହୋଇଛି । ମଞ୍ଚ ଉପଯୋଗୀ କରିବାର ଲକ୍ଷ୍ୟ ନେଇ ମୁଁ ସେ ନାଟକ ଗୁଡ଼ିକୁ କିଛିଟା ପରିମାର୍ଜନ ଓ ପରିବର୍ତ୍ତନ କରିଛି ।

Digitized by PPRACHIN, SOA

ଯେଉଁ ମଙ୍ଗଳାକାଙ୍‌କ୍ଷୀ ବନ୍ଧୁ ଓ ଆତ୍ମୀୟ ମାନଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ସାହାଯ୍ୟ, ସହଯୋଗ ଓ ଉତ୍ସାହ ବିନା ଏ ସଙ୍କଳନ ଏବଂ ଏହା ସହିତ ଏକସମୟରେ ପ୍ରକାଶିତ ଏକ ଗଳ୍ପ ସଙ୍କଳନର ପ୍ରକାଶନ ସମ୍ଭବ ହୋଇ ପାରି ନ ଥାନ୍ତା ସେ ସମସ୍ତଙ୍କୁ ମୁଁ ମୋର ସହୃଦୟ କୃତଜ୍ଞତା ଜଣାଉଛି ଏବଂ ଏହି ଅବସରରେ ସୁପରିଚିତ ନାଟ୍ୟଉଦ୍‌ଯୋଗୀ ସାହିତ୍ୟଚିନ୍ତକ ଓ ସୁଲେଖକ ଶ୍ରୀ ଇନ୍ଦୁଭୂଷଣ କର, ସୁଗାଳ୍ପିକ ଓ ଯୁବସାହିତ୍ୟିକ ଶ୍ରୀ ଉତ୍ତମ କୁମାର ପ୍ରଧାନ, ସୁଖ୍ୟାତ କବି ଓ ସାହିତ୍ୟାଲୋଚକ ଅଧ୍ୟାପକ ଶ୍ରୀ ଭଗବାନ ଜୟସିଂହ, ସୁଗାଳ୍ପିକ ଓ ନାଟ୍ୟକାର ଶ୍ରୀ ଆନନ୍ଦ ଚନ୍ଦ୍ର ପତି, ନାଟ୍ୟ ଶିଳ୍ପୀ ଓ ନିର୍ଦ୍ଦେଶକ ଶ୍ରୀ ଧୁରନ୍ଧର ବିଶ୍ୱାଳ ଓ ଉଦୀୟମାନ ଯୁବଲେଖକ ଶ୍ରୀ ବୈଷ୍ଣବ ଚରଣ ମହାନ୍ତିଙ୍କୁ ଶ୍ରଦ୍ଧାର ସହ ସ୍ମରଣ କରୁଛି । ନାଟ୍ୟକାର ଓ ନାଟ୍ୟଶିଳ୍ପୀ ଶ୍ରୀ ହିମାଂଶୁ ଭୂଷଣ ସାବତ୍ ଓ ମଞ୍ଚ ଚଳଚ୍ଚିତ୍ର ଅଭିନେତା ଶ୍ରୀ କ୍ଷେତ୍ରପାଳ ମିଶ୍ରଙ୍କଠାରୁ ମଧ୍ୟ ଅନେକ ଉତ୍ସାହ ଓ ସାହାଯ୍ୟ ପାଇଛି । ସେଥିପାଇଁ ମୁଁ ସେମାନଙ୍କୁ ଧନ୍ୟବାଦ ଜଣାଉଛି ।

ମୋର ସ୍ତ୍ରୀ ବାସନ୍ତୀ (ବାଲି) ନାଟକର ପ୍ଲଟ୍ ଦିଆରିରୁ ଆରମ୍ଭ କରି ଏ ସଙ୍କଳନର ପ୍ରକାଶନ ପର୍ଯ୍ୟନ୍ତ ସବୁ ସ୍ତରରେ ମୋତେ ଉତ୍ସାହ ଓ ପ୍ରତ୍ୟକ୍ଷ ସାହାଯ୍ୟ ଦେଇ ଆସିଛି । ପ୍ରତ୍ୟେକ ପାଣ୍ଡୁଲିପି ପଢି ବହୁ ତ୍ରୁଟି ସଂଶୋଧନର ସୂଚନା ଦେଇ ଆସିଛି ।

ଏ ସଙ୍କଳନରେ ପ୍ରକାଶିତ ସମସ୍ତ ନାଟକ ହାସ୍ୟ ନାଟକ । ସେଗୁଡ଼ିକ ଯଦି ପାଠକପାଠିକା / ଦର୍ଶକଦର୍ଶିକାମାନଙ୍କୁ କିଛି ହାସ୍ୟ- ଆନନ୍ଦ ଦେଇ ପାରନ୍ତି ତେବେ ସେଇହିଁ ହେବ ଏ ସଙ୍କଳନ ପ୍ରକାଶନର ସବୁଠାରୁ ବଡ଼ ସାର୍ଥକତା ।

ବିନୀତ

ଲେଖକ

Digitized by PPRACHIN, SOA

-ସୂଚୀ-

କରୁଣାମୟ	୧
ଚୈତନ ଚୁଟି	୩୨
ଇକାର ଭେଦ ଶବଦ	୬୫
ସୁରବୋଉଙ୍କ ଘୁବିକାଠି ଓ ତାଙ୍କ ହେତୁ	୯୨
ମୁଁ ହିରେ ହେବି	୧୧୭

●

Digitized by PPRACHIN, SOA

- କରୁଣାମୟୀ -

ଚରିତ୍ର

ସୂର୍ଯ୍ୟମଣି ମଙ୍ଗରାଜ — ବୟସ ସତାବନ ଅଠାବନ ହେବ । ସହରୀ ଓ ଗ୍ରାମ୍ୟ ଚଳଣୀର ମିଶ୍ରଣ । ସାଧାରଣ ଦୁଃଖ ଧନ୍ଦାର ମଣିଷ । ସୁସ୍ଥ ସବଳ ।

ହେଣ୍ଟା — ସାଇର ଜଣେ ଯୁବକ । ଦାଦାଗିରି କରେ ।

ସତ୍ରୁଘ ଭୋଇ — ବୟସ ତିରିଶ ପରି । ବାହା ହୋଇ ନାହିଁ । ପ୍ରାୟ ଅଶିକ୍ଷିତ ।

ବିଲ୍ଲୁ ମଙ୍ଗଳ — ମେସ୍‌ର ମେନେଜର । ବୟସ ଚାଳିଶ । ଏକ ବିଫଳ ପ୍ରେମ ଯୋଗୁ ଅବିବାହିତ ।

ପୀତବାସ — ଏକ ଭଣ୍ଡ ଧାର୍ମିକ । ପଇଁତିରିଶ ଛତିଶ ବର୍ଷ ବୟସ । ମେସରେ ରହନ୍ତି । ଚାକିରି କରନ୍ତି ।

ଅଲେଖ — ପ୍ରାୟ ପୀତବାସଙ୍କ ବୟସ । ଟିକେ ଅବ୍ୟବସ୍ଥିତ ଚିତ୍ତ । ମେସ୍‌ରେ ରହେ । ଚାକିରୀ କରେ ।

ଜଣେ ଲୋକ

ମେସ୍‌ର ତିନି ଜଣ ଅଧିବାସୀ ।

●

Digitized by PPRACHIN, SOA

ସମୟ ସକାଳ । ସହରର ଏକ ସାଇରେ ସୂର୍ଯ୍ୟମଣି ମଙ୍ଗରାଜଙ୍କ ବସାଘର । ସୂର୍ଯ୍ୟମଣି ମଙ୍ଗରାଜ ଛିଡା ହୋଇଛନ୍ତି ଓ ତାଙ୍କ ଛାତିରେ ଗୋଟେ ଠେଙ୍ଗାରେ ଠେଲ ଦେଇ ଛିଡ଼ା ହୋଇଛି ହେଣ୍ଡାଗମ ଘଡ଼େଇ-ସାଇର ଦାଦା । ସୂର୍ଯ୍ୟମଣି ଧୋତି ଆଉ ଫତେଇ ପିନ୍ଧିଛନ୍ତି । ପେଟଟି ଅଳ୍ପ ବାହାରକୁ ବାହାରି ପଡ଼ିଛି । ସେ ଗାଁର ଲୋକ । ସହରରେ କାମ ଧନ୍ଦା କରନ୍ତି । ଚତୁର କିନ୍ତୁ ଧୂର୍ତ୍ତ କିମ୍ବା ଧପାବାଜ ନୁହନ୍ତି । ସୂର୍ଯ୍ୟମଣିଙ୍କ ମୁହଁରେ ଆତଙ୍କ ।

ହେଣ୍ଡା : ଆବେ ଶୁଭୁଚି ? (ଟିକେ ଉଚ୍ଚ ସ୍ୱରରେ) ଆବେ ଶୁଭୁଚି ? (ଠେଙ୍ଗାରେ ଠେଲି ଦେଇ) ଆବେ ସୂର୍ଯ୍ୟମଣି ମଙ୍ଗରାଜ ଶୁଭୁଚି ?

ସୂର୍ଯ୍ୟ : (ଠେଲ ଖାଇ କଷ୍ଟ ହେଉଛି । କିନ୍ତୁ ହାତ ଦେଇ ଠେଙ୍ଗାକୁ ଘୁଞ୍ଚେଇ ଦେବାକୁ ସାହସ ନାହିଁ । ତେଣୁ ଦୁଇ ହାତରେ ନିଜକୁ ରକ୍ଷା କରିବାର ଚେଷ୍ଟା କରୁଛନ୍ତି । କିନ୍ତୁ ଠେଙ୍ଗାକୁ ଛୁଉଁ ନାହାନ୍ତି) ଓହୋ ହୋଃଃଃ— ମରିଗଲି-ମରିଗଲି-ମରିଗଲି-ଓହୋହୋଃଃଃ—ବାବା-ବାବା-ବାବା ଲୋ—

ହେଣ୍ଡା : (ଆଉ ଥରେ ଠେଲ ଦେଇ) ଆବେ ଶୁଭୁଚି ନା ନାହିଁ ବେ ?

ସୂର୍ଯ୍ୟ : ଶୁଭୁଚି ଶୁଭୁଚି ଶୁଭୁଚି ବାବା ସବୁ ଶୁଭୁଚି—ସବୁ ଶୁଭୁଚି - ଓହୋହୋଃଃଃ—

ହେଣ୍ଡା : (ମେଞ୍ଚିରୁ ପାଟି କରି) ଶୁଭୁଚି ତ ଟଙ୍କା ବାହାରୁ ନାହିଁ କାହିଁକି ? ମୁଁ ପଗ୍ଗୁଚି ଟଙ୍କା ବାହାରୁ ନାହିଁ କାହିଁକି ? ବାହାର୍ କର - ବାହାର୍ କର ଟଙ୍କା - ବାହାର୍ କର ଗୁରିଆ ମହାଜନର ଟଙ୍କା—

ସୂର୍ଯ୍ୟ : କରିବି - କରିବି - କରିବି - ବାବା ଜରୁର୍ କରିବି । ହେଁଃ ହେଁଃ ହେଁଃ ତେବେ ବାବା ମୁଁ କଣ କରୁଥିଲି କି— (ଦାନ୍ତ ଦେଖେଇ ହସିବାର ଅଭିନୟ କରେ । କିନ୍ତୁ ସେ ହସ ହସ ନୁହେଁ । ଭୟ ।) ହେଁଃ ହେଁଃ ହେଁଃ - ମାନେ ମାନେ - ତମେ ଯଦି ଏ ଠେଙ୍ଗାଟା ଟିକେ —

ହେଣ୍ଡା : (ମେଞ୍ଚିରୁ ପାଟି କରି) ଗ୍ୟେପ୍ - ଗ୍ୟେପ୍ - କିଛି କଥାବାର୍ତ୍ତା ନୁହେଁ - କିଛି କଥାବାର୍ତ୍ତା ନୁହେଁ । ଚୁପ୍‌ଚାପ୍ ଟଙ୍କା ବାହାର କର । ବାହାର୍ କର ଟଙ୍କା । ଘଡ଼ିଏ ହେଲା ମୁଁ କହିଲିଣି । ଖାଲି ଆଜେ ବାଜେ କଥା ! ଟଙ୍କାର ଦେଖା ନାହିଁ । ଖାଲି ଆଜେବାଜେ କଥା ! ବାହାର୍ କର - ବାହାର୍ କର ଟଙ୍କା-(ଠେଙ୍ଗାଟା କିନ୍ତୁ ଖସେଇ ନେଇ)

Digitized by PPRACHIN, SOA

ସୂର୍ଯ୍ୟ : (ଦୁଇ ହାତର ପାପୁଲି ଦେଖେଇ ଆତ୍ମରକ୍ଷୀ ଭଙ୍ଗୀରେ) ହେଁଃ ହେଁଃ ହେଁଃ- ନାଇଁ - ନାଇଁ - ବାବା - ବାବା - ହେଁଃ ହେଁଃ - ବା ବା

ହେଣ୍ଡା : ଗ୍ରେପ୍-ଗ୍ରେପ୍- ଖାଲି ହେଁ ହେଁ ହଉଛି ! ଖାଲି ହେଁଃ ହେଁଃ ହଉଚି ! ନିକାଲୋ ନିକାଲେ-ରୁପିୟା ନିକାଲେ ରୁପିୟା- (ଠେଙ୍ଗା ଉଠେଇଲା)

ସୂର୍ଯ୍ୟ— (ଆତ୍ମ ରକ୍ଷୀ ଭଙ୍ଗୀରେ) ହାଁ-ହାଁ-ହାଁ ଥାଉ-ଥାଉ-ଥାଉ-ଥାଉ ସେଟାକୁ କାହିଁକି ଉଠଉଚ ? ଆଉ ସେଟାକୁ କାହିଁକି ଢଠଉଚ ? ଖାଲି ତମ କଥା ଶୁଣି ତ ମୋ ପିଳେହି ପାଣି ହୋଇଗଲଣି । ଆଉ ସେ ଠେଙ୍ଗାଟାକୁ —

ହେଣ୍ଡା : ଗ୍ରେପ ବେ ! ଖାଲି ଗଜର ଗଜର ହଉଚି ! ଖାଲି ଗଜର ଗଜର ହେଉଚି ! ଟଙ୍କା ପଇସାର ଦେଖାନାହିଁ-ଖାଲି ଗଜର ଗଜର ହେଉଚି— ନିକାଲେ ରୁପିୟା-ନିକାଲେ-ନିମାଲେ- ।

ସୂର୍ଯ୍ୟ : ହିଁ-ହିଁ-ହିଁ- ବାବା- ନିକାଲିବି ନିକାଲିବି ଜରୁର ନିକାଲିଚି- ହେଲେ ବାବା—

ହେଣ୍ଡା : ଅଭି ! ଅଭି ନିକାଲେ—

ସୂର୍ଯ୍ୟ : ଅଭି ? ମାନେ-ମାନେ ଅଭି ନିକାଲିବି ?

ହେଣ୍ଡା : ଅଭି ନୁହେଁ କଣ ଆର ବର୍ଷ-? ଧପାବାଜଙ୍କ ଗୁରୁ ? ସୂର୍ଯ୍ୟମଣି ବାବୁ ମୁଁ କହିଦଉଚି ମୁଁ ଗଜା ବଜାରର ଦାଦା ଅଛି । ମୁଁ ଆଜି ଗୁରିଆ ମହାଜନର ଟଙ୍କା ନେବି । ଯିବି । ନହେଲେ— (ଠେଙ୍ଗାକୁ ତଳେ ଜୋରରେ ଠୁକେଇ ଦେଲ ।)

ସୂର୍ଯ୍ୟ : ହେଁଃ ହେଁଃ ହେଁଃ-ନାଇଁ ନାଇଁ ନାଇଁ-ବୁଝିଲି ବୁଝିଲି ବୁଝିଲି-ହେଁଃ ହେଁଃ- ସବୁ ବୁଝିଗଲି- ତେବେ ବାବା- ହେଁଃ ହେଁଃ—ମୁଁ ମାନେ ମୁଁ କଣ କହୁଥିଲି କି ମାନେ-ମାନେ ଏତେ ଗୁଡେ ଟଙ୍କା ଅଭି ନିକାଲିବାକୁ— (ହେଣ୍ଡାଗମ ହଠାତ୍ ଠେଙ୍ଗାଟା ଉଠେଇ ଛାତିରେ ଲଗେଇବାକୁ ଉଦ୍ୟତ ହେବାର ଦେଖି) ହାଁ-ହାଁ-ହାଁ- ଥାଉ- ଥାଉ- ଥାଉ- ବାବା- ବାବା ତମେ ସେ ଖତରନାକ ଜିନିଷଟାକୁ ଆଉ କାହିଁକି ଉଠଉଚ କହିଲ ? ତାକୁ ତ ଖାଲି ଦେଖିଦେଲେ ମୋ ଛାତିଟା ଧଡ ଧଡ ହେଇ ଯାଉଛି ।

Digitized by PPRACHIN, SOA

ହେଣ୍ଡା : (ପୋଟିକରି) ଆବେ ଟଙ୍କା ବାହାର କରୁଚି ନା ଗଳର ଗଳର ହଉଚି ! ବାହାର କର - ବାହାର କର ଟଙ୍କା-

ସୂର୍ଯ୍ୟ : ହେଁଃ ହେଁଃ ହେଁଃ-କରିବି-କରିବି-କରିବି-ହୁଜୁର କରିବି - ତମେ ବାବା ହେଣ୍ଡାଗମ ଆମ ରଜା ବଜାରର ଦାଦା ଅଛ । ତମେ ଯେତେବେଳେ କହିଲଣି ନିଶ୍ଚେ କରିବି । ନିଶ୍ଚେ ବାହାର କରିବି । ତେବେ ବାବା ମୁଁ କଣ କହୁଥିଲି କି—

ହେଣ୍ଡା : (ଠେଙ୍ଗାକୁ ତଳେ ଜୋରରେ ଠୁକେଇ) ପୁଣି ? ପୁଣି ସେଇ କଥା ? ପୁଣି ସେଇ କଥା ?

ସୂର୍ଯ୍ୟ : (ଦୁଇ ହାତର ପାପୁଲି ଦେଖେଇ ଆତ୍ମ ରକ୍ଷା ଭଙ୍ଗୀରେ) ହେଁଃ ହେଁଃ ହେଁଃ ନାଇଁ-ନାଇଁ-ନାଇଁ- ବାବା-ବାବା-

ହେଣ୍ଡା : ସୂର୍ଯ୍ୟମଣି ମଙ୍ଗରାଜ ! ମୋ କଥା ଖାତିର ହେଉନାହିଁ ? ଖାତିର ହଉ ନାହିଁ ମୋ କଥା ? (ଠେଙ୍ଗାଟା ତଳେ ପିଟି ଦେଇ)

ସୂର୍ଯ୍ୟ : (ଅଜାଣତରେ ଛାତିକୁ ଘୁପିଧରି) ନାଇଁ-ନାଇଁ-ନାଇଁ - ହଉଚି-ହଉଚି-ହଉଚି- ତମେ ଆମ ରଜା ବଜାରର ଗୁରୁ ଅଛ । ମୁଁ ତମ ସାଇରେ ବସା କରି ରହିଛି । ତମକୁ ଖାତିର କରିବି ନାହିଁ ତ ଆଉ କାହାକୁ କରିବି ? ହେଲେ-ହେଁ-ହେଁ ମୁଁ କଣ କହୁଥିଲି କି ମାନେ ମାନେ-କଥାଟା କଣ କି- କରୁଣାମୟ ଷଡ଼ଙ୍ଗୀ ବୋଲି ଗୋଟେ ଲୋକ ମୋଠୁ ତିନିହଜାର ଟଙ୍କା ନେଇଚି ଯେ ସେ ଦେଇଦେଲେ—

ହେଣ୍ଡା : (ଠେଙ୍ଗା ପିଟି)ଗ୍ରେଟ୍-ଗ୍ରେଓପ୍! ଗୋଟେ ନୂଆ ଗୁଲ ବାହାର କରିଦେଲ ! ଗୋଟେ ନୂଆ ଗୁଲ ବାହାର କରିଦେଲ ! ବୁଝିଲ ସୂର୍ଯ୍ୟମଣି ମୁଁ ହେଣ୍ଡାଗମ ଘଡେଇ ବଡ ଖତରନାକ ଆଦ୍‌ମି ଅଛି । ମୋ ସାଙ୍ଗରେ ସେମିତିକା ଗୁଲ ମାରିଲେ ନା ମୁଁ ଏକଦମ୍ ଖତର୍‌ନାକ କରିଦେବି । ହମ୍ କରୁଣା ଫରୁଣା ନେହିଁ ମାଙ୍ଗତା-ହମ୍ ସିର୍ଫ ଦୋ ହଜାର ରୁପିୟା ମାଙ୍ଗତା ।

ସୂର୍ଯ୍ୟ : ହେଁଃ- ହେଁଃ- ଜରୁର ମାଙ୍ଗତା । ଜରୁର ମାଙ୍ଗତା । ହେଁଃ ହେଁଃ- ସେଇଥି ପାଇଁ ହାମ୍ କହତା କରୁଣାମୟକେ ପାସ୍ ଯାଏଗା । ଔର ରୁପିୟା ଧରକେ ଆଏଗା । ଯାଏଗା ଔର ଆଏଗା—

Digitized by PPRACHIN, SOA

ହେଣ୍ଡା : ହୁଁ - ତୁମ ଯାଏଗା ଅଓର ଆଏଗା । ନାଇଁ ? ଆଏଗା ଔର ଆଏଗା !
ସୂର୍ଯ୍ୟମଣି ବାବୁ - ତୁମ ଯାଏଗା ଔର ଖସେଗା । ଔର କଭି ନେହିଁ
ଆଏଗା ।

ସୂର୍ଯ୍ୟ : ଜଲ୍ଦି ନୁହେଁ-ଜଲ୍ଦି ନୁହେଁ । ଜଲ୍ଦି ନେହିଁ ଖସେଗା । ହାମ୍ ଜରୁର୍
ଆଏଗା । କୁଆଡେ ଖସେଗା ? ତମ ସାଇରେ ବସା ଅଛି । କୁଆଡେ
ଖସେଗା ?

ହେଣ୍ଡା : ସୂର୍ଯ୍ୟମଣି ମଙ୍ଗରାଜ—

ସୂର୍ଯ୍ୟ : ନାଇଁ ନାଇଁ-ସତ କହୁଚି-ସତ କହୁଚି- ଯା ଏଗା ଔର ଆଏଗା ।

ହେଣ୍ଡା : ସତ କହୁଚ ?

ସୂର୍ଯ୍ୟ : ସତ କହୁଚି ।

ହେଣ୍ଡା : ଆଛା ହଉ ଠିକ ଅଛି । ମୁଁ ଏଠେଠି ବସିଲି । ଅଧଘଣ୍ଟେ ଭିତରେ ଟଙ୍କା
ଆଣି ଏଇଠି ହାଜର କରିବ ! ଯା—

ସୂର୍ଯ୍ୟ : ଅଧ ଘଣ୍ଟେ ?

ହେଣ୍ଡା : ଅଧ ଘଣ୍ଟେ ନୁହେଁ କ'ଣ ଆଉ ଅଧବର୍ଷେ ? ଅଧ ଘଣ୍ଟାରୁ ଆଉ ଅଧ
ମିନିଟିଏ ବି ଡେ଼ରି ହବନାହିଁ ।

ସୂର୍ଯ୍ୟ : ହେଁଃ ହେଁଃ ହେଁଃ- ନାଇଁ-ନାଇଁ-ନାଇଁ- ହବ ନାହିଁ ଯେ ମାନେ କଥାଟା କଣ
କି କରୁଣାମୟ ଏବେ ଗୋଟେ ନୂଆ ମେସ୍‌କୁ ଉଠି ଯାଇଛି ତ - ସେଇଥି
ପାଇଁ - ମୁଁ କଣ କହୁଥିଲି କି—

ହେଣ୍ଡ : ।(ମେଝିରୁ) କୋଉ ମେସ୍ ?

ସୂର୍ଯ୍ୟ ; ତମେ କଣ ବାବା ସେ ମେସ୍‌କୁ ଚିହ୍ନି ପାରିବ ? ସେ ଯୋଉ ଗଳି-
ତା ଭିତରେ ଗଳି-ତା ଭିତରେ ଗଳି-ତା ଭିତରେ-

ହେଣ୍ଡା : (ଠେଙ୍ଗା ପିଟି) କୋଉ ମେସ୍ ବେ ?

ସୂର୍ଯ୍ୟ : (ଛାତିକୁ ଘୁପିଧରି) କହୁଚି-କହୁଚି-କହୁଚି- ତା ନାଁ - ତା ନାଁ - ତା ନାଁ-
କଣଟି ? କଣଟି ? ତା ନାଁ- ହଉଚି ଭଗ୍ନମନୋରଥ ମେସ୍-

Digitized by PPRACHIN, SOA

ହେଣ୍ଢା : କଣ ହେଲ ? ଭଗ୍ନମନୋରଥ ମେସ୍ ? ଧପ୍ପାବାଜୀ ! ମୋ ସାଙ୍ଗରେ ଧପ୍ପାବାଜୀ ? ଭଗ୍ନମନୋରଥ ମେସ୍ ? ଆବେ ସେଟା ଗୋଟେ କି ମେସ୍ ? ସେଟା ଗୋଟେ କି ମେସ୍ ?

ସୂର୍ଯ୍ୟ : ହେଁଃ ହେଁଃ- ଗୋଟେ ନୂଆ ମେସ୍ ତ- ସେଇଥି କହୁଥିଲି-

ହେଣ୍ଢା : (ଠେଙ୍ଗା ପିଟି) କୋଉ ବଜାର ?

ସୂର୍ଯ୍ୟ : ବିରୁଡ଼ି ବଜାର ।

ହେଣ୍ଢା : କୋଉ ସାଇ ?

ସୂର୍ଯ୍ୟ : ବେଠିଆ ସାଇ ।

ହେଣ୍ଢା : ସତ କହୁଚ ?

ସୂର୍ଯ୍ୟ : ହଁ-ହଁ ବାବା' ସତ କହୁଚି । ସତ କହୁଚି ।

ହେଣ୍ଢା : ହଉ- ଠିକ୍ଅଛି । ଦି ଘଣ୍ଟା ସମୟ ଦେଲି । ଅବି ନଅଟା ବାଜିଲା । ଏଗାରଟା ବେଳକୁ ଯଦି ଏଠି ଟଙ୍କାଧରି ଆସି ହାଜର ନ ହେଇଚ ତାହେଲେ ତମେ ଯୋଉଠି ଛପି ଲୁଚି ବସିଥାପଛେ ମୁଁ ସିଧା ସେଇଠି ଯାଇ ପହଁଞ୍ଚି ଯିବି । ଆଗ ତମ ମୁଣ୍ଡଟାକୁ ଏକ୍‌ଦମ ଢ଼ୋ କରି ଦିଫାଳ କରିଦେବି । ତାପରେ ଯୋଉ କଥା । ଦେଖୁଚ ତ ଏ ଠେଙ୍ଗାଟାକୁ ?କେମିତି ଗୋବ ଗୋବ ହେଇଛି । ତେଲ ମାଲିସ୍ ହେଇ କେମିତି ପାଚିକିରି ରହିଚି ! (ପୋଟିକରି) ଆବେ ଦେଖୁଚନା ନାଇଁବେ ?

ସୂର୍ଯ୍ୟ : ହଁ ହଁ ଃ ଃ ଃ - ବାବା - ଦେଖୁଚି - ଦେଖୁଚି - ଦେଖୁଚି - ମୁଁ ଠିକ୍ ମୁଁ ଠିକ୍ ଏଗାରଟାରେ ଆସି ଏଠି ପହଞ୍ଚିଯିବି ।

ହେଣ୍ଢା : ଟଙ୍କା ଧରିକି ପହଁଞ୍ଚିଯିବ । ଖାଲି ମୁଁହ ଦେଖାଇବାକୁ ନୁହେଁ ।

ସୂର୍ଯ୍ୟ : ନାଇଁ ନାଇଁ-ଜରୁର ପହଁଞ୍ଚିବି - ଜରୁର ପହଁଞ୍ଚିବି । ଯାଉଚି । (ବାହାରିଲା)

ହେଣ୍ଢା : ନ ପହଁଞ୍ଚିଲେ ଦେଖିବ କଣ ହେବ ଆଜି ଚମର- (ସୂର୍ଯ୍ୟମଣି ଯିବାକୁ ଉଦ୍ୟତ ହେଲ - ହେଣ୍ଢା ତା ହାତକୁ ପଛକୁ ଟାଣି ଧରିଲା-) ପକା ଦଶଟଙ୍କା । ଘି ଖାଇବି ।

ସୂର୍ଯ୍ୟ : ଘି ଖାଇବ ? ମାନେ ଦଶ ଟଙ୍କାର ଘିହା ଖାଇବ ?

Digitized by PPRACHIN, SOA

ହେଣ୍ଡା : ଦଶ ଟଙ୍କାର ଗ୍ରହା ଖାଇବି ନାହିଁ ଆଉ କଣ ଦଶ ପଇସାର ନାସ ସୁଙ୍ଘିବି ? ଏଠି ଦି ଘଣ୍ଟା କାଳ ବସି ବସି ମୁଁ ଦଶପଇସାର ନାସ ସୁଙ୍ଘିବି ? ବାହାର କର - ବାହାରକର୍ - ବାହାରକର୍ ଦଶ ଟଙ୍କା- (ସୂର୍ଯ୍ୟମଣି ଟଙ୍କା ବାହାର କରି ଦେଲେ) ହାନ୍ତ - ପ୍ରାଣ ଛାଡ଼ି ଯାଉଚି ! ଦଶଟା ଟଙ୍କା ପାଇଁ ପ୍ରାଣ ଛାଡ଼ିଯାଉଚି ! (ଟଙ୍କା ନେଇ ପକେଟରେ ରଖିଲ) ହୁଁଃ-ଯା- ପଳା-ପଳା-

ସୂର୍ଯ୍ୟ : ହଉ-ହଉ ଯାଉଚି - ଯାଉଚି—

ହେଣ୍ଡା : (ଠେଙ୍ଗା ପିଟି) ଯା ବେ—

ସୂର୍ଯ୍ୟ : ହଁ - ହଁ - ଗଲି - ଗଲି - ବାବା - ଗଲି - ଗଲି - (ଘର ଭିତରକୁ ଗଲେ)

ହେଣ୍ଡା : (ପଛରୁ) ମୋ କଥାଟା ଖିଆଲ ଥାଏ ଯେମିତି । ଠିକ୍ ଏଗାରଟାରେ ଯଦି ଆସି ଏଠି ନ ପହଞ୍ଚିଚ ତାହେଲେ ତେଣିକି ଯେ ଛ ଫୁଟିଆ ଠେଙ୍ଗା ଆଉ ତମ ମେଣ୍ଢା ମୁଣ୍ଡ । ହୁସିଆର— (ହେଣ୍ଡାଗମ ବାରଣ୍ଡାରେ ତଳକୁ ଗୋଡ ଲମ୍ବେଇ ବସିଲ । ପକେଟରୁ ସିଗାରେଟ୍ କାଢ଼ି ଟାଣିବାକୁ ଆରମ୍ଭ କଲ । ସୂର୍ଯ୍ୟମଣି ତାଙ୍କ ଛତା ଓ ବ୍ୟାଗ ଧରି ଘରୁ ବାହାରକୁ ତରବର ହୋଇ ଗ୍ଲଲିଗଲେ)

●

ଦ୍ୱିତୀୟ ଦୃଶ୍ୟ

ପ୍ରାୟ ଏଗାରଟା ବାଜିବ । ଭଗ୍ନ ମନୋରଥ ମେସ୍ ଆଗ ଗଳ୍ପା । ସୂର୍ଯ୍ୟମଣି ଛିଡାହୋଇ ଗୋଟେ ମେସ ଘରକୁ ଲକ୍ଷ୍ୟ କରୁଛନ୍ତି ।

ସୂର୍ଯ୍ୟ : ଭଗ୍ନମନୋରଥ ମେସ ! ହାନ୍ତ ନାଁ ଶୁଣ ! ଭଗ୍ନମନୋରଥ ମେସ୍ । ସକାଳ ପହରୁ ଖୋଜି ଖୋଜି ମୋ ଚଟିରୁ ଚଉଠେ ଘୋରି ଗଲଣି । କରୁଣାମୟ କହିଥିଲ ଗଳିରେ ପଶି ଶହେ ମିଟର ଯିବ । ସେଉଠୁ -ଗଲି- ସେଉଠୁ ଡାହାଣ ହାତ ବୁଲିବ- ବୁଲିଲି- ସେଠୁ ବାଁ ହାତି ତିନିଟା ଘର ଛାଡ଼ି ଦୋତାଲ ଘର । କାନ୍ଥରେ ଶିଉଳି ଲଗିଥିବ । ଘର ଆଗ ପାହାଚ ଭଙ୍ଗା । ତା ଉପରେ ଗୋଟେ ବୁଲକୁଡି ଶୋଇଥିବ । ଆଗରେ ମ୍ୟୁନିସି-ପାଲଟି ଠେଲ ଗାଡ଼ି ଡ଼ିପୁ । ବାସ୍ ! ସବୁ ଲକ୍ଷଣ ମିଳିଗଲ । ନିଶ୍ଚେ ଏହି ଘର । (ସେ ବାଟ ଦେଇ ଜଣେ ଲୋକ ଗ୍ଲଲି ଯାଉଥିଲ) ବାବୁ- ଟିକେ ଶୁଣିବେ ! ଏଇଟା କଣ ଭଗ୍ନମନୋରଥ ମେସ୍ !

Digitized by PPRACHIN, SOA

ଲୋକ : (ଅଟକି ସୂର୍ଯ୍ୟମଣିଙ୍କୁ ତଳ ଉପର ଦେଖି) କି ମେସ୍ ?

ସୂର୍ଯ୍ୟ : ଭଗ୍ନମନୋରଥ ମେସ୍ !

ଲୋକ : ଭଗ୍ନମନୋରଥ ମେସ୍ ? କୋଉଠି ?

ସୂର୍ଯ୍ୟ : ମୁଁ ବି ତ ସେଇଆ ପଚାରୁଚି ।

ଲୋକ : ମୁଁ ବି ତ ସେଇଆ ପଚାରୁଚି । କ'ଣ ନାଁ କହିଲେ ?

ସୂର୍ଯ୍ୟ : ସୂର୍ଯ୍ୟମଣି ମଙ୍ଗରାଜ ।

ଲୋକ : ଆପଣଙ୍କ ନାଁ ନୁହେଁ ହୋ ସେଇ ଯୋଉ ଆଉ ଗୋଟେ କ'ଣ କହିଲେ–

ସୂର୍ଯ୍ୟ : ଭଗ୍ନମନୋରଥ ମେସ୍ ।

ଲୋକ : ବିଚିତ୍ର - ବିଚିତ୍ର ବନ୍ଧୁ ! ବିଚିତ୍ର-

ସୂର୍ଯ୍ୟ : କ'ଣଟା ବିଚିତ୍ର ?

ଲୋକ : ବିଚିତ୍ର ଏ ଧରା / ମଣୁ ଆମେ ସରା/ କାହିଁ କାହିଁ ବୋଲି / ଖୋଜୁଥାଉ ସାରା/ ସସାଗରା ଧରା/ କିନ୍ତୁ ବନ୍ଧୁ ସେତ ଆମ/ ପାଦତଳ ପାରା/ ବିଚିତ୍ର ଏ ଧରା - ଖବର ପାଇଁ ଧନ୍ୟବାଦ - (ଚାଲି ଯାଉ ଯାଉ) ଭଗ୍ନ - ମନୋରଥ ମେସ-ହାଃ - ହାଃ- ହାଃ-ବିଚିତ୍ର ! ବିଚିତ୍ର ! (ଚାଲିଗଲେ) ।

ସୂର୍ଯ୍ୟ : (କିଛି ସମୟ ତା ଯିବା ବାଟକୁ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ) ହାଃକ୍ସ-ହାକ୍ସ ଭୂତ କେଉଁଠିକାର ! ମୁଁ ପଚାରୁଚି ମେସ୍‌ଟା କୋଉଠି - ମୋତେ ଗୀତ ଶୁଣଉଚି ! ଗୀତ ! ହୁଁଃ ! (ନିଜେ କବାଟ ପାଖକୁ ଯାଇ ଖଟ୍ ଖଟ୍ କରି ଡାକିଲେ) କରୁଣାମୟ - କରୁଣାମୟ - (ଉତ୍ତର ମିଳିଲା ନାହିଁ) କରୁଣାମୟ - କରୁଣାମୟ - (ହଠାତ୍ ମନେପଡ଼ିଗଲା) ଉଃ ! ମୋର ତ ଶଳା ଖାଲି ଘର ଖୋଜୁ ଖୋଜୁ ଏଗାରଟା ବାଜିଗଲାଣି । କରୁଣାମୟକୁ ଧରିବି କେତେବେଳେ ? ତାଠୁ ଟଙ୍କା ନେବି କେତେବେଳେ ? ତାକୁ ନେଇ ସେ ଶଳା ଗୁଣ୍ଡାକୁ ଦେବି କେତେବେଳେ ? ସେ ଶଳାଟା ମୋତେ ଜଗି ବସିଚି କି ଖୋଜିବାକୁ ବାହାରି ପଡ଼ିଲାଣି କେଜାଣି–ହେ ପ୍ରଭୁ ବିପଦ ଭଞ୍ଜନ - ପ୍ରଭୁ ବୈରୀଗଞ୍ଜନ ପ୍ରଭୁ ହେ– (ଡାକିଲେ) କରୁଣାମୟ - କରୁଣାମୟ -

Digitized by PPRACHIN, SOA

ସତୁରା : (ଗୋଟେ ହାତରେ ଟିଣ ଆଉ ଗୋଟେ ଅଖା ଧରି ଓ ଆରହାତ ନାକ ଅଗରେ ରଖି ନିଶ୍ୱାସ ଦେଖୁ ଦେଖୁ ବାହାରି ଆସିଛି) ଓଁ ମା ଢାଗୁଲେଇ- ଓଁ ମା ବରୁଣାଇ - ଓଁ ମା ସମଲାଇ - ଓଁ ମା ଚର୍ଚ୍ଚିକାଇ - ଓଁ ହ୍ରୀଂ - କ୍ଲୀଂ ଓଁ ମା ହିଙ୍ଗୁଳାଇ-ମା ମା ଶ୍ରୀ ଶହେ ଆଠ ମା ଢୋ—

ସୂର୍ଯ୍ୟ : (ମଝିରୁ) ବାବୁ - ଟିକେ ଶୁଣିବ ?

ସତୁରା : (ହାତ ଝାଡ଼ି ଦେଇ ଚୁପ୍ ହେବାକୁ ଇଙ୍ଗିତ କରି) ଓଁ ମା ଚର୍ଚ୍ଚିକାଇ ଓଁ ମା ଚଣ୍ଡିକାଇ - ଓଁ ମା ଶୀତଳାଇ - ଓଁ ଓଁ (ମନେ ମନେ ଗୁଣୁଗୁଣୁ ହୋଇ- ଟିଣ ଓ ଅଖାକୁ ତଳକୁ ରଖି ଦୁଇ ହାତରେ କପାଳ ଛୁଇଁ ଜୁହାର ହେଲା)

ସୂର୍ଯ୍ୟ : ବାବୁ ! ଟିକେ ଶୁଣି— ?

ସତୁରା : (ମଝିରେ) ଓହୋ- ଟିକେ ସବୁର କରି ପାରୁ ନା ? (ଆଖି ବୁଜି ଗୁଣୁ ଗୁଣୁ ହୋଇ କ'ଣ କହିଲା । ତାପରେ ଟିଣ ଓ ଅଖା ଉଠେଇଲା) ହଁ - କଣ କହୁଚ ଏଥର କୁହ ।

ସୂର୍ଯ୍ୟ : ବାବୁ ! ଏଟା କ'ଣ ଭଗ୍ନ ମନୋରଥ ମେସ୍ ?

ସତୁରା : ହେଲେ କିଛି ଅସୁବିଧା ହଉଚି ? ନାଇଁ ନାଇଁ କିଛି ଅସୁବିଧା ହଉଚି ?

ସୂର୍ଯ୍ୟ : (କିଛିଟା ବିସ୍ମିତ) ଅସୁବିଧା— ? ନାଇଁତ !

ସତୁରା : ହଉନାଇଁ ତ ଏତିକି ବେଳେ ସେଇ କଥାଟା ପଗରିବାକୁ ବେଳ ମିଳିଲା ? ଦେଖୁଚ ପଗ ମୁଁ ଅନୁକୂଳ କରି ଘରୁ ବାହାରୁଚି । ପନ୍ଦର ମିନିଟ୍ କାଳ ଲାଗି ଲାଗି କେତେ କଷ୍ଟରେ ନିଶ୍ୱାସଟାକୁ ବାଁ ପୁଡ଼ାରୁ ଡାହାଣ ପୁଡ଼ାକୁ ଆଣିଚି । ତମକୁ ଆଉ ବେଳ ମିଳିଲା ନାହିଁ - ତମେ ଏତିକି ବେଳେ ଆସି ଗୋଟେ ବିଘ୍ନ କରି ଦଉଚ ! ଓହୋ ହୋଃ ଃ ଃ ଗଲା ନା କ'ଣ ? ଗଲା ନା କ'ଣ ? କେତେ କଷ୍ଟରେ ବାଁରୁ ଡାହାଣକୁ ଆଣିଥିଲି । ଖସିଗଲା ନା କଣ ? ଓହୋ ! ଆଜିକାଲି ମଣିଷ କୁଆଡେ ଗୋଟେ ସୁବିଧାରେ ବାହାରିବ ଆଉ ହେଇପାରିଲା ନାହିଁ ! ପାଦେ ପାଦେ ବିଘ୍ନ ! ପାଦେ ପାଦେ ବିଘ୍ନ ! ଆଜି ତ ଘରୁ ବାହାରୁ ବାହାରୁ ଏମିତି

Digitized by PPRACHIN, SOA

ହେଲଣି । ବାଟରେ କ'ଣ ହେବ କେଜାଣି ? ସବୁ ମା ସମଲଇଙ୍କୁ ଜଣା । ମା ଚର୍ଚ୍ଚିକାଇ ଲେ- ମା - ମା - (ପରୀକ୍ଷା କରି ଦେଖିଲ ନିଶ୍ୱାସ ଠିକ୍ ଅଛି) ଆଚ୍ଛା - ହଉ - ହଉ - କଣ କହୁଥିଲ କହିବଟି - ଜଲ୍ଦି - ମୁଁ ଯିବି ।

ସୂର୍ଯ୍ୟ : ତମେ କଣ ଏ ମେସ୍‌ରେ- ?

ସତୁରା : ପୂଜାରୀ ଘରର ଟହଲିଆ ବୋଇକର ବେଠିଆ ସବୁ । ହାଙ୍କର ତ ନିଜେ ଦି ଓଳି ଖାଇବାକୁ ପାଖରେ ପଇସା ନାହିଁ । ଘରର ବାକର ରଖିବେ କ'ଣ ? ସବୁ ହ୍ୟାଣ୍ଡ ମୋରି ଉପରେ ମାଡ । ସତୁରା ଭେଇ ରନ୍ଧିବ । ସତୁରା ଭେଇ ବାଢିବ । ସତୁରା ଭେଇ ବଜାର କରିବ । ସତୁରା ଭେଇ ହାଟକୁ ଯିବ । ସତୁରା ଭେଇ ସବୁ କରିବ । ମୋର କେତେଟା ହାତ ଜାଣିଛ ? ଦଶଟା - ମୋର ଦଶଟା ହାତ- ।

ସୂର୍ଯ୍ୟ : ତମର ଦଶଟା ହାତ ?

ସତୁରା : ଦିଶୁ ନାହିଁଟି ? ଦିଶିବ । ଦିଶିବ । ଏ ଚିଡ଼ିଆଖାନା ଖାଞ୍ଚା ଭିତରକୁ ଆସି ରହିଲେ ଠିକ୍ ଦିଶିବ । ହଉ ! ଛାଡ଼ ସେ କଥା । କଣ କହୁଚ କୁହ । ଜଲ୍‌ଦି—

ସୂର୍ଯ୍ୟ : ମୁଁ କହୁଥିଲି ଏଟା କ'ଣ ଭଗ୍ନମନୋରଥ ମେସ୍ ?

ସତୁରା : ହଁ - କାହିଁକି ?

ସୂର୍ଯ୍ୟ ! ଟିକେ କରୁଣାମୟଙ୍କୁ ଡ଼ାକିଦେବ ?

ସତୁରା : ସେ ଡକା ଡକି କଥାଟି ମତେ କହିବ ନାହିଁ । ମତେ ଜମାରୁ ବେଳ ନାହିଁ । ଡ଼ାଲି ବସିଛି । ମାଂସ କସା ହେଇ ଥୁଆ ହେଇଛି । ଏଣେ ବେଳ ଆସି ଏଗାରଟା ବାଜିଲଣି । ସେ ନିକ୍‌କମା ପଂଝା କିଛି ବୋଲି କିଛି କରିବେ ନାହିଁ । ସକାଳଟାରୁ ବସି କିଏ ଗୋଟେ ଡୁଳୁଉଥିବ ତ ଆଉ ଗୋଟେ କିଏ ନିଦରେ ଶୋଇ ବଣୁଆ ପାଗ ପରି ଘୁମୁରୁ ଥିବ । ଆଉ ଗୋଟାଏ କିଏ ଯାବତ୍ ଆଜେ ବାଜେ କଥା ବଜର ବଜର ହେଉଥିବ - କିଏ ଶୁଣୁ କି ନ ଶୁଣୁ । ହେଇ ଘହା ଆଣ ହେଇ ଗୁଣ୍ଡି

Digitized by PPRACHIN, SOA

ଆଣ ହେଇ ବିଡ଼ି ଆଣ - ସତୁଗ ଭେଇ ଖାଲି ତଡିଘର କଣ୍ଟା ପରି ଏଠିକିସେଠିକି ଧାଉଁ ଥିବ । ଦିନକୁ ପନ୍ଦର ଥର ବଜାରକୁ ଯିବ । କୋଡ଼ିଏ ଥର ହାଟକୁ ଯିବ । ବାଇଶ ଥର ଦୋକାନକୁ ଯିବ । ରାସ୍ତାରେ ଗାଡ଼ିମଟର ଯେମିତି ପବନ ପରି ଛୁଟିଛନ୍ତି ସେଥିରୁ ଯଦି କିଛି ଗୋଟେ ମାଡ଼ିଗଲା ନା - ହେଇ- ହେଇ - ହେଇ - ହେଇ କଣଟି ? କଣଟି ? ଭୁଲି ତ ଗଲି ଭୁଲିତ ଗଲି— ଉଁଃ ! ଭୁଲି ତ ଗଲି- କଣେଟି ? କଣଟି ? ନାରଣ ଗୁଣ୍ଡି ଦିଶ ସାଧନା ବ୍ଲେଡ ଦି ପାକେଟ । ପଣ୍ଡିତ ଜରଦା - ପଣ୍ଡିତ ଜରଦା - ପଣ୍ଡିତ-

ସୂର୍ଯ୍ୟ : (ମଝିରୁ) ମୁଁ କଣ କହୁଥିଲି କି—

ସତୁଗ : ଓହୋ ରୁହ ମ କାହିଁକି ଗୋଟେ ସେମିତି ପାଟି କରୁଛ ? ରୁହ- ମୁଁ ଟିକେ ବଜାର ସଉଦା ଗୁଡ଼ା ଆଗ ମନେ ପକେଇ ନିଏଁ । ହଁ- କ'ଣଟି ? ସାଧନା ଗୁଣ୍ଡି ଦିଶ ନାରଣ ବ୍ଲେଡ ଦି ପ୍ୟାକେଟ-ସାଧନା ଗୁଣ୍ଡି ଦି ପାକେଟ- ନାରଣ- ଓହୋହୋ ଭୁଲ ତ ହୋଇଗଲା । ଭୁଲ ତ ହୋଇଗଲା । ନାରଣ ଗୁଣ୍ଡି ଦିଶ ସାଧନା ବ୍ଲେଡ ଦି ପାକେଟ । ନାରଣ ଗୁଣ୍ଡି ଦିଶ ସାଧନା ବ୍ଲେଡ ଦି ପାକେଟ ନାରଣ ଗୁଣ୍ଡି ଦିଶ ସାଧନା ବ୍ଲେଡ ଦି ପାକେଟ । ନାରଣ ଗୁଣ୍ଡି ଦିଶ ସାଧନା ବ୍ଲେଡ ଦି ପାକେଟ । ପଣ୍ଡିତ ଜରଦା ଗ୍ରରି ଡବା ଅଗଣି ବିଡ଼ି ପାଞ୍ଚ ଡବା । ପଣ୍ଡିତ ଜରଦା—

ସୂର୍ଯ୍ୟ : ନାଇଁ - ମୁଁ କଣ କହୁଥିଲିକି—

ସତୁଗ : (ହାତ ଦେଖାଇ ଚୁପ୍ ହେବାର ଇଙ୍ଗିତ ଦେଲା) ଗ୍ରରି ଡବା ଅଗଣି ବିଡ଼ି ପାଞ୍ଚ ଡବା । ପଣ୍ଡିତ ଜରଦା ଗ୍ରରି ଡବା ଅଗଣି ବିଡ଼ି ପାଞ୍ଚ ଡ଼ବା । ନାରଣ ବ୍ଲେଡ ଦିଶ ସାଧନା ଗୁଣ୍ଡି ଦି ପାକେଟ ନାରଣ ଗୁଣ୍ଡି ଦିଶ ସାଧନା ବ୍ଲେଡ ଦି ପ୍ୟାକେଟ ନାରଣ ଗୁଣ୍ଡି ଦିଶ- ସାଧନା-

ସୂର୍ଯ୍ୟ : ମୁଁ ଟିକେ ତରବରରେ ଅଛି ତ - ସେଇଥି ପାଇଁ କହୁଥିଲି -

ସତୁଗ : ଓ ହୋ - ରୁହ ହୋ - କାହିଁକି ସେମିତି ଗୋଟେ ମୁଁ କହୁଥିଲି ମୁଁ କହୁଥିଲି ହଉଚ ଶୁଣେ? ଦେଖୁଚ ପରା ମୁଁ ବଜାରସଉଦା ନାଁ ଗୁଡ଼ା ମନେ ପକଉଚି । ତା ଭିତରେ ଗୋଟେ ମୁଁ କହୁଥିଲି ମୁଁ କହୁଥିଲି ହଉଚ

Digitized by PPRACHIN, SOA

କାହିଁକି ? ଚୁପ୍ ହୋଇ ଛିଡା ହୋଇ ପାରୁନା ? (ପୁଣି ଆରମ୍ଭ କଲା)
ଅଗଣି ଗୁଣ୍ଡି ଦିଶ ନାରଣ ବ୍ଲେଡ଼ ଛଅ ସାଧନା ବିଡି ଦି ପାକେଟ
ପଣ୍ଡିତ ମସଲ ପାଞ୍ଚ ଡ଼ବା । ଅଗଣି ଗୁଣ୍ଡି ନାରଣ ବ୍ଲେଡ । ଅଗଣି ଗୁଣ୍ଡି
ନାରଣ ବ୍ଲେଡ଼ । ଅଗଣି ଗୁଣ୍ଡି ନାରଣ ବ୍ଲେଡ଼ । ପଣ୍ଡିତ ମସଲ ସାଧନା
ବିଡ଼ି । ପଣ୍ଡିତ ମସଲ—

ସୂର୍ଯ୍ୟ : ବାବୁ ତମେ ଖାଲି ଯଦି ଟିକେ କରୁଣାମୟଙ୍କୁ ଡ଼ାକି ଦିଅନ୍ତ ମୁଁ ମୋର କଥାବାର୍ତ୍ତାଟା ସାରିଦେଇ ପଳାନ୍ତି —

ଚତୁର : ଓହୋଃ— ଆଉ ହେଲା ନାହିଁ ! ଖାଲି ବିଘ୍ନ-ବିଘ୍ନ ! ଦେଖୁଚ ନଁ। ଗୁଡ଼ା ଭଲ କରି ମନେ ପଡ଼ୁନାହିଁ । ତା ଭିତରେ ଗୋଟେ ଗଣ୍ଡଗୋଳ ପୂରେଇ ଦଉଚ ! ତୁମର ବୃଦ୍ଧ ବୟସ ହେଲଣି—ଟିକେ ଅକକଲ ନାହିଁ ? କଥା ମଝିଟାରେ ଯା'କୁ ଡ଼ାକ ତାକୁ ଡାକ ହଉଚ ! ଅନୁକୂଳ କରି ଥରେ ଘରୁ ବାହାରି ଆସିଲିଣି । ଆଉ ଥରେ ତମପାଇଁ ଘର ଭିତରକୁ ଯିବି ? ଯାହା ଭଲ ମନ୍ଦ ହବ ତମେ ମୋ ପିଠିରେ ପଡ଼ିବ ? ମୁଁ ପଚାରୁଚି ତମେ ମୋ ପିଠିରେ ପଡ଼ିବକି ?

ସୂର୍ଯ୍ୟ : ନାଇଁ ଯେ—

ଚତୁର : ନାଇଁ ତ ଆଉ କହୁଛ କାହିଁକି ? ଚୁପ୍‌ଚାପ୍ ହୋଇ ବସ । ନ ହେଲେ ଖସ । ଏଠି ସେମିତି ଗୋଟେ ବଜର ବଜର ହୁଅ ନାହିଁ । ଦେଖୁଚ ନୁଁ। ଗୁଡ଼ା ମନେ ପକଉଚି – ତା ମଝିରେ ସେମିତି ଗୋଟେ ହଉଚ କାହିଁକି ? ମୁଁ କହି ଦଉଚି – ମୋ କଥା ମଝିରେ ଆଉ ଯଦି ପଦେ କଥା କହିଚ ନା ମୁଁ ମୁଁ ଭଳି ଗଣ୍ଡଗୋଳ କରି ଦେବି । ହଁ – କଣ ଟି ? କଣ ଟି ? ପଣ୍ଡିତ ମସଲ ଦି କେଜି । ଅପର୍ଣ୍ଣା ବିଡ଼ି ତିନି କେଜି । ସାଧନା ଗୁଣ୍ଡି ଦେଢ଼ କେଜି ଅଗଣି ବ୍ଲେଡ଼ ଦି କେଜି ସାଧନା ଗୁଣ୍ଡି ଦେଢ଼ କେଜି ଅଗଣି ବ୍ଲେଡ଼ ଦିକେଜି । ସାଧନା ଗୁଣ୍ଡି ଅଗଣି ବ୍ଲେଡ଼ । ସାଧନା ଗୁଣ୍ଡି ଅଗଣି ବ୍ଲେଡ । ପଣ୍ଡିତ ମସଲ ଚନ୍ଦନୀ ବିଡ଼ି । ପଣ୍ଡିତ ମସଲ ଚନ୍ଦନୀ ବିଡ଼ି—

ସୂର୍ଯ୍ୟ : ତମେ ପର କହୁଥିଲ ବିଡ଼ି ହଉଚି—

Digitized by PPRACHIN, SOA

ସତୁଗ : ମୁଁ ତମକୁ ଜମା କିଛି କହୁ ନଥିଲି । ତମେ ଏକଦମ୍ ଚୁପ୍‌ଚାପ୍ ହୋଇ ଛିଡ଼ା ହୁଅ । ପଣ୍ଡିତ ମସଲ୍ଲ ଅଗଣି ବେ୍ତ । ପଣ୍ଡିତ ମସଲ୍ଲ ଅଗଣି ବେ୍ତ । ସାଧନା ତେଲ । ସୁନ୍ଦରୀ ବିଡ଼ି । ସାଧନା ତେଲ ସୁନ୍ଦରୀ ବିଡ଼ି । (ଶଙ୍କିତ ସ୍ୱର)ଏଁ–ଏଁ ସୁନ୍ଦରୀ ବିଡ଼ି ? ନାଇଁତ – ନାଇଁତ-ସୁନ୍ଦରୀତ ବିଡ଼ି ନୁହେଁ! ସୁନ୍ଦରୀ ତ ବିଡ଼ି ନୁହେଁ ସୁନ୍ଦରୀ – ସୁନ୍ଦରୀ - ଓହୋହୋ ଖସି ତ ଗଲା । ଖସି ତ ଗଲା । ଜିଭ ଅଗରେ ଥିଲା । ଖସି ତ ଗଲା–ଖସି ତ ଗଲା ଓ ହୋ ହୋ – ସୁନ୍ଦରୀ ସୁନ୍ଦରୀ ସୁନ୍ଦରୀ ସୁନ୍ଦରୀ ହଉଚି ସୁନ୍ଦରୀ –ଉଁଃ– ଖସି ତ ଗଲା ଖସି ତ ଗଲା–

ସୂର୍ଯ୍ୟ : ତମେ ପରା କହୁଥିଲ ବିଡ଼ି ହେଉଚି ଅପର୍ଣ୍ଣା ?

ସତୁଗ : ଓହୋ ଆଚ୍ଛା ବଢ଼ର ଚଢ଼ର ହବା ଲୋକ ହୋ ଯେ ! ଦେଖୁଚ ମୋର ତେଲ ମସଲ୍ଲ ବିଡ଼ି ଗୁଣ୍ଡି ମିଶି ଏକାକାର ହେଇଗଲାଣି ତୁମକୁ ଗୋଟେ ଖେଳ ଲାଗିଚି ? ଖେଳ ? ସୁନ୍ଦରୀ ଯଦି ତେଲ ହେଲା ତା ହେଲେ ପଣ୍ଡିତ କ'ଣ ? ପଣ୍ଡିତ କ'ଣ ? ଶଳା ଦଶଟା ଲୋକକୁ ବାରଟା ସଉଦା – ମୁଁ ଯଦି ଏତେ କଥା ମନେରଖି ପାରୁଥାନ୍ତି ତା ହେଲେ ମୁଁ ସତୁଗ ହୋଇ ହେଇ ଏଠି ଟହଲିଆ କାମ କରୁ ନ ଥାନ୍ତି - କ୍ୱାଡ଼େ କ୍ୱାଡ଼େ ଯାଇଥାନ୍ତି । ତମର ବି ଗୋଟେ ଅକ୍‌କଲ ନାହିଁ – ମୁଁ ଯେତେଥର ମନେ ପକାଉଛି, ତୁମେ ସେତେ ଥର ତା ଭିତରେ ଗୋଟେ ଫାଙ୍କ ପୂରେଇ ଦଉଚ । ଟିକେ ଅକ୍‌କଲ ନାହିଁ । ଅପର୍ଣ୍ଣା ଯଦି ବିଡ଼ି ହେଲା ତା ହେଲେ ସୁନ୍ଦରୀ କ'ଣ ? ଉଁଃ – ଶଳା ଗଲତ ଖସି – ଗଲା ତ ଖସି – ସୁନ୍ଦରୀ – ସୁନ୍ଦରୀ–(ମନେ ପକାଇବାର ଚେଷ୍ଟା କରୁଛି) ଉଁଃ – ଶଳା ଗୋଟେ କି ସୁନ୍ଦରୀ ବେ – ଖସି ତ ଗଲା –

ବିଲ୍ୱ : (ଭିତରୁ ଗମ୍ଭୀର ସ୍ୱରରେ ଡ଼ାକି ଡାକି ଆସିଲେ)ସତୁଗ – ଆବେ ସତୁଗ– ସତୁଗ–

ସତୁ : ମରିଗଲି – ମରିଗଲି – ମରିଗଲି – ଆସିଗଲା – ଆସିଗଲା – ପାଗଳା ମେନେଜର ଆସିଗଲା – ମା ଚଣ୍ଡିକାଇ – ମା ସମଲେଇ ମା ସାରଳାଇ ମା–ମା ମାଲେ କୁଆଡ଼େ ଯିବି ? କ'ଣ କରିବି ? ବାଁରୁ ଡ଼ାହାଣକୁ ତ

Digitized by PPRACHIN, SOA

ଯାଉନାହିଁ । କ'ଣ କରିବି ? କ'ଣ କରିବି ? (ଘୂରି ଛ ଥର ଜୋର୍‌ରେ ଜୋରରେ ନିଶ୍ୱାସ ନେଇ ନାକକୁ ଚିପାଚିପି କଲା)

ବିଲ୍ଲୁ : (ଆସି) ଆବେ ସତୁର — ତୁ ଏତେବେଳ ଯାକେ ବଜାରକୁ ଯାଉନାହୁଁ? ଆଜି କ'ଣ ରନ୍ଧାବଢ଼ା ହବ ନା ନାହିଁ ବେ ?

ସତୁ : ହେଁଃ ହେଁଃ ଯାଉଚି - ଯାଉଚି - ଯାଉଚି - (ନିଶ୍ୱାସ ବନ୍ଦକରାଇବାର ଓ ନାଁ ମନେ ପକାଇବାର ଚେଷ୍ଟା କଲା) ସାଧନା ଗୁଣ୍ଡି ଦିଶ ଅଗଣି ବିଡ଼ି ତିନିଶ । ପଣ୍ଡିତ ବ୍ଲେଡ଼ ଦି ଡବା- ସୁନ୍ଦରୀ ସ୍ନୋ ଦି ଡବା । ସାଧନା ଗୁଣ୍ଡି ଦିଶ ଅଗଣି ବିଡ଼ି—

ବିଲ୍ଲୁ : ଆବେ ହେ - ସାଧନା ଗୁଣ୍ଡି ଦିଶ ଅଗଣି ବିଡ଼ି ତିନିଶ ? ବୁଦ୍ଧୁବକ୍ -

ସତୁ : ଆଜ୍ଞା ନାଇଁ - ନାଇଁ - ନାଇଁ - ଭୁଲ ହେଇଗଲା - ଭୁଲ ହେଇଗଲା - ସାଧନା ବିଡ଼ି ଦି ଡବା ଅଗଣି ଗୁଣ୍ଡି ତିନି ଡବା । ସାଧନା ବିଡ଼ି ଦି ଡବା ଅଗଣି ଗୁଣ୍ଡି ତିନି ଡବା - ସୁନ୍ଦରୀ ତେଲ -

ବିଲ୍ଲୁ : (ପାଟିକରି) ସତୁର—

ସତୁ : (ଟିକେ ଦବିଯାଇ) ଆଜ୍ଞା - ଆଜ୍ଞା - (ଜଲ୍‌ଦି ଜଲ୍‌ଦି କହିବାକୁ ଆରମ୍ଭ କଲା) ସାଧନା ତେଲ ଦି ଡବା ସୁନ୍ଦରୀ ବିଡ଼ି ଛଟା । ସାଧନା ତେଲ ଦି ଡବା ସୁନ୍ଦରୀ ବିଡ଼ି ଛଟା । ପଣ୍ଡିତ ମସଲା ଦି କେଜି । ଅଗଣି ବ୍ଲେଡ ତିନି କେଜି । ପଣ୍ଡିତ ମସଲା ଦି କେଜି । ଅଗଣି ବ୍ଲେଡ୍ ତିନିକେଜି—

ବିଲ୍ଲୁ : ଚୁପ୍ - ଚୁଉପ୍ - ବୁଦ୍ଧୁବକ୍ ! ଅଗଣି ବ୍ଲେଡ ତିନି କେଜି ? ଆବେ ଅଗଣି ବ୍ଲେଡ ତିନି କେଜି ? ଆବେ ବ୍ଲେଡ ସବୁ କେଜିରେ ବିକ୍ରି ହୁଏ ? କେଜିରେ ବିକ୍ରି ହୁଏ ?

ସତୁ : (ଦବି ଯାଇ ମୁଖସ୍ତ କଲାପରି ଆସ୍ତେ ଆସ୍ତେ କହିଲା) ନାରଣ ତେଲ ଅଗଣି ଗୁଣ୍ଡି । ନାରଣ ତେଲ ଅଗଣି ଗୁଣ୍ଡି । ଅଗଣି ଗୁଣ୍ଡି ନାରଣ ତେଲ । ଅଗଣି ଗୁଣ୍ଡି -

ବିଲ୍ଲୁ : (ପାଟିକରି) Shut up- I say shut up.

Digitized by PPRACHIN, SOA

ସତୁ : (ଆହୁରି ଦବିଯାଇ କରୁଣ ସ୍ୱରରେ) ପଣ୍ଡିତ ଗୁଣ୍ଡି ନାରଣ ତେଲ । ପଣ୍ଡିତ ଗୁଣ୍ଡି ନାରଣ ତେଲ । ନାରଣ ତେଲ ପଣ୍ଡିତ ଗୁଣ୍ଡି । ସୁନ୍ଦରୀ ସୁହା ସାଧନା ଚିନି - ସୁନ୍ଦରୀ ସୁହା - ସାଧନା ଚିନି—

ବିଲୁ : ଚୁପ୍ - ଚୁଉପ - ଇଡ଼ିଅଟ୍ କାହିଁକା - ବଜାର କରୁଛି ବଜାର ! ପାଞ୍ଚଟା ଜିନିଷର ନାଁ ମନେ ରଖିପାରୁ ନାହିଁ ବଜାର କରୁଛି ? ବୁଡ୍‌ବକ୍ ! ତୋ ମୁଣ୍ଡରେ ଖାଲି ଗୋବର ନାହିଁ । ତୋ ମୁଣ୍ଡରେ ମଣିଷ ଗୋବର ଅଛି । Human ଗୋବର । ବୁଝିଲୁ ? ବୁଡ୍‌ବକ୍ ଯା- ଭିତରକୁ ଯା ଆଉଥରେ ସବୁ ବୁଝିକରି ଯିବୁ ଯା - ଯା - ବୁଡ୍‌ବକ୍ ! କହିଲୁ ଅଗଣି ବ୍ରେଡ୍ ତିନି କେଜି । ପଣ୍ଡିତ ମସଲା ଦିକେଜି ! ଇଡ଼ିୟଟ୍ !

ସତୁ : (ହଠାତ୍ ଅଖାଧରି ଉଠିପଡ଼ି ଟିକେ ଉଚ୍ଚ ଓ ଉଲ୍ଲସିତ ସ୍ୱରରେ) ଆସିଗଲା - ଆସିଗଲା - ଡାହାଣ ପୁଡାକୁ ଆସିଗଲା - ମୁଁ ଏଥର ଗ୍ଲିଲି - ମୁଁ ଏଥର ଗ୍ଲିଲି - ଏଥର ସବୁ ଠିକ୍‌ମନେ ପଡ଼ିଯିବ । ସବୁ ଠିକ୍ ମନେ ପଡ଼ିଯିବ । ନାରଣ ତେଲ ଦିଶ ବିଧାନ ବିଡ଼ି ତିନିଶ । ପଣ୍ଡିତ ସ୍ନୋ ଦି କେଜି ଅଗଣି ଗୋବର ତିନି କେଜି । ନାରଣ ତେଲ ଦିଶ ବିଧାନ ବିଡ଼ି ତିନିଶ - ଅଗଣି ଗୋବର—

ବିଲୁ : ସତୁଗ—

ସତୁ : (ଉଚ୍ଚସ୍ୱରରେ) ପଣ୍ଡିତ ସ୍ନୋ ଦି କେଜି । ମାର୍କଣ୍ଡ ଗୋବର ତିନି କେଜି । ପଣ୍ଡିତ ସ୍ନୋ ଦି କେଜି । ସାଧନା ବିଡ଼ି ଦି ଡବା ଅଗଣି ବିଡ଼ି ତିନି ଡବା - ପଣ୍ଡିତ ସ୍ନୋ ଦି କେଜି ମାର୍କଣ୍ଡ ଗୋବର ତିନି କେଜି - (କହୁ କହୁ ଗ୍ଲିଗଲା)

ବିଲୁ : ସତୁଗ - ଆବେ ସତୁଗ - ଆବେ ହେ ସତୁଗ ! ବୁଡ୍‌ବକ - (ସତୁଗ କିନ୍ତୁ ଗ୍ଲିଗଲା । ବିଲୁ ମଙ୍ଗଳ ପଛେ ପଛେ ଯାଉ ଛିଡ଼ା ହୋଇଗଲେ)

ସୂର୍ଯ୍ୟ : (ସବୁ ଲକ୍ଷ୍ୟ କରୁଥିଲେ । ପଛରୁ ଡାକିଲେ) ବାବୁ !

ବିଲୁ : (ହଠାତ୍ ସଚେତନ ହେଲେ । ଗମ୍ଭୀର ସ୍ୱରରେ ମୁହଁ ନ ବୁଲାଇ ପଗ୍ଲରିଲେ) କିଏ ?

ସୂର୍ଯ୍ୟ : ମୋ ନାଁ ସୂର୍ଯ୍ୟମଣି ମଙ୍ଗରାଜ । ଘର ନରିପୁର । କଟକରେ ବସା ।

Digitized by PPRACHIN, SOA

ବିଲ୍ : ହୁଁ - କାହିଁକି ?

ସୂର୍ଯ୍ୟ : (ବୁଝି ନପାରି) ଆଜ୍ଞା- ?

ବିଲ୍ ! ମୁଁ ପଗ୍ଭରୁଚି ଏଠିକି କାହିଁକି ? (ମୁଁହ ବୁଲେଇ ସାମନା ସାମନି ଛିଡ଼ା ହେଲେ)

ସୂର୍ଯ୍ୟ : ଏଠି-

ବିଲ୍ : (ମଝିରୁ) ଏଠି ସିଟ୍ ଫିଟ୍ କିଛି ନାହିଁ । ହାଉସ୍ ଫୁଲ୍- ଅନ୍ୟ ଜାଗାରେ ଦେଖନ୍ତୁ ।

ସୂର୍ଯ୍ୟ : ଆଜ୍ଞା ମୁଁ ସିଟ୍ ପାଇଁ ଆସି ନାହିଁ ।

ବିଲ୍ : ଆଉ କାହିଁକି ଆସିଛନ୍ତି ?

ସୂର୍ଯ୍ୟ : ମୁଁ ଟିକେ କରୁଣାମୟଙ୍କୁ ଖୋଜୁଥିଲି । କରୁଣାମୟ ଷଡ଼ଙ୍ଗୀ ।

ବିଲ୍ : ଜାଣେ-ମଙ୍ଗରାଜ ବାବୁ ମୁଁ ସବୁ ଜାଣେ । ମୁଁ ସମସ୍ତଙ୍କ ଗ୍ଭଲକି ଜାଣେ। ମୋତେ ଠକିବା ସହଜ କଥା ନୁହେଁ । ଏ ମେସ୍‌ରେ ମେନେଜରୀ କରିବା ମୋର ନଅ ବର୍ଷ ହେଲେଣି । ଏଇ ନଅ ବର୍ଷରେ ମୁଁ ନଅଣ ଲୋକ ରଖିଚି । ନଅଣ ଲୋକ କାଢ଼ିଚି । ମୋତେ କେହି ଠକି ପାରିବେ ନାହିଁ । ବୁଝିଲେ ମଙ୍ଗରାଜବାବୁ ! ଯେ ହେଲା କଟକ ନାମକ ନଗର । ଏଥିରେ ବିରୁଡ଼ି ନାମକ ବଜାର । ସେଥିରେ ବେଠିଆ ନାମକ ସାଇ । ସେଥିରେ ପେସେଇ ଗଉଡୁଣୀ ନାମକ ଗଳି । ଆଉ ତା ଭିତରେ ନାଳ ନର୍ଦ୍ଦମା ପରିବୃତ ଏ ଭଗ୍ନମନୋରଥ ମେସ୍ । ସାତ ଚାଳ ସମୁଦ୍ର ତଳେ ସାତତାଳ ପଙ୍କ । ଏଠିକି କେହି ଜଳବାୟୁ ପରିବର୍ତ୍ତନ କରିବାକୁ ଆସନ୍ତି ନାହିଁ କି ମୁକ୍ତବାୟୁ ସେବନ କରିବାକୁ ଆସନ୍ତି ନାହିଁ । ସମସ୍ତେ ଆସନ୍ତି ସିଟ୍ ପାଇଁ । ଆଉ ଏଠିକି ଆସି ପ୍ରଥମେ କରୁଣାମୟଙ୍କୁ ଖୋଜନ୍ତି । ଅରୁଣାଚଳଙ୍କୁ ଖୋଜନ୍ତି । ଅଗାଧୁ ବଳଙ୍କୁ ଖୋଜନ୍ତି ।

ସୂର୍ଯ୍ୟ : ନାଇଁ-ନାଇଁ ବାବୁ-ମୁଁ ପଗ୍ଭ କହୁଚି- ମୁଁ-

ବିଲ୍ : (ମଝିରେ ସାମାନ୍ୟ ଉଚ୍ଚ ସ୍ୱରରେ) ଆପଣଙ୍କ ମନୋରଥ ଭଗ୍ନ ହୋଇଚି ?

ସୂର୍ଯ୍ୟ : (ବୁଝି ପାରିଲେ ନାହିଁ) ଆଜ୍ଞା-କ'ଣ କହିଲେ ?

ବିଲ୍ : (ସ୍ୱର ଉଚ୍ଚ କରି ପଗ୍ଭରିଲେ) ଆପଣଙ୍କ ମନୋରଥ ଭଗ୍ନ ହେଇଚି ?

Digitized by PPRACHIN, SOA

ସୂର୍ଯ୍ୟ : ନାଇଁ ତ —

ବିଲୁ : ଆପଣଙ୍କ ହୃଦୟ ବିଦୀର୍ଣ୍ଣ ହେଉଚି ?

ସୂର୍ଯ୍ୟ : ମୋ - ହୃଦୟ ବିଦୀର୍ଣ୍ଣ - ହେବ ? କାହିଁକି ସାର୍ ?

ବିଲୁ : ହେଉଚି କି ନାହିଁ କୁହନ୍ତୁ ହୋ—

ସୂର୍ଯ୍ୟ : ନାଇଁ ତ !

ବିଲୁ : ଆପଣଙ୍କ ପ୍ରାଣ ଉଚ୍ଛନ୍ନ ହେଉଚି ?

ସୂର୍ଯ୍ୟ : ନାଇଁ ତ । କିନ୍ତୁ ମୁଁ ତ ଆପଣଙ୍କ କଥା କିଛି ବୁଝିପାରୁ ନାହିଁ ।

ବିଲୁ : ମୁଁ ପଗ୍ଲୁଚି ହେଉଚି ନା ନାହିଁ ।

ସୂର୍ଯ୍ୟ : ନା- ହେଉ ନାହିଁ ।

ବିଲୁ : ହେଉ ନାହିଁ ତ ଆସିଛନ୍ତି କାହିଁକି ? ମୁଁ ପଗ୍ଲୁଚି ହେଉ ନାହିଁ ତ ଆସିଛନ୍ତି କାହିଁକି ? ଯେ ମେସ୍ ନାଁ ଭଗ୍ନମନୋରଥ ମେସ୍ ବୋଲି ଜାଣି ନାହାନ୍ତି ? ମନୋରଥ ଭଗ୍ନ ନ ହେଲେ ଏ ମେସ୍‌ରେ କାହାରିକି ସିଟ୍ ମିଳେ ନାହିଁ । ଆପଣ ଅନ୍ୟ ମେସ୍ ଦେଖନ୍ତୁ - ଯାନ୍ତୁ—

ସୂର୍ଯ୍ୟ : ହଁହଁ - ଯିବି - ଯିବି - ତେବେ ଏଠି ଜଣେ ବାବୁଙ୍କ ସାଙ୍ଗରେ ଟିକେ କାମ ଥିଲା ତ ସେଇଥି ପାଇଁ—

ବିଲୁ : କାହାରିକି ଫୁରସତ୍ ନାହିଁ ଏଠି । ଆଜି ରବିବାର । କୋଦଣ୍ଡ ମଲିହାର ଶୁଚିବାଇ । ସେ ଆଜି ଗ୍ରରିଥର ଗାଧୋଇବ । ଛ ଥର ଲୁଗା ଧୋଇବ । ଚନ୍ଦ୍ରମଣି ଷେଣ୍ଢ ତା ସାନ ସ୍ତ୍ରୀକୁ ଡରି ଆଠ ମାସ ହେଲା ଗାଁକୁ ଯାଉ ନଥିଲା । କାଲି ଘଡିରେ ଧରା ହେଇ ଗାଁକୁ ଯାଇଛି । ଅପରିଁ ଜେନାର ପ୍ରମୋସନ ହଉନାହିଁ ବୋଲି ସେ ବଡ ବାବୁଙ୍କ ଗାଈ ଦିହସ୍ତ ଚିଙ୍କ ଛଡେଇବାକୁ ଯାଇଛି । ମୋତେ ବି ଫୁରସତ ନାହିଁ । ମୁଁ ଆଜି ମଦ ଭଟିକି ଯିବି । ମଦ ପିଇବି ।

ସୂର୍ଯ୍ୟ : (ଆଶ୍ଚର୍ଯ୍ୟ) ଆପଣ - ମଦ ଭଟିକି ଯିବେ ? ମଦ ପିଇବେ ? ପ୍ରଭୁ - ବିପଦ ଭଞ୍ଜନ-

Digitized by PPRACHIN, SOA

ବିଲ୍ୱ : ମୋ ନାଁ ବିପଦଭଞ୍ଜନ ନୁହେଁ । ମୋ ନାଁ ବିଲ୍ୱମଙ୍ଗଳ ଜେନା । ଆଜି ମୋର ଦୁଃଖ ପାଳି । ଏଇ ରବିବାର ଦିନ ମୋର ମନୋରଥ ଭଗ୍ନ ହେଇଥିଲା । ହୃଦୟ ବିଦୀର୍ଣ୍ଣ ହେଇଥିଲା । ମୋର ମନୋରଥ କେମିତି ଭଗ୍ନ ହେଇଥିଲା ସେ କଥା ଜାଣିଛନ୍ତି ? ଜାଣି ନାହାଁନ୍ତି । ଶୁଣନ୍ତୁ–

ସୂର୍ଯ୍ୟ : ନାଇଁ - ନାଇଁ - ନାଇଁ - ବିଲ୍ୱବାବୁ ମୁଁ ଆଜି ଟିକେ ଘରି ତରବରରେ ଅଛି ତ ବରଂ ଆଉ ଦିନେ ଶୁଣିଯିବି । ଆଜି ଆପଣ ଯଦି ସେ କରୁଣାମୟଙ୍କୁ ଟିକେ ଡାକି ଦିଅନ୍ତେ –

ବିଲ୍ୱ : ଓହୋ ଃ ଃ କଥାଟା ଆରମ୍ଭ କରିଦେଇ ନାଇଁ ନାଇଁ କଣ ? (ଜୋର ଦେଇ) ଶୁଣନ୍ତୁ - ଶୁଣନ୍ତୁ ମୁଁ କହୁଚି । ଦିନେ ବର୍ଷା ରତିରେ ରତି ଅଧରେ ପ୍ରେମିକାଙ୍କ ପାଚେରୀ ଡେଇଁ ଭିତରକୁ ପଶୁଥିଲି । ପାଚେରୀ ଡେଇଁ ଡେଇଁ ପ୍ରେମିକାଙ୍କ ଭୁଆ ବିଲେଇ ଉପରେ ଗୋଡ ପଡ଼ିଗଲା । ସେ ଶଳା ବିଲେଇ ଏମିତି ଚିଲେଇଲା ଯେ ମୁଁ ଡରରେ ଗୋଟେ ଗଛରେ ଚଢିଗଲି । ଘରି ଆଡୁ ଲୋକ ବାଉ ଠେଙ୍ଗା ବାଡ଼ି ଧରି ମାଡ଼ି ଆସିଲେ । ତାପରେ ଘରି ମାସ ଡାକ୍ତରଖାନାରେ ପଡ଼ିଲି । ପ୍ରେମ ନିଶା ମରିଗଲା । ମୁଁ ମନ ଦୁଃଖରେ ଆସି ଏଠି ମେସ୍ ଖୋଲି ବସିଲି । ପ୍ରେମିକା ବି ମନ ଦୁଃଖରେ ପ୍ରାଇମେରି ହେଲ୍‌ଥ ସେଣ୍ଟରରେ ଧାଇ ହେଇଗଲେ । ସେଥିପାଇଁ ଏ ମେସ୍ ନାଁ ହେଲା ଭଗ୍ନମନୋରଥ ମେସ୍ । ଆଉ ଏ ମେସ୍‌ରେ ରହିବାକୁ ହେଲେ–

ସୂର୍ଯ୍ୟ : ବୁଝିଲି । ହେଲେ ତାପାଇଁ ମଦ–?

ବିଲ୍ୱ : ମଙ୍ଗରଜ ବାବୁ ! ଆପଣ କେବେ ପ୍ରେମ କରିଚନ୍ତି ?

ସୂର୍ଯ୍ୟ : ଏଁ ଃ ଃ ଃ ପ୍ରେମ ! ନାଇଁତ ନାଇଁତ । ମୁଁ କେବେ ପ୍ରେମ କରିନାହିଁ ତ–

ବିଲ୍ୱ : କରି ନାହାଁନ୍ତି ତ ଜାଣିବେ କେମିତି ? କରନ୍ତୁ । ତାପରେ ଜାଣିବେ ।

ସୂର୍ଯ୍ୟ : କଣ ଜାଣିବି ?

ବିଲ୍ୱ : ଜାଣିବେ ବିରହ ଦୁଃଖଟା କି ଉକଟ । ସେ ଦୁଃଖଟା ଯଦି ଥରେ ଆପଣଙ୍କ ଉପରକୁ ମାଡ଼ିଆସିଲାନା ତାହେଲେ କଣ ହବ ଜାଣନ୍ତି ? ଆପଣଙ୍କ ପେଟକୁ ଏକଦମ ଘାଣ୍ଟି ପକେଇବ । ଛାତିକି ଏକଦମ୍

Digitized by PPRACHIN, SOA

ଫେଣ୍ଡି ଫକେଇବ । ସେମିତି ହେଲେ ମୋର କ'ଣ ଦରକାର ହୁଏ ଜାଣନ୍ତି ? ଦି ବୋତଲ ଦେଶୀ ମଦ ଆଉ ତିନିଶ ଗ୍ରାମ୍ ଶୁଖୁଆ ଭଜା । ସେତିକି ଯେମିତି ଖାଇଦେବି ନା ତା ପରେ ତ ଖାଲି ଘରଯାକ ଧାଇଁବି । ଭୁଆ ବିଲେଇ ପରି ଚିଲେଇବି । ଧାଉଁଥିବି । ଚିଲଉଥିବି । ଧାଉଁଥିବି । ଚିଲଉଥିବି ।

ସୂର୍ଯ୍ୟ : (ହତଭମ୍ବ ଅବସ୍ଥା) ଧାଉଁଥିବେ ! ଚିଲଉଥିବେ ! ଧାଉଁଥିବେ ! ଚିଲଉଥିବେ ! ପ୍ରଭୁ - ବିପଦ ଭଞ୍ଜନ ପ୍ରଭୁ ହେ - ଆପଣ ଆଜି ଭୁଆ ବିଲେଇ ପରି ଚିଲେଇବେ ?

ବିଲ୍ଲୁ : ହଁ - ଆଜି ଚିଲେଇ ପାରେ ।

ସୂର୍ଯ୍ୟ : ଆଜି ଚିଲେଇ ପାରନ୍ତି ? ପ୍ରଭୁ - ହେ ପ୍ରଭୁ - ତେବେ ଆଜି କେତେବେଳକୁ ପାରନ୍ତି ?

ବିଲ୍ଲୁ : ଏବେ ବି ପାରେ । ସନ୍ଧ୍ୟା ବେଳକୁ ବି ପାରେ ।

ସୂର୍ଯ୍ୟ : ତାହେଲେ ପ୍ରଭୁ ଆପଣ ବରଂ ସନ୍ଧ୍ୟା ବେଳକୁ ପାରନ୍ତୁ । ଏବେ ନ ପାରନ୍ତୁ ।

ବିଲ୍ଲୁ : ମଙ୍ଗରଜ ବାବୁ ! ଆପଣ କେବେ ବିରହୀ ପ୍ରେମିକ ଦେଖି ନାହାଁନ୍ତି ?

ସୂର୍ଯ୍ୟ : ଦେଖିଚି ଯେ ହେଲେ କେହି ଭୁଆ ବିଲେଇ ପରି ଚିଲେଇବାର—

ବିଲ୍ଲୁ : ଶୁଣି ନାହାଁନ୍ତି - ଏୟା ତ ? ତା ହେଲେ ଆପଣ ଆଜି ଏଠି ରହନ୍ତୁ । ଶୁଣିପାରିବେ । କିଛି ଅସୁବିଧା ନାହିଁ ।

ସୂର୍ଯ୍ୟ : ନା ଅସୁବିଧା ଆଉ କ'ଣ ? ଆପଣ ଚିଲେଇବେ । ମୁଁ ଶୁଣିବି । ଅସୁବିଧା କଣ ? ତେବେ ତା ଆଗରୁ ଟିକେ କରୁଣାମୟଙ୍କୁ —

ବିଲ୍ଲୁ : ହଉ - ମୁଁ ଏଥର ଗ୍ଲିଲି । ଶୁଖୁଆ ଭଜିବି । ତା ପରେ ମଦ ଘଟିକି ଯିବି । ଆପଣ କୁଆଡ଼େ ଯିବେ ନାହିଁ । ଏଇ ପିଣ୍ଡାରେ ବସିଥିବେ । ଶୁଣିସାରି ଯିବେ । ହେଇ ? (ଭିତରକୁ ଗ୍ଲିଗଲେ)

ସୂର୍ଯ୍ୟ : ପ୍ରଭୁ - ହେ ପ୍ରଭୁ ବିପଦ ଭଞ୍ଜନ ବୈରୀଗଞ୍ଜନ - ପ୍ରଭୁ - ହେ - (ଦୀର୍ଘ ଶ୍ୱାସ ଛାଡ଼ି) ଏଗାରଟାରୁ ବାରଟା ବାଜିବାକୁ ବସିଲଣି । କରୁଣାମୟର ଦେଖାନାହିଁ । ସେ ଶଳା ଗୁଣ୍ଡାଟା ଯଦି ମୋତେ ଗ୍ଲହିଁ ଗ୍ଲହିଁ ଶେଷରେ ଖୋଜିବାକୁ ବାହାରି ଆସିଥିବ ନା- ହେ ପ୍ରଭୁ - ତୁମେହିଁ ଏକମାତ୍ର ଭରସା

Digitized by PPRACHIN, SOA

ପ୍ରଭୁ ! (ଡାକିଲେ) କରୁଣାମୟ - ହେ। କରୁଣାମୟ -

ପୀତ : (ଆସିଭ ନମସ୍କାର କରି କରି) ପ୍ରଭୁ ଗହଳାନନ୍ଦ ହେ ! ପ୍ରଭୁ ! ଏ ପାତକୀ ପୀତବାସକୁ ଉଦ୍ଧାର କର ହେ ପ୍ରଭୁ ! (ଶେଷ ନମସ୍କାର କଲେ। ତାପରେ ସୂର୍ଯ୍ୟମଣିଙ୍କୁ ଚିକ୍‌କଣ ଘରରେ) ମହାଶୟଙ୍କର ନିବାସ ?

ସୂର୍ଯ୍ୟ : ନରିପୁର ।

ପୀତ : ତାହେଲେ ଆପଣ ହେଲେ ନରିପୁର ମହାଶୟ ! ନା ?

ସୂର୍ଯ୍ୟ : ନାଁ ନାଁ ମୋ ନାଁ ହେଉଚି ସୂର୍ଯ୍ୟମଣି ମଙ୍ଗରାଜ ।

ପୀତ : ଓ ହୋ ହୋ - ସୂର୍ଯ୍ୟମଣି ମଙ୍ଗରାଜ । ନାଇଁ ? ସୂର୍ଯ୍ୟମଣି ମଙ୍ଗରାଜ । ଓହୋହୋ - ତେବେ ମହାଶୟଙ୍କର କଣ ଏଠି କାହାରିକି ଅପେକ୍ଷା ?

ସୂର୍ଯ୍ୟ : କରୁଣାମୟଙ୍କୁ । ମୁଁ କରୁଣାମୟଙ୍କୁ ଖୋଜୁଚି ।

ପିତ : ଆପଣ କରୁଣାମୟଙ୍କୁ ଖୋଜୁଛନ୍ତି ? ଆପଣ କରୁଣାମୟକୁ ଖୋଜୁଛନ୍ତି ? ଆହା ହା ଃ ଃ ଃ କିନ୍ତୁ - କାହାନ୍ତି ? କିନ୍ତୁ କାହାଁନ୍ତି ସେ କରୁଣାମୟ ? ସେ କୋଉଠି ଅଛନ୍ତି ?

ସୂର୍ଯ୍ୟ : ସେ କୁଆଡେ ଏଇଠି ଥାଆନ୍ତି ।

ପୀତ : ଆହା ହା ଃ ଃ ଃ - ସେ କେଉଁଠି ନ ଥାନ୍ତି ? ସେ ତ ସର୍ବମୟ । ସର୍ବବ୍ୟାପୀ । ସେ ଖାଲି ଏଠି ନଥାନ୍ତି ନରିପୁର ମହାଶୟ ସେ ସେଠି ବି ଥାନ୍ତି । ସେ ମେସ୍‌ରେ ଥାନ୍ତି । ମସ୍‌ଜିଦ୍‌ରେ ବି ଥାନ୍ତି । ମଠରେ ଥାନ୍ତି, ଚୂଠରେ ବି ଥାନ୍ତି । ଅଥଚ ଆମେ ତାଙ୍କୁ ଖୋଜି ବୁଲୁଥାଉ । ନରିପୁରରୁ ହରିପୁର ହରିପୁରରୁ ନରିପୁର ।

ସୂର୍ଯ୍ୟ : ମୁଁ ସେ କରୁଣାମୟଙ୍କୁ ଖୋଜୁନାହିଁ ପୀତବାସବାବୁ ମୁଁ ଖୋଜୁଚି–

ପୀତ : ଜାଣେ- ଜାଣେ- ହରିପୁର ମହାଶୟ ମୁଁ ଜାଣେ । କିଏ କହେ କରୁଣାମୟ । କିଏ କହେ ପ୍ରେମମୟ । କିଏ କହେ ଆନନ୍ଦ ମୟ । ସବୁ କିନ୍ତୁ ସେଇ କରୁଣାମୟଙ୍କ ଲୀଳା ନରିପୁର ମହାଶୟ - ସେଇ ଲୀଳା ମୟଙ୍କ ଖେଳା । ଆହା ହା ଃ ଃ ଃ - ପ୍ରଭୁ - ପ୍ରଭୁ ହେ ଏ ପାତକୀ ପୀତବାସକୁ ଉଦ୍ଧାର କର ହେ ପ୍ରଭୁ–

Digitized by PPRACHIN, SOA

ସୂର୍ଯ୍ୟ : ଓହୋ – ମୁଁ ସେ କରୁଣାମୟଙ୍କୁ ଖୋଜୁନାହିଁ ହୋ–

ପାତ : ସେଇଥିପାଇଁ କହୁଚି ଆପଣ ବରଂ ଶହେ ଆଠ ଶ୍ରୀଗୁରୁ ଗହଳାନନ୍ଦ ସ୍ୱାମୀଙ୍କର ଶିଷ୍ୟ ହେଇଯାନ୍ତୁ । କରୁଣାମୟଙ୍କୁ ପାଇବେ । ଆଉ ଯାହା ଖୋଜିବେ ତାହା ପାଇବେ । ବିପଦ ଆପଦରୁ ରକ୍ଷା ପାଇବେ । ଚତୁର୍ବର୍ଗ ଫଳ ଲଭ ହେବ । ଭରି ପ୍ରତ୍ୟକ୍ଷ ଗୁରୁ । ସଦାସର୍ବଦା ଗହଳି ଲଗି ରହିଚି ବୋଲି ଶ୍ରୀଗୁରୁଙ୍କ ନାଁ ହେଲା ଗହଳାନନ୍ଦ ସ୍ୱାମୀ । ସ୍ୱୟଂ ଭଗବାନ । ପ୍ରଭୁଙ୍କର ଶିଷ୍ୟ ପ୍ରଣାମୀ ଛଅଶ ଛତିଶ ଟଙ୍କା ଛପନ ପଇସା । ମୋତେ ଦେଲେ ମୁଁ ଆଜି କରେଇ ଦେବି ।

ସୂର୍ଯ୍ୟ : ନାଇଁ – ନାଇଁ – ମୁଁ କାହାର ଶିଷ୍ୟ ଫିଷ୍ୟ ହୋଇ ପାରିବି ନାହିଁ ।

ପାତ : ହୁଅନ୍ତୁ । ହୁଅନ୍ତୁ । ହବାପାଇଁ ଲୋକଙ୍କ ଭିତରେ ଠେଲପେଲ ଲଗିଚି । ଚିହ୍ନା ଲୋକ ନ ଥିଲେ ହେଇପାରିବେ ନାହିଁ । ମୁଁ ଆପଣଙ୍କୁ କରେଇ ଦେବି । ଗୁପ୍ତଧନ ପାଇବେ । ଶତ୍ରୁ ନାଶ ହେବେ । ରାଜପଦ ଲଭ ହେବ । ମଲେ ସ୍ୱର୍ଗକୁ ଯିବେ । ହଉ ଯଦି କହୁଚନ୍ତି ତା ହେଲେ ଟିକେ ରେଟ କମେଇ ଦବା । ଆପଣ ଚିହ୍ନା ଲୋକ ।

ସୂର୍ଯ୍ୟ : ଅରେ ନାହିଁ କଲି ପରା–

ପାତ : ଦେଖନ୍ତୁ ଚତୁର୍ବର୍ଗ ଫଳ ଲଭ ହେବ । ମଲେ ସ୍ୱର୍ଗକୁ ଯିବେ ।

ସୂର୍ଯ୍ୟ : ମୁଁ ମରିବି ନାହିଁ କି ସ୍ୱର୍ଗକୁ ଯିବି ନାହିଁ । ମୋର ଶିଷ୍ୟ ଫିଷ୍ୟ ହବା ଦରକାର ନାହିଁ ।

ପାତ : ଆଚ୍ଛା ହଉ ଶିଷ୍ୟ ନ ହେଲେ ନାହିଁ । ଯଜ୍ଞ ପାଇଁ କିଛି ଚାନ୍ଦା ଦିଅନ୍ତୁ । ଚାଳିଶ–ପାଁଶ–ଯାହା ଆପଣଙ୍କ କ୍ଷମତା ।

ସୂର୍ଯ୍ୟ : ମୋର ଜମା କ୍ଷମତା ନାହିଁ । ମୁଁ ବଡ଼ ଅକ୍ଷମ ବ୍ୟକ୍ତି । ମୁଁ କିଛି ଦେଇ ପାରିବି ନାହିଁ ।

ପାତ : ବଡ଼ ଅଧର୍ମୀ କଞ୍ଜୁସ ଲୋକ ଯେ ! ଧର୍ମକର୍ମରେ ବି କିଛି ପଇସା କାଢୁ ନାହାନ୍ତି । ହଉ – ହଉ – ଗୋଟେ ନାମାବଳୀ ଚଦର କିଣନ୍ତୁ । ଦିଅ ଦୁଇଟଙ୍କା ଦୁଇ ପଇସା ।

Digitized by PPRACHIN, SOA

ସୂର୍ଯ୍ୟ : ଓହୋ – କାହିଁକି ଗୋଟେ ସେୟା ସେୟା ହଉଚନ୍ତି ହୋ ! କହିଲି ତ ମୋ ପାଖରେ କିଛି ପଇସା ପତ୍ର ନାହିଁ । ଏତେ ଦିଅ ସେତେ ଦିଅ କ'ଣ ? ଗୁଲିଚି ?

ପୀତ : ନାହିଁ କ'ଣ ? ନାହିଁ କ'ଣ ? ନାହିଁତ ପକେଟ ଗୁଡ଼ା ଏମିତି ଓଜନିଆ ଓଜନିଆ ଦିଶୁଛି କାହିଁକି ? ନିଶ୍ଚେ କିଛି ଅଛି । ବାହାର କରନ୍ତୁ–

ସୂର୍ଯ୍ୟ : ଓହୋ ! ନାହିଁ କହିଲି ପର–

ପୀତ : ଅଛି । ଅଛି । ଅଛି । କାଢ଼ନ୍ତୁ – କାଢ଼ନ୍ତୁ – କିଛି କାଢ଼ନ୍ତୁ ଦଶ ପଚିଶ ଯାହା ଅଛି କାଢ଼ନ୍ତୁ । ହାତ ଟିକେ ଖୋଲ କରି ଦିଅନ୍ତୁ । ବହୁତ ପୁଣ୍ୟ ମିଳିଯିବ । ଆଜି ଆପଣଙ୍କର ଅହୋଭଗ୍ୟ ।

ସୂର୍ଯ୍ୟ : ଓହୋ - କହିଲି ପର କିଛି ଦେଇପାରିବି ନାହିଁ । ଏମିତି ଜବରଦସ୍ତିଆ କଥା କ'ଣ ?

ପୀତ : ତା ହେଲେ କିଛି ଦେବେ ନାହିଁ ?

ସୂର୍ଯ୍ୟ : ନା ଦେବି ନାହିଁ ।

ପୀତ : କିଛି ଦେବେ ନାହିଁ ?

ସୂର୍ଯ୍ୟ : ନା

ପୀତ : କହିଦଉଚି ହୁସିଆର୍ ! ଶହେ ଆଠ ଶ୍ରୀଗୁରୁଙ୍କ ଅଭିଶାପ ପଡ଼ିଯିବ । କିଛି ଦିଅନ୍ତୁ ।

ସୂର୍ଯ୍ୟ : ପଡୁ । ମୁଁ ଦେବି ନାହିଁ । ମୁଁ ସେ ଗୁରୁଫୁରୁ କିଛି ମାନେ ନାହିଁ ।

ପୀତ : (ସ୍ୱର ଉଚ୍ଚ କରି) କ'ଣ ହେଲା ? ଶ୍ରୀ ଗୁରୁଙ୍କୁ ନିନ୍ଦା ? ଶହେ ଆଠ ଶ୍ରୀଗୁରୁଙ୍କୁ ନିନ୍ଦା ? ଆଉ ରକ୍ଷା ନାହିଁ । ଆଉ ଆପଣଙ୍କର ରକ୍ଷା ନାହିଁ । ଆପଣ ଏଥର ରୌରବ ନର୍କରେ ପଡ଼ି ଘାଣ୍ଟି ହେବେ । ତେଲରେ ଭଜା ହେବେ । କଣ୍ଟାରେ ଝୁଲ ହେବେ । ପଙ୍କରେ ଘଣ୍ଟା ହେବେ । ଓହୋ ! କି ଘୋର ପାପ କଥା ! କି ଘୋର ଅଧର୍ମ କଥା । ଓହୋଃଃଃ ଶ୍ରୀଗୁରୁଙ୍କ ନିନ୍ଦା ? ଶହେ ଆଠ ଶ୍ରୀଗୁରୁଙ୍କ ନିନ୍ଦା ? ଓ ହୋଃଃଃ (ସ୍ୱର କମେଇ) କିଛ୍ଛି ଦିଅନ୍ତୁ । କିଛ୍ଛି –

Digitized by PPRACHIN, SOA

ସୂର୍ଯ୍ୟ : ଓହୋ ପନ୍ଦର ଥର ସେୟାକୁ ସେୟାକୁ କାହିଁକି କହୁଚନ୍ତି ଶୁଣେ ? ମୋ ପାଖରେ କିଛି ନାହିଁ ବୋଲି କହିଲି ପରା –

ପୀତ : ଧର୍ମକର୍ମରେ ଜମା ମନା କରନ୍ତି ନାହିଁ । ପାପଗୁଡ଼ା ସବୁ ସମୁଦ୍ର ଲହଡ଼ି ପରି ମାଡ଼ି ଆସେ ।

ସୂର୍ଯ୍ୟ : ଆସୁ । ମୁଁ ଦେବି ନାହିଁ ।

ପୀତ : (ହଠାତ୍ ଉଚ୍ଚ ସ୍ୱରରେ) ଦେବେ ନାହିଁ ? ଦେବେ ନାହିଁ ? ଆଚ୍ଛା ହଉ ଠିକ୍ ଅଛି । ଆପଣ ଯଦି ପଙ୍କରେ ପଡ଼ି ଘାଣ୍ଟି ନ ହୋଇଚନ୍ତି, ତେଲରେ ସିଝା ନ ହୋଇଚନ୍ତି ତା ହେଲେ ମୋତେ କହିବେ । ଓହୋ ! କି ପାପୀ ଲୋକଟା ହୋ ! ଯେତେ କହିଲେ ବି ଧର୍ମକର୍ମରେ ଜମା କିଛି କାଢୁନାହିଁ । ହେ ପ୍ରଭୁ ଗହଜାନନ୍ଦ – ପ୍ରଭୁହେ – ଏ କଞ୍ଜୁସ ପାପୀ ଗୁଡ଼ାକୁ ଧ୍ୱଂସ କରି ଦିଅ ହେ ପ୍ରଭୁ – (ଗ୍ଲଲିଗଲେ ଜୁହାର ହେଉ ହେଉ । ହଠାତ୍ ବାହାରୁ ଗୋଟାଏ ଚିତ୍କାର ଶୁଭିଲା) ହେ – ହେ– ହେ-

ସୂର୍ଯ୍ୟ : (ଚମକି ପଡ଼ି) ଏଁ–କିଏ ? କିଏ ? ହେଣ୍ଡାରମ ? ହେଣ୍ଡାରମ ଆସିଗଲା ? ପ୍ରଭୁ - ହେ ପ୍ରଭୁ ବିପଦଭଞ୍ଜନ-

ସତୁ : (ଜୋର୍‌ରେ କହି କହି ପଶି ଆସିଛି) ଉଠ-ଉଠ-ବାଟଛୁ ଉଠ-ବାଟଛୁ-ଠଉ ବଜାର ସଉଦା ଯାଉଚି – ଉଠ – (ଭିତରକୁ ପଶି ଆସିଲା)

ସୂର୍ଯ୍ୟ : (ଆଶ୍ୱସ୍ତ ହୋଇ) ଓହୋ ତମେ ସେଇ ଅପର୍ଣ୍ଣ ଗୁଣ୍ଡି ନଟିଆ ଗୋବର ? ମୁଁ ଭାବିଥିଲି–

ସତୁ : (ଭିତରକୁ ଯାଉ ଯାଉ) ରଖ ହୋ ତମ ଗୋବର ! ଯେତେ ସବୁ ବାଙ୍ଗେ ଲୋକ ! (ଗ୍ଲଲିଗଲା)

ସୂର୍ଯ୍ୟ : (ଦୀର୍ଘ ଶ୍ୱାସମାରି) ଓହୋ – କି ପାଗଳଙ୍କ ହାବୁଡରେ ପଡ଼ିଗଲା ମଣିଷ !

ଅଲେଖ : (ପଛରୁ ଚୁପ୍ ଚୁପ୍ ଆସି) ହିହିହିହି-ମୁଁ କହି ନଥିଲି ? ମୁଁ କହି ନଥି ଲି

ସୂର୍ଯ୍ୟ : (ବୁଲିପଡ଼ି) ଏଁ – କିଏ ? କିଏ ଆପଣ ?

ଅଲେଖ : ହିହି ହିହି – ମୁଁ କହି ନ ଥିଲି ! ମୁଁ କହି ନଥିଲି ?

ସୂର୍ଯ୍ୟ : ଆପଣ ତ ମୋତେ କେବେ କିଛି କହି ନଥିଲେ ।

ଅଲେଖ : ହିହି ହିହି - କହିଥିଲି । କହିଥିଲି । ଆପଣଙ୍କର ବୃଦ୍ଧ ବୟସ ମନେ ନାହିଁ

Digitized by PPRACHIN, SOA

ସୂର୍ଯ୍ୟ : ଆପଣ କ'ଣ କହିଥିଲେ !

ଅଲେଖ : ହି ହି ହି ହି- ଏମାନେ ସମସ୍ତେ ପାଗଳ ବୋଲି ମୁଁ କହି ନ ଥିଲି ?

ସୂର୍ଯ୍ୟ : ଏମାନେ ତ ସବୁ ପାଗଳ । ଆଉ ଆପଣ କଣ ?

ଅଲେଖ : ମୁଁ କଣ ଏମାନଙ୍କ ପରି ପାଗଳ ? ମୁଁ ହଉଚି ଛାଗଳ । ବୁଝିଲେ ? ମୁଁ ହଉଚି ଛାଗଳ ।

ସୂର୍ଯ୍ୟ : (ବୁଝିନପାରି) କ'ଣ କହିଲେ ? ଆପଣ କ'ଣ ?

ଅଲେଖ : ହି ହି ହି- ମୁଁ ହେଉଚି ଛାଗଳ - ଛାଗଳ । ବୁଝିଲେ ? ମୁଁ ହଉଚି ଛାଗଳ - ହିହିହି —

ସୂର୍ଯ୍ୟ : ହେଇଥିବେ । ହେଇଥିବେ । ପ୍ରଭୁ ହେ ପ୍ରଭୁ ବିପଦଭଞ୍ଜନ - ବୈରୀଗଞ୍ଜନ-

ଅଲେଖ : ମୋ' ନା ବୈରୀଗଞ୍ଜନ ନୁହେଁ । ମୋ ନାଁ ଅଲେଖ । ମୁଁ ଜନଗଣନା ଅଫିସ୍‌ରେ ଟାଇପିଷ୍ଟ । ଆପଣ ?

ସୂର୍ଯ୍ୟ : ମୁଁ ହାଟ ମାରଣା ଅଫିସ୍‌ରେ କପିଷ୍ଟ ।

ଅଲେଖ : ଆଃ- କି ମଜା ! ଆପଣ ବି ତାହେଲେ ଜଣେ ଛାଗଳ-ହିହିହିହି- କି ମଜା !

ସୂର୍ଯ୍ୟ : ହଁ ଭରି ମଜା ! ଆପଣ ଥରେ ଯଦି ହେଣ୍ଡାଗମର ହେଣ୍ଡାଳ ଶବ୍ଦ ଶୁଣି ପକେଇବେ ନା—

ଅଲେଖ : ହିହିହିହି - ସେ ବି କଣ ଜଣେ ଛାଗଳ ? ହି ହି ହି କି ମଜା !

ସୂର୍ଯ୍ୟ : ବାରଟା ବାଜିଗଲଣି । ସେ ଆସିଗଲେ ଆହୁରି ମଜା ଉଠିବ ।

ଅଲେଖ :କି ମଜା ! ଆଉ ଆପଣ କୁଆଡେ ଆସିଥିଲେ ? ମଜା ଉଠେଇବାକୁ ?

ସୂର୍ଯ୍ୟ : ଆପଣ ସେଥିରୁ କଣ ପାଇବେ ?

ଅଲେଖ : କୁହନ୍ତୁ - କୁହନ୍ତୁ -

ସୂର୍ଯ୍ୟ : ମୁଁ କରୁଣାମୟଙ୍କୁ ଖୋଜୁଥିଲି ।

ଅଲେଖ : ହିହିହି - ଓ ! ଏଇ କଥା ! ଆପଣ କରୁଣାମୟଙ୍କୁ ଖୋଜୁଥିଲେ ! ହେଲେ ସିଏ କ'ଣ ଆଉ ଅଛନ୍ତି ?

ସୂର୍ଯ୍ୟ : ନାହାଁନ୍ତି ? କୁଆଡେ ଗଲେ ?

Digitized by PPRACHIN, SOA

ଅଲେଖ : ଗଲେଣି ନୁହେଁ ମଲେଣି । ହି ହି ହି – ମଲେଣି ।

ସୂର୍ଯ୍ୟ : (ଆଶ୍ଚର୍ଯ୍ୟ ଓ ବ୍ୟସ୍ତ) ମଲେଣି ? ମାନେ କରୁଣାମୟ ମଲେଣି ? କେବେ ? କେମିତି ?

ଅଲେଖ : କେମିତି ଆଉ ମରିବେ ? ବୁଢା ହେଇଥିଲେ । ମରିଗଲେ ।

ସୂର୍ଯ୍ୟ : ସେ ତ ବୁଢ଼ା ହେଇ ନ ଥିଲେ ।

ଅଲେଖ : ହି ହି ହି - ହେଇନଥିଲେ ? ଆମ ଢେଙ୍କେ ବୁଢ଼ା ହେଇ ନଥିଲେ ?

ସୂର୍ଯ୍ୟ : ମୁଁ ତ ଆପଣଙ୍କ ଢେଙ୍କେଙ୍କୁ ଖୋଜୁନାହିଁ ।

ଅଲେଖ : ତାଙ୍କୁ ତ ପୋଲିସ ଖୋଜି ଖୋଜି ପାଉ ନ ଥିଲ । ଆପଣ ପାଇଥାନ୍ତେ କୋଉଠି ?

ସୂର୍ଯ୍ୟ : ପୋଲିସ ଖୋଜୁଥିଲ ? ଆପଣଙ୍କ ଢେଙ୍କେଙ୍କୁ—

ଅଲେଖ : ହି ହି ହି - ଭରି ଗୁପ୍ତକଥା । କେହି ଜାଣିନାହାନ୍ତି । କାହାରିକି କହିବେ ନାହିଁଟି ! ଆପଣଙ୍କୁ ଆପଣଙ୍କ ଛତା ଗଣ । ନ ହେଲେ ଢେଙ୍କେଙ୍କୁ ପୋଲିସ୍ ଧରି ନେବ । ହୁସିଆର—

ସୂର୍ଯ୍ୟ : ଆପଣଙ୍କ ଢେଙ୍କେ ପର ମଲେଣି ।

ଅଲେଖ ; ଆପଣ ତ ଅଛନ୍ତି । ଆପଣଙ୍କୁ ଧରି ନେଇଯାଇ ପାରେ । ହୁସିଆର - କାହାରିକି କିଛି କହିବେ ନାହିଁ । ଏକଦମ୍ ଚୁପ୍‌ଚାପ୍ । ବୁଝିଲେ ! ଏକଦମ୍ ଚୁପ୍ ଚାପ୍ । (ସ୍ୱର କମେଇ ଫୁସ୍ ଫୁସ୍ କରି) ଆମ ଢେଙ୍କେ ଚୋରି କରୁଥିଲେ –

ସୂର୍ଯ୍ୟ : (ଆଶ୍ଚର୍ଯ୍ୟ) ଏଁ - ଏଁ କଣ କହିଲେ ? କଣ କହିଲେ ? ଆପଣଙ୍କ ଢେଙ୍କେ ଚୋରି କରୁଥିଲେ ?

ଅଲେଖ : ହି ହି ହି ହି - ଯୋତା । ଯୋତା ଚୋରି କରୁଥିଲେ - ହି ହି ହି- କି ମଜା !

ସୂର୍ଯ୍ୟ : ଆପଣଙ୍କ ଢେଙ୍କେ ଯୋତା ଚୋରି କରୁଥିଲେ ?

ଅଲେଖ : ଆଜି କାଲି କିଏ ଶଳା ନ କରୁଛି ? ସେଇ ଯୋଉ ମେସ୍ ମେନେଜର ବିଲୁଆ ସେ ଶଳା ଆମ ମେସ୍ ଟଙ୍କା ଚୋରିକରି ଖାଉଚି । ସେ ପୀତବାସ

Digitized by PPRACHIN, SOA

ଉଣ୍ଡତପସ୍ୱୀ ଆମ ଲୁଗାକୁ ଘ୍ରେରିକରି ନେଇ ସେଥିରେ ନାମାବଳୀ ମୋହର ମାରି ବିକି ଦଉଚି । ଆଉ ସେ ଶଳା ସତ୍ରୁଘ ମେସ୍ ଜିନିଷ ଲୁଚେଇ ଲୁଚେଇ ଗାଁକୁ ପଠେଇ ଦଉଚି । ଆଉ ମୁଁ – (ସ୍ୱରକମେଇ) ଆଉ ମୁଁ କ'ଣ କରୁଚି ଜାଣନ୍ତି ? ହିହି ହିହି ମୁଁ ବି – କ'ଣ ବୁଝିଲେ ନା ? ମୁଁ ବି (ସ୍ୱରକମେଇ) ଘ୍ରେରି କରେ !

ସୂର୍ଯ୍ୟ : କ'ଣ କହିଲେ ? କ'ଣ କହିଲେ ? ଆପଣ ବି ଘ୍ରେରି କରନ୍ତି ?

ଅଲେଖ : ହିହି ହିହି – ମୁଁ ଛତା – ହିହି ହିହି – ମୁଁ ଛତା ଘ୍ରେରି କରେ ।

ସୂର୍ଯ୍ୟ : ହେ ଭଗବାନ !

ଅଲେଖ : ହିହି· ଭଗବାନ ଫଗବାନ କାହାରିକୁ କିଛି କହିବେ ନାହିଁଟି । ଭରି ଗୁପ୍ତକଥା- ଖାଲି ଆପଣ ଚିହ୍ନାଲୋକ ବୋଲି କହିଦେଲି । ହି ହି ହି ହି – ବାବୁ ! ହେଇଟି – ସେଇ ଯୋଉ ଛତାଟି –

ସୂର୍ଯ୍ୟ : (ହଠାତ୍ ସଚେତନ ହୋଇ ଛତାକୁ ଜାବୁଡ଼ି ଧରି) କ'ଣ ହେଇଚି ସେ ଛତାଟି – ?

ଅଲେଖ : ଭରି ସୁନ୍ଦର ହେଇଚି । ହିହି ହିହି – ଆପଣଙ୍କ ଛତାଟି ଭରି ସୁନ୍ଦର ହେଇଚି !

ସୂର୍ଯ୍ୟ : ନା–ନା–ନା ଏ ଛତାଟା ମୋର ନୁହେଁ । ଏଟା-ଏଟା ମୁଁ ଜଣକଠୁ ମାଗି ଆଣିଚି ।

ଅଲେଖ : ହିହିହି – ବୁଝିଲି । ବୁଝିଲି-ହିହିହି – ତା ହେଲେ ଆପଣ ବି ? ହିହିହି– ଆପଣ ବି ? କି ମଜା – ହିହିହି – କି ମଜା !

ସୂର୍ଯ୍ୟ : କ'ଣ କି ମଜା ?

ଅଲେଖ : ଆଉ କାହିଁକି ଲୁଗ୍ୱେଉଚନ୍ତି ? ମୁଁ ପର ସବୁ ଜାଣିସାରିଲିଣି !

ସୂର୍ଯ୍ୟ : କ'ଣ ଜାଣି ସାରିଲେଣି ?

ଅଲେଖ : ହି ହି ହି – ସେଇକଥା ! ସେଇକଥା !

ସୂର୍ଯ୍ୟ : ଓହୋ – କୋଉ କଥା ମ ?

Digitized by PPRACHIN, SOA

ଅଲେଖ : ହିହିହି – ସେଇ କଥା ଯୋଉକଥା ଆପଣ ଲୁଗ୍ରେଉଚନ୍ତି । ହିହିହିହି–
(ସ୍ୱର କମେଇ) ଆପଣ ବି ଛତା ଗ୍ରେରି କରନ୍ତି । ସେଇକଥା- ହିହିହି–

ସୂର୍ଯ୍ୟ : କ'ଣ ହେଲା ? ମୁଁ – ମୁଁ –

ଅଲେଖ : କରନ୍ତି – କରନ୍ତି– ବୁଢ଼ାଲୋକ । ବୟସ ହେଲାଣି । ମନେ ରହୁନାହିଁ ।
ହିହିହି – କି ସୁନ୍ଦର ସେଇ ଛତାଟି ! କି ସୁନ୍ଦର ବେଣ୍ଟ ! କି ସୁନ୍ଦର ରଙ୍ଗ !
କି ସୁନ୍ଦର ଚିକ୍ ଚିକ୍ କରୁଚି – ଆଃ କୋଉଠୁ ପାଇଲେ ଏ ଛତାଟି ?

ସୂର୍ଯ୍ୟ : ପାଇବି କାହିଁକି ହୋ ? କହୁଚି ପଇସା ମାଗି ଆଣିଚି ।

ଅଲେଖ : କହନ୍ତି – କହନ୍ତି – ସମସ୍ତେ କହନ୍ତି । ହିହିହିହି-ଧରା ପଡ଼ିଗଲେ ସମସ୍ତେ
କହନ୍ତି । ମୁଁ କହେ । ଆପଣ କହନ୍ତି । ଅନ୍ୟ ସବୁ ଗ୍ରେରମାନେ ବି
କହନ୍ତି । ହିହିହିହି –

ସୂର୍ଯ୍ୟ : ଓହୋ ମୁଁ କାହିଁକି ଛତା ଗ୍ରେରି କରିବି ହୋ– ?

ଅଲେଖ : ହିହିହିହି – ମୁଁ କ'ଣ କରେ ଜାଣନ୍ତି ? ମୁଁ ଖଣ୍ଡେ ପୁରୁଣା ଛତା ଧରି
ଧର୍ମସଭା ଭଜନ ସଭାକୁ ଗ୍ଲଲିଯାଏ । ସେ ପୁରୁଣା ଛିଣ୍ଡା ଛତାକୁ ସମସ୍ତଙ୍କ
ଛତା ଭିତରେ ସେଠି ମିଶେଇ ଦେଇ ରଖିଦିଏ । କବାଟ ଫାଙ୍କରୁ ଛକିଥାଏ
ଯେମିତି ଗୋଟେ ଭଲଛତା ଆଖିରେ ପଡ଼ିଯାଇଚି, ଆଉ ଯେମିତି ଜୋର୍‌ରେ
ଭଜନ ବୋଲା ଆରମ୍ଭ ହୋଇ ଯାଇଚି ମୁଁ ସେଇ ମୌକାରେ ଭଲ ଛତାକୁ
ଚଟ୍ କରି ଧରିପାର୍ । ହିହିହି – (ସ୍ୱର କମେଇ) ଏମିତି ମୋର କେତେ
ହେଲଣି ଜାଣିଚନ୍ତି ? ଅଣଗ୍ଲଳିଶ । ହି ହି ହି ହି - ଆପଣଙ୍କର କେତେ ?
ହିହିହିହି–

ସୂର୍ଯ୍ୟ : କ'ଣ ମୋର କେତେ ? ମୋର କେତେ କ'ଣ ? ମୋର ତ ଏଇ
ଗୋଟିଏ । କେତେ କ'ଣ ?

ଅଲେଖ : ହି ହି ହି ହି- ବୁଝିଲି ବୁଝିଲି ଆପଣଙ୍କର ଅସ୍ମାରୀ । ତା ହେଲେତ ଆପଣ
ମୋର ଗୁରୁଦେବ । ମୋତେ କିନ୍ତୁ ଆପଣ ସେଇ ଗୋଟିକ ଦେବେ !
ଭାରି ଲୋଭ ହେଉଚି ।

ସୂର୍ଯ୍ୟ : କି ଅଜବ କଥା ଯେ ! ମୋ ଛତାଟାକୁ ମୁଁ କାହିଁକି ଆପଣଙ୍କୁ ଦେବି ?

Digitized by PPRACHIN, SOA

ଅଲେଖ : ହି ହି ହି – ଆପଣ ପରା ମୋର ଗୁରୁଦେବ । ମୁଁ ଆପଣଙ୍କର ପ୍ରିୟ ଶିଷ୍ୟ ଅଲେଖ । ମୋତେ ଗୋଟେ ଛତା ଶିଷ୍ୟ ଦକ୍ଷିଣା ଦେବେ ନାହିଁ ? ଦିଅନ୍ତୁ ଗୁରୁଦେବ ନମସ୍କାର । ଓଳିକି । ଜୁହାର । ଦଣ୍ଡବତ । ଗୁଡ଼ମର୍ଣ୍ଣିଂ । ନମସ୍କାରଂ- ଆଦାବ୍ ଅର୍ଜ । ହି ହି ହି –

ସୂର୍ଯ୍ୟ : କି ମୁସ୍କିଲ୍ କଥା ! ମୋ ଛତା ଟା ମୁଁ ଆପଣଙ୍କୁ କାହିଁକି ଦେବି !

ଅଲେଖ : (ସ୍ୱର ବଦଳାଇ ଟିକେ ରାଗରେ) ମୋ ଛତା କ'ଣ ? ମୋ ଛତା କଣ ? ମାଗି ଆଣିଛନ୍ତି ବୋଲି ଏଇନା କହୁଥିଲେ । ମୋ ଛତା କ'ଣ ?

ସୂର୍ଯ୍ୟ : ହଉ ବାବା ହେଲା - ମୋ ଛତା ନୁହେଁ । ଆଉ ଜଣଙ୍କର । ମାଗି ଆଣିଚି ।

ଅଲେଖ : ମିଛ କଥା । ମିଛ କଥା । ମାଗିଆଣି ନାହାନ୍ତି । ଚୋରି କରି ଆଣିଛନ୍ତି ଚୋରି ନକଲେ ଏତେ ସୁନ୍ଦର ଛତା ମିଳେ ?

ସୂର୍ଯ୍ୟ : ଓହୋ-କହିଲି ପରା ମାଗି ଆଣିଚି ।

ଅଲେଖ : ହିହିହିହି - ସମସ୍ତେ କହନ୍ତି । ଧରାପଡ଼ି ଗଲେ ସମସ୍ତେ କହନ୍ତି । ଆପଣ ମତେ ଦେବେ ନା ଡାକିବି ? ଚୋରିକରି ଆଣିଛନ୍ତି । ମାଗିଲା ବେଳକୁ ଦେଉ ନାହାଁନ୍ତି ? ଏଟା କ'ଣ ଗୋଟେ ଭଲ କଥା ? ଏଟା କ'ଣ ଗୋଟେ ଭଲ କଥା ? ଏଟା ଖୋଟେ ନିହାତି ବାଜେ କଥା !

ସୂର୍ଯ୍ୟ : ଡାକୁ ନାହାଁନ୍ତି ? ଡାକନ୍ତୁ କାହାକୁ ଡାକିବେ । ଆରେ ! ଆଚ୍ଛା ପାଗଳ ଲୋକ ହୋ ଯେ–

ଅଲେଖ : କ'ଣ ହେଲା ? କ'ଣ ହେଲା ? ମୁଁ ପାଗଳ ? ମୁଁ ପଗ୍ଳୁଚି ମୁଁ ପାଗଳ ?

ସୂର୍ଯ୍ୟ : ନାଇଁ - ନାଇଁ - ନାଇଁ - ଆପଣ ପାଗଳ କାହିଁକି ହେବେ ? ଆପଣ ତ ଛାଗଳ ।

ଅଲେଖ : ତାହେଲେ ପାଗଳ ବୋଲି କହିଲେ ?

ସୂର୍ଯ୍ୟ : ଭୁଲ୍ ହୋଇଗଲା ।

ଅଲେଖ : ତାହେଲେ ଦିଅନ୍ତୁ - ଆପଣଙ୍କ ଛତାଟା ଦିଅନ୍ତୁ ।

Digitized by PPRACHIN, SOA

ସୂର୍ଯ୍ୟ : ଓହୋ - ମୋ ଛତାଟା ମୁଁ ଆପଣଙ୍କୁ କାହିଁକି ଦେବି ?

ଅଲେଖ : ତା ହେଲେ ପାଗଳ ବୋଲି କାହିଁକି କହିଲେ ?

ସୂର୍ଯ୍ୟ : ମୁଁ ପର ଭୁଲରେ କହିଦେଲି ବୋଲି କହୁଚି ।

ଅଲେଖ : ଖାଲି କହିଦେଲେ ହେଇଯିବ ? ଦିଅନ୍ତୁ - ଦିଅନ୍ତୁ - ଦିଅନ୍ତୁ କହୁଚି ।
(ହାତ ବଢ଼େଇ ପାଖକୁ ଚାଲି ଆସିଲା)

ସୂର୍ଯ୍ୟ : ଓହୋ - ମୋର ପର ଏଇ ଗୋଟିଏ ବୋଲି ଛତା । ଏତେ ଟଙ୍କା ଖର୍ଚ୍ଚ କରି କିଣିଚି । ଆପଣଙ୍କୁ ଦେଇଦେବି କାହିଁକି ?

ଅଲେଖ : ମୁଁ ପଚାରୁଚି ଦେବେ ନା ନାହିଁ ?

ସୂର୍ଯ୍ୟ : ନା ଦେବି ନାହିଁ ।

ଅଲେଖ : ଦେବେ ନାହିଁ ?

ସୂର୍ଯ୍ୟ : ନା—

ଅଲେଖ : ତିନିବାର ପରଓ୍ୱାନା । ଦେବେ ନା ନାହିଁ ?

ସୂର୍ଯ୍ୟ : ନା କହିଲି ପର -

ଅଲେଖ : ତାହେଲେ ପୁଣି ତିନିବାର ପରଓ୍ୟାନା - ଦେବେ ନାହିଁ ? ଦେବେ ନାହିଁ ? ଦେବେ ନାହିଁ (ହଠାତ୍ ସୂର୍ଯ୍ୟମଣୀଙ୍କ ବ୍ୟାଗଟା ଉଠେଇ ନେଇ) ତା ହେଲେ ମୁଁ ଏଇଟାକୁ ନେଲି । (ଭିତରକୁ ଧାଇଁ ଚାଲିଗଲା)

ସୂର୍ଯ୍ୟ : (ବ୍ୟସ୍ତ ହେଇ ପଡ଼ି) ଆରେ - ଆରେ - ଆରେ - ମୋ ବ୍ୟାଗ - ମୋ ବ୍ୟାଗ - ଅଲେଖ ବାବୁ - ଅଲେଖ ବାବୁ - ମୋ ବ୍ୟାଗ କୁଆଡେ ନେଇ ପଳେଇଲେ ? ମୋ ବ୍ୟାଗ କୁଆଡେ ନେଇ ପଳେଇଲେ ? ଅଲେଖ ବାବୁ-ହୋ ଅଲେଖ ବାବୁ —

ଅଲେଖ : (ଭିତରୁ) ହିହି ହିହି—

ସୂର୍ଯ୍ୟ : ଅଲେଖ ବାବୁ - ମୋ ବ୍ୟାଗ ଦିଅନ୍ତୁ - (ଡାକିଲେ) ଅଲେଖ ବାବୁ-ଅଲେଖ ବାବୁ

ଅଲେଖ : (ଭିତରୁ) ଅଲେଖ ବାବୁ - ମୋ ଛତା - ମୋ ଛତା ଦିଅନ୍ତୁ—

Digitized by PPRACHIN, SOA

ସୂର୍ଯ୍ୟ : ଓହୋ - ମୋ ବ୍ୟାଗ -

ଅଲେଖ : (ଭିତରୁ) ଓହୋ ମୋ ଛତା— ହିହିହିହି—

ସୂର୍ଯ୍ୟ : ଓହୋ - ଏଗୁଡା କି ଜବରଦସ୍ତିଆ କଥା ହୋ ! ମୁଁ ଏଠିକି ଜଣକୁ ଖୋଜିବାକୁ ଆସିଛି । ତମେ ମୋ ବ୍ୟାଗଟା କାହିଁକି ନେଇଯାଉଚ କହିଲ ? ହୋ ଅଲେଖ ବାବୁ - ଅଲେଖବାବୁ -

ବିଲ୍ଟୁ : (ଆସିଛନ୍ତି । ଅନ୍ତ ମଦନିଶା ହେଇଚି । ଗମ୍ଭୀର ସ୍ୱରରେ କହିଛନ୍ତି) କିଏ ? କିଏ ଏଠି ଏମିତି ହଲ୍ଲା କରୁଚି ?

ସୂର୍ଯ୍ୟ : ହଲ୍ଲା କିଏ କାହିଁକି କରିବ ହୋ ? ଆପଣଙ୍କ ଅଲେଖ ବାବୁ ମୋ ବ୍ୟାଗଟାକୁ ଜବର ଦସ୍ତି ନେଇ ପଳେଇଛନ୍ତି । ସେଥିରେ ମୋର ଜରୁରି କାଗଜ ପତ୍ର ସବୁ ଅଛି । ମୁଁ ତାଙ୍କୁ ସେଇଥି ପାଇଁ ଡାକୁଚି । ହଲ୍ଲା କରିବି କାହିଁକି ? ହୋ ଅଲେଖ ବାବୁ - ଅଲେଖ ବାବୁ - ମୋ ବ୍ୟାଗଟା ଦିଅନ୍ତୁ । ବିଲ୍ଟୁବାବୁ ! ଆପଣଙ୍କୁ ନେହୁର ହେଉଚି ଆପଣ ଟିକେ ତାଙ୍କୁ କୁହନ୍ତୁ ସେ ମୋ ବ୍ୟାଗଟା ଦେଇ ଦିଅନ୍ତୁ —

ଅଲେଖ : ଆପଣ ଟିକେ ତାଙ୍କୁ କହନ୍ତୁ ସେ ମୋ ଛତାଟା ଦେଇ ଦିଅନ୍ତୁ —

ବିଲ୍ଟୁ : ଆପଣ ତାଙ୍କ ଛତା ନେଇଛନ୍ତି ? (ଭିତରକୁ ଡ଼ାକି) ସତୁର - ଆବେ ହେ ସତୁର ! ମୋ ଶୁଖୁଆ ଭଜା ହେଲା ନା ନାଇଁବେ ? ନ ହେଲେ ମୁଁ ଚିଲେଇବି କହିଦଉଚି । ଏକ୍‌ଦମ୍ ହୁଲୁସ୍ଥୁଲ୍ କରିଦେବି । ହଁ—

ସୂର୍ଯ୍ୟ : ମୁଁ କାହିଁକି ତାଙ୍କ ଛତା ନେବି ହୋ ? ଏଟା ତ ମୋ ଛତା ।

ଧୀତ : (ଆସିଛନ୍ତି) ହଁ-ହଁ ନେଇଥିବେ । ଏ ବାବୁ ସମସ୍ତଙ୍କଠୁଁ ସବୁ କଥା ନିଅନ୍ତି । କାହାରିକି କିଛି ଦିଅନ୍ତି ନାହିଁ । ଗୋଟେ ପଇସା ପକେଟରୁ କାଢ଼ନ୍ତି ନାହିଁ ।

ଅଲେଖ : (ଭିତରୁ) ହିହିହିହି—

ସୂର୍ଯ୍ୟ : ଓହୋ! - କ'ଣ ଯେ ମୁଁ କରିବି ! ବାରଟା ବାଜିଗଲାଣି । ସେ ହେଣ୍ଡାଗମ ଗୁଣ୍ଡାଟା କେତେବେଳେ ଆସି ଏଠି ପହଞ୍ଚିଯିବ । ସେ କରୁଣାମୟ ଧପ୍‌ପୀବାଜର ଏତେବେଳେଯାକେ ଦେଖା ନାହିଁ । କ'ଣ ଯେ ମୁଁ କରିବି ?

Digitized by PPRACHIN, SOA

ହେ ପ୍ରଭୁ ବିପଦଭଞ୍ଜନ - ପ୍ରଭୁ ହେ—

ପୀତ : ହାsss- ଶ୍ରୀ ଗୁରୁଙ୍କୁ ନିନ୍ଦା କରିଚନ୍ତି । ଆପଣ କେବେ ସହଜରେ ଉଦ୍ଧାର ପାଇବେ ନାହିଁ । ଆପଣ ଜବ୍ବର ଗୁଣ୍ଡା ହାତରେ ମାଡ଼ ଖାଇବେ । ତେଲରେ ଭଜା ହେବେ । କଣ୍ଟାରେ ଖେଞ୍ଚା ହେବେ । କରୁଣାମୟଙ୍କ ଦେଖା ଆଉ ମିଳିବନାହିଁ । କରୁଣାମୟ ମାମୁଁ ଘରକୁ ଗଲେଣି ।

ସୂର୍ଯ୍ୟ । ମାମୁଁ ଘରକୁ ! ତାଙ୍କ ମାମୁଁ ଘର ତ—

ପୀତ : ସେ ମାମୁଁ ଘର ନୁହେଁ ନରିପୁର ମହାଶୟ ସରକାରୀ ମାମୁଁ ଘର— ଜେଲଖାନା । ବିନା ଟିକଟରେ ଆସୁଥିଲେ । କଣ୍ଡକ୍ଟର ଜାଣିପାରି ଗୋଡ଼େଇଲା । କରୁଣାମୟଙ୍କର ତ ଗୋଦର ଗୋଡ଼ । ଧାଇଁପାରିଲେ ନାହିଁ । କଣ୍ଡକ୍ଟର ମାଡ଼ି ବସିଲା । କରୁଣାମୟ ଜୋରିମାନା ଦେଇ ପାରିଲେ ନାହିଁ । ଜେଲ୍‌ଖାନାକୁ ଗଲେ । ଦି ମାସ ଘଣା ପେଲିବେ ।

ସୂର୍ଯ୍ୟ : (ବ୍ୟସ୍ତ ବିବ୍ରତ ହେଇ ପଡ଼ିଲେ) କଣ ହେଲା ? କଣ ହେଲା ? ଦି ମାସ ? ଦି ମାସ ଘଣା ପେଲିବେ ? ମାନେ ଦିମାସ ପରେ ଯାଇଁ ଘରକୁ ଆସିବେ ? ହେ ପ୍ରଭୁ ବିପଦ ଭଞ୍ଜନ ! ମା କଟକଚଣ୍ଡୀ - ମା ତାରତାରିଣୀ - ମାଲୋ ! ମୁଁ ତା ହେଲେ ସେ ଗୁରିଆ ମହାଜନର ଟଙ୍କା ସୁଝିବି କେମିତି ? ଆଜି ଟଙ୍କା ନ ଦେଲେ ତ ସେ ଶଳା ହେଣ୍ଡଗମ ଗୁଣ୍ଡା ମୋ ମୁଣ୍ଡ ଫଟେଇ ଦବ । ମୁଁ କ'ଣ କରିବି ? ମା ଲୋ - ମା ସମଲେଇ ମା ଶାରଳାଇ - ମାଲୋ -

ବିଲୁ : (କିଛିଟା Sadistic ହସ ହସି) ହା - ହା - ମଙ୍ଗରାଜବାବୁ - ଏଥର ଆପଣଙ୍କର ମନୋରଥ ଭଗ୍ନ ହେଇଗଲା ପରି ଜଣାଯାଉଚି ।

ସୂର୍ଯ୍ୟ : କେଜାଣି ? ଆପଣଙ୍କୁ କ'ଣ ଜଣା ଜଣାଯାଉଚି ସେ କଥା ମୁଁ କେମିତି କହିବି ? ସେକଥା ଆପଣ ଜାଣିଥିବେ ।

ବିଲୁ : ମୋତେ ଠିକ୍ ଜଣାଯାଉଚି ଆପଣଙ୍କ ମନୋରଥ ଭଗ୍ନ ହେଇ ଗଲଣି । ଆଉ ଯେ ହେତୁ ଏ ମେସ୍‌ର ନାଁ ଭଗ୍ନ ମନୋରଥ ମେସ୍—

ପୀତ : ସେ ହେତୁ ଆପଣ ଏ ମେସ୍‌ରେ ରହିବେ ।

ବିଲୁ : ଏବଂ ସେହେତୁ କରୁଣାମୟଙ୍କ ସିଟ୍ ମୁଁ ଆପଣଙ୍କୁ ଦେଲି ।

Digitized by PPRACHIN, SOA

ସୂର୍ଯ୍ୟ : ଓହୋ - ମୁଁ କାହିଁକି ଆପଣଙ୍କ ମେସ୍‌ରେ ରହିବି ହୋ ? ମୋର ବସା ଘର ଅଛି । ସେଠି ମୋର ଜିନିଷପତ୍ର ଅଛି । ମୁଁ ଆପଣଙ୍କ ମେସ୍‌ରେ ରହିବି କାହିଁକି ? ଉଠିଲେ - ଉଠିଲେ - ମୁଁ ଯାଏଁ - ସେ ଶଳା ହେଣ୍ଡାଗମ ଗୁଣ୍ଡାଟା ଆସିଲା ଆଗରୁ ମୁଁ ପଳେଇ ଯାଏ - ଉଠନ୍ତୁ –

ବିଲ୍ୱ : କୁଆଡ଼େ ପଳେଇବେ ଆପଣ ? (ଭିତରକୁ ଉଦ୍ଦେଶ୍ୟ କରି ଉଚ୍ଚ ସ୍ୱରରେ) ସତୁରୁ ! ଆବେ ସତୁରୁ ! ମୋ ଶୁଖୁଆ ଭଜା ହେଲା ?

ସୂର୍ଯ୍ୟ : ମଲା ! ମୁଁ କୁଆଡ଼େ ଯିବି ଆପଣ ସେଥିରୁ କ'ଣ ପାଇବେ ? ମୁଁ ମୋ ଗାଁକୁ ଯିବି । ଟଙ୍କା ଆଣି ଗୁରିଆ ମହାଜନର କରଜ ସୁଝିବି । କୁଆଡ଼େ ଯିବି କ'ଣ ? ଛାଡନ୍ତୁ - ବାଟ ଛାଡନ୍ତୁ –

ଅଲେଖ : (ଭିତରକୁ ଆସି ଗୀତ ଗାଇଲା ସ୍ୱରକରି) ବାଟ ଛାଡ଼ ସୁହଟ ନାଗର ଗାଁକୁ ଯିବି ମୁଁ ଟଙ୍କା ଆଣିବି / – ହେଣ୍ଡା ମୋ ନଣନ୍ଦ ଅଟେ ବଡମନ୍ଦ / ଠେଙ୍ଗାଧରି କରେ ଗାଳି ଫଜିତି / ଗରି ମହାଜନ ଶଳା ଚନ୍ଦ୍ରସେଣ ବେଳୁ ବେଳ ମୋର ବଢାଏ ଭୀତି ବାଟ ଛାଡ଼ ସୁହଟ ନାଗର ଗାଁକୁ ଯିବି ମୁଁ ଟଙ୍କା ଆଣିବି - ହିହିହି - (ଅନ୍ୟମାନେ ମଧ୍ୟ ହସିଲେ)

ସୂର୍ଯ୍ୟ : ଅଲେଖ ବାବୁ - (ତା ଅଡ଼କୁ ମାଡ଼ିଗଲେ) ମୋ ବ୍ୟାଗ - ଅଲେଖ ବାବୁ-

ଅଲେଖ : ହିହି ହିହି - ମୋ ଛତା ! (ହସି ହସି ଭିତରକୁ ପଳେଇଲା)

ସୂର୍ଯ୍ୟ : ଓହୋ - ମୋ ବ୍ୟାଗଟା ଦିଅନ୍ତୁ ଭଲା । ଅଲେଖ ବାବୁ - ହୋ ଅଲେଖ ବାବୁ - (ଭିତରୁ ହସ ଶୁଭିଲା) ଓହୋ - ମୋର ଗାଡ଼ିବେଳ ହେଇଗଲାଣି ପରା - ଅଲେଖ ବାବୁ - ଆପଣଙ୍କୁ କୁହା'ର ହେଉଚି –

ବିଲ୍ୱ : ଆପଣ ଯିବେ କୁଆଡ଼େ ? ଯିବେ କୁଆଡ଼େ ? ଆପଣ କୁଆଡ଼େ ଯାଇ ପାରିବେ ନାହିଁ । ଆପଣଙ୍କୁ ସିଟ୍ ଦିଆଗଲାଣି । ଆପଣ ଏଇଠି ରହିବେ ।

ସୂର୍ଯ୍ୟ : କ'ଣ ଆପଣଙ୍କ ଇଚ୍ଛାରେ ? ମୁଁ ଜମା ଏଠି ରହିବି ନାହିଁ । ବାଟ ଛାଡନ୍ତୁ ମୁଁ ଯିବି । (ଯିବାକୁ ବାହାରିଲେ)

ପୀତ : ହଁା - ହଁା - ହଁା - ଯିବେ କୁଆଡ଼େ ? ଯିବେ କୁଆଡ଼େ ? ବିଲ୍ୱ - ଏ ବାବୁ ଖସିବା ମତଲବରେ ରହିଲେଣି । ମେସ୍ ସିଟ୍ ଖାଲି ରହିଯିବ । ଏଥର

Digitized by PPRACHIN, SOA

ଆଉ କଥାବାର୍ତ୍ତାରେ ଚଳିବ ନାହିଁ । ଏଥର ହାତାହାତି ଦରକାର । (ପ୍ରସ୍ତୁତ ହେଲେ)

ବିଲ୍ଲୁ : ହଁ ହଁ - ଏଥର ହାତାହାତି ଦରକାର—ତା ହେଲେ ready । ଦି ପଟେ ଜଗି ଛିଡ଼ା ହେଇଯା । ପକେଇଦେ ମାଡ଼ି ବସିବା । ତମର ତମ ପଟ । ମୋର ମୋ ପଟ । (ଦି ହାତର ଜାମା ମୋଡ଼ି ଦୁହେଁ ଦୁଇ ପାଖରେ ଛକା ପଂଝାରେ ଛିଡ଼ା ହେଲେ ।)

ସୂର୍ଯ୍ୟ : ଆରେ - ଆରେ - ଯେ କଣ ? ଯେ କ'ଣ ! ମୋତେ କାହିଁକି ଆପଣମାନେ ଏମିତି ଘେରିକି ଛିଡ଼ା ହେଲେଣି ? ମୁଁ ପର ଗାଁକୁ ଯିବି । ମୋତେ ବାଟ ଛାଡ଼ୁ ନାହନ୍ତି କାହିଁକି ?

ବିଲ୍ଲୁ : ପୀତବାସ - ଜମା ଛାଡ଼ିବ ନାହିଁ ।

ପୀତ : ହେଃ - ହେଃ - ମୁଁ ଛାଡ଼ିବି ? ଶ୍ରୀଗୁରୁ ପରା କହିଛନ୍ତି ଯାହା ଧରିଥିବୁ ଧରିଥିବୁ । ଜମା ଛାଡ଼ିବୁ ନାହିଁ । ମୁଁ ମୋ ପଟ ଜଗିଚି । ତମେ ତମ ପଟ ଜଗିଥା ।

ଅଲେଖ : ହିହିହି - ପୀତବାସ ମାଡ଼ିବସ । ପୀତବାସ ମାଡ଼ିବସ - ହିହିହି—

ପୀତ : ବିଲ୍ଲୁ - ଏଥର ପକେଟ୍ ଫକେଟ୍ ଦେଖିବା । (ଆଗେଇ ଆସିଲେ)

ସୂର୍ଯ୍ୟ : (ଜାବୁଡ଼ି ଧରି) ନା- ନା- ନା- ମୋ ପକେଟରେ କିଛି ନାହିଁ । ମୋ ପକେଟରେ କିଛି ନାହିଁ—

ପୀତ : କିଛି ନାହିଁତ ପକେଟଟା ଏମିତି ଓଜନିଆ ଓଜନିଆ ହେଇଚି କାହିଁକି ? କ'ଣ ତା ଭିତରେ ରଖିଚ ? ପଥର ? ପଥର ରଖିଚ ?

ହେଣ୍ଡା : (ବାହାରୁ ପାଟିକରି) ହୋ ମେସ୍‌ବାବୁ ମାନେ - କିଏ ଅଛ ଭିତରେ ? ବାହାରକୁ ଆସ । ମୁଁ ରଜା ବଜାର ବାଇ ହେଣ୍ଡାରାମ ଘଡେଇ କହୁଚି -

ସୂର୍ଯ୍ୟ : (ହଠାତ୍ ବିଚଳିତ ଓ ବିବ୍ରତ ହୋଇ) ଏଁ - କିଏ ? କିଏ କହୁଚି ? ହେଣ୍ଡାରାମ କହୁଚି ? ପ୍ରଭୁ-ହେ ପ୍ରଭୁ- ମରିଗଲି ପ୍ରଭୁ ମରିଗଲି ଆସିଗଲା - ଆସିଗଲା - ଶଳା ଗୁଣ୍ଡାଟା ଆସିଗଲା - ହେ ପ୍ରଭୁ - ହେ ମା କଟକ ଚଣ୍ଡୀ - ମା ତାର-ତାରିଣୀ ମାଲେ । ମୁଁ କଣ କରିବି ଲୋ ମା - ?

Digitized by PPRACHIN, SOA

(ବିବ୍ରତ ହୋଇ ଘରର ଏ ପାଖ ସେ ପାଖ ଧାଇଁବାକୁ ଲାଗିଲେ ଓ କୋଉ ବାଟ ଦେଇ ପଳେଇବେ ସେଇ ଚେଷ୍ଟା କଲେ)

ବିଲ୍ୱ : ହାଁ ହାଁ - କୁଆଡ଼େ ? କୁଆଡ଼େ ? କୁଆଡ଼େ ଯିବ ? କୁଆଡେ ଯିବ ? ମେସ୍‌ରେ ସିଟ୍ ଦିଆଗଲା - ପଳେଇବ କୁଆଡ଼େ ? ପଳେଇବ କୁଆଡ଼େ ? ତାଙ୍କ ବାଟ ଛକିଲେ)

ସୂର୍ଯ୍ୟ : ଓହୋ ! ବାଟ ଛାଡନ୍ତୁ ହୋ - ମୁଁ ଗାଁକୁ ଯିବି । କାହିଁକି ମୋତେ ସେମିତି ହଇରାଣ କରୁଚନ୍ତି କହିଲେ?

ବିଲ୍ୱ : ମୈ ପୁଛ୍‌ତା ହୁଁ ତୁମ୍ ଯେ ମେସ୍‌ମେ ରହେଗା ନା ଧର ହୋକେ ଗୁଣ୍ଡାକେ ପାସ ଯାଏ ଗା ?

ପୀତ : ମୈ ଭି ପୁଛ୍‌ତା ହୁଁ ତୁମ୍ ଯଜ୍ଞ ପାଇଁ ତିନିଶ ରୁପିୟା ଗ୍ଦା ଦେଗା ନା ଗୁଣ୍ଡାକେ ପାସ ଟେକା ହୋକେ ଯାଏ ଗା ?
(ସୂର୍ଯ୍ୟମଣି ଏ ପାଖ ସେ ପାଖ ହେଲେ । ବିଲ୍ୱମଙ୍ଗଳ ଓ ପୀତବାସ ତାଙ୍କୁ ଦି ପାଖରୁ ଛକିଲେ ଓ ବାଘକୁ ଯନ୍ତାରେ ପକେଇଛନ୍ତି ବୋଲି ଭାବି ଉଲ୍ଲସିତ ଭାବେ ହାହା ଶବ୍ଦ କଲେ । ମଝିରେ ମଝିରେ ତାଙ୍କ ଉପରକୁ ଝାମ୍ପି ପଡ଼ି ତାଙ୍କୁ ଧରିବାର ଚେଷ୍ଟା କଲେ । ସୂର୍ଯ୍ୟମଣି ଖସି ପଳେଇବାର ଚେଷ୍ଟା କଲେ)

ହେଣ୍ଡା : (ବାହାରୁ) ଆବେ ସୂର୍ଯ୍ୟମଣି ମଙ୍ଗରାଜ ବାବୁ - ଯା ଭିତରେ ଅଛ ନା ନାଇଁ ବେ ? ହୋ ମେସ ବାବୁମାନେ—

ଅଲେଖ : (ଭିତରକୁ ପଶି ଆସି) ଅଛି - ଅଛି - ଛତା ଘେରି କରି ଯା ଭିତରେ ଲୁଚିଥିଲା । ଟେକା ହୋଇ ଯାଉଚି - ହିହିହିହି —

ହେଣ୍ଡା : (ବାହାରୁ) କାହିଁ ? କାହିଁ ? କାହିଁ ସେ ଧପ୍‌ପାବାଜ ବୁଢ଼ା ? ମୋତେ ସେଠି ବସାଇ ଦେଇ ଏଠି ଆସି ଲୁଚି ବସିଚି-ନାଇଁ ? ଧରି ଆଣ ତାକୁ । ଧରି ଆଣ ତାକୁ ମୋ ପାଖକୁ । ମୁଁ ଆଗେ ତା ମୁଣ୍ଡକୁ ଛତ୍‌ରୁ କରେଁ - ହୋ ସୂର୍ଯ୍ୟମଣି ମଙ୍ଗରାଜ - ଆସିବ ନା ଯିବି ?

ସୂର୍ଯ୍ୟ : (ବ୍ୟସ୍ତ ହୋଇ) ହେଇ ହେଇ ହେଇ - ଆସିଗଲା - ଆସିଗଲା - ଆସିଗଲା - ଗୁଣ୍ଡାଟା ଆସିଗଲା । ମୁଁ ମରିଗଲି - ମରିଗଲି - ବାଟ ଛାଡନ୍ତୁ - ବାଟ ଛାଡ଼ନ୍ତୁ - ବିଲ୍ୱବାବୁ ପୀତବାବୁ - ବିଲ୍ୱବାବୁ ପୀତବାବୁ - (ପଳେଇ ଯିବାକୁ ଚେଷ୍ଟା କଲେ ।)

Digitized by PPRACHIN, SOA

ବିଲ୍ଲୁ ଓ ପୀତ : (ଛକା ଛକି କଲେ ଓ ମିଶା ମିଶି ହେଇ) ଯିବ କୁଆଡେ ? ଯିବ କୁଆଡେ ? ସିଟ୍ ମିଳିଲା । ଯିବ କୁଆଡ଼େ ? ଗ୍ୟଦା ଦେଇ ନା । ଯିବ କୁଆଡ଼େ ? ଜନ୍ମା ଯାଇ ପାରିବ ନାହିଁ । ଜନ୍ମା ଯାଇ ପାରିବ ନାହିଁ । ଥାବେ ହେ ସତୁର ମାର୍କଣ୍ଡ ଅପର୍ତି ନନ୍ଦିଆ ରଧୁଆ-ଧାଇଁ ଆସ-ଧାଇଁ ଆସ-ସୂର୍ଯ୍ୟମଣି ବାବୁ ଧାଇଁ ପଳେଇଚି । ଧାଇଁ ଆସ–

ଅଲେଖ : ହିହିହିହି - ପୀତବାସ ! ମାଡ଼ି ବସ । ପୀତ ବାସ ! ମାଡ଼ି ବସ । ମୁଁ ସେ ଗୁଣ୍ଡାକୁ ଡାକେଁ–ହିହିହିହି–(ହସି ହସି ଗ୍ଲିଗଲା) ସୂର୍ଯ୍ୟମଣି/ବିଲ୍ଲୁ/ ପୀତବାସ ଓ ଅଲେଖଙ୍କ କଥା କିଛିଟା ମିଶା ମିଶି ହୋଇଗଲା । ସୂର୍ଯ୍ୟମଣି ବିଲ୍ଲୁମଙ୍ଗଳ ଓ ପୀତବାସ ଠେଲା ପେଲା ହେଲେ । ମେସ୍‌ର ଆଉ ଗ୍ରିଜଣ ଅଧିବାସୀ ଆସି ଠେଲାପେଲାରେ ଲଗିଗଲେ । କିନ୍ତୁ ଏ ଠେଲାପେଲାରେ କିଏ କାହାକୁ ଠେଲିଲା ତାର କିଛି ଠିକଣା ରହିଲା ନାହିଁ । ମଝିରେ ମଝିରେ କେହି "ପଳେଇଲା–ପଳେଇଲା ଧର-ଧର ମାଡ଼ି ବସ - ମାଡ଼ି ବସ" ପାଟି କଲେ ଓ ହୋ ହୋ ହେଇ ହସିଲେ । ସେଇ ଫାଙ୍କରେ ସୂର୍ଯ୍ୟମଣି ମଙ୍ଗରଜ ମେଳି ଭିତରୁ ସେମାନଙ୍କ ଅଜାଣତ୍‌ରେ ଖର୍ସି ପଳେଇଲେ । ମେସ୍‌ବାଲା ଭୁଲରେ ପୀତବାସକୁ ସୂର୍ଯ୍ୟମଣି ବୋଲି ଭବି ଖୁବ୍ ଠେଲା ପେଲା କଲେ । ମାଡ଼ି ବସିଲେ)

ପୀତ : (ତାକୁ ମାଡ଼ି ବସିବାରେ ବ୍ୟସ୍ତ ହୋଇ) ଓହୋ ହୋsss ! ଯେ କଣ ? ଯେ କଣ ? ଯେ କଣ ? ମୋତେ କାହିଁକି ମାଡ଼ି ବସୁଚ ? ମୋତେ କାହିଁକି ମାଡ଼ି ବସୁଚ ? ମୁଁ ପର ପୀତବାସ–ମୋତେ କାହିଁକି ମାଡ଼ି ବସୁଚ ? ଛାଡ - ଛାଡ - ମୋତେ ଛାଡ –

(ସମସ୍ତେ ଅଟକି ଗଲେ । ପୀତବାସ ସିଧା ହେଇ ଛିଡ଼ା ହେଲେ ।)

ବିଲ୍ଲୁ : ଆରେ ରେsss - ଏଟା ତ ପୀତବାସ ଭେଜାଲ ବାଆଜୀଟା ! ସେ ସୂର୍ଯ୍ୟମଣି ମଙ୍ଗରଜଟା ଗଲା କୁଆଡ଼େ ? ଗଲା କୁଆଡ଼େ ? ଆରେ ରେsss - କୁଆଡ଼େ ଖସି ଗଲା ନା କଣ -'ଖର୍ସି ଗଲା ନା କଣ ? ଧର ଧର ଧର– ପକ୍‌ଡ଼ୋ ପକ୍‌ଡ଼ୋ ପକ୍‌ଡ଼ୋ–ଅପର୍ତି ସତୁର ନନ୍ଦିଆ ରଧୁଆ - ପକ୍‌ଡ଼ୋ ପକ୍‌ଡ଼ୋ - (ଧାଇଁ ଗ୍ଲି ଗଲେ)

Digitized by PPRACHIN, SOA

ମେସ୍‌ଲେକ : ହଁ ହଁ - ପକ୍‌ଡୋ ପକ୍‌ଡ଼ୋ ପକ୍‌ଡ଼ୋ - ମଙ୍ଗଲକୁ କୋ ପକ୍‌ଡ଼ୋ–

ହେଣ୍ଡା : (ପଶି ଆସି ସେମାନଙ୍କ ପାଟି ଶୁଣି ତାଙ୍କ ସାଙ୍ଗରେ ମିଶି ପାଟି କରିଛି)
ହଁ ହଁ - ପକ୍‌ଡୋ ପକ୍‌ଡୋ - ପକ୍‌ଡୋ - ପକ୍‌ଡୋ - ପକ୍‌ଡୋ ପକ୍‌ଡୋ–
(ସମସ୍ତେ ପାଟି କରି କରି ଧାଇଁ ଗ୍ଲଲିଗଲେ)

ଅଲେଖ : (ସୂର୍ଯ୍ୟମଣିଙ୍କ ବ୍ୟାଗକୁ ଛତାରେ ଟେକିଛି ଗୋଟେ ହାତରେ ଓ ଆର ହାତରେ ତାଙ୍କ ବଟୁଆକୁ ଟେକି ନାଚ କରି କରି ଗୀତ ଗାଇ ଗାଇ ଭିତରକୁ ଆସିଛି) ପକ୍‌ଡ଼ୋ ଭଇ ପକ୍‌ଡୋ/ଛତା ଘେର୍‌କୋ ପକ୍‌ଡୋ/ ପକ୍‌ଡୋ ପକ୍‌ଡୋ ପକ୍‌ଡୋ/ପାଗଲକୋ ପକ୍‌ଡୋ/ଛାଗଲକୋ ଛକଡୋ/ ପାଗଲ୍‌କୋ ପକ୍‌ଡୋ - ଛାଗଲକୋ ଛକଡୋ (ଗାଇଛି) ବାଟ ଛାଡ ବିଲ୍ୱମଙ୍ଗଳ ହୋ ଗାଁକୁ ଯିବି ମୁଁ ଟଙ୍କା ଆଣିକି/ହେଣ୍ଡା ମୋ ନଣନ୍ଦ ଅଟେ ବଡ଼ ମନ୍ଦ କରୁଅଛି ମୋତେ ଗାଳି ଫଜତି/ ଗୁରି ମହାଜନ ଶଳା ଚନ୍ଦ୍ରସେଣ ବେଳୁ ବେଳ ମୋର ବଢାଏ ଭୀତି/କେଡ଼େ ସୁନ୍ଦର ମୁଁ ଛତା ଘେରି କଲି ମାରି ନେଲି ତାକୁ ଛାଗଳ ମୁଖୀ –(ନାଚି ନାଚି ଘର ଯାକ ବୁଲି ବୁଲି ଗାଇଲା ଓ ହୋ ହୋ ହେଇ ହସିଲା)

●

Digitized by PPRACHIN, SOA

Digitized by PPRACHIN, SOA

- ଚୈତନ ଋତି -

ଚରିତ୍ର

ରୂପା ସିଂହ : ବୟସ ୨୬-୨୭ । ଉଚ୍ଚ ଶିକ୍ଷିତା । ଋକିରି କରେ । ସୁନ୍ଦରୀ । ମନରେ ସେଥିପାଇଁ କିଛିଟା ଅହଙ୍କାର । ମୁରବ୍‌ବିୟାନା ଢ଼ଙ୍ଗ । ଗମ୍ଭୀର ସ୍ୱର ।

ରୁଚି ସେନାପତି : ବୟସ ୨୩-୨୪ । ଶିକ୍ଷିତା । ସୁନ୍ଦରୀ । ସ୍ୱଭାବ ସାଧାରଣ । ଆତ୍ମରକ୍ଷା କରିବାର ଚେଷ୍ଟା କରେ । ଆକ୍ରମଣ କରେ ନାହିଁ ।

ଜୀତା ବହିଦାର : ବୟସ ୧୯-୨୦ । ଶିକ୍ଷିତା । ଛାତ୍ରୀ । ସୁନ୍ଦରୀ । ଖୁସିବାସୀ ସ୍ୱଭାବ । ସବୁ କଥାକୁ ଲଘୁଭାବେ ଗ୍ରହଣ କରେ । ଅଧିକାଂଶ ସମୟରେ ହସୁଥାଏ ।

ଚକ୍ରଧର : ଯୁବକ । ଚୈତନର ବନ୍ଧୁ ।

ଚୈତନ : ଶିକ୍ଷିତ ଯୁବକ । ଉଚ୍ଚ ପଦ । କିଛିଟା ଦାୟିତ୍ୱହୀନ ।

●

Digitized by PPRACHIN, SOA

Digitized by PPRACHIN, SOA

ଘଡି ସାଢେ ଆଠଟା । ଚୈତନ ଚୁଟିସିଂହଙ୍କର ଡ୍ରଇଂ ରୁମ୍ । ରୁପାସିଂହ ଭିତର ପଟକୁ ମୁଁହ କରି ସୋଫାରେ ବସିଛି । ସେ ସୁନ୍ଦରୀ ସ୍ୱାସ୍ଥ୍ୟବତୀ ଓ ଦୀର୍ଘାଙ୍ଗୀ । ବୟସ ଛବିଶ ସତେଇଶ ହେବ । ଗମ୍ଭୀର ଓ ମୁରବିୟାନା ଥିଲେବ । ଚୈତନ ବାବୁଙ୍କୁ ଅପେକ୍ଷା କରି କରି କିଛିଟା ବିରକ୍ତ ହୋଇ ଗଲଣି ।

ରୁପା : (କ୍ରମଶଃ ଉଚ୍ଚ ସ୍ୱରରେ ଡାକିଲା) ଚୈତନ ବାବୁ ! ଚୈତନ ବାବୁ ! ଚୈତନ ବାବୁ ! (ଉତ୍ତରକୁ ଅପେକ୍ଷା କରି) ପୂଜାରୀ ! ପୂଜାରୀ ! ଚୈତନ ବାବୁ ! ଚୈତନ ବାବୁ ! (ଉତ୍ତରକୁ ଅପେକ୍ଷା କରି ଘରିଆଡ଼କୁ ଚାହିଁ ଓ କେହି ନ ଆସୁଥିବାର ଦେଖି) କେହି ଆସୁ ନାହାନ୍ତି ତ ! ସତେ କଣ ଘରେ କେହି ନାହାନ୍ତି ? ଦାଣ୍ଡକବାଟ ମେଲା ଅଛି । ଝରକା ଖୋଲା ଅଛି । ଘରେ ଆଲୁଅ ଜଳୁଚି । ଭିତର ଘର ପର୍ଦ୍ଦା ବେଳେ ବେଳେ ହଲୁଚି । ତଥାପି କେହି ଶୁଣୁ ନାହିଁ କାହିଁକି ? ନାଃ—ନିଶ୍ଚେ କେହି ଅଛି । ଚୁପ୍‌ଚାପ୍ ଲୁଚି ବସିଚି—ଯେତେ ଡାକିଲେ ବି ଶୁଣୁ ନାହିଁ । (ସ୍ୱର ଆଉ ଟିକେ ଉଚ୍ଚ କରି) ଚୈତନ ବାବୁ ! ଚୈତନ ବାବୁ ! ଚୈତନ ବାବୁ ! (କିଛି ଉତ୍ତର ନାହିଁ । ଟିକେ ଅପେକ୍ଷା କରି ଭିତରର ଅଦୃଶ୍ୟ ଲୋକମାନଙ୍କ ଉଦ୍ଦେଶ୍ୟରେ ଉଚ୍ଚ ସ୍ୱରରେ) ଚୈତନବାବୁ ଯଦି ନାହାନ୍ତି ତା ହେଲେ ଆଉ କିଏ ଅଛନ୍ତି ? (ଉତ୍ତର ନ ପାଇ) ଆଉ କିଏ ଅଛନ୍ତି ? ଆଉ କଣ କେହି ନାହାନ୍ତି ? ଯିଏ ଅଛନ୍ତି ସିଏ ବାହାରି ଆସନ୍ତୁ । (ଉତ୍ତରକୁ ଅପେକ୍ଷା କରି କିନ୍ତୁ ଉତ୍ତର ନ ପାଇ) ତଥାପି କେହି ଶୁଣୁ ନାହିଁ ! ସତରେ କଣ କେହି ନାହାନ୍ତି ? (ଭିତରକୁ ଉଦ୍ଦେଶ୍ୟ କରି ପୁଣି ଥରେ ଉଚ୍ଚ ସ୍ୱରରେ) ଆଚ୍ଛା ହଉ ! ଠିକ୍ ଅଛି । ଦେଖିବା କେତେବେଳେଯାକେ ନ ଶୁଣିବେ — ଘାଣ୍ଟି ପାରି ବସିଥିବେ ? ଭାବିଚନ୍ତି ଏମିତି ଡାକି ଡାକି ଶେଷରେ ମୁଁ ବିରକ୍ତ ହେଇ ପଳେଇବି । ନାଇଁ ? ଜମା ଯିବି ନାହିଁ । ମୁଁ କହି ଦଉଚି ମୁଁ ଜମା ଯିବି ନାହିଁ । ପଇଁତିରିଶ ମିନିଟ କାଳ ବସିଲିଣି । ଦରକାର ହେଲେ ମୁଁ ଦୁଇଶ ପଇଁତିରିଶ ମିନିଟ ବସିବି । ମୋ ନାଁ ରୁପା ସିଂହ । ଏମ୍. ଏ. ପାସ୍ । ବ୍ୟାଙ୍କରେ ଚାକିରୀ କରେ । ମୁଁ ଏତେ ସହଜରେ ଛାଡ଼ି ଦେଉ ନାହିଁ । ମୁଁ ଏଇଠି ଏ ଡ୍ରଇଂ ରୁମ୍ ସୋଫାରେ ଗୋଡହାତ ଲମେଇ ବସିଥିବି । ଚୁଇଙ୍ଗ୍ ଗମ୍ ଚୋବେଉଥିବି । ନ ବାହାରିଲାଯାକେ

Digitized by PPRACHIN, SOA

ମଝିରେ ମଝିରେ ଡାକ ଛାଡୁଥିବି । ବୁଝିଲେ ? (ସ୍ୱର ଉଚ୍ଚ କରି) ମୁଁ ପଗ୍ରହ୍ମଚି ବୁଝିଲେ ତ ? (ଉତ୍ତରକୁ କାନେଇ ରହିଲେ । କିନ୍ତୁ କିଛି ଉତ୍ତର ନାହିଁ ।) ହଉ - ଠିକ୍ ଅଛି । ଦେଖାଯାଉ କେତେ ସମୟ ପରେ ଆବିର୍ଭାବ ହଉଚି ।

ସୋଫାରେ ବେଶ୍ ଭଲ କରି ଜମେଇ ବସି ପାଟିରେ ଚୁଇଙ୍ଗ୍ ଗମ୍ ପକେଇଲା । କିଛି ସମୟ ପରେ ଘର ଭିତରକୁ ଆସିଛି ରୁଚି ସେନାପତି । ସେ ସୁନ୍ଦରୀ ଓ ସାଧାରଣ ସ୍ୱାସ୍ଥ୍ୟବତୀ ଯୁବତୀ । ଧୀରେ ଧୀରେ ଆସି ସୋଫା ପଛରେ ଛିଡା ହୋଇଛି ।

ରୁଚି : (ଦ୍ୱିଧାଗ୍ରସ୍ତ ସ୍ୱରରେ ଡାକିଲା) ଆଜ୍ଞା –

ରୂପା : (ପଛକୁ ନ ଅନାଇ ଗମ୍ଭୀର ସ୍ୱରରେ) କିଏ ?

ରୁଚି : କ୍ଷମା କରିବେ–ମୁଁ –

ରୂପା : କରି ଦେଲି । ଯାନ୍ତୁ ।

ରୁଚି : ନାଇଁ ମାନେ - ମୁଁ - ମାନେ ମୋ ନାଁ ରୁଚି ସେନାପତି ।

ରୂପା : କାହିଁକି ?

ରୁଚି : (ବୁଝି ନ ପାରି) ମୁଁ - ମାନେ - ମାନେ - ମୁଁ –

ରୂପା : ମୁଁ ପଗ୍ରହ୍ମଚି କାହିଁକି ଆସିଥିଲେ ?

ରୁଚି : ଏଟା କଣ ଚୈତନ ବାବୁଙ୍କ ଘର ?

ରୂପା : ଗେଟ୍‌ରେ ଲେଖା ହେଇଚି ।

ରୁଚି : ସେୟାକୁ ଦେଖି ତ ଆସିଲି ।

ରୂପା : ଭଲ କଲେ । ଏଥର ଯାନ୍ତୁ ।

ରୁଚି : ମୁଁ ଟିକେ ଚୈତନ ବାବୁଙ୍କ ପାଖକୁ ଆସିଥିଲି ।

ରୂପା : ନାହାନ୍ତି ।

ରୁଚି : ଫେରିବେ ?

ରୂପା : ଡେରି ହବ ।

ରୁଚି : କେତେ ?

ରୂପା : ଦୁଇଶ ପଇଁତିରିଶ ମିନିଟ୍ ।

Digitized by PPRACHIN, SOA

ରୁଚି : (ବିସ୍ମୟ ସହ) ତୁଳଣ ପଇଁତିଶ୍ ମିନିଟ୍ ? ଏତେ ସମୟ ? ଆପଣଙ୍କୁ କହି ଯାଇଛନ୍ତି ?

ରୂପା : ନା । ମୁଁ ଗଳିମୁଣ୍ଡ ଅବଧାନଙ୍କ ପାଖରେ ଖଡ଼ି ପକେଇଥିଲି । ସେଇ କହିଲେ । ଆପଣ ଯାନ୍ତୁ ।

ରୁଚି : କଣ ଅବଧାନଙ୍କ ପାଖକୁ ?

ରୂପା : (ବିରକ୍ତି ସହ ଉଚ୍ଚ ସ୍ୱରରେ) ଘରକୁ ! ଘରକୁ ଯାନ୍ତୁ । ଅବଧାନଙ୍କ ପାଖକୁ ! Silly !

ରୁଚି : ଭାବୁଥିଲି ଏଠି ଟିକେ ଅପେକ୍ଷା କରିଯିବି ।

ରୂପା : କାହିଁକି ? ଏଟା କଣ ପାର୍କ ନା ପ୍ଲାଟଫର୍ମ—ଅପେକ୍ଷା କରିଯିବେ

ରୁଚି : ଆପଣ ତ କରିଚନ୍ତି । ଆପଣ କଣ ତାଙ୍କର କିଛି ହୁଅନ୍ତି ?

ରୂପା : ମୁଁ କାହାରି କିଛି ହୁଏ ନାହିଁ ।

ରୁଚି : ମୁଁ ବି ସେୟା ଭାବୁଥିଲି ।

ରୂପା : କଣ ସେୟା ଭାବୁଥିଲେ ?

ରୁଚି : ଭାବୁଥିଲି ଆପଣ ଯେତେ ମୁରବ୍‌ବିୟାନା ଢଙ୍ଗ ଦେଖେଇଲେ ବି ଆପଣ କେବେ ତାଙ୍କର ସ୍ତ୍ରୀ ହେଇ ନ ପାରନ୍ତି ।

ରୂପା : କାହିଁକି ହେଇ ନ ପାରନ୍ତି ?

ରୁଚି : (ଆସି ସୋଫାରେ ବସି) ଯେହେତୁ ସେ ଅପଣଙ୍କୁ ବାହା ହେଇ ନାହାନ୍ତି ।

ରୂପା : (ପରିହାସ ସ୍ୱରରେ) ଓ ! ଏଇଥି ପାଇଁ ? ତାହେଲେ ସେ ଆଉ କାହାକୁ ବାହା ହେଇଚନ୍ତି ?

ରୁଚି : ସେ କାହାରିକି ବାହା ହେଇ ନାହାନ୍ତି । କିନ୍ତୁ ଅନେକ ଝିଅକୁ ହେଇ ପାରନ୍ତି ।

ରୂପା : ଯଥା ?

ରୁଚି : ଯଥା ରୀତା । ରୁକ୍ସାନା । କମଳା । କାଦମ୍ବରୀ । ଲିଜା । ଗଇ । ଦେବତା·

ରୂପା : (ପୂରଣ କରି) ହିଡ଼ିମ୍ବା । ପୂତନା । କୁବ୍‌ଜା । ମନ୍ଥରା—ଆଉ –

ରୁଚି : ଆଉ ରୁଚି ସେନାପତି—ମାନେ ମୋତେ ବି ହେଇ ପାରନ୍ତି—

ରୂପା : (ପରିହାସର ହସ ସହ) ହା - ହା – How interesting ! ମୋତେ ବି ହେଇ ପାରନ୍ତି !

Digitized by PPRACHIN, SOA

ରୁଚି : ଆପଣଙ୍କୁ ବି ହେଇ ପାରନ୍ତି । କିନ୍ତୁ ହେବେ ନାହିଁ ।

ରୂପା : ହା ହା - Still more interesting ! ଅଦ୍ଭୁତ ମଜାର କଥା । ଆପଣ ତ ଚୈତନ ବାବୁଙ୍କ ବିଷୟରେ ଅନେକ କଥା ଜାଣିଚନ୍ତି !

ରୁଚି : ଗଳିମୁଣ୍ଡ ଅବଧାନଙ୍କ ପାଖରେ ଖଡ଼ି ପକେଇଥିଲି ତ – ଆପଣ ବି ଯାନ୍ତୁ । ଖଡ଼ି ପକେଇବେ । ସବୁ କଥା ଜାଣି ପାରିବେ ।

ରୂପା : ବାଜେ କଥା କହନ୍ତୁ ନାହିଁ । ଚୁପ୍‌ଚାପ୍ ଘରକୁ ଯାନ୍ତୁ । ଖଡ଼ି ପକେଇ ଥିଲି ! silly !

ରୁଚି : ଘରକୁ ଯିବି - କଣ ଆପଣଙ୍କ ଇଚ୍ଛାରେ ?

ରୂପା : ହଁ - ହଁ - ମୋ ଇଚ୍ଛାରେ ।

ରୁଚି : ଆପଣ କିଏ ?

ରୂପା : ଆପଣ କିଏ ?

ରୁଚି : ମୁଁ ପଚାରୁଚି ଆପଣ କିଏ ?

ରୂପା : ମୁଁ ହଉଚି ରୂପା ସିଂ । ଏମ୍.ଏ. ପାସ । ବ୍ୟାଙ୍କରେ ଚାକିରି ।

ରୁଚି : ମୁଁ ଆପଣଙ୍କ କୁଷ୍ଠିଆ ପଚାରୁ ନାହିଁ । ମୁଁ ପଚାରୁଚି ଆପଣ ଏଠିକି କାହିଁକି ଆସିଚନ୍ତି ?

ରୂପା : ସେ କଥା ପଚାରିବାକୁ ଆପଣ କିଏ ? ଆପଣ କଣ ଚୈତନ ବାବୁଙ୍କ ମାଈଁ ?

ରୁଚି : ଆପଣ କଣ ତାଙ୍କ ଜେଠେଇ ?

ରୂପା : ଆପଣ ତାଙ୍କ ମାଉସୀ ?

ରୁଚି : ଆପଣ ତାଙ୍କ ପିଇସୀ ?

ରୂପା : ଆପଣ ତାଙ୍କ ଖୁଡୀ ?

ରୁଚି : ଆପଣ ତାଙ୍କ ବୁଢୀ ?

ରୂପା : ଆପଣ ହଉଚନ୍ତି ତାଙ୍କ ବୁଢୀ କାମଚୁଣୀ ।

ରୁଚି : ଆପଣ ହଉଚନ୍ତି ତାଙ୍କ ବୁଢୀ ବାପିଚୁଣୀ ।

ରୂପା : ଆପଣ ବୁଢୀ କାମଚୁଣୀ ।

ରୁଚି : ଆପଣ ବୁଢୀ ନାପିଚୁଣୀ ।

ରୂପା : ଆପଣ ବୁଢୀ କାମଚୁଣୀ ।

ଟଚି : ଆପଣ ବୁଢୀ ନାପିଚୁଣୀ ।

Digitized by PPRACHIN, SOA

ରୂପା : Shut up.

ରୁଚି ; (ହସିକି) ହି ହି ହି ହି–

ରୂପା : I say shut up–

ରୁଚି : I say you shut up–

ରୂପା : You shut up–

ରୁଚି : I say you shut up–

ରୂପା : You shut up–

ରୁଚି : You shut up–

ରୂପା : You shut up–

ରୁଚି : You shut up–

ରୂପା : You–

ରୁଚି : You–

ରୂପା : You–

ରୁଚି : You ବୁଢ଼ୀ ନାପିତୁଣୀ–

ରୂପା : You ବୁଢ଼ୀ କାମତୁଣୀ–

ରୂପା : You ବୁଢୀ ନାପିତୁଣୀ–

(ଉଭୟଙ୍କ ସ୍ୱର କ୍ରମଶଃ ଉଚ୍ଚ ଓ ତୀବ୍ର ହେଇ । ଉଭୟେ ପରସ୍ପର ଆଡକୁ ଅଙ୍ଗୁଳି ଦେଖାଇ ଆସ୍ତେ ଆସ୍ତେ ମାଡ଼ି ଆସିଲେ)

ଗୀତା : (ହଠାତ୍ ପାଟି ମଝିରେ ପଶିଆସିଛି) ହଁ । ହଁ । ହଁ । ଯେ କଣ ? ଯେ କଣ ? ଯେ କଣ ? ଆପଣ ଦିହଣ ପରସ୍ପର ଆଡକୁ ଆଙ୍ଗୁଳି ଦେଖା ଦେଖି ହେଇ ଏମିତି ମାଡ଼ି ଆସୁଛନ୍ତି କାହିଁକି ? ରୁହନ୍ତୁ - ରୁହନ୍ତୁ - ରୁହନ୍ତୁ– (ରୂପା ଓ ରୁଚି ଅଟକିଗଲେ ଓ ଗମ୍ଭୀର ଭାବେ ଯାଇ ନିଜ ନିଜ ଜାଗାରେ ଭିନ୍ନ ଭିନ୍ନ ଆଡ଼କୁ ମୁହଁ କରି ବସିଲେ)

ଗୀତା : (ହସ ହସ ସ୍ୱରରେ) କଣ ହେଇଛି ? ଆପଣମାନେ ଏମିତି ହାତାହାତି ହବାପର୍ଯ୍ୟନ୍ତ ଚାଲିଯାଇଥିଲେ ଯେ ! କଣ ହେଇଛି ?

ରୂପା : (ଗୀତାକୁ ନ ଚାହିଁ ଗମ୍ଭୀର ସ୍ୱରରେ) କିଛି ହେଇ ନାହିଁ ।

ଗୀତା : ଭରି ମଜା କଥା କିନ୍ତୁ । (ହସି ହସି) ହିହିହି- you ବୁଢ଼ୀ କାମତୁଣୀ you ବୁଢୀ ନାପିତୁଣୀ । you ବୁଢ଼ୀ–

ରୂପା : (କଥା ମଝିରେ)ବାଜେକଥା–

Digitized by PPRACHIN, SOA

ଜୀତା : (ହସି ହସି) ଜମା ବାଜେ କଥା ନୁହେଁ । ଏକଦମ୍ ମଜା କଥା - ମନେ ପଡିଗଲା । ଆମ ଘର ଆଗରେ ଗୋଟେ ଦରଜୀ ଥିଲା ଯେ ତାର ଦିଟା ସ୍ତ୍ରୀ । ଜଣକର ଦାନ୍ତ ବଡ଼ ତ ଜଣକର ନଖ ବଡ଼ । ଯୋଉଦିନ ଦିଜଣଙ୍କ ଭିତରେ ପ୍ରେମଭବଟା _ବେଶୀ ହେଇଯାଏ ସେ ଦିନ ଦିହେଁ ଦାନ୍ତ ଆଉ ନଖକୁ ହତିଆର କରି ଫୁଲ୍‌କା ଉପରକୁ ବାହାରି ପଡନ୍ତି । ତା ପରେ ତ ଖାଲି ଆଲେ ଆଲେ ଆଲେ - କିଲେ କିଲେ କିଲେ । ଆଲେ ଆଲେ ଆଲେ-କିଲେ କିଲେ କିଲେ । ଯେ ମାଡ଼ିଆସେ ତ ସେ ମାଡ଼ି ଆସେ ଯେ ମାଡ଼ି ଆସେ ତ ସେ ମାଡ଼ି ଆସେ । ଆମେ ତ ଝରକା ବାଟେ ମଜା ଦେଖୁ ଦେଖୁ ହସି ହସି ଏକଦମ୍ ବେଦମ୍—

ରୂପା : ଏ ସବୁ କଥା ଆମକୁ କହିବାର ମାନେ ? _

ଜୀତା : (ହସିଲା) ହିହିହିହି !କିଛିନାହିଁ । ଗୋଟେ ମଜା କଥା ମନେ ପଡ଼ିଗଲା ତ—

ରୂପା : Silly ! ଆପଣ କିଏ ?

ଜୀତା : ମୋ ନାଁ ହଉଚି ଜୀତା ବହିଦାର । ଏମ୍ ଏ ପଢୁଚି । ସବୁଠୁ ଶସ୍ତା ଶାଢୀ ପିନ୍ଧେ । ଜୋର ବର୍ଷା ହେଲେ ଘରେ ବସି ପ୍ରେମ କବିତା ଲେଖେ । ବାପା ବୋଉଙ୍କୁ ଲୁଚେଇ ଡ୍ରାମା କରେ । ଆପଣ ମାନେ କିଏ ?

ରୂପା : ଜାଣିବା ଦରକାର ନାହିଁ । ତୁମେ ଆସିପାର ।

ଜୀତା : ମୁଁ ଚୈତନ୍ୟ ବାବୁଙ୍କ ପାଖକୁ ଆସିଚି ।

ରୂପା : ତାଙ୍କ ପାଖରେ ତୁମର କି କାମ ?

ଜୀତା : ଜାଣିବା ଦରକାର ନାହିଁ । ଆପଣ ଆସି ପାରନ୍ତି । (ହସିଲା) ହିହିହିହି–

ରୂପା : (ଗମ୍ଭୀର ଭାବେ ତାକୁ ଚାହିଁ) Silly !

ଜୀତା : (ହସି ହସି) କିନ୍ତୁ ଆପଣମାନେ କଣ ଚୈତନ୍ୟ ବାବୁଙ୍କର କିଛି ହୁଅନ୍ତି ?

ରୂପା : ହଁ ସେ ମହିୟସୀ ମହିଳା ହେଉଛନ୍ତି ଶ୍ରୀମତୀ ରୁଚି ସେନାପତି । ଚୈତନ୍ୟ ବାବୁଙ୍କ ମାଈଁ ।

ରୁଚି : ଆଉ ସେ ମଧ୍ୟବୟସୀ ମହିଳା ହେଲେ ଶ୍ରୀମତୀ ରୂପା ସିଂହ । ଚୈତନ୍ୟ ବାବୁଙ୍କ ଜେଠେଇ ।

ଜୀତା : ଆପଣମାନଙ୍କୁ ଦେଖି ମୁଁ ବି ସେୟା ଭାବୁଥିଲି ।

Digitized by PPRACHIN, SOA

ରୂପା : (ଉଗ୍ରସ୍ୱରରେ) କଣ ସେୟା ଭାବୁଥିଲେ ? କଣ ସେୟା ଭାବୁଥିଲେ ? ମୁଁ ଚୈତନ ବାବୁଙ୍କ ଝିଅଠାରୁ ବୋଲି ଭାବୁଥିଲେ ?

ରୁଚି : (ସେଇଭଳି ଉଗ୍ରଭାବେ) ମୁଁ ଚୈତନ୍ୟ ବାବୁଙ୍କ ମାଇଁ ବୋଲି ଭାବୁଥିଲେ ? Nonsense !

ଗୀତା : ଆପଣ ମାନେ ତ ସେୟା କହିଲେ ।

ରୂପା : ଆଜ୍ଞେ ବାଜେ ଲୋକ ଯିଏ ଯାହା କହିଦେଲେ ସେୟା ହେଇଯିବ ?

ରୁଚି : ରୂପା ଦେବୀ ! ମୁଁ ଆଜେବାଜେ ଲୋକ ? ନାଇଁ - ନାଇଁ - ମୁଁ ଆଜେବାଜେ ଲୋକ ?

ରୂପା : ଆପଣ କି ଲୋକ ଆପଣ ଜାଣିଥିବେ ।

ରୁଚି : (ଜୋର୍ ଦେଇ) ରୂପା ଦେବୀ !

ରୂପା : (ଆହୁରି ଜୋର୍ ଦେଇ) ରୁଚି ଦେବୀ !

ରୁଚି : ହୁସିଆର !

ରୂପା : ଆପଣ ବି ହୁସିଆର୍—

ରୁଚି : ଆପଣ ବି ହୁସିଆର୍—

ରୂପା : ଆପଣ ବି ହୁସିଅର୍—

ରୁଚି : ଆପଣ ବି ହୁସିଆର୍—

(ପୁଣି ଥରେ ଉଭୟେ ପରସ୍ପର ପ୍ରତି ଆଙ୍ଗୁଳି ଦେଖା ଦେଖି ହୋଇ ଉଠି ପଡ଼ିଲେ ।)

ଗୀତା : (ବାଧା ଦେବାର ଚେଷ୍ଟାକରି ହସ ହସ ସ୍ୱରରେ) ହଁ। ହଁ। ହଁ - ବସନ୍ତୁ ବସନ୍ତୁ - ପୁଣି ଉଠି ପଡ଼ିଲେ କାହିଁକି ? ପୁଣି ଉଠିପଡ଼ିଲେ କାହିଁକି ? ଚୈତନ ବାବୁ ଶୁଣିଲେ କଣ ଭାବିବେ ?

ରୂପା : (ହଠାତ୍ ତାଙ୍କ କଥା ମନେପଡ଼ିଗଲା । ଉଗ୍ରସ୍ୱରରେ) କାହାନ୍ତି ସେ ଚୈତନ ବାବୁ ? କେଉଁ ବିଲରେ ସେ ପଶିଚନ୍ତି ଏତେବେଳ ଯାଏ ?

ଗୀତା : ଭିତରେ ଥିବେ । ମୁଁ ଭିତରକୁ ଯାଉଚି । ଆପଣମାନଙ୍କ କଥା କହିଦେବି । ଆପଣମାନେ ଅପେକ୍ଷା କରନ୍ତୁ ।

ରୂପା/ରୁଚି : ନା ।

ଗୀତା : ମାନେ ?

ରୂପା : ମାନେ ଆପଣ ଭିତରକୁ ଯାଇ ପାରିବେ ନାହିଁ ।

ଗୀତା : ଆଉ ତାହେଲେ ?

Digitized by PPRACHIN, SOA

ରୂପା : ଯାହା କରିବେ ସବୁ ଏଇଠିଥାଇ କରିବେ । ଭିତରକୁ ଯାଇ ପାରିବେ ନାହିଁ ।

ରୁଚି : ହଁ ହଁ ଏଇଠି ଥାଇ କରିବେ । ଭିତରକୁ ଯାଇ ପାରିବେ ନାହିଁ ।

ଜୀତା : ଧରନ୍ତୁ ମୁଁ ତାଙ୍କୁ ପ୍ରେମ ନିବେଦନ କରିବି କି ଶୋଧାଶୋଧି କରିବି ମୁଁ କଣ ସେ ସବୁ ଏଇଠି ଥାଇ କରିବି ?

ରୂପା/ରୁଚି : ସବ୍‌ବୁ ଏଇଠି ଥାଇ କରିବେ । ଜମା ଭିତରକୁ ଯାଇପାରିବେ ନାହିଁ।

ରୂପା : ଶୋଧା ଶୋଧି କଲେ ଆମେ ବି ଆପଣଙ୍କ ସାଙ୍ଗରେ ମିଶି କରିବୁ । ଘଡ଼ିଏ ହେଲା ଡ଼ାକୁଚି । କେହି ଶୁଣୁ ନାହାନ୍ତି ।

ଜୀତା : (ହସି ହସି) ମୁଁ କିନ୍ତୁ ପ୍ରେମ ନିବେଦନ କରିବି ।

ରୂପା : ପ୍ରେମ ନିବେଦନ କଲେ ବି ଏଇଠି ଥାଇ କରିବେ । ଆମେ ବି ଆପଣଙ୍କ ସାଙ୍ଗରେ ମିଶି କରିବୁ ।

ଜୀତା : ହିହିହିହି ! କି ମଜା ! ସାଙ୍ଗ ହେଇ ପ୍ରେମ ନିବେଦନ କରିବା କି ମଜା ! ତା ହେଲେ ଆସନ୍ତୁ ଆରମ୍ଭ କରଯାଉ– (ହସୁଛି) ହିହିହି–

ରୂପା : ମାନେ ? Silly !

ଜୀତା : ଆଗ ଚୈତନ୍ୟ ବାବୁଙ୍କୁ ଡକାଯାଉ –

ରୁଚି : ହଁ ହଁ - ଡକାଯାଉ । (ଡ଼ାକିଲା) ଚୈତ–

ଜୀତା : (କଥା ମଝିରେ) ରୁଚି ଦେବୀ ! ଆପଣ ବୁଲାରି ବାଘକୁ ଯେମିତି ଡ଼ାକିବେ ଅରଣା ମଇଁଷିକି କଣ ସେମିତି ଡାକିବେ ?

ରୂପା : ମାନେ ?

ଜୀତା : ଆପଣମାନେ ଯେତେବେଳେ ପ୍ରେମ ନିବେଦନ କରିବେ ସେତେବେଳେ କେଉଁ ସ୍ୱରରେ ଡ଼ାକିବେ ଜାଣନ୍ତି ? ବସ୍ତ୍ର ହରଣ ବେଳେ ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ଯୋଉ ସ୍ୱରରେ ଡାକିଥିଲେ ସେଇ ସ୍ୱରରେ ନ ହେଲେ ଘରର ଅଧା କାନ୍ଥରେ ଛକି ବସିଥିବା ବାର ନାରୀ ମାନେ ପଳାୟନପନ୍ଥୀ ନାଗରମାନଙ୍କୁ ଯୋଉ ସ୍ୱରରେ ଡାକନ୍ତି ସେଇ ସ୍ୱରରେ । ନା କଣ ରୁଚି ଦେବୀ ?

ରୂପା : Silly ! Nonsense !

ଜୀତା : ଜମା silly କି nonsense ନୁହେଁ । ଆପଣ ଡ଼ାକନ୍ତୁ ଦେଖିବେ ପ୍ରଭୁଙ୍କର ଆବିର୍ଭାବ ହଉଚି କି ନାହିଁ । ତାହେଲେ ଆଉ ଡେରି କାହିଁକି ? ଡ଼କା ଯାଉ । ଏକ୍ - ଦୁଇ - ତିନ୍ - (ସ୍ୱର ଉଚ୍ଚକରି ଓ ଲହରେଇ) ଭେ ଭେ ଚୈତନ ବାବୁ ଭେ ଭେ–

ରୂପା : (ରାଗିକରି)ଜୀତା ଦେବୀ ! କଣ ଥଟ୍ଟା ହଉଚି ? ଥଟ୍ଟା ? Joke ?

Digitized by PPRACHIN, SOA

ଢୀତା : ହିହିହିହି - ଢମା ନୁହେଁ ।

ରୂପା : ତା ହେଲେ ଯେ ଭେ ଭେ କଣ ? ଭେ ଭେ କଣ ?

ଢାତା : ଯେ ପଗ ବସ୍ତ୍ରହରଣ ବୃତ୍ତର ଘୋଷା । ଚୈତନ ବାବୁ ଭେ ଭେ—(ହସିଲା)

ରୁପା : ଢୀତା ଦେବୀ—

ଢାତା : (ହସି ହସି) ହିହିହି - ହଉ ହଉ-ତା ହେଲେ ଏଥର ଅଧାକାଣ୍ଡ ବୃତ୍ତରେ ଡ଼ାକିବା । ଏକଦମ୍ ଡାକୁଥିବା ଯେ ଡାକୁଥିବା । ଢଣେ କେହି ଆବିର୍ଭାବ ହେଇଯାକେ ଡାକୁଥିବା । ତା ହେଲେ ରୂପା ଦେବୀ ଲୁଚିଦେବୀ ! ଡକା ଯାଉ । ଏକ୍ - ଦୁଇ ତିନ୍—

ସମସ୍ତେ—(ସ୍ଲୋଗାନ ଗୀତ ପରି ଗାଇଲେ) ଚୈତନ ବାବୁ ଚୈତନ ବାବୁ/ବାହାରି ଆସ ଚୈତନ ବାବୁ/ଡ଼ାକୁଅଛୁ ଚୈତନ ବାବୁ ଡାକୁ ଅଛୁ ଡାକୁଥିବୁ । ଥିବୁ ଥିବୁ ଥିବୁ ଥିବୁ । ଚୈତନ ବାବୁ ଚୈତନ ବାବୁ/ବାହାରିବାଯାକେ ଡାକୁଥିବୁ/କୁଆଡ଼େ ଖସିବ ଦେଖୁନବୁ । ଚୈତନ ବାବୁ ଚୈତନ ବାବୁ/ ପଦ୍ମତୋଳା ଡାକୁଥିବୁ/କାହାରି ଆଜ୍ଞାରେ ଡାକୁଥିବୁ । ଚୈତନ ବାବୁ/ ଚୈତନ ବାବୁ କାହାର ଆଜ୍ଞାରେ ଡାକୁଥିବୁ—

ଢୀତା : ନିତେଇମା କାମତୁଣୀ କିତେଇମା ନାପିତୁଣୀ/ତାଙ୍କରି ଆଜ୍ଞାରେ ଡାକୁଥିବୁ/ ଡାକୁଥିବୁ ଡ଼ାକୁଥିବୁ ।

ରୂପା : (ଉଚ୍ଚ ସ୍ୱରରେ) ଢୀତା ଦେବୀ - (ଢୀତା ହସୁଛି) - Silly —

ଲୁଚି : ଲୁହକୁ - ଲୁହକୁ - ପାଟି କରନ୍ତୁ ନାହିଁ । କିଏ ଢଣେ ଆସିଲା ପରି ଦିଶୁଚି—

ଢୀତା : ଦେଖୁଲେ ମୁଁ କଣ କହୁଥିଲି ? ଆପଣମାନେ ଏତେ ସମୟ ଧରି ଡାକୁଥିଲେ କେହି ଆସୁ ନ ଥିଲେ । ଯେମିତି ବାରନାରୀଙ୍କ ପରି ଅଧାକାଣ୍ଡ ବୃତ୍ତରେ ଡାକି ଦେଇଚନ୍ତି—

ରୂପା : (ଜୋର ଦେଇ) ଢୀତା ଦେବୀ—(ଢୀତା ହସୁଛି)

ଚକ୍ର : (ଆସିଛି) ଆପଣମାନେ ଡାକୁଥିଲେ ?

ରୂପା : (ପରିହାସ ସହ) କଣ ଆମ ଡାକ ଏତେ ବେଳ ପରେ ମହା ପ୍ରଭୁଙ୍କର ଶ୍ରୁତିଗୋଚର ହେଲା ? ଆପଣମାନେ କଣ ଅନନ୍ତଶୟନରେ ଥିଲେ ନା ସ୍ୱର୍ଗସାଗରରେ ଭସୁଥିଲେ ? କୁଆଡେ ଗଲେ ଆପଣଙ୍କ ପ୍ରଭୁ ? ତାଙ୍କର କେତେବେଳେ ଆବିର୍ଭାବ ହେବ ? ଆପଣ କିଏ ? ସୁଦର୍ଶନ ଚକ୍ର ?

Digitized by PPRACHIN, SOA

ଚକ୍ର : ମୁଁ ସୁଦର୍ଶନ ଚକ୍ର ନୁହେଁ । ମୋ ନାଁ ଚକ୍ରଧର ଷେଣ୍ଢ । ମୁଁ ଚୈତନ ବାବୁଙ୍କର ଭୂତପୂର୍ବ ବନ୍ଧୁ । ଆପଣମାନେ କିଏ ?

ରୂପା : ଆମେ ତାଙ୍କର ଅଭୂତପୂର୍ବ ବନ୍ଧୁ । ଆପଣ ଆପଣଙ୍କ ଭୂତପୂର୍ବ ବନ୍ଧୁଙ୍କୁ ଡ଼ାକିଦିଅନ୍ତୁ । ଜଲ୍‌ଦି ।

ଚକ୍ର : କାହିଁକି ? ଆପଣମାନେ ଏତେ ରାତିରେ ତାଙ୍କ ଘରକୁ କାହିଁକି ଆସିଛନ୍ତି ?

ରୂପା : ସେ କଥା ପଚାରିବାକୁ ଆପଣ କିଏ ?

ଜୀତା : ହିହିହି– ସେ ପଚାରିଲେ ଚକ୍ରଧର ଚେଣ୍ଡ ।

ଚକ୍ର : (ସଂଶୋଧନ କରି) ଚକ୍ରଧର ଷେଣ୍ଢ ।

ଜୀତା : ଏକା କଥା । ଏକା କଥା । ଚକ୍ରଧର ଷେଣ୍ଢ । ଷେଣ୍ଢଧର ଚକ୍ର । ଦଣ୍ଡଧର ମୁଣ୍ଡ । ମୁଣ୍ଡଧର ଖଣ୍ଡ-

ରୂପା : ଜୀତା ଦେବୀ ! ଚୁପ୍ କରନ୍ତୁ । ଯେତେ ସବୁ ବାଜେ କଥା ! ଆଚ୍ଛା ଷଣ୍ଢଧର - sorry - ଚକ୍ର ଷଣ୍ଢ - sorry - ଜୀତା ଦେବୀ ! ଗୋଟେ ନାଁଟେ ଆପଣଙ୍କୁ ଠିକ୍ କରି କହି ଆସୁନାହିଁ ? ଗୁଡ଼େ ଆଜେବାଜେ ନାଁ ମୁଣ୍ଡରେ ପୂରେଇ ଦଉଛନ୍ତି ? ଆଚ୍ଛା ! ଧରଚଣ୍ଡ–

ଚକ୍ର (ମଝିରୁ) ଚକ୍ରଧର–

ରୂପା : (କିଛିଟା ବିରକ୍ତି ସହ) ହଁ - ହଁ - ମୁଁ ଜାଣିଚି - ଚକ୍ରଧର ! ଆଚ୍ଛା ମିଷ୍ଟର ଷଣ୍ଢ ! ଆପଣ ଚୈତନ ବାବୁଙ୍କୁ ଖବର ଦିଅନ୍ତୁ - ମୁଁ ଭିତରକୁ ଯିବି । ତାଙ୍କ ପାଖରେ ମୋର ଭରି ଜରୁରୀ କାମ ଅଛି ।

ରୁଚି : ରୂପାଦେବୀ ! ଆପଣଙ୍କର କି ଜରୁରୀ କାମ ତାଙ୍କ ପାଖରେ ?

ରୂପା : ସେଥିରୁ ଆପଣ କଣ ପାଇବେ ଶୁଣେ ?

ରୁଚି : ଆପଣ ଜମା ଭିତରକୁ ଯାଇପାରିବେ ନାହିଁ ।

ଜୀତା : (ହସି ହସି) ପ୍ରେମ ନିବେଦନ ବା ଶୋଧାଶୋଧି ଯାହା କରିବେ ସବୁ ଏଇଠୁ ଥାଇ କରିବେ ।

ରୂପା : ମୁଁ ଅଲବତ୍ ଭିତରକୁ ଯିବି ।

ରୁଚି : ଆପଣ ଏଇ ଟିକେ ଆଗରୁ ଜୀତା ଦେବୀଙ୍କୁ ମନା କରୁଥିଲେ ।

ରୂପା : କଣ ହେଇଗଲା ସେଥୁ ?

ରୁଚି : ଏତେ ରାତିରେ ଏକା ଏକା ଭିତରକୁ ଯିବେ ? ଆପଣଙ୍କୁ ଲଜ୍ଜା ଲାଗୁନାହିଁ ?

Digitized by PPRACHIN, SOA

ରୂପା : ଆପଣ ଏକା ଏକା ଏତେ ରାତିରେ ଆସିଛନ୍ତି ଆପଣଙ୍କୁ ଲଜ୍ଜା ଲାଗୁନାହିଁ?

ରୁଚି : ଲାଗୁଚି ବୋଲିତ ଯାଉନାହିଁ ।

ରୂପା : ରୁଚି ଦେବୀ - ଆପଣ ଜାଣନ୍ତି ଚୈତନ ବାବୁ ମୋତେ - ମାନେ ମୋତେ ଭଲ ପାନ୍ତି ?

ରୁଚି : (ପରିହାସ କରି) ସତରେ ? ଆପଣଙ୍କୁ ଭଲ ପାନ୍ତି ? How interesting ?

ରୂପା : ଆଉ କଣ ଆପଣଙ୍କୁ ଭଲ ପାନ୍ତି ? ସେ ମୋତେ ଭଲ ପାନ୍ତି । He loves me—ମୁଁ ଭିତରକୁ ଯିବି ।

ଗୀତା : (ପରିହାସ କରି) ହା ହା –

ରୂପା : ହା ହା କଣ ? ହା ହା କଣ ?silly !

ଗୀତା : (ପୂର୍ବ ପରି ହସି ହସି) ହା ହା - ହା-ହା-

ରୂପା : ମୁଁ ପରିଷ୍କାର କହି ଦେଉଛି ଚୈତନ ବାବୁ ମୋତେ ଭଲ ପାନ୍ତି । ତେଣୁ ମୁଁ ଭିତରକୁ ଯିବି ।

ରୁଚି : ଚୈତନ ବାବୁ ବି ମୋତେ ଭଲ ପାନ୍ତି । ତେଣୁ ମୁଁ ବି ଭିତରକୁ ଯିବି ।

ରୂପା : ରୁଚି ଦେବୀ ! ବାଜେ କଥା କହିବେ ନାହିଁ ।

ରୁଚି : ରୂପାଦେବୀ ! ଆପଣ ବାଜେକଥା କହିବେ ନାହିଁ ।

ରୂପା : ଅଲବତ୍ କହିବି ।

ରୁଚି : ଅଲବତ୍ କହିବେ ନାହିଁ ।

ରୂପା : ଅଲବତ୍ କହିବି ।

ରୁଚି : ଅଲବତ୍ କହିବେ ନାହିଁ ।

ଗୀତା : ହା- ହା- ହା- ହା-(ହସୁଛି)

ଚକ୍ର : ରୂପା ଦେବୀ ! ରୁଚି ଦେବୀ ! ଆପଣମାନେ ଶାନ୍ତ ହୁଅନ୍ତୁ । ଶାନ୍ତ ହୁଅନ୍ତୁ ।

ରୁଚି : କାହିଁକି ହବୁ ? ସେ ତାଙ୍କର ଭିତରକୁଯିବେ । ଆମେ ଦୁଆର ଜଗି ବସି ଶାନ୍ତ ହବୁ ?

ଗୀତା : (ହସି ହସି ଓ ଇଂରେଜିରେ) ହି ହି— ହି ଲଭସ୍ ମି—

ଚକ୍ର : ଶାନ୍ତ ନ ହେଇ ଆଉ କିଛି ଲାଭନାହିଁ ରୁଚି ଦେବୀ ଚୈତନ୍ୟ ବାବୁ ଆଉ ନାହାନ୍ତି ।

ରୂପା ଓ ରୁଚି : (ଚମକି ଉଠି) କଣହେଲା ?ଆଉ ନାହାନ୍ତି ? ମାନେ ଚୈତନ ବାବୁ ଆଉ ନାହାନ୍ତି ? (ଗୀତା କିଛିଟା କୌତୁକ ପ୍ରକାଶ କରି ଶୁଣିଲା)

ଚକ୍ର : ନା - ନାହାନ୍ତି ।

Digitized by PPRACHIN, SOA

ରୂପା : ତାଙ୍କର କଣ ହେଇଥିଲା ?

ଚକ୍ର : କିଛି ହେଇ ନ ଥିଲା - ଗ୍ଭଲିଗଲେ ।

ରୂପା : ଓ ରୁଚି : କିଛି ହେଇ ନଥିଲା । ଗ୍ଭଲିଗଲେ ? ମାନେ ?

ଚକ୍ର : ମାନେ ସେ ପଢ଼େ ପଢ଼େ ଯାଉଥିଲେ । ଖସିପଡ଼ିଲେ ।

ରୂପା : (ବୁଝି ନପାରି) କଣ ପଢ଼େ ପଢ଼େ ଯାଉଥିଲେ- ଖସିପଡ଼ିଲେ ?

ଚକ୍ର : ହଁ ଖସିପଡ଼ିଲେ ଓ ଉଠିପଡ଼ି ଢ଼ାଳେ ଢାଳେ ଗ୍ଭଲିଗଲେ ।

ରୂପା : (କିଛି ବୁଝି ନପାରି) କଣ ପଢ଼େ ପଢ଼େ ଯାଉଥିଲେ - ଖସିପଡ଼ିଲେ - ପୁଣି ଉଠିପଡ଼ି ଢ଼ାଳେ ଢାଳେ ଗ୍ଭଲିଗଲେ ? କଣ ଏସବୁ କହୁଛନ୍ତି ଆପଣ ? ଗପ ? ଗପ କହୁଛନ୍ତି ?

ଚକ୍ର : ଗପ ନୁହେଁ ଦେବୀମାନେ - ଏକଦମ୍ ସତକଥା । ଚୈତନ ବାବୁ ଆଉ ନାହାନ୍ତି । ସେ ବାବାଜୀ ହେଇ ଗଲେଣି ।

ରୂପା ଓ ରୁଚି : କଣ ହେଲା ? ବାବାଜୀ ହେଇଗଲେଣି ? ମାନେ - ଚୈତନ ବାବୁ ବାବାଜୀ ହେଇ ଗଲେଣି ? My goodness !

ରୂପା : ମିଛକଥା । ଏକଦମ୍ ମିଛକଥା । ଚୈତନବାବୁ ଘର ଭିତରେ ଲୁଚିବସିଛନ୍ତି ।

ଜୀତା : ହା ହା - ହି ଲଥଭସ୍ ମି—

ରୂପା : ଜୀତା ଦେବୀ ! (ଜୀତା ହସୁଛି । ଚକ୍ରଧରଙ୍କୁ) ମିଷ୍ଟର ଚକ୍ରଧର - ଆପଣ ସେ ଗଞ୍ଜାଖୋରୀ ଗପ ବନ୍ଦ କରି ଶୀଘ୍ର ଚୈତନ ବାବୁଙ୍କୁ ଏଠିକି ଡ଼ାକନ୍ତୁ । ଜଲ୍‌ଦି । ଆଜି ଯାର ଗୋଟେ ଫଇସଲା ହେଇଯାଉ ।

ଚକ୍ର : ଫଇସଲା ହେଇ ଯାଇଚି । ଚୈତନ ବାବୁ ଆଉ ନାହାନ୍ତି । ଏଇ ଦେଖନ୍ତୁ ତାଙ୍କ ଚିଠି । (ଚିଠି ପକେଟରୁ କାଢି ଦେଖାଇଲା।)

ରୂପା : ସେ ଗଞ୍ଜୋଡ଼ିଆ ଚିଠିଫିଠି ଗୁଡା ପଢିବାକୁ ଆମର ବେଳ ନାହିଁ । ଆପଣ ଜଲ୍‌ଦି ଚୈତନ୍ୟ ବାବୁଙ୍କୁ ଏଠିକି ଡ଼ାକନ୍ତୁ ।

ଚକ୍ର : ଆପଣ ମୋତେ ବିଶ୍ବାସ ଖରନ୍ତୁ ରୂପାଦେବୀ ! ଏ ଚିଠି ସେ ନିଜେ ଲେଖିଯାଇଛନ୍ତି । ଆପଣମାନେ ତାଙ୍କ ହସ୍ତାକ୍ଷର ତ ଚିହ୍ନିଥିବେ । ସେଇଥି ପାଇଁ କହୁଚି—

ରୂପା : ଜମା ଚିହ୍ନିନାହୁଁ ।

Digitized by PPRACHIN, SOA

ଚନ୍ଦ୍ର : ତାହେଲେ ପଢ଼ିବି ?

ରୁଚି : ଆଚ୍ଛା ହଉ ହଉ ପଢ଼ନ୍ତୁ - କଣ ଲେଖା ହେଇଚି ପଢ଼ନ୍ତୁ –

ଚନ୍ଦ୍ର : ହଉ ପଢ଼ୁଚି । (ଚିଠିଟା ଉଚ୍ଚସ୍ୱରରେ ପଢ଼ିବାକୁ ଆରମ୍ଭ କଲେ) ଓଁ ଓଁ ଶ୍ରୀ ଶ୍ରୀ ଶ୍ରୀ ଓଁ ଓଁ ଓଁ–

ରୂପା : ଓହୋ - ଚିଠିଟା ପଢ଼ନ୍ତୁ । ଏତେ ଓଁ ଓଁ କଣ ହେଉଚନ୍ତି ?

ଚନ୍ଦ୍ର : ଚିଠିଟା ପଢ଼ୁଚି ପରା - (ପଢ଼ିଲେ) ଓଁ ଶ୍ରୀକାଳପିଶାଚୀ ନମଃ - ଓଁ ଶ୍ରୀ ଭୂତ ମୁଣ୍ଡେଇଂ ନମଃ - ଓଁ ଶ୍ରୀ ଅନ୍ଧାର ଘୁଡ ଘୁଡ଼ିଂ ନମଃ ଓଁ ଶ୍ରୀ ବ୍ରହ୍ମରକ୍ଷସୀ ନମଃ - ଓଁ - ଓଁ - ଅଦ୍ୟ ଏ ଶୁଭବାରବେଳାରେ ଆମ୍ଭେ ଏହି ଚିଠି ଏଥିପାଇଁ ଲେଖୁଅଛୁ କି ଯେ ଏହା ଦରକାର ବେଳେ କର୍ମରେ ଆସିବ । ଆମ୍ଭେ ନିଜେ ଦିଗ୍‌ବିଦିଗ ଶୂନ୍ୟ ହୋଇଥିଲେ ମଧ୍ୟ ଏ ଚିଠିର ଦିଗ୍ ନିର୍ଦ୍ଦେଶ କରି କହୁଅଛୁଯେ ଏ ଚିଠି ଯାହା ପାଇଁ ଏହା ତାହାପାଇଁ ।

ରୁଚି : ଏ ଚିଠି ଯାହାପାଇଁ ଏହା ତାହା ପାଇଁ ? ମାନେ ?

ରୂପା : ମାନେଟେ ଗୋଟେ କଣ ? ଏ ଚିଠି ଯାହା ପାଇଁ ତାହା ପାଇଁ ମାନେଟା କଣ ?

ରୁଚି : ମୁଁ ପରା ସେୟା ପଚାରୁଚି ଏ ଚିଠି କାହାପାଇଁ ?

ରୂପା : ଓହୋ ! ଏଇ ସାମାନ୍ୟ କଥାଟା ବୁଝିପାରୁନାହାନ୍ତି ? ଏ ଚିଠି ଯାହାପାଇଁ ଏହା ତାହା ପାଇଁ । ବୁଝିଲେ ? ଯଦି ଆହୁରି ପରିଷ୍କାର କରି ବୁଝିବାକୁ ଚାହୁଁଥାନ୍ତି ତାହେଲେ ବୁଝନ୍ତୁ ଯେ ଏ ଚିଠି ମୋ ପାଇଁ ।

ରୁଚି : (ପରିହାସ ସହ) ସତରେ ? ଆପଣଙ୍କ ପାଇଁ ? ଏ ଚିଠି ଆପଣଙ୍କ ପାଇଁ ?

ଜୀତା : ହିହିହି - ହି ଇଅଭସ୍ ମିଇ - ହିହିହି -

ରୂପା : ଜୀତା ଦେବୀ - (ଜୀତା ହସୁଛି)

ଚନ୍ଦ୍ର : ହଉ ହଉ ଚିଠିଟା ଆଗ ଶୁଣି ସାରନ୍ତୁ । ତା ପରେ ଠିକ୍ କରିବେ ଏ ଚିଠି କାହା ପାଇଁ । (ପଢ଼ିଲେ) ହଁ - ତାପରେ - ଆମ୍ଭେ ବହୁବିଧଭାବେ ହାରସିତ–

ରୁଚି : ହାରସିତ - ?

ଚନ୍ଦ୍ର : ହାରସ୍‌ରୁ ହାରସିତ । ଟ୍ରବଲରୁ ଟ୍ରବଲିତ -

ଜୀତା : Beautiful ! beautiful ! ଏଟା ହେଲା ଓଡ଼ିଆ ଓ ଇଂଲିସ - ଓଡ଼ିଙ୍ଗ୍ଲିସ । ଅ କିମ୍ବା ଆ ପରେ ଖୋ କିମ୍ବା ଧୋ ଥିଲେ ଉଭୟେ ମିଶି ଛୋ ହୁଅନ୍ତି ଏବଂ ଛୋ ପୂର୍ବବର୍ଣ୍ଣରେ–

Digitized by PPRACHIN, SOA

ରୂପା : ଜୀତା ଦେବୀ - ଟିକେ ଚୁପ୍ ହେଇ ବସି ପାରୁ ନାହାନ୍ତି ମିଷ୍ଟର ଷଣ୍ଢ !
ପଢନ୍ତୁ—

ଚକ୍ର : (ପଢିଲା) ଆମ୍ଭେ ବହୁବିଧଭାବେ ହାଁଉସିତ ଓ ଟ୍ରବଲିତ ଶ୍ରୀ ଚୈତନ ଚୁଟିସିଂହ -

ରୁଚି : କଣ କହିଲେ ? ଚୁଟି ସିଂହ ? ଏମିତିକା ବାଜେ ନାଁଟେ ଚୈତନ ବାବୁଙ୍କର
ଅଛି ବୋଲି ତ ମୁଁ ଜାଣି ନ ଥିଲି ।

ରୂପା : ଏଥର ତ ଜାଣିଲେ । ଆଉ ବସିଲେ କାହିଁକି ? ଖସନ୍ତୁ—

ରୁଚି : କଣ ଆପଣଙ୍କ ଇଚ୍ଛାରେ ?

ରୂପା : ତା ହେଲେ ଚୁପ୍‌ଚାପ୍ ହେଇ ବସି ଶୁଣନ୍ତୁ । ବକ୍ ବକ୍ କରନ୍ତୁ ନାହିଁ ।
ହଁ - ଚକ୍ରଧର ବାବୁ—

ଚକ୍ର : (ପଢିଲା) ଆମ୍ଭେ ଶ୍ରୀ ଚୈତନ୍ ଚୁଟିସିଂହ—ଚିରଚିର ଅଧିର ହୃଦୟ ଓ
ଅଧୀର ପ୍ରାଣରେ ଆଜି ଏହି ଚିଠି ଲେଖୁଅଛୁ ଏବଂ କରଜ ସୂତ୍ରେ କିଣିତ—

ଜୀତା : ମାନେ କିଣ୍‌ନ୍ତୁ କିଣିତ ଭିଣ୍ଣୁନ୍ତୁ ଭିଣିତ ଭିଣ୍‌ନ୍ତୁ—

ରୂପା : (ତାଗିଦ୍ କରି) ଜୀତା ଦେବୀ ! ହଁ ପଢନ୍ତୁ-ମିଷ୍ଟର ଚକ୍ର ପଢନ୍ତୁ - ପଢନ୍ତୁ !

ଚକ୍ର : ଏବଂ କରଜ ସୂତ୍ରେ କିଣିତ ଏଇ ବାବାଜୀ ଜଟା ଧରି ଶପଥ କରୁଅଛୁ
ଯେ ଏହା ପରେ ଯାହା କହିବୁ ସତ କହିବୁ । କାରଣ ଆମ୍ଭେ ଆତ୍ମରକ୍ଷା
ନିମନ୍ତେ ଯତ୍‌ପରୋନାସ୍ତି ଚେଷ୍ଟା କରିବା ସତ୍ତ୍ୱେ ଅକସ୍ମାତ୍ ଏକ ସତ୍ୟ -
ହାବୁଡ଼ରେ ପଡ଼ି ଯାଇଅଛୁ ଏବଂ ସେଥିପାଇଁ ଅନନ୍ୟୋପାୟ ହୋଇ ଏ
ମିଛମାୟା ସଂସାରକୁ ତ୍ୟାଗ କରିବାକୁ ମନସ୍ଥ କରିଅଛୁ ।

ରୁଚି : ବାଜେ କଥା ! ଏକଦମ୍ ବାଜେ କଥା !

ରୂପା : ମିଷ୍ଟର ଷଣ୍ଢ ! ଆପଣ ସେମିତି ଥରକୁ ଥର ପଢ଼ା ବନ୍ଦ କରି ଯାକୁ ତାକୁ
ଭେଇକାଙ୍କ ପରି ଅନେଇବେ ନାହିଁତ—

ଚକ୍ର : ନାଇଁ ନାଇଁ ମୁଁ କାହାକୁ ଅନଉ ନାହିଁ । ପଢୁଚି । (ପଢିଲା) ଏ ଦୁଃଖ ଚିଠି
ଲେଖିବାକୁ ଆମ୍ଭେ ଏକ ମୂଷାମାଟି ରଣଭଣିତ ଓ ପାଗଗୁହ ଫଣ ଫଣିତ
ଗୁହା ଖୋଜି ପାଇବାକୁ ଆପ୍ରାଣ ଚେଷ୍ଟା କରିଥିଲୁ ଯଦ୍ୱାରା ଆମ୍ଭର ଦୁଃଖ
ଯଥୋଚିତ ଭାବେ ଏ ଚିଠିରେ ପ୍ରକାଶିତ ହୋଇ ପାରିବ । କିନ୍ତୁ ଆଜି
କାଲିକାର ରଙ୍ଗ ଜେମାମାନେ ତାଙ୍କର ଭାବୀ ସ୍ୱାମୀମାନଙ୍କ ପାଇଁ ଏଭଳି

Digitized by PPRACHIN, SOA

ଏକ ଘରେ ଶୋଇ କନ୍ଦାକଟା କରିବାକୁ ଆଉ ପସନ୍ଦ କରୁ ନ ଥିବାରୁ ଏ ଭଳି ଗୃହ ଆଉ ତ୍ୟାରିଚ ହେଉ ନାହିଁ । ତେଣୁ ଅଗତ୍ୟା ଆମ୍ଭେ ଆମ୍ଭର ଗୃହକୁ ଚତୁର୍ଦ୍ଦିଗରୁ ନିବୁଜ କରି ତା ମଧ୍ୟରେ ବହୁବିଧ ଦୁର୍ଗନ୍ଧ ଦ୍ରବ୍ୟମାନ ଯଥା ପଗ୍ଦ ଗୋବର, ପଗ୍ଦ ଶୁଖୁଆ, ହରିପୂରିଆ ନର୍ଦ୍ଦମାର ବହଳିଆ ରସ, ପସାରୁଣି ପତ୍ର, କୁକୁଡ଼ା ଫାର୍ମର ମଇଳା ପ୍ରତ୍ୟେକରୁ ଦୁଇ ବା ତିନି କେଜି ଏକତ୍ରିତ କରିଅଛୁ ଏବଂ ସେ ଦୁର୍ଗନ୍ଧକୁ ପୁନଃ ପୁନଃ ଆଘ୍ରାଣ ପୂର୍ବକ ଏ ଚିଠି ଲେଖୁଅଛୁ । ଆଶାକରୁ ଏତଦ୍ୱାରା ଆମ୍ଭେ ଆପଣମାନଙ୍କୁ ଆମ୍ଭର ଦୁଃଖ ସମ୍ବନ୍ଧରେ ସମ୍ୟକ ଜ୍ଞାନ ଦେଇ ପାରିବୁ । ଅତଏବ ଅଛଂ ଶୁଭମସ୍ତୁ ଶୁଭମସ୍ତୁ । ଆମ୍ଭେ ଶ୍ରୀ ଚୈତନ ଚୁଟିସିଂହ –

ରୂପା : ଓହୋ - ସେଇ ନାଁଟାକୁ ପନ୍ଦରଥର ନ କହିଲେ ଚଳିବ ନାହିଁ ?

ଚନ୍ଦ୍ର : ଚଳିବ । ଚଳିବ । (ପଢ଼ିଲା) ଆମ୍ଭେ ଶ୍ରୀ ତ୍ୟାସ ସିଂହ ଏ ମାସର ଦରମା ପାଇବା ପରଦିନ ସନ୍ଧ୍ୟାରେ ଜଣୈକା ସୁନ୍ଦରୀ ଯୁବତୀଙ୍କୁ ନେଇ–

ରୁଚି : ଜଣୈକା ସୁନ୍ଦରୀ ଯୁବତୀଙ୍କୁ ନେଇ ? My goodness !

ରୂପା : ସୁନ୍ଦରୀ ଯୁବତୀକି ନୁହେଁ ଆଉ କଣ ବୁଢ଼ୀ ନାପିତୁଣୀକି ନେଇ ?

ରୁଚି : ରୂପାଦେବୀ ! ଆପଣଙ୍କୁ ଟିକେ ଲଜ୍ଜା ଲାଗୁନାହିଁ ! ଆପଣ କହୁଚନ୍ତି ଚୈତନ ବାବୁ ଆପଣଙ୍କୁ ଭଲ ପାନ୍ତି ?

ରୂପା : ସେମିତିକା ଆଜେ ବାଜେ କଥା କହିବେ ନାହିଁ ।

ରୁଚି : ଆଜେ ବାଜେ କଥା ? ଯୁବତୀ ସ୍ତ୍ରୀକୁ ନେଇ - ଆଜେ ବାଜେ କଥା ?

ରୂପା : ରୁଚି ଦେବୀ ! ଟିକେ ଚୁପ୍ ହେବେ ? (ଷ୍ପଷ୍ଟକୁ) ମିଷ୍ଟର ଚନ୍ଦ୍ର । ଆପଣ ପଢୁ ନାହାନ୍ତି କାହିଁକି ?

ଚନ୍ଦ୍ର : ହଁ ହଁ - ପଢୁଚି ପଢୁଚି । (ପଢ଼ିଲା) ଜଣୈକା ଯୁବତୀ ସ୍ତ୍ରୀକୁ ନେଇ ପାନ ଭୋଜନ ସାରି ରାତି ଏଗାରଟାରେ–

ରୁଚି : ଯୁବତୀ ସ୍ତ୍ରୀକୁ ନେଇ ରାତି ଏଗାରଟାରେ ? Scandalous !

ରୂପା : ଓହୋ - ଶୁଣନ୍ତୁ ହୋ–

ରୁଚି : ଏଗୁଡ଼ା ନିହାତି ବଜାରୀ କଥା ଗୁଡା - ଶୁଣନ୍ତୁ ହୋ ! ଲୋକମାନେ ଯୁବତୀ ସ୍ତ୍ରୀକୁ ଧରି ରାତି ଏଗାରଟାରେ ଘରକୁ ଫେରିବେ - ମୁଁ ଶୁଣିବି ?

Digitized by PPRACHIN, SOA

ଢୀଟା : ହିହିହି - ସେ ପୁଣି ଜନୈକା ସୁନ୍ଦରୀ ଯୁବତୀ ସ୍ତ୍ରୀ ଅଥଚ ଆପଣମାନେ ହେଲେ ହିହିହି -

ଚକ୍ର : ଯୁବତୀସ୍ତ୍ରୀଙ୍କୁ ନେଇ ନୁହେଁ । ଏକୁଟିଆ ।

ରୁଚି : ଆପଣ କେମିତି ଜାଣିଲେ ?

ଚକ୍ର : ଏଇ ଚିଠିରେ ଅଛି । ଆପଣ ଟିକେ ଚୁପ୍‌ଚାପ୍ ହେଇ ଶୁଣନ୍ତୁ ଜାଣି ପାରିବେ । (ପଢ଼ିଲା) ଗତି ଏଗାରଟାରେ ଘରେ ପହଞ୍ଚି ହଠାତ୍ ଆବିଷ୍କାର କଲୁ ଯେ ଆମ୍ଭର ଯାବତୀୟ ପକେଟମାନ ଶୂନ୍ୟ ଓ ନିର୍ଜନ ହୋଇ ଯାଇଅଛି । ଆମ୍ଭେ ପକେଟଉଠାଣ କାରୀ ଦୁର୍ବୃତ୍ତମାନଙ୍କ ଶ୍ୟେନ ଦୃଷ୍ଟିରୁ ଆମ୍ଭର ପକେଟମାନଙ୍କୁ ଅହରହ ରକ୍ଷା କର୍ଯିବା ସତ୍ତ୍ୱେ ସେମାନଙ୍କର ଏ ଭଳି ଚିଗେଟ ଅବସ୍ଥାର କାରଣ ହଠାତ୍ ପଇଠ ନ ହେବାରୁ ଆମ୍ଭେ ତତ୍‌କ୍ଷଣାତ୍ ଆମ୍ଭର ପକେଟମାନଙ୍କରେ ଛିଦ୍ରମାନଙ୍କ ଉପସ୍ଥିତି ସମ୍ବନ୍ଧରେ ସର୍ଚ୍ଚନ ଆରମ୍ଭ କରିଦେଲୁ—

ଢୀଟା : ସର୍ଚ୍ଚ୍ଛ ସର୍ଚ୍ଚନ । ଯେମିତି ଅର୍ଚ୍ଚ୍ଛ ଅର୍ଚ୍ଚନ । ଖର୍ଚ୍ଚ୍ଛ ଝର୍ଚ୍ଚନ । ଅଃ କିମ୍ବା ଆଃ ପରେ ଚ୍ଚ ବା ଛ୍ଚ ଥିଲେ—

ରୂପା : (ଜୋର୍ ଦେଇ) ଢୀଟା ଦେବୀ—

ଚକ୍ର : (ପଢ଼ିଲା) କିନ୍ତୁ alas ! ଆମ୍ଭେକୌଣସି ଛିଦ୍ରର ପ୍ରମାଣ ପାଇଲୁ ନାହିଁ । ଏହି ସମୟରେ ଆମ୍ଭର ହଠାତ୍ ସ୍ମୃତିଗୋଚର ହେଲା ଯେ ଉକ୍ତ ଯୁବତୀଙ୍କ ସୌନ୍ଦର୍ଯ୍ୟରେ ବିମୋହିତ ହୋଇ—

ରୁଚି : ଗୋଟେ ନିହାତି ବଜାରୀ ଲୋକଟେ ଦେଖୁଚି—

ରୂପା : (କଥା ଉପରେ ମାଡ଼ିବସି) Shut up please—

ଚକ୍ର : ବିମୋହିତ ହୋଇ ପାନ ଭୋଜନ ଓ ବଜାର ଭ୍ରମଣ କରିବା ସମୟରେ ଆମ୍ଭର ଦରମା ମୁଦ୍ରାମାନେ ଆମ୍ଭ ପକେଟରୁ ବାହାରି ବଜାରଗ ବିଭିନ୍ନ ଏକ ତରଫା ଗସ୍ତାମାନଙ୍କରେ ଗ୍ଲଳିଯାଇ ଅଛନ୍ତି ଏବଂ ଯେହେତୁ ଏଭଳି ମୁଦ୍ରାମାନେ ଅତୀବ କୃତଘ୍ନ ତେଣୁ ସେମାନଙ୍କର ଆମ୍ଭର ପକେଟ ମାନଙ୍କୁ ଓ୍ୱାପସିତ ହେବାର କୌଣସି ସମ୍ଭାବନା ନାହିଁ ।

ଢୀଟା : Beautiful-beautiful— ଓ୍ୱାପସିତ - ଓ୍ୱାପସରୁ ଓ୍ୱାପସିତ ଓ୍ୱା ବା ହ୍ୱା ପରେ ଖ୍ୱା ବା ଧ୍ୱା । ଥିଲେ ଉଭୟେ ମିଶି—

Digitized by PPRACHIN, SOA

ରୂପା : (ଜୋର ଦେଇ) ଜାତା ଦେବୀ—(ଜାତା ହସୁଛି) Please-please-

ଚନ୍ଦ୍ର : ଆମ୍ଭର ସଙ୍ଗେ ସଙ୍ଗେ ଚୈତନ୍ୟୋଦୟ ହେଲା ଓ ଆମ୍ଭେ ତତ୍‌କ୍ଷଣାତ୍ ଆମ୍ଭର ଉକ୍ତ ପକେଟରକ୍ଷିତ ଓ ଗୁହପାଳିତ ଯାବତୀୟ ପଳାୟିତ ମୁଦ୍ରା ମାନଙ୍କ ବିଦାୟ ଉପଲକ୍ଷେ ପଚିଶ ଗ୍ରାମ୍ ଅଶ୍ରୁ ବିମୋଚନ କଲୁ । ତପରେ ଆମ୍ଭେ ଗେମଛନ କରି ଜାଣିବାକୁ ପାଇଲୁ ଯେ ନାରୀ ସଂଗ ଯୋଗୁ ଗତ ଛ ମାସ ଧରି ଆମ୍ଭର ପକେଟମାନଙ୍କର ଏଭଳି ଦୁସ୍ଥ ଅବସ୍ଥା ବାରମ୍ବାର ଘଟୁଅଛି ଏବଂ ଆମ୍ଭର ଆର୍ଥିକ ଅବସ୍ଥା ଶୂନ୍ୟରୁ ଶୂନ୍ୟତମ ଆଡକୁ ଗତି କରୁ ଅଛି । ଏହା ଉପଲବ୍ଧି ହେଲାମାତ୍ରେ ଆମ୍ଭେ ଆମ୍ଭର ନିଶର ଅବଶିଷ୍ଟାଂଶକୁ ସ୍ପର୍ଶ କରି ଶପଥ କଲୁ କି ଆମ୍ଭେ ଆଉ ନାରୀସଙ୍ଗ କରିବୁ ନାହିଁ । ନାରୀସଙ୍ଗ ଦୂରେ ଥାଉ —

ରୁଚି : କିଏ କହୁଥିଲା କରିବାକୁ ?

ଚନ୍ଦ୍ର : (ପଢିବା ଗ୍ଲଲିଛି) ନାରୀ ନାମ ଶ୍ରବଣ ମଧ୍ୟ କରିବୁ ନାହିଁ । ନାରୀ ମିଶ୍ରିତ ଶବ୍ଦ ଯେଭଳି କି ଡ଼ିକ୍‌ସନାରୀ, ସୁନାରୀ, କିନାରୀ, ଅଡ଼ିନାରୀ ଇତ୍ୟାଦି ଶବ୍ଦମାନ ଆଉ ଉଚ୍ଚାରଣ କରିବୁ ନାହିଁ । କିମ୍ବା ନିତାନ୍ତ କରିବାକୁ ହେଲେ ଭଉବୋହୂ ଦେଢ଼ଶୁରଙ୍କ ନାମ ଉଚ୍ଚାରଣ କରିବା ପ୍ରକାରେ ନ ସ୍ଥାନରେ ର ଓ ର ସ୍ଥାନରେ ନ କହି କରିବୁ । ଏହାଛଡା କୃଷ୍ଣ ନାମ ଆଜିଠାରୁ ମୋ ଶ୍ରବଣେ ନ ଶୁଣାଇବଟି କେହି ଗୋ ବ୍ରଜରେ ଗୋଟିଏ ଗୀତ ଫାନ୍ଦି ତାକୁ ସଦାସର୍ବଦା ଗାଇବାରେ ଲଗିଲୁ । କିନ୍ତୁ alas ! ଆମ୍ଭେ ଜାଣି ନ ଥିଲୁ ଯେ ଆମ୍ଭର ନାରୀବନ୍ଧୁମାନେ ଏତେ ଧୂର୍ତ୍ତୀ ।

ରୁଚି : ଧୂର୍ତ୍ତୀ ? ଧୂର୍ତ୍ତୀ ପୁଣି କଣ ?

ଚନ୍ଦ୍ର : ଧୂର୍ତ୍ତୀ ବୁଝିପାରିଲେ ନାହିଁ ? ଧୂର୍ତ୍ତର ସ୍ତ୍ରୀଲିଙ୍ଗ ହେଲା ଧୂର୍ତ୍ତୀ—

ରୂପା : ଓ —

ଜାତା : ଦେଖିଲେ ରୁଚି ଦେବୀ - ରୂପା ଦେବୀ କେମିତି ଚଟ୍ କରି ବୁଝିଗଲେ । ସେ ନିଜେ ଭରି ଧୂର୍ତ୍ତୀ କି ନା—

ରୂପା : (ତାଗିଦ୍ କରି) ଜାତା ଦେବୀ ! ଆପଣଙ୍କୁ କେହି କିଛି ପଗ୍ଲରୁ ନାହିଁ । ଆପଣ ଚୁପ୍ କରନ୍ତୁ । ଚନ୍ଦ୍ର ବାବୁ ! ଆପଣ କାହିଁକି ପଢ଼ାଟାକୁ ବନ୍ଦ କରିଦେଉଚନ୍ତି ? ପଢନ୍ତୁ —

Digitized by PPRACHIN, SOA

ଚକ୍ର : ମୁଁ କଣ ବନ୍ଦ କରି ଦେଉଛି ? ଆପଣମାନେ ତ ପଢ଼ା ଭିତରେ ନାନା କଥା ପୂରେଇ ଦଉଚନ୍ତି । ହଉ - ଶୁଣନ୍ତୁ - (ପଢ଼ିଲା) ଆମ୍ଭେ ସେମାନଙ୍କୁ ଯେତେ ଫାଙ୍କି ଫାଙ୍କି ବୁଲିଲେ ବି ସେମାନେ ଆମ୍ଭକୁ ଧରିବାକୁ ନାନା ଚେଷ୍ଟାକଲେ । ଆମ୍ଭେ ଡ଼ାଙ୍କେ ଡ଼ାଙ୍କେ ଗଲେ ସେମାନେ ପତ୍ରେ ପତ୍ରେ ଗଲେ । ଆମ୍ଭେ ପତ୍ରେ ପତ୍ରେ ଗଲେ ସେମାନେ ଶିରେ ଶିରେ ଗଲେ । ଆମ୍ଭର ଅବସ୍ଥା ସଙ୍ଗୀନ ହୋଇଗଲା । ସଂସାର ବଡ ଜଞ୍ଜାଳମୟ ବୋଧ ହେଲା ଏବଂ ମୋହ ମୁଦ୍‌ଗର ପରି ଶାସ୍ତ୍ରଉପଦେଶମାନ ମୁହୁର୍ମୁହୁ ସ୍ମରଣ ହେଲା । ଯୁବତୀ ସ୍ତ୍ରୀ ମାନେ ମାଡ଼ି ଆସୁଛନ୍ତି । ଅଥଚ ଆମ୍ଭର ପଳାୟନର ପନ୍ଥା ନାହିଁ । ତେଣୁ ଆମ୍ଭେ ନିରୁପାୟ ହୋଇ ଏକ ଅମାବାସ୍ୟା ତିଥିରେ ଶହେ ଗ୍ରାମ ଗଞ୍ଜିକା ସେବନ ପୂର୍ବକ ଏକ ନିର୍ଜନ ପ୍ରାନ୍ତରରେ ମଧ୍ୟରାତ୍ରୀ ରେ ଧରଣୀଶାୟୀ ହେଲୁ ଓ ବହୁ ବିଶ୍ଳେଷଣ କରି ସ୍ଥିର କଲୁ ଯେ ଯୁବତୀ ବନ୍ଧୁ ମାନଙ୍କ ସହ ସମ୍ମୁଖ ସମରରେ ଆମ୍ଭର ପରାଜୟ ସୁନିଶ୍ଚିତ । ତେଣୁ ସନ୍ୟାସ ଗ୍ରହଣ କରି ଏ ସଂସାର ତ୍ୟାଗ କରିବା ଛଡ଼ା ଆମ୍ଭ ସମକ୍ଷରେ ଅନ୍ୟ କୌଣସି ପନ୍ଥା ନାହିଁ ।

ରୁଚି : ପନ୍ଥା ନାହିଁ ? ଧପ୍‌ପାବାଜ ! ଫନ୍ଦିବାଜ !

ଚକ୍ର : (ପଢ଼ିବା ଗ୍ରଲିଛି) ତେଣୁ ପରଦିନ ଆମ୍ଭେ ବିଭିନ୍ନ ସ୍ଥାନରେ ବିଭିନ୍ନ ନାମରେ ଓ ବିଭିନ୍ନ ରୂପରେ ପ୍ରକାଶିତ ହେବା ଉଦ୍ଦେଶ୍ୟରେ ବିଭିନ୍ନ ଆକାରର ଜଟାଦାଢ଼ି ଓ ନିଶମାନ କିଣିନେଲୁ ଓ ଆଜିପର୍ଯ୍ୟନ୍ତ ଆମ୍ଭର କୋଟ୍‌ରେ ଓ କରତ ଗୁଣ୍ଡ ବସ୍ତା ପଛପଟେ ଲୁଚିତ ଅବସ୍ଥାରେ ଥିଲୁ । ଆଜି ପ୍ରକାଶିତ ହୋଇ ବିଭିନ୍ନ ଦୁର୍ଗନ୍ଧ ଦ୍ରବ୍ୟମାନ ଆଘ୍ରାଣ ପୂର୍ବକ ଏ ଚିଠି ଲେଖା ଶେଷ କରୁଅଛୁ । ଜଟା ଦାଢ଼ି ଆଦି ପିନ୍ଧା ସରିଛି । ଦଣ୍ଡ କମଣ୍ଡଳୁ ପ୍ରସ୍ତୁତ ଅଛି । ଚିତା କଟା ସରିଛି । ଏହାପରେ ଫିତା କାଟିବୁ ଓ ବାଟ କାଟିବୁ ।

ଜୀତା : (ହସି ହସି) ଏହାପରେ ସମସ୍ତଙ୍କୁ ଚିତା କାଟିବୁ । ହିହିହିହି–

ରୁଚି : ଲୋକଟା ଏକଦମ୍ ଧପ୍‌ପାବାଜ ଅଛି !

ରୂପା : ଖାଲି ଧପ୍‌ପାବାଜ ନୁହେଁ । ଗୋଟେ ବୁଢ଼ା ଗାଲୁବାଜ୍–

ଜୀତା : ରୂପାଦେବୀ ! ରୁଚି ଦେବୀ ! ହି ଲଅଭ୍‌ସ ମିଇ - ହିହିହିହି -

ରୂପା : (ରାଗିଯାଇ କରି) ଜୀତା ଦେବୀ - (ଜୀତା ହସୁଛି)

Digitized by PPRACHIN, SOA

ଚକ୍ର : ଆଉ ଅଳ୍ପ ଅଛି । ଶୁଣନ୍ତୁ (ପଢିଲା) ଗୋଟିଏ ଶେଷ କଥା କହି ଆମ୍ଭେ ଆମ୍ଭର ଦୁଃଖ କାହାଣୀ ଶେଷ କରିବୁ । ସଂସାରକୁ ତୁଚ୍ଛ ଓ ଅସାର ମନେକରି ଆମ୍ଭେ କତିପୟ ପ୍ରବନ୍ଧ ଲେଖିଅଛୁ । ପକେଟର ଶୂନ୍ୟ ଅବସ୍ଥା ଆସିଗଲେ ତାହା ଅବୋଧ୍ୟ କବିତାରୂପେ ଉତ୍ତସ୍ୱରରେ ପଠିତ ହୋଇପାରେ । ଏଥିରେ ପକେଟର ଶୂନ୍ୟ ଅବସ୍ଥା ଦୂର ହେବନାହିଁ । କିନ୍ତୁ ଚରମ ବୁଦ୍ଧି ଶୂନ୍ୟତା ଆସିଯିବ ଏବଂ ତାପରେ ସବୁ କିଛି ଆନନ୍ଦମୟ ମନେହେବ । କାରଣ ଚରମ ବୁଦ୍ଧିଶୂନ୍ୟତା ପରମ ଆନନ୍ଦଲାଭର ଏକମାତ୍ର ଉପାୟ । ଯିବାକୁ ଇଚ୍ଛା ନ ହେଲେ ମଧ୍ୟ ଯାଉଅଛୁ । କାରଣ ସେ ଯୁବତୀ ବନ୍ଧୁମାନଙ୍କର ରୂପରାଜି ସ୍ମୃତିଗୋଚର ହେଲା ମାତ୍ରେ ଆମ୍ଭର ହୃତକମ୍ପ ଜାତ ହେଉଅଛି । ତେଣୁ ଆଉ ରହିବାକୁ ସାହସ ହେଉନାହିଁ । କିନ୍ତୁ ଯିବା ପୂର୍ବରୁ ପ୍ରଭୁଙ୍କୁ କହୁଅଛୁ ହେ ପ୍ରଭୁ ! ଆମ୍ଭର ଯୁବତୀ ବନ୍ଧୁମାନେ କଣ କରୁଛନ୍ତି ସେମାନେ ଜାଣନ୍ତି ନାହିଁ । ତୁମ୍ଭେ ସେମାନଙ୍କୁ କ୍ଷମାକର ଆମେନ୍ । ଇତି । ବିଦାୟଂ ବିଦାୟଂ ତ୍ରିବାର ବିଦାୟଂ—

ଗୀତା : (ହସି ହସି) କୁଆଡେ ବିଦାୟଂ ? କୁଆଡେ ତ୍ରିବାର ବିଦାୟଂ ? ତପସ୍ୱୀ ମହାଶୟଂ କୁଆଡେ ବିଦାୟଂ ? (ହସୁଛି)

ରୂପା : (ଗମ୍ଭୀରଭାବେ) ଆଜ୍ଞା ଷଣ୍ଢଧର—

ଗୀତା : (ମଝିରେ) Sorry - ଚକ୍ରଧର –

ରୂପା : ମୁଁ ଆପଣଙ୍କୁ ପଚାରିଲି ? ମୁଁ ଆପଣଙ୍କୁ ପଚାରିଲି ? ଚକ୍ରଧର ? ହୁଁଃ ! (ଚକ୍ରଧରକୁ) ଆଜ୍ଞା ଚକ୍ରଧରବାବୁ ! ଆପଣ ଏ ଚିଠି କେଉଁଠୁ ପାଇଲେ ?

ଚକ୍ର : ମୁଁ ଏ ଚିଠି - ମାନେ ଏ ଚିଠି- ? ଏ ଚିଠିଟା—

ରୂପା : (ଉଚ୍ଚସ୍ୱରରେ) ହଁ ହଁ ଏଇ ଚିଠିଟା । ମୁଁ ପଚାରୁଛି ଆପଣ ଏ ଚିଠି ପାଇଲେ କେଉଁଠୁ ? ସେ ଭଣ୍ଡତପସ୍ୱୀ ତ ନିଶଦାଢ଼ୀ ପିନ୍ଧି ବାବାଜୀ ହେଇ ବାହାରିଗଲା । ଆପଣ ଏ ଚିଠି କୋଉଠୁ ପାଇଲେ ? ଆପଣଙ୍କୁ କଣ ସେ ଏ ଚିଠି ଦେଇଯାଇଥିଲା ଆପଣ ଏ ଘରେ କବାଟ ଝରକା ମେଲାକରି ବସି ବୁଢିଆଣି ଜାଲବୁଣି ବସିଥିବେ ଆଉ ଆମେ ସବୁ ଆସି ଡକାହକା କଲେ ଚିଠି ପଢି ଶୁଣେଇ ଦେବେ ବୋଲି ?

Digitized by PPRACHIN, SOA

ଚକ୍ର : ଏଁଃ ଏଁଃ । ନା - ନା -ତା ନୁହେଁ ଯେ ତା ନୁହେଁ ଯେ - ମାନେ କଥାଟା ହଉଚି—

ରୂପା : କଥାଟା କିଛି ହଉନାହିଁ। ସେଟା ଗୋଟେ ଧପ୍‌ପାବାଜ ସଇତାନ ଆଉ ଆପଣ ତାର ଧପ୍‌ପାବାଜ ଚେଲା । ସେଟା ବାଆଜୀ ଫାଆଜୀ କିଛି ହେଇନାହିଁ । ସମସ୍ତଙ୍କୁ ବାହା ହବ ବୋଲି କହି ଦେଇ ଧର ପଡ଼ିଯିବାରୁ ଖସି ପଳେଇବା ମତଲବ୍‌ରେ ଅଛି । କେଉଠି ଅଛି ସେ ପାଜୀ ? ତାକୁ ତୁରନ୍ତ ହାଜର କରନ୍ତୁ ।

ରୁଚି : ହଁ ହଁ - ତୁରନ୍ତ ହାଜର କରନ୍ତୁ —

ରୂପା : ଆମେ ତା ପେଟ କଣା କରିବୁ ।

ରୁଚି : ଆମେ ତା ଗୋଡ଼ ଛୋଙ୍ଗା କରିବୁ । ଆମେ ତା ନିଶ ଦାଢ଼ୀ ଉପାଡ଼ି ପକେଇବୁ ।

ଜୀତା : କିଛି ଲାଭ ନାହିଁ । ସେଗୁଡ଼ା ଭେଜାଲ ନିଶ ଦାଢ଼ୀ —

ରୂପା : Shut up (ଜୀତା ହସୁଚି) ଆଉ ଯଦି ତୁରନ୍ତ ହାଜର ନ କରନ୍ତି ତାହେଲେ ଥାନାକୁ ଯିବୁ । ଖବର କାଗଜରେ ବାହାର କରିଦବୁ । ଓକିଲ ଲଗେଇଦେଇ ତାବୁଦ୍ଧି ବଣା କରିଦେବୁ । ଆମ ସାଙ୍ଗରେ ଗୋଟେ ଖେଳ ଲଗିଚି ! ନାଇଁ ? କଅଣ ନା ବାଆଜୀ ହେବି ! ବାଆଜୀ ! ମୁଁ କହିଦେଉଚି ଭଣ୍ଡ ଚୈଲିକ ମହାଶୟ ! ଆପଣ ଯଦି ଆସନ୍ତା ତିନିଦିନ ଭିତରେ ଆପଣଙ୍କର ସେ ଭଣ୍ଡ ଧପ୍‌ପାବାଜ ଗୁରୁକୁ ଆଣି ଏଠି ହାଜର ନ କରନ୍ତି ତାହେଲେ—

ଜୀତା : ଆପଣଙ୍କ ପେଟ କଣା ହବ । ଅପଣଙ୍କ ନିଶକୁ ଜବରଦସ୍ତ ଟଣା ହବ । ଦି ଗୋଡକୁ ହଣା ହବ ଆଉ ବୁଦ୍ଧି ବଣା ହବ- ହିହିହି—

ଚକ୍ର : ମୋର ? My goodness ! ଦେଖନ୍ତୁ ମୋର ଏ ବିଷୟରେ—

ରୂପା : Shut up !

ଚକ୍ର : ଦେଖନ୍ତୁ ରୂପାଦେବୀ ! ମୁଁ—

ରୂପା : (ପାଟିକରି) Shut up I say ! ମୁଁ ଯାହା କହିଲି ମନେ ରହିଲା ତ ? ତିନି ଦିନ ଭିତରେ ଏଇଠି - ହାଜର ହେବେ । ଆପଣ ଆଉ ଆପଣଙ୍କର ସେ ଭଣ୍ଡ ଗୁରୁ । ହୁସିଆର ! ଯଦି ଏଠିକି ନ ଆସି କୁଆଡେ ଖସି ପଳେଇଯାନ୍ତି ତାହେଲେ ଥାନା ହାଜତ୍ କଥା ଟିକେ ମନେ ରଖିଥିବେ । ହେଲା ? ହଁ—

Digitized by PPRACHIN, SOA

ଚକ୍ର : ଦେଖନ୍ତୁ – ମୁଁ ଏ ହେବୁରେ–

ରୁପା : (ଜୋରରେ ପାଟିକରି) Shut up ! ରୁଚି ଦେବୀ ! ଜୀତା ଦେବୀ ! ଚାଲନ୍ତୁ ଆମେ ଯିବା । ପୁଣି ତିନିଦିନ ପରେ ଏଇଠି ଏଇ ସମୟରେ । ଏଥର ସମସ୍ତେ ମିଶି କହନ୍ତୁ– (ଉଚ୍ଚସ୍ୱରରେ ସ୍ଲୋଗାନ ଦେଇ) ଚୈତନ ଚୁଟି–

ରୁଚି : ମୁର୍ଦ୍ଦାବାଦ–

ରୂପା : ଚୈତନ ଚୁଟି–

ରୁଚି/ଜୀତା : ମୁର୍ଦ୍ଦା ବାଦ–

ରୂପା : ଭଣ୍ଡ ତପସ୍ୱୀ–

ରୁଚି : ମୁର୍ଦ୍ଦାବାଦ–

ରୂପା : ଭଣ୍ଡ ଚୈଲିକ–

ରୁଚି . ମୁର୍ଦ୍ଦାବାଦ–

ସ୍ଲୋଗାନ ଦେଇ ଦେଇ ଚାଲିଗଲେ । ସ୍ଲୋଗାନର ସ୍ୱର ବନ୍ଦ ହୋଇଗଲା ପରେ ଚକ୍ରଧର କ୍ଳାନ୍ତହେଲା ପରି ଆଖି ବୁଜି ସୋଫାରେ ବସିଲା ।

ଚକ୍ର : (ଦୀର୍ଘ ଶ୍ୱାସ ଛାଡ଼ି) ଓହୋଃ ! କି ଜବରଦସ୍ତିଆ dangerous ଟୋକିଗୁଡ଼ା ହୋ ! ଯେମିତି ପାଟିକରି ମୋ ଆଡକୁ ମାଡ଼ି ଆସୁଥିଲେ ନା– ଇରେ ବାବ୍‌ବା !

ଚୈତନ : (ଘର ଭିତରପଟ ଦ୍ୱାରର ପର୍ଦ୍ଦା ଆଢେଇ ଚାରି ଆଡ଼କୁ ସତର୍ପଣରେ ଚାହିଁ ଭିତରକୁ ଆସୁ ଆସୁ ସତର୍କ ସ୍ୱରରେ) ଚକ୍ରଧର ! ଗଲେଣି ?

ଚକ୍ର : (ହଠାତ୍ ବୁଲି ପଡ଼ି ଉଚ୍ଚସ୍ୱରରେ) ଆବେ ଚୈତନ ! ତୋର ଟିକେ ଅକ୍‌କଲ ନାହିଁ ? ଗୋଟେ ମିଛ ଚିଠି ଧରେଇ ଦେଇ ଏ ଡାହାଣୀ ଚିରଗୁଣୀ ଗୁଡ଼ାଙ୍କ ଆଗକୁ ମୋତେ ଠେଲି ଦେଲୁ–ଏବେ ଆସି ମିହି ସ୍ୱରରେ ପଚାରୁଚୁ ଚକ୍ରଧର ! ଗଲେଣି ? ଆଉ ଟିକେ ହେଇଥିଲେ ହାଙ୍କ ଟୋକିଗୁଡ଼ା ମୋତେ ଖଣ୍ଡ ଖଣ୍ଡ କରି ପକେଇ ଥାନ୍ତେ । ଲୁଚି ଥିଲୁ ତ ଲୁଚି ଥିଲୁ । ସେ ଟୋକିଗୁଡ଼ା ସେମିତି ଡାକି ଡାକି ପଳେଇ ଯାଇ ଥାନ୍ତେ । ମୋତେ ପୁଣି ଠେଲା ଠେଲି କଣ ଗୋଟେ ମିଛ ଚିଠିଟେ ଦେଇ ପଠେଇ ଦେଲୁ କାହିଁକି ?

Digitized by PPRACHIN, SOA

ଚୈତନ : (ଥବଶ ଓ ଭୟାତୁର ସ୍ୱରରେ) ସେ କଥା ଆଉ କହ ନା ରେ ଭୂତପୂର୍ବ ବଂଧୁ - ମୁଁ ସବୁ ଶୁଣିଚି—

ଚକ୍ର : ତା ହେଲେ ସେ ତିନି ଦିନ ପରେ ହାଜର ହବା କଥାଟା ବି ଶୁଣିଥିବୁ ନିଶ୍ଚେ—

ଚୈତନ : ଶୁଣିଚି । ସେଇଥି ପାଇଁ ପର ମା ପୃଥ୍ୱୀକି କହୁଚି ମା ପୃଥ୍ୱୀଲେ ତୁ ଦିଫାଳ ହେଇ ଯା ମୁଁ ପାତାଳକୁ ପ୍ରବେଶ କରେ ।

ଚକ୍ର : ମା ପୃଥ୍ୱୀ ତୋତେ କଣ କହିଲେ ତୁ ଜାଣିଥିବୁ । ହେଲେ ତୁ ଯଦି ଏଇ ତିନିଦିନ ଭିତରେ ଏ ଡାହାଣୀ ଚିର୍ଗୁଣୀ ଭିତରୁ ଗୋଟାକୁ ବାହା ନ ହେଇଚୁ ତାହେଲେ ତୋର ଘୋର ବିପତ୍‌କାଳ ଉପସ୍ଥିତ ହେଇଗଲା ବୋଲି ଜାଣ—ମୁଁ ତତେ ପାତାଳକୁ ପେଶି ଦେବି ।

ଚୈତନ : ଏ ଡାହାଣୀ ଚିର୍ଗୁଣୀ ଭିତରୁ ଗୋଟାକୁ ବାହା ନ ହେଲେ ଘୋର ବିପଦ୍‌କାଳ ଉପସ୍ଥିତ ହେଇଯିବ । ବାହା ହେଲେ ବି ହେଇଯିବ ବଂଧୁ ମୁଁ ଏଗୁଡାଙ୍କ ଭିତରୁ କାହାରିକି ବାହା ହେଇ ପାରିବି ନାହିଁ ।

ଚକ୍ର : ପାରିବୁ ନାହି ତ କହିଦେଲୁ କାହିଁକି ?

ଚୈତନ : ମୁଁ ଏମିତି ଗୋଟେ ଥଟ୍ଟାରେ କହି ଦେଇଥିଲି ନା ସତରେ ବାହା ହେବି ବୋଲି କହିଥିଲି—?

ଚକ୍ର : ତାହେଲେ ଏଥର ସେ ଥଟ୍ଟା ପରିହାସର ମଜାଟା ଲୁଟି ନେ—

ଚୈତନ : ଯାହା କହ ଲେ ଭୂତପୂର୍ବ ବନ୍ଧୁ ମୁଁ ଏଗୁଡ଼ାଙ୍କ ଭିତରୁ କାହାରିକି ବାହା ହେଇ ପାରିବି ନାହିଁ । ଯାଙ୍କ ଭିତରୁ ଗୋଟେ ହେଲା ହାତୀ ପରି ମୋଟି । ଆଉ ଗୋଟେ ହେଲା ଛପ୍‌ପର ମୁକୁଟି । ଆଉ ଆରଟାର ଛେଳି ପରି ଚୁଟି । ଏଗୁଡାଙ୍କୁ ଭଦ୍ରଲୋକ ବାହାହୁଏ ?

ଚକ୍ର : (ହସି ହସି) କଣ କହିଲୁ ? କଣ କହିଲୁ ? ହାତୀ ପରି ମୋଟୀ— ଛପର ମୁକୁଟୀ - ଛେଳି ପରି ଚୁଟି - ବାଃ - ବାଃ - ବାଃ —(ଗୀତ ପରି ଗାଇଲା) ହାତୀ ପରି ମୋଟି/ଛପ୍‌ପର ମୁକୁଟି/ଛେଳି ପରି ଚୁଟି/ଏ ହେନ ତିନୋଟି/ ଆସିଛନ୍ତି ଛୁଟି/ରୂପ ଦେଖି ଲାଗେ ଖାଲି/ହସ କୁରକୁଟୀ—(ଚକ୍ର ଓ ଚୈତନ ଦୁହେଁ ମିଶି ଗାଇଲେ । ହୋ ହୋ ହୋଇ ହସିଲେ ଓ ନାଚି ନାଚି ଘରଯାକ ବୁଲିଲେ)

Digitized by PPRACHIN, SOA

ରୂପା/କ୍ଷୀତା/ରୁଚି : (ସେଇ ନାଚଗୀତ ଭିତରେ ପାଟି କରି କରି ହଠାତ୍ ପଶି ଆସିଛନ୍ତି ଓ ଚକ୍ରଧର ଓ ଚୈତନ ଉପରେ ଝାମ୍ପି ପଡ଼ୁ ପଡ଼ୁ) କଣ ହେଲ ? କଣ ହେଲ ? ଆମେ ହାତୀ ପରି ମୋଟି ? ଆମେ ଛପର ମୁର୍ତ୍ତି ? ଆମର ଛେଳି ପରି ଚୁଟି ? ଆମ ନାଁରେ ଗୀତ ବୋଲ ହଉଚି ? ଗୀତ ବୋଲ ହଉଚି ? ଠକ ! ବଦମାସ ! ପାଜୀ ! ସଇତାନ୍ ! ଧର–ଧର–ମାର–ମାର ଏ ଭଣ୍ଡତପସ୍ୱୀକି ଆଉ ସେ ଚେଲକୁ । ତା' ପେଟକୁ କଣା କର । ନାକକୁ କାଟ । କାନକୁ ଛିଣ୍ଡା । ନିଶକୁ ଉପାଡ (ଯାହା ପାଇଲେ ସେଥିରେ ଓ ଖାଲି ହାତରେ ବି ଜଣଯାକୁ ବାଡେଇଲେ)

ଚୈତନ/ଚକ୍ର : (ରୂପା/ରୁଚି/କ୍ଷୀତାଙ୍କ କଥା ଭିତରେ ମିଶା ମିଶି ଭାବେ) ଓହୋsss ମରିଗଲି - ମରିଗଲି - ମରିଗଲି–ଓଃ - ଓଃ - ଭୁଲ ହେଇଗଲ–ଭୁଲ ହେଇଗଲ - ଆଉ କେବେ ଏମିତି କରିବୁ ନାହିଁ । ଆଉ କେବେ ଏମିତି କରିବୁ ନାହିଁ । ଛାଡ଼ନ୍ତୁ - ଛାଡ଼ନ୍ତୁ - ଛାଡନ୍ତୁ - ରୂପା ଦେବୀ ! ରୁଚି ଦେବୀ ! ଓହୋହୋsss ମୋ ପେଟ - ମୋ କାନ - ମୋ ଆଖି - ମୋ କାନ - ଓହୋହୋss ମରିଗଲି - ମରିଗଲି - ମଲିଗଲି ଲେ ବାବା - ବାବା ଲେ - ବାବା ଲେ - ଓହୋହୋsss

ରୂପା/ରୁଚି : (ଠେଲ ପେଲ ଓ ପିଟା ପିଟି ଚାଲିଚି) ପାଜି ! ସଇତାନ ! ବଦମାସ ! ଆମ ସାଙ୍ଗରେ ଖେଳ ଚାଲିଚି ? ଖେଳ ? ଆମ ନାଁରେ ଗୀତ ବୋଲ ହଉଚି ! ମାର - ମାର - ମାର–

କଥା ବାର୍ତ୍ତା ସବୁ ମିଶାମିଶି ହୋଇଗଲ । ଠେଲପେଲ ଚାଲିଲ । ମାଡ଼ ଖାଇ କିଛି ସମୟ ପରେ ଚୈତନ ଓ ଚକ୍ରଧର ତଳେ ପଡ଼ି ଶୋଇଗଲେ ।

ରୂପା : (ଦୁହିଁଙ୍କୁ ଚାହିଁ) ଭଣ୍ଡ ତପସ୍ୱୀ ଦଳ ! ବାଆଜୀ ହଉଚନ୍ତି ? ବାଆଜୀ ? ସମସ୍ତଙ୍କୁ ବାହାହେବି ବୋଲି କହିଁ ଦେଇ କଣ ନା ବାଆଜୀ ହେଇ ଯିବି ! ଗୋଟେ ଗଞ୍ଜୋଡ଼ିଆ ଚିଠି ଲେଖି ପଡା ହଉଚି–!

ଚକ୍ର : (ମ୍ରିୟମାଣ ସ୍ୱରରେ) ଦେଖନ୍ତୁ –

ରୂପା : (ପାଟି କରି) Shut up ! I say shut up ! ଧପ୍‌ପାବାଜ ! ନ ହେଲେ ଏଥର ଥାନାକୁ ଯିବ–ଆଉ କିଛି ଠେଙ୍ଗିଣୀ ବୁନ୍ଦା ଖାଇବ । (ରୁଚି ଓ କ୍ଷୀତା ଦେବୀଙ୍କୁ) ମୁଁ କଣ କହୁଥିଲି ? ଏ ଭଣ୍ଡତପସ୍ୱୀ ନିଷେ

Digitized by PPRACHIN, SOA

ଯାରି ଭିତରେ ଲୁଚି ବସିଚି । କୁଆଡ଼େ ଯାଇ ନାହିଁ । ଆମେ ଯେମିତି ଛକି କରି ବାହାରେ ଛିଡ଼ାହୋଇଗଲେ ଭଣ୍ଡ ତପସ୍ୱୀ ଭବିଲ–

ଚୈତନ୍ୟ : (ସ୍ୱଗତଃ) My god !

ରୂପା : (ପାଟିକରି) Shut up (ରୁଚି ଓ ଗୀତାଙ୍କୁ) ହଉ ଚାଲନ୍ତୁ ଯିବା–

ଗୀତା : (ହସି ହସି) ଇତି ଶ୍ରୀ ଗଞ୍ଜିକା ଭଗବତେ ଚୈତନ ଭଣ୍ଡ ତପସ୍ୱୀ ନିଧନ ସଂବାଦେ ନାମଂ ପ୍ରଥମ ଓ last ଅଧ୍ୟାୟଃ - ହିହିହି–

ରୂପା : (ତାଗିଦ୍ କରି) ଗୀତା ଦେବୀ - ଚାଲନ୍ତୁ । (ରୁଚିକୁ) ଚାଲନ୍ତୁ ରୁଚିଦେବୀ–

ରୂପା/ରୁଚି/ଗୀତା ଚାଲିଗଲେ । ସେମାନେ ଗଲପରେ ଚକ୍ରଧର ଓ ଚୈତନ୍ୟ ଧୀରେ ଧୀରେ ଗଛିଆଡକୁ ଚାହିଁ ଚାହିଁ ଉଠିଲେ ଓ ସନ୍ତର୍ପଣରେ ଯାଇ ସୋଫା ଉପରେ ବସିଲେ । ଅସ୍ତବ୍ୟସ୍ତ ଲୁଗାପଟା ଓ ମୁଣ୍ଡ ବାଳକୁ ଆଉଁସି ଆଉଁସି ସଂଜେଇବାର ଚେଷ୍ଟାକଲେ ।

ଚକ୍ର : (ମୁଣ୍ଡକୁ ଆଉଁସି ଆଉଁସି) ଚୈତନରେ ! ଦେଖିଲୁ ମୋ ମୁଣ୍ଡଟା ବିଲ୍‌କୁଲ ସାଫ୍ ହେଇଗଲା ନା ଆଉ କିଛି ବଳିଚି ?

ଚୈତନ : (କାନ ଓ ନାକକୁ ଆଉଁସି) ତୋ ମୁଣ୍ଡକୁ ଆଉ ମୁଁ କଣ ଦେଖିବି ରେ ଭୂତପୂର୍ବ ବଂଧୁ ସେ ଚିର୍‌ଗୁଣୀଙ୍କ ଭିତରୁ କିଏ ଗୋଟେ ମୋ ଡାହାଣ କାନଟା ନେଇଗଲା ନା କଣ ? କାନଟା କାହିଁକି ହାତକୁ ଲାଗୁନାହିଁ ।

ଚକ୍ର : ମୋର ଡାହାଣପଟ ପେଣ୍ଟା ନାହିଁ ରେ ବନ୍ଧୁ ମୋର ଗୋଟେ ଆଖିକି ବି ଭଲ ଦିଶୁନାହିଁ । ସେ ମୋଟିଟା ମୋ ଆଖିକି ଲକ୍ଷ୍ୟକରି ଯୋଉ ମୁଥିଟା ମାରିଲା ନା–

ଚୈତନ : ଆବେ ଚକ୍ର ! ମୋର ଦିଟା ଦାନ୍ତ ଆଉ କାହିଁକି ହାତକୁ ଲାଗୁନାହିଁ ! ହେ ଭଗବାନ ! ଦେଖୁଚୁ ହାଲ୍ର ଟୋକୀ ଗୁଡ଼ା କେମିତି dangerous ! ଆମକୁ ଯାଉଚୁ ବୋଲି କହିଦେଇ–

ଚକ୍ର : ତୁ ବି କେମିତି ବୁଦ୍ଧୁବକ ତାଙ୍କ ନାଁ ରେ ଗୋଟେ ଗୀତ ଫାନ୍ଦି ଦେଲୁ ?

ଚୈତନ : ମୁଁ ଫାନ୍ଦିଦେଲି ବୋଲି ତୁ ଗୀତ ଗାଇ ନାଚିବୁ ? ତୋର ଟିକେ ଅକ୍‌କଲ ନାହିଁ ?

Digitized by PPRACHIN, SOA

ଚକ୍ର : (ଉଚ୍ଚ ସ୍ୱରରେ ହସି ହସି) ହାଃ ହାଃ ବୁଝିଲ ମହାତ୍ମା । ଚୈତନ ଚୁଟି ସିଂହ ଭଣ୍ଡ ତପସ୍ୱୀ ! ତମେ ଏଥର ତମର ସେ ପରଚୁଟିଧରା ବୁଦ୍ଧି ଛାଡ଼ । ଅଝାରେ ଅଝାରେ ଆଉ ଏମିତି କାହାରିକି ବାହା ହେବି ବାହା ହେବି ବୋଲି କହ ନାହିଁ । ମୋଟି, ମୁର୍କୁଟି ଛେଳିଚୁଟି, ଯାହା ପାଉଚ ଦେଖି ଗୋଟାକୁ ବାହା ହେଇ ପଡ଼ । ତା ଯଦି ନ କରିଚ ତାହେଲେ ତମର ଆର କାନଟି ଯିବ । ବାକି ଦାନ୍ତ ତକ ବି ଯିବ । ତମେ ଶେଷରେ ଅବଧୂତ ହେଇ ରସ୍ତାରେ ଘୁରି ବୁଲିବ । ନହେଲେ ଜେଲଖାନା ପିଣ୍ଡାରେ ଡ଼ୋରିଆ ଜାମା ପିନ୍ଧି ବସି ତେଲ ପେଡୁ ପେଡୁ ପେଟୁଆ ହାତୀ ମାନଙ୍କ ବିଷୟରେ ଆଉ ଚୁଟିଆ ଛେଳିମାନଙ୍କ ବିଷୟରେ କାନ୍ଦଣା ଗୀତ ଗାଉଥିବ । ବୁଝିଲ ?

(ଚୈତନ ଚକ୍ରଧର ଦୁହେଁ ମିଶି ହସିଉଠିଲେ)

•

Digitized by PPRACHIN, SOA

Digitized by PPRACHIN, SOA

- ଇକାର ଭେଦ ଶାବଦ -

ଚରିତ୍ର

ଗୋପୀନାଥ : ମଧ୍ୟ ବୟସ । ଘରର ମୁରବ୍‌ବି ।

ମିଟୁ / ଜୟୀ } ଉଚ୍ଚ ଶିକ୍ଷିତ ଅବିବାହିତ ଯୁବକ । ମିଟୁର ଖାଇବାକୁ ଭରି ଲୋଭ । ଖୁସ ମିଷ୍ଟାସ । ଫୁର୍ତ୍ତି କରିବାକୁ ଚାହେଁ ।

ଧନିଆ : ଚାକର । ବୟସ ବତିଶ ତେତିଶ ବର୍ଷ ।

ସୁର / ବୀର / ଅନ୍ୟ ତିନିଜଣ } ଗୋପୀନାଥ ବାବୁଙ୍କ ଆତ୍ମୀୟ ଯୁବକ ।

ବଳଗମ : ମିଟୁର ଆତ୍ମୀୟ ।

ରଙ୍ଗାଘର : ଛତିଶ ସଇଁତ୍ରିଶ ବର୍ଷ । କିଛିଟା ପାଗଳ ।

ସିଲୁ : କନ୍ୟାର ଆତ୍ମୀୟା ଯୁବତୀ ।

●

Digitized by PPRACHIN, SOA

Digitized by PPRACHIN, SOA

ସନ୍ଧ୍ୟା ସାଢେ ସାତଟା ହେବ । ସହର ତଳିର ଏକ ଅପେକ୍ଷାକୃତ ନିର୍ଜନ ଗଳି ରାସ୍ତାରେ ଏକ ସୁନ୍ଦର କୋଠାଘର ଆଗରେ ବାହାଘରର ଆୟୋଜନ ଚାଲିଛି । ଚାନ୍ଦୁଆ ଟଣା ହୋଇଛି । ସୋଫା ଓ ଚେୟାର ପଡ଼ିଛି । ବିଭିନ୍ନ ରଙ୍ଗର ଆଲୁଅରେ ଚାରିଆଡ ଝଲମଲ ହେଉଛି । ଲୋକବାକ ହାଉଯାଉ । କଣ୍ଠସଙ୍ଗୀତର ସ୍ୱର ଶୁଭୁଛି ସ୍ପିକରରେ । ସେହି ଘରର ଉପରଠାଇ । ସାଜସଜ୍ଜା ସାଧାରଣ କିନ୍ତୁ ସୁନ୍ଦର । ଗୋଟିଏ ପାଖରେ ସୋଫା ଓ ଖଟ ପଡ଼ିଛି । ଆଗେ ଆଗେ ଆସିଲେ କନ୍ୟାର ମାମୁଁ ଗୋପୀନାଥ । ତାଙ୍କ ପଛରେ ମିଟୁ ଓ ଜୟୀ ।

ଗୋପୀ : (କହି କହି ଆସିଲେ) ଏଇ - ଏଇ ହେଲ ଉପରଠାଇ ଘର । ଆପଣମାନେ ଏଇ ଘରେ ବସନ୍ତୁ । ସେ ପାଖ ଦିଟା ଘରେ ଝିଅମାନେ ବସିଚନ୍ତି । ଏ ପାଖ ଘରେ ଯୌତୁକ ଜିନିଷପତ୍ର ରଖା ହେଇଚି । ଏ ପଟକୁ କେହି ବେଶୀ ଆସିବେ ନାହିଁ । ଏ ଘର ଆପଣଙ୍କୁ ବେଶ୍ ନିରେଳା ହେବ । ଏଇନା ସନ୍ଧ୍ୟା ସାଢ଼େ ସାତଟା ହେଇଚି । ବରଯାତ୍ରୀ ଆସୁ ଆସୁ ରାତି ଏଗାର । ଏ ଘରେ ସୋଫା ଅଛି । ଖଟ ଅଛି ! ବରଯାତ୍ରୀ ଆସିବାଯାକେ ଆପଣମାନେ ଏ ଘରେ ଶୁଅନ୍ତୁ ବସନ୍ତୁ ଯାହା ଆପଣଙ୍କର ଇଛା । ଧନିଆ ! ସେ ପାଖ ଝରକାଟା ଭଲ କରି ମେଲା କରି ଦେ ତ - ପଙ୍ଖାଟା ବି ଖୋଲି ଦେ —

ଧନି : (ଆସିଲା ଭିତରକୁ) ଆଜ୍ଞା ଦଉଚି । (ଝରକା ଓ ପଙ୍ଖା ଖୋଲି ଦେଇ ଚାଲିଗଲା)

ମିଟୁ କିଛିଟା ଉତ୍‌ଫୁଲ୍ଲଭାବ ଓ କିଛିଟା ନିରୀକ୍ଷା କରିବାର ଭାବ ନେଇ ଘରଯାକ ବୁଲୁଥିଲା ଓ ଘରର ଜିନିଷପତ୍ର ସବୁ ନିରେଖି ବିରେଖି ଦେଖୁଥିଲା । ଅଳ୍ପ ଅଳ୍ପ ଶୁଭୁଥିବା ଗଜଲ ସଙ୍ଗୀତ ସ୍ୱରରେ ପାଦ ମିଳେଇ ଓ ସ୍ୱର ମିଳେଇ ଚାପା ସ୍ୱରରେ ଗାଇବାର ଓ ନାଚିବାର ଅଭିନୟ କରୁଥିଲା ।

ମିଟୁ : (ହଠାତ୍ ଅଟକି ଯାଇ) ହା ହା - କିଏ କହିଲେ ? କିଏ କହିଲେ ? ଗୁଲାମ ରସୁଲ ! ଏକଦମ୍ ଫାଷ୍ଟକ୍ଲାସ ଜିନିଷ । ମୁଁ ସେଥର ଶ୍ରୀନଗରରେ—

ଜୟୀ : ଗୁଲାମ ରସୁଲ ନୁହେଁ ଗୁଲାମ ଅଲି —

ମିଟୁ : ହଁ ହଁ - ମୁଁ ଜାଣିତ । ଗୁଲାମ ଅଲି ଗୁଲାମ ରସୁଲ ସବୁ ଏକା କଥା । ସବୁ ବଡ଼ ବଡ଼ ଖାନଦାନୀ ବାହାଘରରେ ବାଜେ । ଗୁଲାମ ଅଲିର ଗଜଲ ଅମଜାଦ୍ ଅଲିର ଧମାର —

Digitized by PPRACHIN, SOA

ଜୟା : ଧମାର ନୁହେଁ ସୀତାର–

ମିଟୁ : ହଁ ହଁ ମୁଁ ଜାଣିଚି । ଧମାର ସାତାର ମୁଁ ସବୁ ଜାଣିଚି । ତୁ ଆଉ ଏତେ ଗୁରୁଗିରି କରିବା ଦରକାର ନାହିଁ । (ହଠାତ୍ ପୋଫା ଓ ବେଡ୍‌ର ଗଦିକୁ ଚିପି) ଆଛା ! ଏ ବେଡ୍‌ର ଗଦିଟା ହାତକୁ କେମିତି ଟାଣ ଟାଣ ଲଗୁଚି–

ଗୋପୀ : ଲଗୁଥିବ । ପିଲମାନେ କହିଲେ ଫୋମ ରବର ଗଦିରେ ଶୋଇଲେ ମେରୁଦଣ୍ଡ ବଙ୍କା ହେଇଯିବ । ସେଇଥିପାଇଁ କଏର୍‌ର ଗଦିଟେ ପକେଇ ଦେଇଚୁ ।

ମିଟୁ : (ହସି ହସି) ହାଃ ହାଃ ହାଃ - ମେରୁଦଣ୍ଡ ବଙ୍କା ହେଇଯିବ ? Interesting ! (ଛାତି ସିଧାକରି ମୁଣ୍ଡ ଉପରକୁ ଟେକି ସ୍ୱରିଆଡ଼କୁ ଗୋଟେ ଗଜୁଡ଼ା ସ୍ୱହାଣୀରେ ସ୍ୱହିଁ ଦେଇ) ମୋର ମେରୁଦଣ୍ଡ ବଙ୍କା ହେଇଚି ? ହେଇଚି ଆପଣ ଦେଖୁଛନ୍ତି ? ଅଥଚ ମୁଁ ପିଲଦିନୁ ମାନେ from my child hood ଫୋମ ରବର ଗଦିରେ ଶୋଇ ଶୋଇ ଆସିଚି । ହେଁ ହେଁ– habit - ବୁଝିଲେ ନା ? habit - !

ଗୋପୀ : ହଉ ଠିକ୍ ଅଛି । ମୁଁ ଆପଣଙ୍କ ପାଇଁ ଗୋଟେ ନୂଆ ଫୋମ୍ ରବର ଗଦି ପଠେଇ ଦଉଚି । କଏର୍ ଗଦି ଉପରେ ପକେଇ ଦେଇ ଯିବ । ବେଶ୍ ଆରାମ ଲଗିବ ।

ମିଟୁ : ହେଁ ହେଁ - ମାନେ - ମାନେ - କିଛି ଅସୁବିଧା ହବ ନାହିଁ ତ ? ଆଉ ହଁ- ଗୋଟେ ନୂଆ ତଉଲିଆ ବି ପଠେଇ ଦେବେ । ମୁଁ ବାହାରେ ପୁରୁଣା ବ୍ୟବହାର କରେ ନାହିଁ । ହେଁ ହେଁ· କଣ ବୁଝିଲେ ନା ? Habit ! ମାନେ Habit ! ହେଁ ହେଁ ହେଁ - କିଛି ଅସୁବିଧା ନାହିଁ ତ ?

ଗୋପୀ : ନାଇଁ - ନାଇଁ ! ଅସୁବିଧା ଆଉ କଣ ? ନୂଆ ଗଦି ନୂଆ ତଉଲିଆ କିଣା ହେଇ ଅଛି । ପଠେଇ ଦେବି । ଅସୁବିଧା ଆଉ କଣ ?

ମିଟୁ : ଆଉ ହଁ - ବରର ବସିବା ଯାଗାଟା ଯେମିତି ଭଲ କରି ସଜେଇ ହୁଏ - ମୁଁ ଯେମିତି କହୁଥିଲି– ଭେଲଭେଟ ଚଦର । ଭେଲଭେଟ ଗଦି । ସ୍ୱରି ପାଞ୍ଚଟା ସାଟ୍‌ନର ଖୋଳ ପିନ୍ଧେଇ ମାନେ ଗୋଲ ତକିଆ । ରୁମ୍‌ରେ ଭିତରେ ଗୋଟେ ଗୋଲପି ରଙ୍ଗର ଧୀମା ଲାଇଟ୍ ଜଳୁଥିବ । କଥାଟା କଣ ବୁଝିଲେ ନା– ମୁଁ ହଉଚି ବରର ମାଉସୀ ପୁଅ ଭାଇ ଏମ୍ ଏ ପାସ । ପରୀକ୍ଷା ଫରୀକ୍ଷା ଦଉଚି । ଆଇ ଏ ଏସ

Digitized by PPRACHIN, SOA

ଫାଇଏଏସ୍ ପାଇଲେ ପାଇ ବି ଯାଇ ପାରେ । ଆଉ ଯେ ହେଲା ବରର ଭରି ଘନିଷ୍ଠ ବନ୍ଧୁ । କଲିକତା ପୋର୍ଟ କମିଶନରେ ଅଫିସର୍ । ବର ଯଦି ଜାଣିଲା ଯେ ଆମେ ଏଠିକି ଦିଘଣ୍ଟା ଆଗରୁ ଆସିଥିଲୁ ଅଥଚ ତା ବସିବା ଯାଗାଟା ଭଲ କରି ସଜା ହେଇ ପାରିଲା ନାହିଁ ତା ହେଲେ - ମାନେ କଥାଟା କଣ ବୁଝିଲେ ତ ?

ଗୋପୀ : ନାଇଁ ନାଇଁ ଆପଣ ସେଥିପାଇଁ କିଛି ବ୍ୟସ୍ତ ହେବେ ନାହିଁ । ମୁଁ ସବୁ ଠିକ୍ ଠାକ୍ କରିଦେବି । ଆଛା ହଉ - ମୁଁ ତାହେଲେ ଯାଏଁ । ମୋର ତେଣେ ବହୁତ କାମ । (ଡ଼ାକିଲେ) ଧନିଆ - ଧନିଆ - ଆବେ ତଳକୁ ଗଲୁଣି ନା ଉପରେ ବସି ଘୁମଉଚୁ ? ଧନିଆ - ଧନିଆ - (ଡାକି ଡାକି ଚାଲିଗଲେ)

ଜୟୀ : ଆବେ ହେ ମିଟୁ ! ଆବେ ତୋ ଜିନ୍ଦ୍‌ଗୀରେ ତୁ କେତେ ଫୋମ ଗଦିରେ ଶୋଇଚୁ ? ତୋ ଜିନ୍ଦଗୀରେ ତୁ କେବେ ଭେଲ୍‌ଭେଟ୍ ଗଦି ଦେଖିଚୁ ? କେମିତିକା ବଡ ବଡ କଥା ସବୁ କହି ଦଉଚି ଦେଖ—

ମିଟୁ : ହାଃ ହାଃ ହାଃ - ବାବା ଜୟଚନ୍ଦ୍ର ! ତମେ ତମ ଜିନ୍ଦ୍‌ଗୀରେ କେବେ ବରଯାତ୍ରୀ ହେଇଚ ? (ହଠାତ୍ ମନେ ପଡ଼ିଗଲା) ହେହେsss- ରହ ରହ ରହ- ଭୁଲି ଗଲି - ଭୁଲି ଗଲି - (ଡାକିଲା) ସାର୍ - ସାର୍-ସାର୍ —

ଗୋପୀ : (ଆସିଛନ୍ତି) ମୋତେ ଡାକିଲେ ?

ମିଟୁ : ହେଁ ହେଁ ହେଁ - ନାଇଁ ନାଇଁ - ମାନେ - ମାନେ-କିଛି ନାଇଁ ଯେ - ମାନେ ମାନେ ମୁଁ କଣ କହୁଥିଲି କି - ଆପଣ ତ ମାନେ - ମାନେ ନିଶ୍ଚେ ଆମ ଅନେକ ରକମର ମିଠା ଫିଠା ପଠେଇବାର ବ୍ୟବସ୍ଥା କରୁଥିବେ । ମୁଁ ସେଇଥି ପାଇଁ - ମାନେ - ମୁଁ ସେଇଥି ପାଇଁ କଣ କହୁଥିଲି କି ମାନେ ହେଁହେଁ— ଆମେ ଆସିଲାବେଳେ ଅନେକ ଗୁଡ଼େ ଖାଇଦେଇ ଆସିଚୁ ତ—

ଗୋପୀ : ହେଁଃ ହେଁଃ - ଯେ ଗୋଟେ କଥା ? ଆପଣ ଆମର ବନ୍ଧୁ ବାନ୍ଧବ ଲୋକ । ଗତି ଗୋଟାକ ପାଇଁ ଆସିଚନ୍ତି । ଏତେ ସମୟ ବସିବେ । ଟିକେ ମୁଁହ ମିଠା କରିବେ ନାହିଁ ?

ମିଟୁ : ଅବଶ୍ୟ । ଅବଶ୍ୟ । କରିବାର କଥା - କରିବୁ ମଧ୍ୟ । ତେବେ କଥାଟା ହଉଚି—

ଜୟୀ : ନାଇଁ ନାଇଁ ସାର୍ ଆମର କିଛି ଦରକାର ନାହିଁ । ଆମେ ଏଇନେ ଆଉକିଛି ଖାଇବୁ ନାହିଁ । ଆପଣ ଯାନ୍ତୁ କାମ ଦାମ ଦେଖନ୍ତୁ ।

Digitized by PPRACHIN, SOA

ମିଟୁ : ଓହୋ ! ଗୋଟେ ଶଙ୍କାରେ କହୁଚନ୍ତି । ନାହିଁ କରିଦେଲେ ତାଙ୍କ ମନଟା ଖରପ ହେଇଯିବ ନାହିଁ ? (ଗୋପୀ ବାବୁଙ୍କୁ) ତାହେଲେ କଣ ସାର୍ ଆପଣ ଆମକୁ ନିହାତି ଖାଇବାକୁ ଦେବେ ? ଯେତେ ମନା କଲେ ବି ଆପଣ ଜମା ମାନିବେ ନାହିଁ ? ହଉ ତାହେଲେ ଦିଅନ୍ତୁ । ନିହାତି ଜୋର୍ କରୁଚନ୍ତି ଯେତେବେଳେ ଆଉ ଉପାୟ କଣ ? ହେଲେ ସାର୍ ଯାହାଦେବେ ଟିକେ ଜଲ୍‌ଦି ଦେବେ । ରାତିରେ ବି ଖିଆପିଆ ଅଛି ତ—

ଗୋପୀ : ହଁ ହଁ - ମୁଁ ସାଙ୍ଗେ ସାଙ୍ଗେ ପଠେଉ ଦଉଚି । ଅପର୍ତି ! ଅପର୍ତି—(ଡାକି ଡ଼ାକି ଗ୍ଲଲିଗଲେ)

ଜୟୀ : (ଦାନ୍ତ ଚିପି ଗଗ ସ୍ୱରରେ) ମିଟୁ ! ମୁଁ ପର ତୋତେ ହଜାରେ ଥର ମନା କରିଥିଲି ଏଠି ଜମା ଖାଇବି ଖାଇବି ହେବୁ ନାହିଁ ବୋଲି ?

ମିଟୁ : ଓହୋ ହୋsss - ଭୂଲି ତ ଗଲି - ଭୂଲି ତ ଗଲି - (ପଛରୁ ଡାକି) ସାର୍ - ସାର୍ : ଗୋଟେ ଏକଦମ୍ ଛୋଟ କଥା କହିବାକୁ ଭୁଲିଗଲି ସାର୍ ! ଆପଣଙ୍କର ତ ତିରିଶ ଗ୍ଲଳିଶ ରକମର ମିଠା ଫିଠା ହେଇଥିବ । ହେଁଃ ହେଁଃ - ସେଇଥି ପାଇଁ ମୁଁ କଣ କହୁଥିଲିକି ଆମକୁ ଦେଲେ ସବୁଥିରୁ ମାତ୍ର ଗ୍ଲରି ଗ୍ଲରିଟା ଦେବେ । କଣ ବୁଝିଲେ ନା ? ମାତ୍ର ଗ୍ଲରି ଗ୍ଲରିଟା । ସବୁଥିରୁ - ମାନେ ସବୁଥିରୁ - ମାତ୍ର - (ହଠାତ୍ ଜୟୀ ତା ମୁଁହକୁ ଗ୍ଲପି ଧରିଲା ଓ କିଛି ସମୟ ପରେ ଛାଡ଼ିଦେଲା) ଓହୋ ! ମୋ ମୁଁହଟାକୁ ତୁ କେମିତି ଗୋଟେ ଗ୍ଲପି ଧରୁଚୁ କହିଲୁ ? କଥାଟା ଅଧା ରହିଗଲା —

ଜୟୀ : ତୁ ଯଦି ଆଉ ପଦେ ଖାଇବା କଥା କହିବୁ ନା ତାହେଲେ ମୁଁ ତୋତେ ଏକାଥରେ ପାତାଳକୁ ଗ୍ଲପିଦେବି । ବୁଝିଲୁ ?

ମିଟୁ : ଓହୋ ମୁଁ କଣ ତାଙ୍କୁ ଆଗ ଖାଇବା କଥା କହୁଥିଲି ? ସେ ନିଜେ ଆଗ କହିଲେ ବୋଲି —

ଜୟୀ : ସେ ତୋତେ ଆଗ ଖାଇବା କଥା କହିଲେ ? ନାଇଁ - ନାଇଁ - ସେ ତୋତେ ଆଗ ଖାଇବା କଥା କହିଲେ ?

ମିଟୁ : ଓହୋ ! ଯଦି ବା ମୁଁ କହିଦେଲି—

ବାହାରେ : (ଉଚସ୍ୱରରେ) ନିଧିନ୍ନା ଚମ ମାଛଭଜା ସରିବ ନା ନାହିଁ ? ରାତି ଆଠଟା ବାଜିଗଲା ।

Digitized by PPRACHIN, SOA

ବାହାରେ : (ନିଧିନାର ଉଚ୍ଚ ଓ ବିରକ୍ତ ସ୍ୱର) ମଲି ! ତିନି କି୍ଲୋଇ ମାଛ ।
ମୋର କଣ ଗରିଟା ନା ଛଅଟା ହାତ ?

ମିଟୁ : (ଉଲ୍ଲସିତ ହୋଇ) ଏଁ - ତିନି କି୍ଲୋଇ ? ମାନେ ତିନି କି୍ଲୋଇ ମାଛ ?
ଜୟୀ ! ଜୟୀ ! ଆଜି ରାତିରେ ଗୋଟେ ବଡ଼ ବଢ଼ିଆ ଖାନା ପିନା ହବ
ବୁଝିଲୁନା ? ମାନେ ଏକଦମ୍ ତିନି କି୍ଲୋଇ ମାନେ ଏକଦମ୍– ହା-ହା-

ଜୟୀ : (ଡାଗିଦ୍‌କରି) ମିଟୁ - ଖାଇବା କଥା ଛଡ଼ା ତୋର ଆଉ କିଛି ନାହିଁ ?

ଧନି : (ଜଳଖିଆ ପ୍ଲେଟ ଧରି ଆସିଛି) ସାର୍ ! ଜଳଖିଆ ଆଣିଚି । ଏଇ ଟେବୁଲରେ
ରଖିବି ?

ଜୟୀ : ରଖିବ କାହିଁକି ? ଡାଳିଦିଅ ।

ଧନି : ଢ଼ାଳିଦେବି ? କୋଉଠି ଆଜ୍ଞା ?

ଜୟୀ : ସେଇ ବାବୁଙ୍କ କୁଣ୍ଡରେ ।

ଧନି : (କଥାଟା ଠିକ୍ ବୁଝି ନ ପାରି) ବାବୁଙ୍କ - ମୁଣ୍ଡରେ ?

ଜୟୀ : ମୁଣ୍ଡରେ ନୁହେଁ । କୁଣ୍ଡରେ । ସେଇ ଯୋଉ ଦେଖୁଚ ବାବୁଙ୍କ ପାଟି
ସେଇଟା ବାବୁଙ୍କ କୁଣ୍ଡକୁ ବାଟ । ସେଇଠି ଡାଳିଦିଅ । ଠିକ୍ ଯାଇ କୁଣ୍ଡରେ
ପହଞ୍ଚିଯିବ । ଦି ପ୍ଲେଟ ଯାକ ।

ଧନି : ହେଁ ହେଁ ହେଁ–

ଜୟୀ : ଡାଲ୍ କହୁଚି ପର ଶୁଭୁନାହିଁ ? ହେଁ ହେଁ କଣ ?

ମିଟୁ : ହାଃ ହାଃ ହାଃ - ତମେ ସେ ବାବୁଙ୍କ କଥା କମା ଶୁଣ ନାହିଁ । ପ୍ଲେଟକୁ
ଟେବୁଲ ଉପରେ ରଖି ଦେଇ ଯା ।(ଧନିଆ ପ୍ଲେଟକୁ ଟେବୁଲ ଉପରେ ରଖିଲା)
(ମିଟୁ ମିଠାକୁ ଡାଉିଫ୍ କରି) ଆଃ ! ବଢ଼ିଆଁ ମାଇ ଦବୁ ଅଣିଚ ତ !
ରସଗୋଲ୍ଲ । ଛେନା ଜଲବି । ଲଡ଼ୁ । ପାନତୁଆ । ସନ୍ଦେଶ । କାଲକନ୍ଦ ।
ବାଃ - ବାଃ - ବଢ଼ିଆଁ - ବଢ଼ିଆଁ - ଆଚ୍ଛା ବାବା ମିଷ୍ଟେଶ୍ୱର -

ଧନି : ମୋ ନାଁ। ମିଷ୍ଟେଶ୍ୱର ନୁହେଁ ଆଜ୍ଞା ମୋ ନାଁ ଧନେଶ୍ୱର–

ମିଟୁ : ହେଁ ହେଁ - ଆଚ୍ଛା - ଆଚ୍ଛା ତମ ନାଁ ମିଷ୍ଟେଶ୍ୱର ନୁହେଁ ଧନେଶ୍ୱର । ନାଇଁ ?
Good-good (ସ୍ୱର ମୋଲାୟମ କରି) ଆଚ୍ଛା ବାବା ଧନେଶ୍ୱର !
ଯା ଭିତରେ କ୍ଷୀର ସାଗର ଆଉ ରାଜଭୋଗ କାହିଁକି ଦିଶୁନାହିଁ ?

ଜୟୀ : (ଡାଗିଦ୍‌କରି) ମିଟୁ–

Digitized by PPRACHIN, SOA

ମିଟୁ : ହଁ ହଁ - ମୁଁ ଜାଣିଚି । ତୁ ଆଉ ମୋତେ ଏତେ ତାଗିଦ୍ କରିବା ଦରକାର ନାହିଁ । ହଉ ବାବା ଧନେଶ୍ୱର ତମେ ଏଥର ଯା । ହଁ ହଁ - ଟିକେ ଶୁଣ ଟିକେ ଶୁଣ - ଏ ମିଠା ସାଙ୍ଗକୁ ଯଦି କିଛି ଗୋଟେ ଲୁଣି କିନିଷ ହେଇ ଯାନ୍ତା ନା - ଏଇ ଧର ଦିଗ୍ୱିଖଣ୍ଡ ମାଛଭଜା କି - ହେଁହେଁ କଣ ବୁଝିଲ ନା ? ଏକଦମ୍ ତିନି କିଣ୍ୱାଲ - ମାନେ ଏକଦମ୍ ତିନି କିଣ୍ୱାଲ ତ—

ଜୟୀ : (ବିରକ୍ତ ଓ ନିରୁପାୟ ସ୍ୱରରେ) Oh my goodness !

ଧନି : ହେଁ ହେଁ ସାର୍ ! ମାଛ ଭଜା କଥା ଆଉ କାହିଁକି କହୁଚନ୍ତି ? ଗୋଟେ ଗୋଟେ ମୁଣ୍ଡ ପର ଏଢା ଛଅଶ ସାତଶ ଗ୍ରାମ—

ମିଟୁ (ଉଲ୍ଲସିତ ସ୍ୱର) ହାଁ ହାଁ ହାଁ - ସେଇ ସେଇ - ସେଇ ସାତଶ ଗ୍ରାମରୁ ଯଦି ଗୋଟିଏ ଆଣି ଦେଇ ଦିଅନ୍ତ ନା ମତ୍ସ୍ୟେଶ୍ୱର - ଆଃ ! ଭରି ଜମନ୍ତା - ହେଁ ହେଁ —

ଜୟୀ : (ପାଟିକରି) ଧନିଆ ! ତୁ ଯାଉଚୁ ନା ନାହିଁ ?

ଧନି : ହଁ ହଁ - ଯାଉଚି । ବାବୁ କହିଚନ୍ତି ଖିଆପିଆ ସରିଲେ ଆପଣ ମାନେତଲେ ଯାଇ ଚିହ୍ନାପରିଚ କରି ଆସିବେ । (ଗ୍ଲିଗଲ)

ମିଟୁ : (ପଛରୁ) ହଁ - ବାବା ! ଶୁଣ ! ଆଉ ଦି ଖଣ୍ଡ ପାନ ଆଣିବ । ଅଖଇରିଆ । ଧୁଳି ଗୁଣ୍ଡି । ସୁର୍ତି । ଇତ୍ୟାଦି ଇତ୍ୟାଦି ଇତ୍ୟାଦି ଚଉଷଠି ମସଲ ।

ଜୟୀ : (ପାଟି କରି) ମିଟୁ —

ମିଟୁ : ହଉ ହଉ - ତୁ ଆଉ ଏମିତି ଗର୍ଜନ କରିବା ଦରକାର ନାହିଁ । ମୁଁ ଜାଣିଚି । ଆବେ ତୁଟା ତ ନଅଙ୍କ ଦୁର୍ଭିକ୍ଷର ବକେୟା ହିସାବ । ଖାଇବା ମଜା ତୁ ଜାଣିବୁ କେମିତି ? (ହାତରେ ଗୋଟେ କଚୁରି ଉଠେଇ) ହଉ ହଉ - କିଛି ତ ଖାଇଲୁ ନାହିଁ । ଏଇ କଚୁରୀଟା ପାଟିରେ ପକା । ବଢିଆଁ ହେଇଚି — (ଜୟୀର ରାଗ ଆଖି ଦେଖି ହସି ଉଠିଛି) । ତା ପରେ ଆବୃତ୍ତି କରି ଗାଇଛି)

ଖାଇ ନାହୁଁ ବନ୍ଧୁ ପାଇନାହୁଁ/ ଏ ମିଠାର ମଜା ଗ୍ରଖି ନାହୁଁ ।
ରସଗୋଲା ଗଜା ରବିଡ଼ି ସନ୍ଦେଶ/ ଲଡୁ ଲେଡ଼ିକିନି ମଲାଇ ସରସ ।
ଶୁଣୁ ଶୁଣୁ ବହେ ଲାଳ ଠସ ଠସ / ହତଭଗା ତୁହି/ପାଇବୁ ବା କାହିଁ/
କାହାକୁ ତ କେବେ ଦେଇ ନାହୁଁ ।

(ହସିଲା) ହାଃ ହାଃ ହାଃ- ହଉ ଖାଇବୁ ନାହିଁ ଯଦି ଯା ତଳେ ଯାଇ ସମସ୍ତଙ୍କ ସାଙ୍ଗରେ ଚିହ୍ନା ପରିଚ କରି ଆ । ଯା —

Digitized by PPRACHIN, SOA

ଜୟୀ : ତୁ ଖାଇ ସାର୍ । ଯିବା ।

ମିଟୁ : ମୋର ଡେରି ହବ ।

ଜୟୀ : ହଉ ।

ମିଟୁ : ଓହୋ ! ଦେଖୁଚୁ ପରା ମୋର ଏତେ ଗୁଡ଼େ ଜିନିଷ ଖାଇବାକୁ ବାକି ଅଛି ।

ଜୟୀ : ଆହୁରି ବି ଗଜଭୋଗ ରସମଲେଇ କ୍ଷୀରସାଗର ମାଛଭଜା ଆସିବାକୁ ଅଛି । ତୁ ଯିବୁ କେମିତି ? ବୁଡବକ୍—

ମିଟୁ : ଓହୋ ! ଗୋଟେ ସିରିୟସ କାମରେ କାହିଁକି ସେମିତି ଗୋଟେ ଡ଼ିଷ୍ଟର୍ବ କରୁଚୁ କହିଲୁ ?

ଜୟୀ : ହଉ ମୁଁ ଯାଉଚି । ହୁସିଆର କିନ୍ତୁ । ସବୁବେଳେ ସେମିତି ଗୋଟେ ନଅକିଆଙ୍କ ପରି ଖାଇବି ଖାଇବି ହବୁ ନାହିଁ ।

ମିଟୁ : ହଁ ହଁ ମୁଁ ଜାଣିଚି । ତୁ ଆଉ ଏତେ ଗୁରୁଗିରି କରିବା ଦରକାର ନାହିଁ । ତୁ ଯା - (ଜୟୀ ଚାଲିଗଲା । ମିଟୁ ଖାଇବା ଶେଷ କରି ପେଟକୁ ଆଉଁସୁ ଆଉଁସୁ) ଉଁଃ ! ପେଟଟା ଓଜନ ହେଇଗଲା ହୋ ! ଗତି ଭୋଜୀଟା ତାହେଲେ ମାଡ ଖାଇଯିବ ନା କଣ ? ହଅ - ଆହୁରି ତିନି ଚାରି ଘଣ୍ଟା ଅଛି । ଦେଖା ଯିବ । ଯୋଉ ବଢ଼ିଆ ମାଛଭଜା ବାସନା ଆସୁଚି ନା ଆଃ ! ଭୋଜୀଟା ଆଜି ଏକଦମ୍ ମାତ୍ ହେଇଯିବ । ତିନି କି଼ଣ୍ଡାଇ ! ମାନେ-ଏକଦମ୍ ତିନି କି଼ଣ୍ଡାଇ । ଆଃ—

ସିଲୁ : (ଆସିଛି) କଣ ଆପଣଙ୍କର ଓଜନ ?

ମିଟୁ : ହେଁ ହେଁ ହେଁ — ନାଇଁ - ନାଇଁ - ନାଇଁ ମାନେ—

ସିଲୁ : ଆପଣ ପାନ ମାଗୁଥିଲେ ପରା ? ନିଅନ୍ତୁ । (ପାନ ବଢ଼େଇଲା)

ମିଟୁ : ଏଁ-ଏଁ - ହଁ ହଁ - ପାନ - ପାନ - ଦିଅନ୍ତୁ ଦିଅନ୍ତୁ—(ପାନ ନେଇ ଖାଇଲା ଏବଂ ଜୋରରେ ଘେବେଇ ଘେବେଇ ଖୁବ୍ ଆନନ୍ଦିତ ହେଲା ପରି ମୁଣ୍ଡକୁ ହଲେଇବାକୁ ଲାଗିଲା)

ସିଲୁ : ମୋ ନାଁ ସିଲୁ । ମୁଁ କନ୍ୟାର ମାଉସୀ ଝିଅ ଭଉଣୀ ।

Digitized by PPRACHIN, SOA

ମିଟୁ : ହେଁ ହେଁ–Very good ! Very good ! ହେଁହେଁ - ମୁଁ ବି - ମୁଁ ବି ବରର ମାଉସୀ ଝିଅ ଭଉଣୀ - sorry - sorry - ମାଉସୀ ପୁଅ ଭାଇ - ହେଁହେଁ –

ସିଲୁ : ପାନଟା କେମିତି ହେଇଚି ?

ମିଟୁ : ହେଁହେଁ–ଏକଦମ୍ ଫାଷ୍ଟକ୍ଲାସ ହେଇଚି ! ଏକଦମ୍ ଫାଷ୍ଟକ୍ଲାସ ହେଇଚି ! ନାନା ପ୍ରକାରର ମସଲ ପସଲ ପଡ଼ିଚି ତ - ହେଁହେଁ - (ବେଶ୍ ଉତ୍ସାହର ସହ ପାନକୁ ଖେବୋଉ ଥିଲ । ହଠାତ୍ ତାକୁ ଜୋରରେ ପାଟିରୁ ବାହାର କରି ଦେଇ) ଇଃsss - ଥୁ-ଥୁ-ଥୁ - ଇଃ - କି ଗଗ ! କି ଗଗ ! କି ଗଗରେ ବାବା ! ପାଟିଟା ଜଳିଗଲ ! ପାଟିଟା ତ ଜଳିଗଲ । ଇଃsss–କଣଟେ ତ ରଡ୍ କରି ଖେବେଇ ଦେଲି - ଦାନ୍ତଟା ଭାଙ୍ଗିଗଲ ନା କଣ ? ଇଃ–କି ଲୁଣ ! କି ଗଗ ଇଃ–ଇଃ–(ସିଲୁ ହସୁଛି) ହସ ମାଡୁଚି ? ହସ ମାଡୁଚି ? ପାନରେ ଲୁଣ ଲଙ୍କା ପଥର ପଥର ପକେଇ ଦେଇ ଆଣୁଚନ୍ତି - ଆଉ କହିଲ ବେଳକୁ ହସ ମାଡୁଚି ? (ଭିତରୁ ଝିଅମାନଙ୍କର ମିଳିତ ହସ ଶୁଭିଲ) କିଏ ହସୁଚି ? ଏତେ ଗୋଟେ ହସ କଣ ? ଏତେ ଗୋଟେ ହସ କଣ ? ମୁଁ କହି ଦଉଚି ଏତେ ହଉଫସ ଗୁଡା ଭଲ ନୁହେଁ । ସେମିତି ହେଲେ ମୁଁ - ମାନେ ମୁଁ ଏକଦମ୍ ମାନେ ଏକଦମ୍ ରଗିଯିବି । ଆଉ ଯଦି ଥରେ ରଗିଗଲି ନା-ତାହେଲେ - ମାନେ ତାହେଲେ–

ସିଲୁ : (ହସି ହସି) ମାନେ ତାହେଲେ ?

ମିଟୁ : ତାହେଲେ–ମାନେ - ଟାହେଲେ - ତାହେଲେ ମୁଁ - ମାନେ ତାହେଲେ ମୁଁ ଏକଦମ୍ - ଏକଦମ୍ ହ୍ୟା କରି ଦେବି - ହଁ - ହଁ–ଏକଦମ୍–

ସିଲୁ : (ହସି ହସି) କଣ କରି ଦେବେ ?

ମିଟୁ : ଏକଦମ୍ ହ୍ୟା କରି ଦେବି । ମାନେ ଏକଦମ୍ ହ୍ୟା କରି ଦେବି । ହୁଁଃ ! ଗୁଡେ ଲଙ୍କା ଲୁଣ ପକେଇ ଏମିତି ସବୁ ପାନ ଭଙ୍ଗା ହୁଏ ?

ସିଲୁ : (ହସି ହସି ଭିତରକୁ ଉଦ୍ଦେଶ୍ୟ କରି ଉଚ୍ଚ ସ୍ୱରରେ) ଶୁଣିଲଟି ଲୋ ନନ୍ଦୀ ଅପା ଗୋଲି ଅପା ମିଟୁବାବୁ କଣ କହିଲେ ? ସେ ଯଦି ଥରେ ରଗିଯିବେ ନା ତାହେଲେ ଏକଦମ୍ ହ୍ୟା କରିଦେବେ - ମାନେ - ମାନେ ଏକଦମ୍

Digitized by PPRACHIN, SOA

ହ୍ୟା କରି ଦେବେ । ତମେ ତିନିଜଣ ମିଶି ସେ ବ୍ୟାଙ୍କ ପାନଟା ଖର୍ଚ୍ଚ କଲ । ତା ଉପରେ ପୁଣି ହସୁଚ । ତମେ ଯଦି ହ୍ୟା ହେଇଯିବ ମୋତେ ଆଉ ଦୋଷ ଦବ ନାହିଁ ବାବା ! ମିଟୁବାବୁ ଏକଦମ୍ ରଗି ଗଲେଣି । (ହସିଲା । ଭିତରୁ ସମ୍ମିଳିତ ହସ ଶୁଭିଲା)

ମିଟୁ : (ଅପ୍ରସ୍ତୁତ ଅନୁଭବ କରି) ହସ କଣ ? ଏତେ ହସ କଣ ? ମୁଁ ଜଣେ ଗୁରୁଜନ ପରି ଲୋକ । ମୋ କଥାରେ ଏତେ ହସ କଣ ?

ସିଲୁ : (ହସି ହସି ଓ ଭିତରକୁ ଉଦ୍ଦେଶ୍ୟ କରି) ନନ୍ଦୀ ଅପା ଗୋଲି ଅପା ! ଏତେ ହସ କଣ ? ଏତେ ହସ କଣ ? ମିଟୁବାବୁ ଜଣେ ଗୁରୁଜନ ବୋଲି ଜାଣି ନା ? ଗୁରୁଜନମାନେ କଣ ଜାଣିଚଟି ? ଗୁରୁ ମାନେ ହେଲା ଓଜନଦାର ଆଉ ଜନ ମାନେ ହେଲା ଜନ । ମିଟୁ ବାବୁଙ୍କର କଣଟା ଓଜନଦାର ଜାଣିଚଟି ? ତାଙ୍କ ପେଟ । ହିହିହି (ଭିତରୁ ହସ ଶୁଭିଲା) ପୁଣି ହସ ? ପୁଣି ହସ ? ଗୁରୁଜନଙ୍କ ପେଟ ଉପରେ ହସ ? ଗୁରୁଜନଙ୍କ ପେଟ ଉପରେ ହସ ? ତମକୁ ଟିକେ ଡର ମାଡୁନାହିଁ ? ମିଟୁବାବୁ ରଗିଲେ ହ୍ୟା କରି ଦେବେ ବୋଲି ଖିଆଲ ହଉ ନାହିଁ ? ହିହିହିହି - (ହସି ହସି ଭିତରକୁ ପଳେଇଲା)

ମିଟୁ : (ରାଗରେ ଏ ପାଖ ସେ ପାଖ ହୋଇ) ହୁଁଃ - ହୁଁଃ - ଗୋଟେ ହସ ଗ୍ଲିଚି ! ହସ ଗ୍ଲିଚି ! ଗୋଟେ ଭରି ମଜା କଥା ହେଇଗଲା ! ଖାଲି ହସ ଗ୍ଲିଚି ! ହେଁହେଁ - ହେଁହେଁ - ହେଁହେଁ - ହୁଁ—

ଧନି : (ପ୍ଲେଟରେ ମିଠା ଓ ମାଛଭଜା ଧରି ଆସିଛି) ଆଃ ! କି ବଢ଼ିଆଁ ଖୁସ୍‌ବୁ ବାହାରୁଚି । ନାନା ପ୍ରକାରର ମସଲା ଫସଲ ପଡ଼ିଚି ତ—

ମିଟୁ : (ରାଗ ଓ ଗମ୍ଭୀର ସ୍ୱର) ଧନିଆ—ମୁଁ କହି ଦଉଚି ମୁଁ ଏକଦମ୍ ହ୍ୟା କରି ଦେବି ! ମାନେ - ମାନେ—

ଧନି : କାହିଁକି ସାର୍ ? ଓହୋହୋ - ବୁଝିଲି ବୁଝିଲି - ହେଲେ ସାର୍ ମାଛମୁଣ୍ଡଟା ପର ଭଜା ଗ୍ଲିଛି - ସେଇଥି ପାଇଁ କଚୁରି ଫଚୁରି—

ମିଟୁ : (ସ୍ୱର ଉଚ୍ଚ କରି) ଧନିଆ—

ଧନି : କଣ ଆଜ୍ଞା ?

Digitized by PPRACHIN, SOA

ମିଟୁ : (ହଠାତ୍ ଦବି ଯାଇ) କିଛି ନାଇଁ । ତୁ ବୁଝି ପାରିବୁ ନାହିଁ ।

ଧନି : ଆପଣ କହିଲେ ସିନା ବୁଝିବି । କହନ୍ତୁ ।

ମିଟୁ : ଆଚ୍ଛା ଧର ହଠାତ୍ ତୋ ହାତ ଦିଟା ମୋଟା ହେଇଗଲା । ତୁ କଣ କରିବୁ ?

ଧନି : (କେଥାଟା ଠିକ୍ ବୁଝି ପାରିଲା ନାହିଁ । ଗୋଟେ ହାତକୁ ଆର ହାତରେ ଆଉଁସି ଆଉଁସି) ଆଜ୍ଞା ?

ମିଟୁ : କି ଧର ହଠାତ୍ ତୋ ଗୋଡ଼ ଦିଟା ମୋଟା ହେଇଗଲା । ତୁ କଣ କରିବୁ ?

ଧନି : (ଅଲକ୍ଷ୍ୟରେ ହାତ ଓ ଗୋଡକୁ ଅଣ୍ଡାଳୁ ଅଣ୍ଡାଳୁ) ମୋ ହାତ ଗୋଡ ସବୁ ମୋଟା ହେଇଯିବ କାହିଁକି ଆଜ୍ଞା ?

ମିଟୁ : ଧର ହେଇଗଲା । ତୁ କଣ କରିବୁ ?

ଧନି : ହେଁହେଁss - ମୁଁ ମୁର୍ଖ ଲୋକ । ମୁଁ ଆପଣଙ୍କୁ କି ଜ୍ଞାନ ଦେବି ? ଆପଣ କେତେ ପାଠ ପଢ଼ିଚନ୍ତି । ଆପଣଙ୍କ ପେଟରେ କେତେ ବୁଦ୍ଧି !

ମିଟୁ : (ଗମ୍ଭୀର ସ୍ୱରରେ) ଧନିଆ ! ମୁଁ ତତେ ମୋ ପେଟ କଥା ପଗ୍ଭରିଲି ?

ଧନି : ହେଁହେଁss - ଆପଣ କଣ ଆପଣଙ୍କ ପେଟ କଥା ଜାଣି ନାହାନ୍ତି ଯେ ମୁଁ ଆପଣଙ୍କୁ ଆପଣଙ୍କ ପେଟ କଥା କହିବି ?

ମିଟୁ : (କଥା ମଝିରେ) ଧନିଆ ! ମୋ ପେଟଟା ମୋ ପାଖରେ ନା ଆଉ କାହା ପାଖରେ ?

ଧନି : (ବୁଝି ନ ପାରି) ସାର୍ ! ଆପଣଙ୍କ ପେଟଟା - ଆଉ କାହା ପାଖରେ ?

ମିଟୁ : ତାହେଲେ ? ମୁଁ ପଗ୍ଭରୁଚି ତାହେଲେ ? ତାହେଲେ ଏତେ ହସିବାର କଣ ଅଛି ? କାହାର ଗୋଟେ ହାତ ବଢ଼ ହେଇଗଲା କି କାହାର ଗୋଟେ ଗୋଡ ବଢ଼ ହେଇଗଲା ସେଥିରେ ଏତେ ହସିବାର କଣ ଅଛି ?

ଧନି : (କିଛି ବୁଝି ନ ପାରି ଗ୍ଭହିଁଛି) ସାର୍—?

ମିଟୁ : ଧନେଶ୍ୱର !

ଧନି : ସାର୍ !

ମିଟୁ : ଖାଇବି ନାହିଁ ।

ଧନି : (ଆଶ୍ଚର୍ଯ୍ୟ ହୋଇ) ଖାଇବେ ନାହିଁ ? କାହିଁକି ସାର୍ ?

Digitized by PPRACHIN, SOA

ମିଟୁ : (ଜୋର୍ ଦେଇ) ଜମା ଖାଇବି ନାହିଁ ।

ଧନି : ଘରି ଫାଷ୍ଟ କିଲସ ଜିନିଷ ଆଣିଚି ସାର୍ - ପାଟିରେ ଥୋଇଦେଲା ମାତ୍ରେ ପେଟରେ ପହଞ୍ଚି ଯିବ ।

ମିଟୁ : ଧନେଶ୍ୱର ! ପନ୍ଦର ଥର ପେଟ କଥାଟା ନ କହି କିଛି କହି ହେଉ ନାହିଁ ?

ଧନି : ହେଁହେଁ - ହବ ନାଇଁ କାହିଁକି ସାର୍ ? ହବ ଯେ - ତେବେ ପେଟପାଟଣା କଥା ପଡ଼ିଚି ତ

ମିଟୁ : ଧନେଶ୍ୱର ! ଖାଇବି ନାହିଁ ।

ଧନି : କାହିଁକି ଖାଇବେ ନାହିଁ ସାର୍ ?

ମିଟୁ : ପ୍ରତିଜ୍ଞା କରି ଦେଇଚି ।

ଧନି : କି ପ୍ରତିଜ୍ଞା ?

ମିଟୁ : ଆଉ ଖାଇବି ନାହିଁ ବୋଲି ପ୍ରତିଜ୍ଞା ।

ଧନି : ହେଁହେଁss ସାର୍ - ଆଜି ପରି ଦିନରେ ଖାଇବେ ନାହିଁ ବୋଲି ପ୍ରତିଜ୍ଞା ? ମାଛ ଭଜା ଆଡୁ କେମିତି ଖୁସବୁ ଉଠୁଚି ଦେଖୁଚନ୍ତି ତ ? ଗତିକି ଆହୁରି ବଢ଼ିଆଁ ବଢ଼ିଆଁ ଜିନିଷ ସବୁ ଅଛି । ଶିରିଗମ ରସଗୋଲା ଦେ ଭୋଗ ପାଲୁଆ ଚନ୍ଦନପୁର ସନ୍ଦେଶ ରମଗିରି ରବିଡ଼ି ଜାଫ୍ରାନ କେଶରୀ ପଲଉ ତା ସାଙ୍ଗକୁ ମାଛର କଟଲେଟ ମାଛ ତରକାରୀ ମାଛ ବିହନ ବରା । ଆଉ ତା ସାଙ୍ଗକୁ ସାତଶ ଗ୍ରାମ ମୁଣ୍ଡ । ଆଉ ତା ସାଙ୍ଗକୁ --

ମିଟୁ : ଧନେଶ୍ୱର ! ତାଲିକା ଲମ୍ବା ହେଇ ଯାଉଚି । ପ୍ରତିଜ୍ଞା ଭଙ୍ଗ ହେଇ ଯାଇ ପାରେ ।

ଧନି : ହେଁହେଁ - ହେଇ ଯାଉ । ମୁନି ଋଷୀମାନେ ପରା କହିଚନ୍ତି - ପ୍ରତିଜ୍ଞା ଯେତୁ କରିଥାଇ/ତାକୁ ସେ ଅବଶ୍ୟ ଭଙ୍ଗଇ--

ମିଟୁ : ଧନେଶ୍ୱର ! କୋଉ ମୁନି ଏ କଥା ତମକୁ କହିଲେ ?

ଧନି : ହେଁହେଁ - ମାଛ ଭଜା ଆଡୁ ଯୋଉଁ ଖୁସ୍ବୁ ଆସୁଚି ସେ ଖୁସବୁ ଥରେ ନାକରେ ପଡ଼ିଲେ ସେ ମୁନି ଋଷୀମାନେ ଯଦି ଏଠି ଥାନ୍ତେ ତାଙ୍କର ବି ପ୍ରତିଜ୍ଞା ଭଙ୍ଗ ହେଇ ଯାଇଥାନ୍ତା ସାର୍--

Digitized by PPRACHIN, SOA

ମିଟୁ : (ହସି ହସି) ହାଃ ହାଃ ହାଃ- ଧନେଶ୍ୱର ! ତାହେଲେ ତମେ କଣ କହୁଚ ?

ଧନି : (ହସି ହସି) ଆପଣଙ୍କର ବି ତାହେଲେ ହେଇ ଯାଉ - ହାଃ ହବ - ହବ

ମିଟୁ : ହେଇ ଯାଉ ।

ଧନି : ତାହେଲେ ଏ କ୍ଷୀର ସାଗର ଆଉ ମାଛ ଭଜା ?

ମିଟୁ : ଯୋଉଠି ଥିଲା ସେଇଠି ଥାଉ -

ଧନି : ତା ହେଲେ ମୁଁ ବି ଯାଇ -

ମିଟୁ : ସେ କଥା କହୁଚ ଆଉ ? (ଉଭୟେ ଉଚ୍ଚସ୍ୱରରେ ହସି ଉଠିଲେ । ଧନିଆ ଚାଲିଗଲା)

ହାଃ- ହାଃ- ହାଃ- ମାର୍ ଗୁଲି ସେ ପ୍ରତିଜ୍ଞାକୁ ! ହାନ୍ତ ସେ ଫେଚକାମୀ ଝିଅ ଗୁଡ଼ାକ କଣ ଗୋଟେ କହିଦେଲେ ବୋଲି ମୁଁ ଖାଇବି ନାହିଁ । ଜରୁର୍ ଖାଇବି । (ସ୍ୱର ଉଚ୍ଚକରି) ଜରୁର୍ ଖାଇବି । ହଁ ହଁ ଜରୁର୍ ଖାଇବି । ଜରୁର୍ ଖାଇବି । ଉଲ୍ଲସିତ ଭବେ ଘରର ଚାରିପାଖ ଡେ଼ଇଁ ଡେ଼ଇଁ ବୁଲି ଆସିଲା । ତା ପରେ ଖାଇବାକୁ ବସିଲା)

ଜୟୀ : (ଅଳ୍ପ ସମୟ ପରେ ହଠାତ୍ ଅସ୍ତବ୍ୟସ୍ତଭବେ ପଶି ଆସିଛି) ମିଟୁ ! ଏ ଘର ନମ୍ବର କେତେ ଜାଣିଚୁ ?

ମିଟୁ : କଣ ସାଧାରଣ ଜ୍ଞାନ ପରୀକ୍ଷା ନଉଚୁ ? (ଖିଆ ଚାଲିଛି)

ଜୟୀ : (ବ୍ୟସ୍ତ ସ୍ୱରରେ) ମିଟୁ ! ମୁଁ ପଚାରୁଚି ଏ ଘର ନମ୍ବର କେତେ ତୁ ଜାଣିଚୁ ?

ମିଟୁ : ଏନ୍ - ଫିଫ୍‌ଟିନ୍ । (ଖିଆ ଚାଲିଚି)

ଜୟୀ : ତୁଟା ତ ଖାଲି ପେଟୁ ନୁହେଁ ତୁଟା ଅନ୍ଧ ବି । ଏ ଘର ନମ୍ବର ଏନ୍ ଫିଫ୍‌ଟିନ୍ ନୁହେଁ ପି-ଫିଫ୍‌ଟିନ୍ ।

ମିଟୁ : (ଚିନ୍ତିତ ଭବେ) ଠିକ ଅଛି । N ଯାହା P ସେୟା, N-15 ରେ ଯାହା P-15ରେ ବି ସେତିକି ମିଠା ।

ଜୟୀ : (ହଠାତ୍ ପାଖକୁ ଧାଇଁ ଆସି) ମିଟୁ ! ତୋ ମୁଣ୍ଡରେ କ'ଣ କିଛି ପଶେ ନାହିଁ ? ଏ ଘର ନମ୍ବର P-15 । ମୁଁ ଘର ଫାଟକ ଦେଖି ଆସିଛି । ଯାଙ୍କ ବର ନାଁ ନରେନ୍ଦ୍ର ରାଉତରା । ଘର କୃଷ୍ଣୀପୁର । ମାଡ୍ରାସରେ ଡାକ୍ତର । ଆମେ ଗୋଟେ ଭୁଲ ଘରେ ପଶି ଯାଇଚେ ।

Digitized by PPRACHIN, SOA

ମିଟ୍ଟୁ : (ହଠାତ୍ ଚେୟାରରୁ ଡେଇଁପଡ଼ି) ଏଁ ? ଭୁଲ ଘରେ ପଶି ଯାଇଚେ ?
ମାନେ - ମାନେ ଆମେ ଗୋଟେ ଭୁଲ ଘରେ ପଶିଯାଇଚେ ?

ଜୟୀ : ହଁ ହଁ ଆମେ ଗୋଟେ ଭୁଲ ଘରେ ପଶି ଯାଇଚେ ।

ମିଟ୍ଟୁ : ରେଁ ବାବ୍ବା—କି ମୁସ୍କିଲ ! ଗୋଟେ ଭୁଲ୍ ଘରେ ପଶିଯାଇଚେ ? ମାନେ - ମାନେ ଏ ଘରଟା - ମାନେ ଏ ଘରଟା ? ଜୟୀ ! ତାହେଲେ କଣ କରିବା ? ଓହୋss ଜୟୀ - ଆବେ ଜୟୀ - ଆବେ କିଛି କହୁ ନାହୁଁ କାହିଁକି ? କି ମୁସିଲ୍ ! ଭୁଲ ଘର ? My goodness ! ମୁଁ ହାଲ୍ଫ କେତେ ଜିନିଷ ମାଗି ମାଗି ଖାଇ ସାରିଲିଣି ହୋ ଯା ଭିତରେ !

ଜୟୀ : କରିବା ଆଉ କଣ ? ଆଗ କ୍ଷୀର ସାଗର ପ୍ଲେଟଟା ସାରିବା । ତା ପରେ ମାଛଭଜାତକ ଖାଇବା । ତାପରେ ଆରାମରେ ଫୋମ୍ ଗଦିରେ ଭେଲଭେଟ ଚଦର ଘୋଡେଇ ହେଇ ଶୋଇବା । ଇଡ଼ିୟଟ୍ ! ଘର ନମ୍ବରଟା ବି ଠିକ୍ କରି ଦେଖି ପାରିଲୁ ନାହିଁ ?

ମିଟ୍ଟୁ : ଅନ୍ଧାରରେ ପଗ ଭଲ କରି ଦିଶୁ ନ ଥିଲା । ବାହାଘର ଆଲୁଅ ଦେଖି ତ ମୁଁ ଭବିଲି ଏଇଟା ହେଇଥିବ - ପଶି ଆସିଲି । ହଉ ହଉ - ସେ ସବୁ କଥାରେ ଆଉ କଣ ଅଛି କହିଲୁ ? ତୁ ଆଗ କହ କେମିତି ପଳେଇବା । ଯଦି ଯା ଭିତରେ ଧରା ପଡ଼ିଗଲେ ନା –

ଜୟୀ : ତାହେଲେ ଚୋର କି ଡକାୟତ ବୋଲି ନାଚ୍ ଖାଇବା ଆଉ ପୋଲିସ ହାତରେ ବନ୍ଧା ହେଇ ଥାନାରେ ଯାଇ ଜୁନ୍ଦା ଖାଇବା । ଖବର କାଗଜରେ ନାଁ ବାହାରିବ ଦୁଇ ଜଣ ଶିକ୍ଷିତ ଯୁବକ—

ମିଟ୍ଟୁ : (ସ୍ୱର ସାମାନ୍ୟ କମ୍ପିତ) ଓହୋss ତୁ ସେଇ ବାଜେ କଥା ଗୁଡା କାହିଁକି କହୁଚୁ ହୋ ? କେମିତି ଯା ଭିତରୁ ପଳେଇବା ସେ କଥା ଆଗ କହ । ଆଜେବାଜେ କଥା ଗୁଡେ କହୁଚି ! ହଉ-ହଉ-ଉଠ୍-ଉଠ୍-ଯିବା—ପଳେଇବା । ଓହୋss - କି ମୁସିଲ ! କି dangerous । (ଉଠି ପଡ଼ି ଏ ପାଖ ସେ ପାଖ ଧାଇଁଲା ଓ ବାହାରକୁ ଲକ୍ଷ୍ୟ କଲା)

ଜୟୀ : ଏଇ - ଆବେ ଇଡ଼ିୟଟଟେ ନା କଣ କେ ? ଯେମିତି ଲୋକଙ୍କ ମାଣ୍ଟିରେ ସୁଟକେଶ୍ ଧରି ଧାଇଁ ପଳିଯିବୁ ? ଧରା ପଡ଼ିଯିବୁ ନାହିଁ ?

ମିଟ୍ଟୁ : ତାହେଲେ କହୁନାହୁଁ କେମିତି ଯିବା ?

Digitized by PPRACHIN, SOA

ଜୟୀ : ତୁ ready ହୋଇ ଥା । ମୁଁ ଯାଉଚି । କେମିତି କୋଉବାଟେ ପଳେଇ ଯାଇ ହବ ମୁଁ ଟିକେ ତନଖ୍ କରି ଆସେ । ତୁ ଚୁପ୍‌ଚାପ୍ ହୋଇ ବସିଥା । ହୁସିଆର୍ - ଆଉ ସେମିତି ଖାଇବି ଖାଇବି ହବୁ ନାହିଁ । (ଯିବାକୁ ବାହାରିଲା)

ମିଟୁ : ନା ନା ନା - ମୁଁ - ମୁଁ - ମୁଁ ଜମା ଏକୁଟିଆ ରହିବି ନାହିଁ - ଯଦି କିଏ ଧରି ପକେଇଲା ନା - ଓହୋ୍୍ - କି ମୁସିଲ ! ଜୟୀ । ଜଥାଟା ଭଗି ଗଣ୍ଡଗୋଳିଆ ହେଇଗଲା ବେ—

ଜୟୀ : ଓହୋ—ତୁ ସେମିତି ବ୍ୟସ୍ତ ହେଉଚୁ କାହିଁକି କହିଲୁ ? ବ୍ୟସ୍ତ ହେଲେ ଆଉ କଣ ହେବ ? ତୁ ଥା । ମୁଁ ଯାଉଚି । ଖୁବ୍ ଜଲ୍‌ଦି ବୁଲି ଆସିବି । ତା ପରେ ପଳେଇବା । ହେଲା ? (ଗଲା)

ମିଟୁ : ଜଲ୍‌ଦି ଫେରିବୁ ଭାଇ—ମୋତେ ଭରି ଡର ମାଡ଼ିଲାଣି । ପ୍ରଭୁ ହେ ! ପ୍ରଭୁ ବିପଦ ଭଞ୍ଜନ ବୈରୀ ଗଞ୍ଜନ ପ୍ରଭୁ ! କି ପରୀକ୍ଷାରେ ଆଣି ପକେଇଲ ହେ ପ୍ରଭୁ ! (ପାଞ୍ଚ ଦଶଥର ଜଲ୍‌ଦି ଜଲ୍‌ଦି ନମସ୍କାର କରି ପକେଇଲା । ତଳେ କୁହାର ହେଇ ପଡ଼ିଲା । ତା ପରେ ସୁଟକେଶ ଧରି ପାଦ ଟିପି ଟିପି ଦୁଆର ପାଖକୁ ଯାଉଥିଲା ।)

ଧନିଆ : (ଆସିଛି । ଗଦି ଆଣିଛି) ଆଜ୍ଞା ଆଣିଲି । ଯୋଉ ନରମ ହେଇଚି ନା ଯା ଉପରେ ଶୋଇ ପଡ଼ିଲେ ଏକଦମ୍ ଫୁଟେ ତଳକୁ ଗଳି ପଡ଼ିବେ । ମୋତେ ବାବୁ କଣ କହିଚନ୍ତି ଜାଣିଚନ୍ତି ? କହିଚନ୍ତି ଆପଣ ମୋ ଆଗରେ ଏ ଗଦିରେ ଶୋଇବେ । ପସନ୍ଦ କରିବେ । ତା ପରେ ଯାଇ ମୋର ଛୁଟି ।

ମିଟୁ : (ଦୁଃଖିତ ସ୍ୱରରେ) ବାବା ଧନେଶ୍ୱର - ଆମର ବି ଛୁଟି ବେଳ ହେଇଗଲା ।

ଧନିଆ : ସାର୍ ! ଆପଣଙ୍କର ତ ଗତିଯାକ ପଡ଼ିଛି । ଛୁଟି ବେଳ ହେଇ ଯିବ କାହିଁକି ?

ମିଟୁ : ସବୁ ସେ ଲୀଳାମୟଙ୍କର ଇଚ୍ଛା ରେ ଧନେଶ୍ୱର କେତେବେଳେ ଯେ ସେ କାହାର ଛୁଟି କରିଦେବେ—

ଧନିଆ : ଗଦି ଖୋଜୁଥିଲେ । ଗଦି ଆସିଲା । ଖଟରେ ପକେଇବେ । ଆରାମରେ ଶୋଇବେ । ଲୀଳାମୟଙ୍କର ଇଚ୍ଛା କଣ ?

Digitized by PPRACHIN, SOA

ମିଟୁ : (ପରହତ ସ୍ୱରରେ) ଇୀଚ୍ଛାମୟଙ୍କର ଇଚ୍ଛା କ'ଣ ସେ କଥା କିଏ କହି ପାରିବ ରେ ବାବା ଧନେଶ୍ୱର ସେ ଏକା ରୁହିଁଲେ ରଖିବେ । ସେ ରୁହିଁଲେ ମାରିବେ । ଅଚ୍ଛା ବାବା ! ବରଯାତ୍ରୀମାନେ ଅସିବା ବେଳ ହେଇ ଗଲଣି ?

ଧନିଆ : ହବ କ'ଣ ? ସେମାନେ ପର ବାହାରି ପଡ଼ିଲେଣି । ଖବର ଅସିଛି — ଆଉ ଟିକକରେ ଆସି ପହଞ୍ଚିଯିବେ ।

ମିଟୁ : (ଅତଙ୍କିତ) ପହଞ୍ଚିଯିବେ ? ବାବା ଧନେଶ୍ୱର ! ଇୀଚ୍ଛାମୟଙ୍କ ଇଚ୍ଛାଟା କିଛି ଭଲ ଦିଶୁନାହିଁ ।

ଧନିଆ : କେଜାଣି ? ଅପଣ କ'ଣ କହୁଚନ୍ତି ମୁଁ କିଛି ବୁଝିପାରୁନାହିଁ ହଉ — ଅପଣ ଏ ଗବିରେ ଅରାମ କରନ୍ତୁ । ମୋର ବେଳ ନାହିଁ । ମୁଁ ଯାଏଁ (ଗଲ

ମିଟୁ : ଦୟାମୟୀ ମା - ମାଲେ - ଆମର ବି କ'ଣ ଯିବା ଆସିବା ବେଳ ହୋଇଗଲ ? ମା - ମା - ଶକ୍ତିମୟୀ ମା - (ସୁଟ୍‌କେଶ ଉଠେଇ)

ସିଲୁ : (ଆସିଛି । ନାଇଁ ନାଇଁ ଏଥର ଆଉ ଇଷ୍ଟନାମ ସ୍ମରଣ କରିବା ଦରକାର ନାହିଁ । ଏଥର ଭଲ ପାନ ଆଣିଛି । ନିଅନ୍ତୁ । (ବଢ଼େଇଲ)

ମିଟୁ : (ସୁଟକେଶଟା ହଠାତ୍ ରଖିଦେଇ ଲୁଚେଇବାର ଚେଷ୍ଟା କରି ପାନ ନେଇ ହେଁ ହେଁ - ପାନ ? ପାନ ? ହେଁ ହେଁ— (ନେଇ ଚଟ୍ କରି ଖାଇଦେଇ ଖୁବ୍ ଭଲ ଲଗୁଛି ବୋଲି ଦେଖେଇବାର ଚେଷ୍ଟାକଲ)

ସିଲୁ : ଆପଣ କୁଆଡ଼େ ବାହାରି ଥିଲେ ନା କ'ଣ ? ସୁଟ୍‌କେଶ ଧରିଥିଲେ ଯେ ?

ମିଟୁ : ଏଁ - ନାଇଁତ ନାଇଁତ କୁଆଡ଼େ ନାଇଁତ । କୁଆଡ଼େ ନାଇଁ ତ । ହେଁ ହେଁ ହେଁ କୁଆଡ଼େ ନାଇଁତ—

ସିଲୁ : ତାହେଲେ ବସନ୍ତୁ ନା ଟିକେ ଗପସପ କରିବା । ଯେତେହେଲେ ଆପଣ ହେଲେ ଆମର — (କଣେଇଁ ହସି ରୁହିଁଲ)

ମିଟୁ : (ଉଦାସ ସ୍ୱରରେ) କିଏ ଆଉ କାହାର ସିଲୁ ଦେବୀ ? ଆଜି ଯେ ନିଜର କାଲିକି ତ ସେ ପର । ସଂସାରଟା ଘୋର ମିଛ ମାୟା—

ସିଲୁ : (ହସି ହସି) ବାଆଜୀ ହେଇଗଲ ପରି କହୁଚନ୍ତି—

ମିଟୁ : ବାଆଜୀ ହେଇ ଯିବାକୁ ମନ ହେଉଛି ।

Digitized by PPRACHIN, SOA

ସିଲୁ : ଓ - ତାହେଲେ ଏବେ ସୁଟ୍‌କେଶ ଧରି ବାଆଜୀ ହବାକୁ ବାହାରିଥିଲେ ! ନାଇଁ ! ଆହା କି ଦୁଃଖ କହିଲେ ? କିଏ ସେ ହତଭଗିନୀଟି ଅଭିଆଡ଼ି ହେଇ ରହିଯିବ ଶେଷରେ କହିଲେ ? ବିଗ୍ରରୀ !

ମିଟୁ : (ପରିହାସରେ ଆନନ୍ଦିତ ହୋଇ) ହେଁହେଁହେଁ - ସିଲୁଦେବୀ — ଅପଣ ସତରେ—

ସିଲୁ : ସତରେ ? ସତରେ ମୋତେ ଦେଖି ଆଉ ବାଆଜୀ ହେଇ ଯିବାକୁ ମନ ହେଉନାହିଁ ?

ମିଟୁ : [ସିଲୁକୁ ଗ୍ରହିଁ ତଦ୍‌ଗତ ଭବ] ହେଁହେଁହେଁହେଁ—

ସିଲୁ : ହେଁହେଁହେଁହେଁ—

ମିଟୁ : ହେଁହେଁହେଁହେଁ—

ସିଲୁ : ହେଁହେଁହେଁହେଁ—

ବାହାରେ : [ବଡ ପାଟିରେ ହଠାତ୍] କିଏ ସେଠି ଦେଇଛି ? କିଏ ? କିଏ ?

ମିଟୁ : [ହଠାତ୍ ଉଠିପଡ଼ି] ଏଁଃ ଏଁଃ - ନାଇଁତ ! ନାଇଁତ ! [ହଠାତ୍ ଗ୍ରେ ଆତଙ୍କ ଗ୍ରହିଁ ଭ୍ରଷ୍ଟ ହୋଇ ପଡ଼ିଛି]

ସିଲୁ : [ହସି ହସି] ଆରେ ! ଆରେ ! ଆପଣ ଉଠି ପଡ଼ିଲେ ଯେ ? ବାହାରେ କିଏ କାହାକୁ ଡ଼ାକିଲା । ଆପଣ ଉଠିପଡ଼ିଲେ କାହିଁକି ?

ମିଟୁ : ହେଁହେଁହେଁହେଁ — ନା - ନା - ନା - ମାନେ - ମାନେ କିଛି ନାହିଁ କିଛି ନାହିଁ କିଛି ନାହିଁ ହେଁହେଁହେଁ — [ବସିପଡ଼ିଲା କିନ୍ତୁ ଗ୍ରରିଆଡ଼କୁ ଗ୍ରହୁଁଥାଏ]

ସିଲୁ : ହେଁହେଁହେଁ — [ହସିଲା]

ମିଟୁ : ହେଁହେଁହେଁ — [ହସିଲା]

ଜୟୀ : [ପଶିଆସୁଛି କହି କହି] ମିଟୁ ! ଜଲ୍‌ଦି — [ସିଲୁକୁ ଦେଖି ଅଟକି ଯାଇ] sorry - sorry -

ସିଲୁ : [ଉଠିପଡ଼ି] ହଉ ମୁଁ ଯାଉଚି । ଆଉ ଭଲ ପାନ ଧରି ଆସିବି । [ଗଲା]

ଜୟୀ : [ମିଟୁ ହସ ହସ ମୁହଁରେ ସିଲୁ ଯିବା ବାଟକୁ ଗ୍ରହିଁ ରହିଛି ।] ମିଟୁ— [ନେ ଶୁଣିବାଲୁ ସ୍ୱର ଉଚ୍ଚ କରି] ମିଟୁ — ଧର୍ ସୁଟ୍‌କେଶ ଧର୍ । ପଛପଟ

Digitized by PPRACHIN, SOA

ଦୁଆର ଦେଇ ପଳେଇବା । ସେ ବାଟେ ବେଶୀ ଲୋକବାକ କେହି ନାହାଁନ୍ତି । ଉଠ୍—

ମିଟୁ : ସାଙ୍ଗେ ସାଙ୍ଗେ ପଳେଇବା ? ମାନେ ସାଙ୍ଗେ ସାଙ୍ଗେ ପଳେଇବା ? [ସିଲୁର ଯିବା ବାଟକୁ ବାରମ୍ବାର ଚାହୁଁଥାଏ]

ଜୟୀ : ମିଟୁ—

ମିଟୁ : ଆଚ୍ଛା ଜୟୀ କହିଲୁ କୋଉ ଏକ୍‌ସରସାଇଜ କଲେ ପେଟଟା କମିଯିବ । ମୁଁ ଏଥର ରୀତିମତ ଏକ୍‌ସରସାଇଜ କରିବି । ଉଁଃ- ପେଟଟା ଶଳା ଟିକେ ବଢ଼ିଗଲା ହୋ — !

ଜୟୀ : ମିଟୁ ! ତୁ ଯିବୁ ନା ଏଠି ଏକ୍‌ସର୍‌ସାଇଜ୍ କରିବୁ ? (ବାହାରିଲା)

ମିଟୁ : ନା ନା-ନା-ନା ମୁଁ ଯିବି - ଯିବି - ଯିବି ! ଆରେ ବାବା ! ମୁଁ ଏଠି ଏକା ରହିଯିବି ? କି ମୁସିଲ ! ଆଚ୍ଛା ଜୟୀ ! ହେଇଟି ! ଆମ କଥା କେହି ଜାଣି ନାହାନ୍ତି ତ ?

ଜୟୀ : ଚୁପ୍—ପାଟି କର ନାହିଁ । ଚାରିଆଡେ ଲୋକବାକ ଯିବା ଆସିବା ଚାଲିଚି । ଏକଦମ୍ ହୁସିଆର । ସିଡିରେ ଦେଖି ଚାହିଁ ଓହ୍ଲେଇବୁ । ମୁଣ୍ଡ ତଳକୁ କରି ଥିବୁ । ଯିଏ ଯାହା ପଚାରିଲେ ବି କିଛି ଉତ୍ତର ଦେବୁ ନାହିଁ । ହେଲା ? ଚାଲ୍-

ମିଟୁ : ଜୟୀ ! ଯହା କହ ଭଇ ମୋତେ ଭାରି ଡର ମାଡୁଛି । ଯାଉ ଯାଉ ଯଦି ବାଟରେ ଧରାପଡ଼ିଗଲେ ନା — ରହ ରହ ମୁଁ ଗୋଟେ ମୁଣ୍ଡରେ କଣଟେ ଗୁଡେଇ ଦିଏଁ । (ରୁମାଲଟା ମୁଁହରେ ଗୁଡେଇ ଦେଲା । ଦୁହେଁ ସୁଟ୍‌କେଶ ଧରି ପାଦ ଟିପି ଟିପି ଚାରିଆଡ଼କୁ ସନ୍ତର୍ପଣରେ ଚାହିଁ ଚାହିଁ ଆଗେଇଗଲେ ।)

ରଙ୍ଗାଧର : (ହଠାତ୍ ପଶିଆସିଛି) ହାଃ-ହାଃ-ହାଃ- ମୁଁ ଆସିଗଲି । ମୁଁ ରଙ୍ଗାଧର ଅଗସ୍ତି - ମୁଁ ଆସିଗଲି । (ମିଟୁ ଓ ଜୟୀ ହଠାତ୍ ଚମକି ଛିଡ଼ା ହୋଇଗଲେ ଓ ସୁଟକେଶକୁ ପଛକୁ ଲୁଚେଇ ଦେଲେ) ମୁଁ କିଏ ଜାଣନ୍ତି ? ମୁଁ ହେଲି ରଙ୍ଗାଧର ଅଗସ୍ତି । ମୁ ବସ୍ତିରେ ଥାଏ । କିସ୍ତିରେ ଖାଏ । ସୁସ୍ତିରେ ଶୁଏ ।

ଜୟୀ : ଆପଣ ଏ ଘରେ ସୁସ୍ତିରେ ଶୁଅନ୍ତୁ ।

ମିଟୁ : ଭାରି ନରମ ଗଦି ପଡ଼ିଚି । ମଜା ଲାଗିବ । ଯାନ୍ତୁ —

ଜୟୀ : ଆମେ ଆସୁଚୁ ।

Digitized by PPRACHIN, SOA

ରଙ୍ଗା : ମିଛ - ଏକଦମ୍ ମିଛ । ଆପଣ ଆଉ ଜମା ଆସିବେ ନାହିଁ । କାରଣ ଆପଣମାନେ ହେଲେ ପଳାୟନ ପନ୍ଥୀ ।

ମିଟ୍ଟୁ : (ଜୟୀକୁ ଘୁପାସ୍ୱରରେ) ଜୟୀ ! ଜାଣିଗଲା କିବେ ? ଆମେ ମରିଗଲେ !

ରଙ୍ଗା : କାରଣ ଆପଣମାନେ ହେଲେ ଅସ୍ତଗାମୀ ତାରା । ଉର୍ଦ୍ଧ୍ୱଗାମୀ ଘୁରା । ସର୍ବଗାମୀ ପାରା । ଡ଼ାରା ଡ଼ାରା ଡ଼ାରା ।

ମିଟ୍ଟୁ : ଜୟୀ – ଆବେ ଜୟୀ ! ଏ ଡ଼ାରଡ଼ାରା ଶଳାଟା କିଏ କି ବେ ? ଏଟା କୁଆଡ଼ୁ ଆସି ପହଞ୍ଚିଗଲା ଏତିକି ବେଳେ ? ଏଟାକୁ ଚଞ୍ଚଳ ବିଦା କର ତ ! ଡେରି ହଉଚି ।

ରଙ୍ଗା : (ଅଭିନୟ କରି ଗାଇଲା ଓ ନାଚିଲା)

ଘେପରା ସାହେବ ହାତେ ପଡ଼ିଅଛ ଧରା
ଧରଧାମେ କେହି ନାହିଁ ତା ପରି ଖଚରା ।
ଚରଇବ ତୁମକୁ ସେ ତା ପଡ଼ିଆ ସାରା
ସାରା ରତି କର ପଛେ ଯେତେ ଲୁଗ୍ଘେରା ।
ଘେରା କାରବାର କେବେ ଲୁଚେ ନାହିଁ ପରା
ତଥାପି ହେଉଚ ବନ୍ଧୁ ଏ ଭଳି ଛୋପରା ।
ଡ଼ାରା ଡାରା ଡ଼ାରା - ଡ଼ାରା ଡ଼ାରା ଡ଼ାରା - ଡ଼ାରା ଡାରା ଡାରା–
(ନାଚି ନାଚି ଘୁଲି ଗଲା)

ମିଟ୍ଟୁ : ଜୟୀ ! ଯାହା କହିଲା କିଛି ବୁଝିଲୁ ?

ଜୟୀ : ଲୋକଟା କୁଆଡ଼େ ଗଲା ?

ମିଟ୍ଟୁ : ଚୁଲକୁ ।

ଜୟୀ : ଆମକୁ ସୁଟକେଶ ଧରିବାର ଦେଖିଚି । କହିଦବ କି ?

ମିଟ୍ଟୁ : କେଜାଣି ଭଗବାନଙ୍କର ଇଚ୍ଛା କଣ କିଏ କହି ପାରିବ ଜୟଚନ୍ଦ୍ର ? ପ୍ରଭୁଙ୍କର ଇଚ୍ଛା ପୂର୍ଣ୍ଣ ହେଉ । ଜୟୀ – କଣ ଯିବା ?

ଜୟୀ : ଯଦି କହି ଦେଇଥିବ ?

ମିଟ୍ଟୁ : ପ୍ରଭୁ ହେ ପ୍ରଭୁ ବିପଦ ଭଞ୍ଜନ - ମା ଦୟାମୟୀ ମା ଲୋ – (ହଠାତ୍ ସତର୍କ ହୋଇ ଘୁପା ସ୍ୱରରେ) ହେଇ - ହେଇ ଜୟୀ ଆବେ ଜୟୀ - କିଏ ସବୁ ସିଡିରେ ଉପରକୁ ଉଠୁଚନ୍ତି ନା କଣ ବେ ! ଘୁଲ ଘୁଲ ଘୁଲ ସୁଟକେଶକୁ

Digitized by PPRACHIN, SOA

ତା ଯାଗାରେ ରଖିଦେଇ ବସି ପଡ଼—ବସି ପଡ଼ (ସୁଟକେଶ ରଖିଦେଇ ଖଟ ଓ ସୋଫାରେ ବସି ପଡ଼ିଲେ । ଭିତରକୁ ପଶିଆସିଲେ ଗୋପୀନାଥ ଓ ଧନିଆ) ହେଁ ହେଁ ହେଁ—ଆପଣ ଏବେ ପୁଣି କାହିଁକି ଆସିଲେ ? ଆପଣ ଏବେ ପୁଣି କାହିଁକି ଆସିଲେ ? କିଛି ନାଇଁତ ! କିଛି ନାଇଁତ । କିଛି ନାଇଁତ ! ଆମେ ବସିଚୁ ତ । ଭଲରେ ବସିଚୁ ତ ! ହେଁ ହେଁ ହେଁ—ନା କଣ ଜୟୀ ? ହେଁ ହେଁ ହେଁ—

ଗୋପୀ : ହଁ ସେୟା ତ । ହେଲେ ମୋ ଝିଅ ନନ୍ଦୀ କହିଲା ଆପଣମାନେ ସୁଟକେଶ୍ ଧରି କୁଆଡ଼େ ବାହାରିଚନ୍ତି ବୋଲି—ସେଇଥିପାଇଁ – ମୁଁ –

ମିଟୁ : ଏଁ ଃ - ଏଁ ଃ - ନାଇଁତ - ନାଇଁତ - ନାଇଁତ - ଆମେ କୁଆଡ଼େ ବାହାରି ନାହୁଁତ - କୁଆଡ଼େ ବାହାରି ନାହୁଁତ - ଏଇଠି ବସିଚୁ ତ - ଏଇଠି ବସିଚୁ ତ ହେଁହେଁହେଁ - ନା କଣ ଜୟୀ ? ହେଁହେଁହେଁ ।

ଗୋପୀ : ସେ ରଙ୍ଗାଧର ପାଗଲଟା କିଛି କହିଲା କି ? ଦେଖିଲି ସେ ଓହ୍ଲେଇ ଯାଉଚି । ତା କଥା କିଛି ଧରିବେ ନାହିଁ । ସେଟା ପାଗଳାଟେ । କାହାଘରେ ଭୋଜିଭାତ ହେବା ଦେଖିଲେ ଏ ଘର ସେ ଘର ଆସି ବୁଲୁଥାଏ । ନାଇଁ— ଆଉ ଏଥର ଆପଣଙ୍କ ପାଖକୁ କେହି ଆସିବେ ନାହିଁ । ଧନିଆକୁ ଏଇଠି ବସେଇ ଦଉଚି । ସେ ଜଗି ବସିଥିବ । କାହାରିକି ଆପଣଙ୍କ ପାଖକୁ ଛାଡ଼ିବ ନାହିଁ ।

ମିଟୁ ଓ ଜୟୀ : (ଭୟାତୁର ସ୍ୱର) ଆଜ୍ଞା-ନାଇଁ-ନାଇଁ-ନାଇଁ-ଦର୍କାର ନାଇଁ - ଦର୍କାର ନାଇଁ - ଆମେ ଭଲରେ ଅଛୁ । ଭରି ଭଲରେ ଅଛୁ । ଧନିଆର ବହୁତ କାମ । ସେ ଯାଇ କାମ ଦାମ କରୁ । କିଛି କଥା ନାଇଁ-କିଛି କଥା ନାଇଁ ।

ଗୋପୀ : ନାଇଁ-ନାଇଁ ଧନିଆ ଏଇଠି ଥାଉ । କାମ କରିବାକୁ ଅନ୍ୟଲୋକ ଅଛନ୍ତି । ଧନିଆ—ତୁ ଏଇଠି ଏଇ ଘର ଦୁଆର ପାଖରେ ବସିଥିବୁ । କାହାରିକି ବାବୁମାନଙ୍କ ପାଖକୁ ଛାଡ଼ିବୁ ନାହିଁ । ବରଯାତ୍ରୀ ଆସିଲା ପରେ ତାଙ୍କ ପାଖରେ ବାବୁମାନଙ୍କୁ ପହଞ୍ଚେଇ ଦେଲା ପରେ ଯାଇ ତୋର ଛୁଟି । ବୁଝିଲୁ ?

ଧନି : ଆଜ୍ଞା—

Digitized by PPRACHIN, SOA

ଗୋପୀ : (ତାଗିଦ୍ କରି) ହୁସିଆର୍—ଏଠୁ ଯେମିତି ପାଦେ କୁଆଡ଼େ ନ ଉଠୁ । ଏଇଠି ବସିଥିବୁ । ମୁଁ ଯାଉଚି । ବରଯାତ୍ରୀ ଆସିବା ବେଳ ହେଇଗଲାଣି । କଣ ସବୁ ଆୟୋଜନ ହେଲା ଦେଖେଁ । (ଗଲେ । ଯାଉ ଯାଉ) ଧନିଆ— କୁଆଡ଼େ ଯିବୁ ନାହିଁଟି—ହୁସିଆର୍—

ଧନି : ନାଇଁ ଆଜ୍ଞା ! ମୁଁ ଜମା କୁଆଡ଼େ ଯିବି ନାହିଁ । ଏଇଠି ବସିଥିବି। (ଦୁଆରେ ବସିଗଲା) ଆଜ୍ଞା ମୁଁ ଏଇଠି ବସିଲି । କଣ କିଛି ଦରକାର ହେଲେ ମୋତେ ଡାକିବେ ।

ମିଟୁ : (ଉଦାସ ଓ ହତାଶ ସ୍ୱର) ତୋତେ ଆଉ କାହିଁକି ଡ଼ାକିବୁ ରେ ଧନେଶ୍ୱର- ଏଥର ଆମେ ଯମେଶ୍ୱର ନ ହେଲେ ପରମେଶ୍ୱରଙ୍କୁ ଡାକିବୁ ।

ଧନି : ସେମାନେ କିଏ ସାର୍ ?

ମିଟୁ : ତମେ ତାଙ୍କୁ ଚିହ୍ନି ପାରିବ ନାହିଁ । ସେମାନେ ତମରି ପରି ଈଶ୍ୱର । ହେ ପ୍ରଭୁ ପରମେଶ୍ୱର ! (ଜୟୀଙ୍କୁ) ଜୟୀ ! ବୁଝିଲୁ ! ଏଥର ପୁରାପୁରି ଜେଲ୍‌ଖାନା ହେଇଗଲା । ଦୁଆରେ ଧନିଆ ଓ୍ୱାର୍ଡର । ଗେଟ୍‌ରେ ଗୋପୀ ଦାସ ଜେଲର୍ । ଭିତରେ ଆମେ ଦିଜଣ ଚୋର ।

ଜୟୀ : ବାଜା ଶୁଭୁଚିଟି ? ବରଯାତ୍ରୀ ଆସୁଛନ୍ତି ।

ମିଟୁ : ବରଯାତ୍ରୀ ନୁହେଁ ଜୟଚନ୍ଦ୍ର ଶୋଭାଯାତ୍ରୀ । ଏଥର ଆମେ ଶୋଭାଯାତ୍ରାରେ ଥାନାକୁ ଚାଲିବା । ଆଗରେ ପୋଲିସ ବାଲା ଚାଲିଥିବେ । ଆମ ଅଣ୍ଟାରେ ଦଉଡ଼ି ବନ୍ଧା ହେଇଥିବ । ପଛରେ ଗୋପୀଦାସ ସାଇଟୋକାଙ୍କୁ ନେଇ ଚାଲିଥିବ । ସ୍ଲୋଗାନ ହଉଥିବ । ସାଇଁ ସାଇଁ ବେତ ବାଜୁଥିବ । ଶହ ଶହ ଲୋକ ଚାହିଁଥିବେ । ଜୟୀ ରେ ! ଅବସ୍ଥା ବଡ଼ ସଙ୍ଗୀନ ହେଇଗଲା ରେ— (ଟିକେ ରହି) ବରଯାତ୍ରୀ ଯେତେବେଳେ କହିଦେବେ ଏ ଲୋକ ଦିଟା ଆମ ଲୋକ ନୁହନ୍ତି ସେତେବେଳେ କଣ ଯେ ହବ ଜାଣିଚୁ ? ଆଚ୍ଛା ଜୟୀ ! ଏ ବୁଢ଼ବେକ୍‌ଟା କୁଆଡ଼େ ଯାନ୍ତା ନାହିଁ ? ଆମେ ଆଖି ବୁଜି ସେଇ ପଛବାଟେ ଧାଇଁ ପଳାନ୍ତେ ।

ଜୟୀ : ଏ ବୁଢବକ୍ କୁଆଡ଼େ ଯିବ ନାହିଁ । ସେଇଠି ବସିଥିବ । ଗୋପୀଦାସ ତାକୁ ଶହେଥର ହୁସିଆର୍ କରି ଦେଇ ଯାଇଛି ।

Digitized by PPRACHIN, SOA

ମିଟୁ : (କେଉଁଠି ଘରରେ) ବାବା ଧନମଣି—ବାବା ଟିକେ ଭିତରକୁ ଆସିବ କି ?

ଧନି : (ଆସିଛି) ଆଜ୍ଞା ମୋ ନାଁ ଧନମଣି ନୁହେଁ ଧନେଶ୍ୱର । କଣ କହୁଚନ୍ତି ?

ମିଟୁ : ଆଚ୍ଛା ବାବା ଧନେଶ୍ୱର—ତମର ତ ଧର୍ମକର୍ମରେ ନିଶ୍ଚୟ ମତି ଥିବ ।

ଧନି : ଅଛି ଯେ—କଣ କହୁନାହାନ୍ତି ?

ମିଟୁ : ଗୋଟେ ବଡ଼ ଜରୁରୀ ଧର୍ମ କାର୍ଯ୍ୟ ପଡ଼ିଗଲା । ଯିଏ କରିବ ତାର ଅଶେଷ ପୁଣ୍ୟ ହେବ । ଯିଏ କରେଇବ ତାର ବି ଅଶେଷ ପୁଣ୍ୟ ହେବ । ଭାଗ୍ୟରେ ଥିଲେ ଏ ଭଳି ସୁଯୋଗ ମିଳେ । ଦଶଟା ବାଜିଗଲା । ଏଥର ମୁଁ ଶହେ ଆଠ ଶ୍ରୀଗୁରୁଙ୍କ ଧ୍ୟାନରେ ବସିବି । ଆଜି ଶୁକ୍ଳ ଅଷ୍ଟମୀ ମଙ୍ଗଳବାର । ସେମିତି ପୁଣ୍ୟ ଥିଲେ ସ୍ୱୟଂ ଶ୍ରୀଗୁରୁ ଆସି ଏଇଠି ଆବିର୍ଭାବ ହେଇଯିବେ ।

ଧନି : ଏଇଠି ଆବିର୍ଭାବ ହେଇଯିବେ ?

ମିଟୁ । ଏଇଠି । ତୁମ ଆଗରେ । ତୁମେ ଚାହିଁଥିବ । ତୁମ ଆଗରେ ଆସି ଠିଆ ହେଇଯିବେ । କି ଦିବ୍ୟ ମୂର୍ତ୍ତୀ ! କି ଦେବତା ପରି ରୂପ ! ତମେ ଏକଦମ୍ ଭେଲକା ହେଇଯିବ ।

ଧନି : ତାହେଲେ ବସନ୍ତୁ ସାର୍ । ମୁଁ ବାହାରୁ କବାଟ କିଳି ଦଉଚି । ମୂଷା ଛୁଆଟେ ବି ଭିତରକୁ ପଶି ପାରିବ ନାହିଁ ।

ମିଟୁ : ଓଁ ଶ୍ରୀଗୁରୁ—ଓଁ ଶହେ ଆଠ ଶ୍ରୀଗୁରୁ—ଖାଲି ମୋର କିଛି ଗରମ ପାଣି ଦରକାର । ଟଗ୍ ବଗ୍ ହେଇ ଫୁଟୁଥିବ । ସେଇଥିରେ ଶ୍ରୀଗୁରୁଙ୍କ ପାଦ ପ୍ରକ୍ଷାଳନ ହେବ (ନମସ୍କାର କଲା ଅଦୃଶ୍ୟ ଗୁରୁଙ୍କ ଉଦ୍ଦେଶ୍ୟରେ)

ଧନି : ଏଇ କଥାଟ ? ମୁଁ ସନାତନକୁ ଏଇଠୁ ଡ଼ାକି କହି ଦଉଚି ସେ ଆଣିଦେବ ।

ମିଟୁ : ନାନାନାନା - ସେ ବଡ ପବିତ୍ର କାର୍ଯ୍ୟ । ସେ କାର୍ଯ୍ୟକୁ ସନାତନ କି ପଞ୍ଚାନନ କେହି କରି ପାରିବେ ନାହିଁ । ଏ କାର୍ଯ୍ୟରେ ଟିକେ ଉଲମ ବିଲମ ହେଇଗଲେ ନା ଶ୍ରୀଗୁରୁ ଏକଦମ୍ ପ୍ରଳୟ କାଣ୍ଡ କରି ଦେବେ । ଗୁରୁ ପ୍ରଚଣ୍ଡ ପ୍ରତାପୀ ତ । ସେ କାର୍ଯ୍ୟ ଯିଏ କରିବ ସିଏ ଏକମୁଖ ହେଇ ଯିବ । କାହାରିକି ଚାହିଁବ ନାହିଁ । କାହାରିକି କିଛି କହିବ ନାହିଁ । ସଦାସର୍ବଦା ଇଷ୍ଟନାମ ଜପୁଥିବ । ପୁଣି ଗରମ ପାଣି ଆଣି ଏକମୁଖ ହେଇ ଆସିବ । ସେ ବଡ

Digitized by PPRACHIN, SOA

ଖଣ୍ଡାଧାର କାମ ଧନେଶ୍ୱର - ଯେ କାମ କେବଳ ତମେହିଁ କରି ପାରିବ । ତମକୁ ଶ୍ରୀଗୁରୁଙ୍କର ଆଜ୍ଞା ହଉଚି—

ଧନି : ନାଇଁ ନାଇଁ କିଛି କଥା ନାଇଁ । ସନାତନ ଭଗି ହୁସିଅର୍ ଲୋକ । ସେ ଏ କାମ ଠିକ୍ କରି ଦେଇ ପାରିବ ।

ମିଟୁ : ନାଇଁ-ନାଇଁ ବାବା ତମେ ନିଜେ ଟିକେ ଯା—ଗୁରୁ ଆବିର୍ଭାବ ହେବେ । ତମେ ତାଙ୍କର ଦର୍ଶନ ପାଇବ । ଯା—

ଧନି : ମୁଁ ଯିବି ? ଇଲେ ମୋ ବାବା ! ଗୋପୀବାବୁ ଆଉ ମୋ ଚୁଟି ରଖିବେ ? ମୁଁ ଏଠୁ ଛାଡ଼ି ଜମା କୁଆଡ଼େ ଯାଇ ପାରିବି ନାହିଁ ।

ମିଟୁ : ଯାଇ ପାରିବ ନାହିଁ ?

ଧନି : ଆଜ୍ଞା ନାଇଁ । ଯାଇ ପାରିବ ନାହିଁ ।

ମିଟୁ : ଏଇଠି ବସିଥିବ ?

ଧନି : ଏଇଠି ବସିଥିବି ।

ମିଟୁ : (ହତାଶ ସ୍ୱରରେ) ମା ଜଗଦମ୍ବେ—ମା କାତ୍ୟାୟିନୀ—ମା ଲୋ - ତୋର ଇଚ୍ଛା କଣ ତୁ ଜାଣୁ ମା—ଆଚ୍ଛା ବାବା ଧନେଶ୍ୱର ! ତମେ ନିହାତି ଯାଇ ପାରିବ ନାହିଁ ?

ଧନି : ଆଜ୍ଞା ନାଇଁ । ଜମା ଯାଇ ପାରିବି ନାହିଁ ।

ମିଟୁ : (ଜୟୀ) ଜୟୀ ! ହାନ୍ତ ଏକଦମ୍ ବୁଡବକ୍ ଅଛି । ଏଠୁ ଉଠି ଜମା କୁଆଡେ ଯାଉନାହିଁ । କଣ କରିବା ? ଏଠୁ କୁଆଡେ ଯାଇ ହେଲେ ପରି ଦିଶୁନାହିଁ ।

ଜୟୀ : ମୁଁ ବି ଜାଣି ପାରୁନାହିଁ କଣ କରିବା ।

ମିଟୁ : ଜୟୀ—ଆଉ ଏଥର ରକ୍ଷା ନାହିଁ । ବରଯାତ୍ରୀ ଆସି ଯାଉଚନ୍ତି । ତା ପରେ ଥାନାବାବୁ ଆସିବେ । ତାପରେ ସାଇପିଲ ଆସିବେ । ଜୟୀରେ ! ଆମର ଶେଷ ସମୟ ଆସି ଉପସ୍ଥିତ ହେଇଗଲା । (ଧନିଆକୁ) ଆଚ୍ଛା ବାବା ଧନେଶ୍ୱର ! ଯେ ଯୋଉ ଉପରତାଲା ଘର ଯା ଉପରକୁ କଣ ଅଛି କହିଲ ?

ଧନି : ଯା ଉପରକୁ ଆଉ କଣ ? ଛାତ ।

ମିଟୁ : ଯା ଉପରକୁ ଛାତ । ନାଇଁ ? ହୁଁ—ଆଚ୍ଛା ତା ଉପରକୁ ଯିବାକୁ ସିଢ଼ି ବି ଥିବ ?

Digitized by PPRACHIN, SOA

ଧନି : ଅଛି ।

ମିଟୁ : ଆଚ୍ଛା—ସେ ପାଖ ଘରେ ଝିଅମାନେ ବସିଚନ୍ତି । ନାଇଁ ? କେତେଜଣ ବସିଚନ୍ତି ?

ଧନି : କେଜାଣି ? ଏଇ କୋଡ଼ିଏ ତିରିଶ ହେବେ ।

ମିଟୁ : ଆଉ ଏ ପାଖ ଘରେ ଯୌତୁକ ଜିନିଷ ସବୁ ଅଛି !

ଧନି : ହଁ ।

ମିଟୁ : ଆଚ୍ଛା ବାବା ଧନେଶ୍ୱର ! ଧର ତମର ଏଠି ଗୋଟେ କିଛି ବିପଦ ଆପଦ ଘଟିଗଲା ! ତମେ କୋଉ ବାଟେ ପଳେଇବ ?

ଧନି : ଏଠି କି ବିପଦ ଆପଦ ଘଟିଯିବ ?

ମିଟୁ : ଏଇ - ମାନେ - ମାନେ - ଏଇ ଧର - ଧର - ଦି ଗ୍ଚରିଜଣ ଗ୍ଚେର ଘା ଭିତରକୁ ପଶି ଆସିଲେ କି ଗ୍ଚରି ପାଞ୍ଚଜଣ ଲୋକ ଠେଙ୍ଗାବାଡ଼ି ଧରି ଉପରକୁ ମାଡ଼ି ଆସିଲେ ତାହେଲେ ତମେ କୋଉବାଟେ ପଳେଇବ ?

ଜୟୀ : (ଗ୍ଚପା ସ୍ୱରରେ) ମିଟୁ ! କଣ ଏଗୁଡା ସବୁ ତାକୁ କହୁଚୁ ?

ଧନି : ମୁଁ କାହିଁକି କୁଆଡ଼େ ପଳେଇବି ହୋ ? ମୁଁ ସେ ଶଳାଙ୍କୁ ମାଡ଼ି ... ବି ନା ପଳେଇବି ?

ମିଟୁ : ଓହୋ ଧର ତମେ ଗ୍ଚହିଁଲ ପଳେଇବ—

ଧନି : ମୁଁ କାହିଁକି ଗ୍ଚହିଁବି ? ଏଠି ଝିଅମାନେ ଅଛନ୍ତି । ଯୌତୁକ ଜିନିଷପତ୍ର ଅଛି । ମୁଁ ପଳେଇବି ?

ମିଟୁ : ଆରେ ବାବା ତମେ କଣ ସତରେ ପଳଉଚ ? ହଉ ହେଲା - ତମେ ଗଲ ନାହିଁ । ଧର ଆମେ ପଳେଇଲୁ । କୋଉବାଟେ ଯିବୁ ?

ଧନି : ଆପଣମାନେ ପଳେଇବେ ? ଶେଷରେ ମୋ ଗ୍ଚକିରୀ ଖଣ୍ଡକ ଖାଇବେ ନା କଣ ?

ମିଟୁ : ଓହୋଃ ! ବାବା ଧନେଶ୍ୱର ! ତମେ ତ ଜମା ମୋ କଥାଟା ବୁଝି ପାରୁନା ! ଆମେ କଣ ସତରେ ପଳଉଚୁ ? ବିପଦ ଆପଦ କଥା କହୁଚୁ ନା । ଧର ଗୋଟେ କିଛି ବିପଦ ଆପଦ ଆସିଗଲା—

ଧନି : ଏଠି ବିପଦ ଆପଦ କିଛି ଆସିବ ନାହିଁ । ଗ୍ଚରିଆଡ଼େ ଲୋକ ଭର୍ତ୍ତି ହେଇଚନ୍ତି । ଆପଣ ଜମା ବ୍ୟସ୍ତ ହୁଅନ୍ତୁ ନାହିଁ ।

Digitized by PPRACHIN, SOA

ମିଟୁ : ସେଇ ଲୋକଙ୍କ ଭିତରୁ ବିପଦ ଆସିଯିବ ଲେ ବାବା ! ଆଉ ଯଦି ଥରେ ଆସିଗଲା ନା–ମା ଜଗଦମ୍ବେ ମା କାଳିକେ– ତମେଇ ଭରସା ମା – (କପାଳରେ ହାତ ଯୋଡ଼ି ନମସ୍କାର କଲା ଓ ଦୀର୍ଘଶ୍ୱାସ ମାରିଲା)

ଧନି : ମୁଁ ଆଜ୍ଞା ଆପଣଙ୍କ କଥା କିଛି ବୁଝି ପାରୁ ନାହିଁ ।

ମିଟୁ : ମୁଁ ତ ନିଜେ କିଛି ବୁଝି ପାରୁନାହିଁ । ତମେ କୋଉଠୁ ବୁଝିବ ? ଲୀଳାମୟଙ୍କ ଖେଳ କିଏ ବୁଝି ପାରିବ ?

ଅଳ୍ପ ସମୟ ପରେ ଧନିଆ ଭିତରକୁ ଉଙ୍କି ମାରି ମିଟୁ ଓ ଜୟୀକୁ ଲକ୍ଷ୍ୟ କଲା ; ମୁହଁରେ ସନ୍ଦେହ ଓ ସତର୍କତା ।

ଧନି : ଆଜ୍ଞା ମୁଁ ଟିକେ ତଳକୁ ଯାଇ ଆସୁଚି । ଆପଣ ବସିଥାନ୍ତୁ । ମୁଁ ଯିବି ଆସିବି । ମୁଁ ବାହାର କବାଟ ଆଉଜେଇ ଦେଇ ଯାଉଚି । (ଚାଲିଗଲା)

ମିଟୁ : (ଜୟୀକୁ ଥରେ ଓ ଦ୍ୱାର ଆଡ଼କୁ ଥରେ ସନ୍ଦିଗ୍ଧ ଦୃଷ୍ଟିରେ ଚାହିଁ) ଆବେ ଜୟୀ ! ଆମେ ଏତେ କହୁଥିଲେ ଯାଉ ନ ଥିଲା । ଏବେ କଣ ଆପେ ଆପେ ଚାଲିଗଲା ! କଣ ହେଲା କି ବେ ?

ଜୟୀ : କେଜାଣି ? ତୋର ବି ଟିକେ ଅକ୍‌କଲ ନାହିଁ ତୁ ତାକୁ ପଚାରୁଚୁ କୋଉ ବାଟେ ପଳେଇବୁ ! ଯଦି ତଳେ କହିଦେଲା–

ମିଟୁ : (ଚମକି ଉଠି) ଏଁ ! କହିଦବ ? ମାନେ - ମାନେ - ଆମେ ପଳେଇବାକୁ ବାଟ ଖୋଜୁଚୁ ବୋଲି କହିଦବ ?

ଜୟୀ : କେଜାଣି ? କହି ଦେଇ ପାରେ ।

ମିଟୁ : (ବ୍ୟସ୍ତ ଓ ଭୟାତୁର ସ୍ୱରରେ) ଦେଇ ପାରେ ? ମାନେ କହି ଦେଇ ପାରେ ? କି dangerous କଥା ! ତାହେଲେ ? ତାହେଲେ କଣ କରିବା ? କଣ କରିବା ? ଯଦି ସେ ବୁଡବକ୍‌ଟା ଯାଇ କହିଦେଲା ନା ସାଙ୍ଗେ ସାଙ୍ଗେ ଲୋକ ମାଡ଼ି ଆସିବେ । (ଥର ଥର ସ୍ୱରରେ) ଜୟୀ ରେ - ଆଉ ଜମା ଡେରି କର ନା ରେ ଜୟୀ – ଉଠ ଯିବା – ଥରେ ଧରା ପଡ଼ିଗଲେ ଆଉ ରକ୍ଷା ନାହିଁ । ଉଠ୍ - ଉଠ୍ - ଆଉ ଡେରି କର ନା – (ଥରେ ଦୁଆର ପାଖକୁ ଓ ଥରେ ଝରକା ପାଖକୁ ଧାଇଁ ଯାଇ ତଳେ କଣ ଘଟୁଛି ତାକୁ ଲକ୍ଷ୍ୟ କରୁଛି) କି dangerous ! କି dangerous ! ଜୟୀ ! ଆବେ ଜୟୀ ! ତୁ ସେମିତି ଗୋଟେ ଡେଲ୍‌କାଙ୍କ ପରି ଅନେଇଚୁ

Digitized by PPRACHIN, SOA

କଣ ? କିଛି କହୁ ନାହଁ କାହିଁକି ? କହ କଣ କରିବା ! କହ । ଓହୋ ! ଜଲ୍‌ଦି କହମ ! (ସେମିତି ଏ ପାଖ ସେ ପାଖ ଧାଉଁଛି)

ଜୟୀ : ମୁଁ କହୁଚି ଗ୍ଲାସ୍ ତଳକୁ ଫକ୍ କିନା ଡେଇଁ ପଡ଼ିବା ।

ମିଟୁ : (ଅଟକି ଯାଇ) ଏଇ ଉପରତାଲାରୁ ଡ଼େଇଁ ପଢ଼ିବା ?

ଜୟୀ : ଉପର ତାଲାରୁ ନୁହେଁ ଆଉ କଣ ତଳଚାଲାରୁ ଡେଇଁ ପଡ଼ିବା ? ବୁଦ୍ଧବକ୍ !

ମିଟୁ : ଜୟୀ ! ତତେ ଥଟ୍ଟା ଲାଗିଚି ? କଥାଟା କେତେ ଗୁରୁତର ହେଲାଣି - ତୁ କହୁଚୁ ଡେଇଁ ପଡ଼ିବା ? ଧର ଯଦି ଗୋଡ ହାତ ଭାଙ୍ଗିଗଲା କି ଧର ମୋ ପେଟଟା ଯେମିତି ଓଜନ ହେଇଚି ମୋ ଲୁଗାପଟା ଖସପ ହେଇଗଲା ? (ହଠାତ୍ ତଳୁ କୋଳାହଳ ଶୁଭିଲା । ମିଟୁ ଆତଙ୍କିତ ହୋଇ ପଡ଼ିଛି) ହେଇ ହେଇ ହେଇ - ଆସିଗଲେ ନା କଣ - ଆସିଗଲେ ନା କଣ - ଜୟୀ-ଜୟୀ-ଜୟୀ - ଲୁଚ୍-ଲୁଚ୍-ଲୁଚ୍—ହେ ଭଗବାନ ! ହେ ଭଗବାନ୍ ! ହେ ଭଗବାନ୍ ! (ଯାଇ ସୋଫା ପଛରେ ଲୁଚିଗଲା । ଜୟୀ ଉଠି ଛିଡ଼ା ହୋଇଗଲା ।)

ବାହାରେ : (ପାଟି ଶୁଭୁଛି) କାହିଁଗଲି-କାହିଁଗଲି ସେ ଲୋକ ଦିଟା ? କୋଉଠି ଲୁଚିଚନ୍ତି ? କୋଉଠି ? କୋଉଠି ?

(ଭିତରକୁ ଧାଇଁ ପାଞ୍ଚଜଣ ଯୁବକ ଓ ମଧ୍ୟବୟସ୍କ ଲୋକ ପାଟି କରି କରି ପଶି ଆସିଲେ)

ସ୍ବର : (ଜୟୀକୁ ଦେଖି) ଏଇ-ଏଇ-ଏଇଠି-ଏଇଠି ଗୋଟେ ଛିଡା ହେଇଚି । ଆରଟା କୁଆଡ଼େ ଗଲା ? ଆରଟା କୁଆଡେ ଗଲା ? (ଜୟୀକୁ) ଏଇ—କୁଆଡେ ଗଲା ? କୁଆଡେ ଗଲା ତମ ସାଙ୍ଗ ? ଆଁଏ — କୁଆଡେ ଗଲା ? ବୀର ! ଅମୁନା ! ଦେଖିଲ ଦେଖିଲ କୁଆଡେ ଗଲା !

ଜୟୀ : (ଡାକିଲା) ମିଟୁ-ମିଟୁ—

ମିଟୁ : (ସୋଫା ପଛରୁ ବାହାରି ଆସି ଛିଡ଼ା ହେଲା)

ସ୍ବର : (ପାଟି କରି) କିଏ ତମେ ? କିଏ ତମେ ଦିଟା ? ତମ ନାଁ କଣ ? କଣ ତମ ନାଁ ?

ଜୟୀ : ମୋ ନାଁ ଜୟ ସାମନ୍ତରାୟ—

Digitized by PPRACHIN, SOA

ମିଟୁ : ମୋ ନାଁ ମିଟୁ ଜୟସିଂହ—

ବୀର : (ହସି ହସି) ଷ୍ଟେର ମାନଙ୍କର ଅଷ୍ଟୋତ୍ତରଶତ ନାମ ଥାଏ ସ୍ୱର ଭାଇ ! ଯାଙ୍କୁ ଟିକେ ଯଦି ଆଉ ବେଶୀ ପଚର ପଚରି କରିବୁ ନା ତାହେଲେ ଜଣେ କହିବ ତା ନାଁ ଅମୋଲ ପାଲେକର ଆଉ ଜଣେ କହିବ ତା ନାଁ ଆଶା ଭେଁସଲେ —

ଅମୁ : ତା ପରେ ସେ ଆଶା ଭେଁସଲେଟା ଗୀତ ଗାଇବ ନା କଣ ବେ ?
(ସମସ୍ତେ ଉଚ୍ଚସ୍ୱରରେ ହସି ଉଠିଲେ)

ସ୍ୱର : (ରାଗ ସ୍ୱରରେ) ଆବେ ହେଃ ! ତମ ଘର କୋଉଠି ? ତମ ଘର କୋଉଠି ? କଣ ଶୁଭୁନାହିଁ ମୁଁ କଣ ପଚାରୁଛି ? ଏଠିକି କାହିଁକି ଆସିଥିଲ ?

ବୀର : (ପରିହାସକରି) ଷ୍ଟେର କଣ ଷ୍ଟେରି କରିବାକୁ ଆସିଚି ବୋଲି ତୋତେ କହିବ ବୋଲି ତୁ ଭାବିଚୁ ? ଏଇନା ପରା ଧନିଆକୁ ପଚାରୁଥିଲେ ଯୌତୁକ ଜିନିଷ କୋଉଠି ଅଛି - କେତେ ଜଣ ଝିଅ ଅଛନ୍ତି - ବିପଦ ଆପଦ ହେଲେ କୋଉ ବାଟେ ପଳେଇବେ ।

ଅମୁ : ଏ ଦିଟା ତ ଧରା ପଡ଼ିଗଲେ । ବାକୀ ସେ ଯମେଶ୍ୱର ପରମେଶ୍ୱର ଦିଟା ?

ସ୍ୱର : ସେ ଦିଟା ପୁଣି କିଏ ?

ଅମୁ : ଧନିଆ କହୁଥିଲା ଶୁଣିନଉଁ ? ସେ ଦିଟା ଯାଙ୍କର ସାଙ୍ଗ ନା କଣ ? ତାଙ୍କୁ ଡାକିବେ ବୋଲି କହୁଥିଲେ —

ଜୟୀ : ଦେଖନ୍ତୁ - ଆମେ - ଭୁଲ୍‌ରେ -

ବୀର : ଷ୍ଟେପ୍ - ଷ୍ଟେଓପ୍ -

ସ୍ୱର : (ମିଟୁକୁ ଠେଲି ଦେଇ) ଆବେ ହେଃଃ ! କାହାନ୍ତି ସେ ଦିଟା ? କାହାନ୍ତି ତମର ସେ ସାଙ୍ଗ ? କୋଉଠି ଅଛନ୍ତି ? କୋଉଠି ଅଛନ୍ତି ? ଆବେ ପାଟିରୁ କଥା ବାହାରୁ ନାହିଁ କାହିଁକି ?

ବୀର : ସ୍ୱରଭାଇ ! ସିଧା ଆଙ୍ଗୁଠିରେ ଘିଅ ବାହାରିବ ନାହିଁ । ତୁ ପଛକୁ ଆ । ମୁଁ ଲଗାଏ ଦିଦିଟା ଥୋପି । ତା ପରେ ସବୁକଥା ନାକବାଟେ ଗଳ ଗଳ ହେଇ ବାହାରି ଆସିବ । (ଜାମାର ହାତ ଗୁଡ଼େଇ ଜୟୀ ଓ ମିଟୁ ଆଡକୁ ଉଗ୍ରଭାବେ ମାଡ଼ିଆସିଲା । ମିଟୁ ଆତଙ୍କିତ ହୋଇ ପାଦେ ପଛକୁ ଘୁଞ୍ଚିଗଲା । ପାଟିକରି) ଆବେ କହିବ ନା ଦେଖିବ ? ମୁଁ ପଚାରୁଚି କହିବ ନା

Digitized by PPRACHIN, SOA

ଦେଖିବ ? ଦେଖୁଚ - ଦେଖୁଚ ଏ ମୁଥକୁ ? ଗୋଟେ ଥୋପି ମାରିଲେ ଦଣଟା ଛାମୁଦାନ୍ତ ଝଡ଼ି ପଡ଼ିବ । ଦେଖିବ ଲଗେଇବି ? ଦେଖିବ ? କୁହ - କୁହ କାହିଁକି ଆସିଲ । କୁହ -

ଜୟୀ : ଦେଖନ୍ତୁ - ଆମର ଟିକେ ଭୁଲ ହେଇ ଯାଇଚି -

ସ୍ୱର : (ମଝିରେ) ଶ୍ଚେପ୍ - ଶ୍ଚେପ୍ - ଭୁଲ ହେଇ ଯାଇଚି ! ଭୁଲ ହେଇଯାଇଚି ! ନାଇଁ ? ଅମୁନା ବୀର ଗଜ ! ଆଉ ଡେ଼ରି କର ନାହିଁ । ଧର ଏ ଦିଟାଙ୍କୁ ଥାନାକୁ ନେଇଯିବା । ବରଯାତ୍ରୀ ଆସିବା ବେଳ ହେଇଗଲଣି । ତା ଆଗରୁ ଏ ଝମେଲ ସାରିବାକୁ ହବ -

ବୀର : ସେମିତି ହେବ ନାହିଁ । ରହ ମୁଁ ଗୋଟେ ଦଉଡ଼ି ଆଣେ ଦିଟାଙ୍କୁ ଏକାଠି ବାନ୍ଧି ପକେଇ ରସ୍ତାରେ ଟାଣି ଟାଣି ନେଇଯିବା । (ଡାକି ଡ଼ାକି) ଧନିଆ ଧନିଆ - ଖଣ୍ଡେ ଦଉଡ଼ି ଆଣିବୁଟି । ଜଲ୍‌ଦି - (ଶୁଲିଗଲ)

ମିଟୁ : (ଆତଙ୍କିତ ସ୍ୱରରେ) ଆଜ୍ଞା - ଆଜ୍ଞା - ଆମର ଭୁଲ ହେଇ ଯାଇଚି ଆଜ୍ଞା - ଆଉ କେବେ ଏମିତି ଭୁଲ ହବ ନାହିଁ - ଆଉ କେବ୍‌ବେ ଏମିତିକା -

ସ୍ୱର : ଶ୍ଚେପ୍ - ଶ୍ଚେଓପ୍ -

ଗୋପୀ : (ହଠାତ୍ ପଶି ଆସିଛନ୍ତି । ଟିକେ ଉଚ୍ଚସ୍ୱରରେ) କଣ ହେଇଚି ? କଣ ହେଇଚି ? ସ୍ୱର ! ଅମୁନା ! ଗଜ ! କଣ ହେଇଚି ?

ସ୍ୱର : ଦାଦା ! ଆମେ ଦିଟା ଶ୍ଚେର ଧରିଚୁ । ଏଇ ଦିଟା ବରଯାତ୍ରୀ ବେଶରେ ଆସି —

ମିଟୁ : (ଆତଙ୍କିତ ସ୍ୱର) ଆଜ୍ଞା ନାଇଁ ନାଇଁ ନାଇଁ - ଆମେ ଶ୍ଚେର ନୋହୁଁ - ଆମେ - ଆମେ—

ସ୍ୱର : ଶ୍ଚେପ୍ —

ବୀର : (ଆସିଛି) ଏଇ ନିଅ ଦଉଡ଼ି । ବାନ୍ଧ ଏ ଦିଟାଙ୍କୁ —

ବଳି (ପଶି ଆସିଚି) କଣ ହେଇଚି ? କଣ ହେଇଚି ? ଗୋପୀ ମଉସା । ସ୍ୱର ! ବୀର ! କଣ ହେଇଚି ? (ହଠାତ୍ ଜୟୀ ଓ ମିଟୁଙ୍କୁ ଦେଖି) ଆରେ ମିଟୁ ଜୟୀ ! ତମେ ଦି ଜଣ ଏଠି । ଆମେ ତମକୁ ସେଠି ଏତେ ଖୋଜୁଚୁ । ଗୋପୀ ମଉସା ! ଯେ ପର ଆମ ମିଟୁ ଆମ ବର ଧୀରୁର ମାଉସୀ ପୁଅ ଭଇ ଆଉ ଯେ ଧୀରୁର ସାଙ୍ଗ ଜୟୀ । ମିଟୁ ଜୟୀ ! ତମେ ଦିଜଣ ଏଠି କଣ କରୁଚ ? (ଅନ୍ୟ ମାନେ ଆଶ୍ଚର୍ଯ୍ୟ ହୋଇ ଚୁପ୍ ଚାପ୍ ଛିଡ଼ାହେଲେ)

Digitized by PPRACHIN, SOA

ମିଟୁ : (ଅବଶ କିନ୍ତୁ ଆଶ୍ୱସ୍ତ ସ୍ୱରରେ) ସେ କଥା ଆଉ ପଗ୍ଭର ନା ରେ ବଳିଭାଇ ! ଟିକେ ଇକାର ଭେଦ ଶବଦ ହେଇଗଲା ବୋଲି ଦେଖୁଚୁ ତ ଆମ ଅବସ୍ଥା ? ଏନ୍ ଫିଫ୍‌ଟିନ ଯାଗାରେ ଆମେ ପି ଫିଫ୍‌ଟିନ ଘରେ ପଶିଗଲୁ । ତାପରେ ତ—

ବଳି : (ହସି ହସି) ତମେ କିଟା ଏଡ୍ଡେ ବୋକା ? ଘର ନମ୍ବରଟା ବି ଭଲ କରି ଦେଖି ପାରିଲ ନାହିଁ ? ମୁଁ ଆମ ବରଯାତ୍ରୀ ପାଇଁ ଗୋପୀ ମଉସାଙ୍କ ବରଯାତ୍ରୀଙ୍କ ବ୍ୟାଣ୍ଡପାର୍ଟିକୁ ନବା ପାଇଁ ଆସି ନଥିଲେ ତମର ଅବସ୍ଥା କଣ ହେଇଥାନ୍ତା ଭବି ପାରୁଚ ?

ମିଟୁ : ଭବିବାକୁ ଆଉ ବାକୀ କିଛି ନ ଥିଲା ବଳିଭାଇ ଥୋପି ଆସି ଯାଇଥିଲା— ଦଉଡ଼ି ବି ଆସୁଥିଲା - ତାପରେ ଥାନାରେ ଥାନାବାବୁଙ୍କ—

ଗୋପୀ : ଭରି ଭୁଲ ହେଇଗଲା ମିଟୁବାବୁ ଜୟୀବାବୁ - ପିଲମାନେ ଆପଣମାନଙ୍କୁ ଚିହ୍ନି ପାରିଲେ ନାହିଁ—

ସୁର : ହଁ ମିଟୁ ଭାଇ ଜୟୀ ଭାଇ - ଆମର ଭୁଲ ହେଇଗଲା । ଆପଣମାନଙ୍କୁ ଆମେ ଚିହ୍ନି ପାରିଲୁ ନାହିଁ । ଆପଣଙ୍କୁ ଆମର ନିମନ୍ତ୍ରଣ ରହିଲା କାଲି ଆମ ସାଙ୍ଗରେ ଠା'ପିଢ଼ାରେ ବସିବେ ।

ଧନି : (ଆସି ପଛରେ ଛିଡ଼ା ହୋଇ ସବୁ ଲକ୍ଷ୍ୟ କରୁଥିଲା) ଆଜ୍ଞା ! ମୋର ପ୍ରକୃତରେ ସବୁ ଦୋଷ । ମୁଁ ଆପଣଙ୍କ କଥା ଠିକ୍ ବୁଝି ପାରିଲି ନାହିଁ । ମୋର ଦୋଷ କ୍ଷମା ଦେବେ । ମୁଁ ବା ଆପଣଙ୍କୁ କଣ ଦେଇ ପାରିବି ? ଆପଣଙ୍କୁ ଦିଖଣ୍ଡ ଭଲ ପାନ ଆଣି ଦେଉଚି—

ମିଟୁ : ବାବା ଧନେଶ୍ୱର ! ଦିଖଣ୍ଡ ପାନ ଦବାକୁ ଯଦି ନିହାତି ମନ ହଉଚି ତାହେଲେ ଦିଅ । ହେଲେ ବାବା ସେଥିରେ ଟିକେ ମୋଟା ଦେଖି ଆଇକାତର ଦବ ଆଉ ଦିଖଣ୍ଡ ଟାଣ ଟାଣ ଦେଖି ମାଙ୍କଡ଼ା ପଥର ଆଉ ଗ୍ଭରି ପାଞ୍ଚଟା ପାଚିଲା ପାଚିଲା ଧାନୁଆ ଲଙ୍କା । ତା ନ ହେଲେ ଆଉ ଆଜି ନିଶାଟା ଜମା ଜମିବ ନାହିଁ । (ସମସ୍ତେ ଉଚ୍ଚସ୍ୱରରେ ହସି ଉଠିଲେ । ଗୀତ ଗାଇ ଗାଇ ଓ ନାଚି ନାଚି ଭିତରକୁ ପଶି ଆସିଲା ରଙ୍ଗାଧର)

Digitized by PPRACHIN, SOA

ରଙ୍ଗା : (ନାଚି ନାଚି ଗାଇଲା)

ପଲଉ ବୋଲିଣ ଦେବେ ବଗଡ଼ା ପଖାଳ
ହନେଇ ଥିବୁରେ ବାବୁ ବୋହୁଥିବ ଲାଳ ।

ପେଟି ମାଛ ବୋଲି ଦେବେ ଲଙ୍ଗୁଳୁ ଟିକିଏ
କ୍ଷୀରସାର ବୋଲି ଦେବେ କାଞ୍ଜିରୁ ଟୋପିଏ ।

ଆଲକାତ୍ରା ରସ ହେବ ତୋ ପାଇଁ ଅତର
ଲଡ଼ୁ ବୋଲି ତାଡୁଥିବୁ ମାଙ୍କଡ଼ା ପଥର ।

ବାଇଡଙ୍କ ମଞ୍ଜି ଖଞ୍ଜି ଦେବେ ଅଳେଇଚ
ପାନେ ଖାଇ ନ ପାରିଲେ ମାନେ ମାନେ ଖସ ।

ମାନେ ମାନେ ଖସ ବଂଧୁ ମାନେ ମାନେ ଖସ ।
ମାନେ ମାନେ ଖସ ବଂଧୁ ମାନେ ମାନେ ଖସ ।

ଗୀତ ଗାଇ ଗାଇ ନାଚିଲା । ଅନ୍ୟମାନେ ନାଚକୁ ଉପଭୋଗ କଲେ
ହସିଲେ ।

Digitized by PPRACHIN, SOA

Digitized by PPRACHIN, SOA

ସୁର ବୋଉଙ୍କ ଗୃହକାଠି
ଓ ତାଙ୍କ ହେତୁ

ଚରିତ୍ର

ଦେବେନ୍ଦ୍ର : ବୟସ ଛତିଶ । ଗାଁ[illegible]ର । ବୁଦ୍ଧିମାନ ।
ଖୁସିବାସୀର ଲୋକ । ଇଣ୍ଟରମିଡ଼ିଏଟ୍ ।

ଗଜ : ଦେବେନ୍ଦ୍ରର ଦାଦା ପୁଅ ଭାଇ ।

ଘନ : ଗଣ୍ଡୋଡ଼ । ଟିକେ ଅବ୍ୟବସ୍ଥିତ ।

ଅନିମା
ଓରଫ ସୁରବୋଉ : ବୟସ ବତିଶ ପରି । ସରଳ ଓ ସ୍ନେହୀ ।

●

Digitized by PPRACHIN, SOA

Digitized by PPRACHIN, SOA

ଛୋଟ ଏକ ଗାଉଁଲି ଷ୍ଟେସନର ୱେଟିଙ୍ଗ୍ ହଲ୍ । ଯାତ୍ରୀ ଜମିଛନ୍ତି । କଥାବାର୍ତ୍ତା ଡକାହକା ଚାଲିଛି । ମଝିରେ ମଝିରେ ଟ୍ରେନର ଶବ୍ଦ ଓ ଫେରିବାଲାଙ୍କ ଡ଼ାକ । ହଲ୍‌ର ଗୋଟିଏ କୋଣକୁ ଆଢ଼େଇ ହୋଇ କାନ୍ଥକୁ ଆଉଜି ବସିଛନ୍ତି ଦେବେନ୍ଦ୍ର ଓ ସ୍ତ୍ରୀ ଅନିମା ଓରଫ ଚୁଚୁବୋଉ । ବୟସ ଯଥାକ୍ରମେ ଛତିଶ ଓ ବତିଶ । ଦେବେନ୍ଦ୍ର ଇଣ୍ଟରମିଡ଼ିଏଟ୍ ପାସ କରି ଗାଁରେ ଚାଷବାସ ଦେଖୁଛି । ସ୍ତ୍ରୀ ଅନିମା ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି । ସମୟ ଅପରାହ୍ନ । ଦେବେନ୍ଦ୍ର କାନ୍ଥକୁ ଆଉଜି ବସି ଢୋଳଉଛି । ଅନିମାଙ୍କର ହଠାତ୍ ମନେପଡ଼ିଗଲା ଚାବିନେନ୍ତା କଥା । ସେ ବ୍ୟସ୍ତ ହୋଇପଡ଼ି ଅଣ୍ଟା କାନି ବ୍ୟାଗ ଇତ୍ୟାଦି ସବୁ ଖୋଜିବସିଲେ ।

ଅନିମା : (ଖୋଜୁ ଖୋଜୁ ଉଦ୍‌ବିଗ୍ନ ସ୍ୱରରେ) ଆଉ କୁଆଡ଼େ ଗଲା ? କୁଆଡ଼େ ଗଲା ? ଅଣ୍ଟାରେ ମାରିନାହିଁ । କାନିରେ ବାନ୍ଧି ନାହିଁ । ବ୍ୟାଗରେ ବି ନାହିଁ । ତାହେଲେ ଆଉ ଗଲା କୁଆଡ଼େ ? ଆଉ କଣ ଯାଙ୍କ ସୁଟକେଶ ଭିତରେ ରହିଗଲା ? ଦେଖେଁ ଦେଖୁ - (ଖୋଲି ଜିନିଷପତ୍ର ଗୋଟି ଗୋଟି ଦେଖୁ ଦେଖୁ) କାହିଁ ଯା ଭିତରେ ବି ତ ଦିଶୁନାହିଁ । ଯେ ତ ସବୁ ଜାମା-ପଟା । ଯେ ତ ସବୁ ବହିପତ୍ର । ଯେ ତ ଯାଙ୍କର ଦାନ୍ତଘସା ଖିଅର ହବା ଜିନିଷ । ତାହେଲେ ଆଉ ଗଲା କୁଆଡ଼େ ? ଏତେ ବଡ଼ ଚାବି ନେନ୍ତାଟା ! ଘର ଯାକର ସବୁ ଚାବିକାଠି ଲାଗିଚି - ଗଲା କୁଆଡ଼େ ? ଯେ ତ ସବୁ ଘରେ ତାଲା ପକେଇ ଦେଇ ମୋ ହାତକୁ ଚାବିନେନ୍ତାଟା ବଢ଼େଇ ଦେଲେ । ତାକୁ ନେଇ କାନିରେ ବାନ୍ଧି ଅଣ୍ଟାରେ ଖୋସିଲି । ତାପରେ ବିଦାବିଦି ହେଇ ଶଗଡକୁ ଆସିଲି । ସେଇଠୁ ସିଧା ଟେସନ । ତାହେଲେ ଆଉ କଣ କୋଉଠି କାନିରୁ ଖସି ପଡ଼ିଲା ? ନାଇଁତ ! ପଡ଼ିଥିଲେ ତ ଝନ୍‌ଝାନ୍ ଶବ୍ଦ ହେଇଥାନ୍ତା । ତାହେଲେ - ତାହେଲେ କଣ ଆଉ ଭୁଲରେ ଦାଣ୍ଡପିଣ୍ଡାରେ ପକେଇ ଦେଇ ଆସିଲି କି ? ନାଇଁଚ ! ସେଠି ତ ବଟବୋଉ ଖୁଡ଼ି ଉପରସାଇ ଅପା ମରୁଆ ମା ସମସ୍ତେ ଥିଲେ । ଛାଡ଼ି ଆସିଥିଲେ ତ କହିଥାନ୍ତେ । ହେ ମା ପାଟେଶ୍ୱରୀ - ହେ ମା ପାବନେଶ୍ୱରୀ - ମା ଲୋ - ମୋର ତ ଜମା କିଛି ହେତୁ ହଉନାହିଁ । କି କହେଁ ମୋ ନିଆଁଲଗା ହେତୁକୁ ! ପୋଡାମୁହଁଟା ଏଠି ଏହି ଏବେ ଦେଖେକୁ କୁଆଡେ ଉଢେଇ ଯାଉଚି ! (ସ୍ୱାମୀଙ୍କୁ ଡାକି ହେଇଟି - ଶୁଣୁଚ ? ଶୁଣୁଚ ? ହେଇଟି— (ହାତ ମାରି ଉଠେଇବାକୁ ଚେଷ୍ଟାକଲା)

Digitized by PPRACHIN, SOA

ଦେବ : (ଆଖି ବୁଜି ନିଦୁଆ ସ୍ୱରରେ) ଉଁ—

ଅନିମା : ହେଃଇ - ଶୁଣମ - ହେଇଟି - ହେଇଟି - ଶୁଣୁଚ ?

ଦେବ : (ଆଖି ବୁଜି ଅଳସ ସ୍ୱରରେ) ମୋତେ କହୁଚ ?

ଅନିମା : ମଲ ! ତମକୁ କହୁନାହିଁ ଆଉ କଣ ଟେସନ ଘର କାନ୍ଥ ବାଡକୁ କହୁଚି ?

ଦେବ : [ସେଇଭଳି ନିଦୁଆ ସ୍ୱରରେ] କଣ କହୁଚ ? ସ୍ମରବୋଉ ! ମୋ ସିଗାରେଟ ଡବାଟା ଦବଟି । ଗୋଟେ ଟାଣିଦେଲେ ନିଦ ଭାଙ୍ଗିଯିବ ।

ଅନିମା : ଓହୋ - କାହିଁକି ସେମିତି ଗୋଟେ ଅଫିମିଆଙ୍କ ପରି ଢୋଳଉଚ ବା ? ଟେସନରେ ଶହ ଶହ ଲୋକ ହାଉଯାଉ ହଉଚନ୍ତି । ତା ଭିତରେ ତମକୁ କଡେ ନିଦ ହେଇଗଲାଣି ? ବାଟଯାକ ପରା ଶଗଡ଼ରେ ଶୋଇ ଶୋଇ ଆସିଲ । ତଥାପି ଏଠି ଏତେ ନିଦ ମାଡ଼ିଯାଉଚି ? ହେଇଟି - ହେଇ - ଶୁଣମ - ଶୁଣୁଚ ? [ହାତକୁ କେଞ୍ଚିଦେଇ]

ଦେବ : [ହାତକୁ ଆଉଁସି] ସ୍ମର ବୋଉ ! ତମେ ଯୋଉ ହାତଟାକୁ କେଞ୍ଚୁଚ ସେଇଟା ମୋ ହାତ । ତମ ହାତଟା ତମ ପାଖରେ ଅଛି । ସେଇଟାକୁ କେଞ୍ଚ ।

ଅନିମା : ମଲ ! କାହିଁକି ସେମିତି ଗୋଟେ ଛୋପରଙ୍କ ପରି ହେଉଚ ମ ? ମୁଁ ପରା ତମକୁ ଗୋଟେ ଜରୁରି କଥା କହୁଚି ।

ଦେବ : [ଆଖିବୁଜି] କହିସାରିଲଣି ନା କହିବ ?

ଅନିମା : କଣ ଗୋଟେ ନବଜ ହଉଚି ? ନବଜ ? ଥଟ୍ଟା ?

ଦେବ : ତମ ସାଙ୍ଗରେ ଥଟ୍ଟା ନହେଇ ଆଉ କାହା ସାଙ୍ଗରେ ହେବି ସ୍ମରବୋଉ - ! ମୋର ଆଉ କଣ ନଅଟା ନା ଛଅଟା ?

ଅନିମା : [ଅଧୈର୍ଯ୍ୟ ହୋଇ] ଓହୋ - ତମକୁ ଗୋଟେ ଜରୁରୀ କଥା କହିବ ଆଉ ହେଲା ନାହିଁ !

ଦେବ : ହଉ କହ । ମୁଁ ଶୁଣୁଚି ।

ଅନିମା : କେମିତି ଶୁଣୁଚ ? ଆଖି ଦିଟା ବୁଜି ଦେଇ ତ ବୁଢା କୁକୁଡା ପରି ଘୁମୋଉଚ । ଶୁଣୁଚ କେତେବେଳେ ? ଓହୋ ଆଖିଦିଟା ମେଲା କର ଭଲା !

ଦେବ : ନ କରି ବି ମୁଁ ଠିକ୍ ଶୁଣି ପାରୁଚି । ତମେ କହି ପକା ।

ଅନିମା : [ବ୍ୟଗ୍ର ସ୍ୱରରେ] ହେଇଟି ତମର ହେତୁ ଅଛି ?

ଦେବ : (ସାମାନ୍ୟ ଆଶ୍ଚର୍ଯ୍ୟ ସ୍ୱରରେ) ହେଇଟି ମୋର କଣ ଅଛି ? (ଆଖି ଟିକେ ଖୋଲି ଚାହିଁଲା । ତାପରେ ବୁଜି ଦେଲା)

ଅନିମା : ହେତୁ ! ହେତୁ ! ଶୁଭୁନାହିଁ କାନକୁ ?

Digitized by PPRACHIN, SOA

ଦେବ : ଏଇଟା ତମର ଜରୁରି କଥା ?

ଅନିମା : ଓହୋ ମୁଁ ପଗ ପଗ୍ରୁଚି ଅଛି କି ନାହିଁ !

ଦେବ : ଅଛି । (ଆଖି ବୁଜି ପୁଣି ଥରେ ଚୁଳେଇବାକୁ ଆରମ୍ଭ କଲା)

ଅନିମା : (ଉଦ୍‌ଗ୍ରୀବ ହୋଇ ସ୍ୱାମୀ ଆଡ଼କୁ ଟିକେ ଝୁଙ୍କି ଆସି) ସତରେ ? ସତରେ ? କୋଉଠି ଅଛି କହିଲ ! କହିଲ କୋଉଠି ଅଛି ? ମୁଁ ଏତେ ଖୋଜି ଖୋଜି - କହ ମ - ଜଲ୍‌ଦି -

ଦେବ : (ଆଖି ବୁଜି ମୁଣ୍ଡକୁ ଆଙ୍ଗୁଳି ଦେଖେଇ) ଏଇଠି -

ଅନିମା : ମଲା ! ଗୋଟେ ନବଳ ହଉଚି ନା କଣ ମ ? ମୋ ଗ୍ଚବି ନେଛାଟା ତମ ମୁଣ୍ଡରେ ଅଛି ?

ଦେବ : ତମେ ତ ମୋତେ ତମ ଗ୍ଚବି ନେଛା କଥା କହିନା ।

ଅନିମା : ଆଉ କଣ କହିଲି ?

ଦେବ : ତମେ ମୋ ହେତୁ କଥା ପଗ୍ରୁଥିଲ । ଖୋଜି ଖୋଜି ପାଉନା ବୋଲି କହୁ ଥିଲ ।

ଅନିମା : କି କହେଁ ତମର ସେ ମୁଣ୍ଡକୁ ଆଉ ସେ ହେତୁକୁ ! ମୁଁ ତମ ହେତୁକୁ ଖୋଜୁଥିଲି ?

ଦେବ : କେଜାଣି ତମେ କଣ ଖୋଜୁଥିଲ ତମେ ଜାଣିଥିବ ।

ଅନିମା : (ଗଗ ସ୍ୱରରେ) ବୁଝିଲ - ତମ ମୁଣ୍ଡରେ ତ ହେତୁ ନାହିଁ ଖାଲି ଛତ୍ତୁ ଅଛି । ଛତ୍ତୁ -

ଦେବ : (ହସି) କେଜାଣି ? ଥିବ । ମୋର କଣ ଆଉ ସେକଥା ହେତୁ ଅଛି ?

ଅନିମା : ଏଃଇ-ମୋ ସାଙ୍ଗରେ ସେମିତି ଲଗାନା କହି ଦଉଚି । ଗ୍ଚବି ନେଛାଟା-ଯାକ ହଜିଗଲାଣି । ଘରଟା ଯାକର ସବୁ ଗ୍ଚବିକାଠି ସେଥିରେ ଥିଲା । ତାକୁ ଖୋଜିବା କୁଆଡେ ଚୁଲିକି ଗଲା । ଯାଙ୍କର ଗ୍ଲିଚି ଥଟ୍ଟା - ପରିହାସ !

ଦେବ : (ସଳଖି ବସି) ତମେ ପଗ ତାକୁ କାନିରେ ବାନ୍ଧିଥିଲ ।

ଅନିମା : ବାନ୍ଧି ଥିଲି ତ ! ହେଇଟି ଦେଖୁନା ବନ୍ଧା ଚିହ୍ନ ଅଛି । ହେଲେ ଗ୍ଚବି ନେଛାଟା ତ ନାହିଁ । ଅଣ୍ଡା ବ୍ୟାଗ ସୁଟକେଶ - ସବୁ ଖୋଜି ସାରିଲିଣି । କୋଉଠି କିଛି ପାଉନାହିଁ । (ଦେବ ଢୋଳଉଚି) ହଁ - ମୁଁ ମୋର କହି ଗ୍ଲିଥାଏ - ତମେ ତମର ବସି ଢୋଳଉଥା । ଆଖି ଦିଟାକୁ ବୁଜିଦେଇ

Digitized by PPRACHIN, SOA

ବୁଢ଼ା ଏଣ୍ଡୁଅ ପରି ମୁଣ୍ଡକୁ ଟୁଙ୍ଗାଉଛୁ ଥା । ଗୋଟେ ନିହାତି ଅକର୍ମା ଲୋକ !

ଦେବ : (ଗୁହା ବାଲକୁ ଡାକି) ଏଇ ଗୁ - ଏଇ ଗୁ ବାଲ - ଦେଲୁ ଦେଲୁ କପେ ଗୁ - କଡ଼ା କରି କପେ ଗୁ ଦେଲୁ - ଭରି ନିଦ ମାଡୁଚି - (ଗୁହା ନେଇ ପିଇଲ)

ଅନିମା : ମୁଁ ବାର ବାର କରି କହୁଚି ବିଦେଶ ଯାଉଚେ । ଯାତ୍ରା ଗହଳି । ପାଟେଶ୍ୱରୀଙ୍କ ପାଖରେ ବହୁତ ଲୋକ ହେବେ । ତମେ ସେ ନାଟ ଫାଟ ଦେଖି ରତି ଅନିଦ୍ରା ହୁଅନା । ନିଜର ଏଇ ଅବସ୍ଥା । ସେଥିରେ ମୋତେ ଆହୁରି ଶରଧା କରି ଡକା ହେଉଥିଲ ନା ଗୁଇ ଦେଖି ଆସିବ । (ଗୁହା ବାଲକୁ ପଇସା ଦେଲ । ସେ ଗୁଲିଗଲ)

ଦେବ : ତମେ ତ ଗଲ ନାହିଁ । ତମେ ଯାଇଥିଲେ କିଛୁ ଭରି ମଜା ହେଇଥାନ୍ତା । ଏଠି ଆସି ଦିଜଣ ଯାକ ସାଙ୍ଗ ହେଇ ଶୋଇଥାନ୍ତେ । ତମେ ତମ କାନ୍ଥରେ । ମୁଁ ମୋ କାନ୍ଥରେ । ତମେ ଆଉ ହେଇଟି ହେଇଟି କରି ମୋ ତଘଟାକୁ ଏମିତି କେଞ୍ଚି ପକାଉ ନଥାନ୍ତ—

ଅନିମା : ଏଟା ଟେସନ୍ ଘର ନହେଇ ଯଦି ଆମ ଘର ହେଇଥାନ୍ତା ତାହେଲେ ଦେଖିଥାନ୍ତ ମୁଁ କଣ କରିଥାନ୍ତି । ଶୁଣୁଚ ଗୁବି ନେଭାଟା ଯାକ ହଜିଗଲଣି- ତମେ କହୁଚ ମଜା ହେଇଥାନ୍ତା ? ତମ ମୁଣ୍ଡରେ କଣ ଗୋବର ଅଛି ? ଗୋବର ! ଅଲକ୍ଷୁକ ନିଶାଖୋର ମଣିଷ !

ଦେବ : ଖୋଜିଲଣି ?

ଅନିମା : ନାଇଁ - ତମକୁ ଅନେଇ ବସିଚି ! ତମେ ନିଦରୁ ଉଠିଲେ ଖୋଜିବ ! ସବୁଆଡ ଖୋଜି ସାରିଲେଣି ।

ଦେବ : ତାହେଲେ କୋଉଠି ପକେଇ ଦେଇଥିବ ।

ଅନିକା : କୋଉଠି ପକେଇ ଦେବି କାହିଁକି ମ ? ତମେ ତ ତାଲ ଫାଲ ସବୁ ପକେଇ ସାରି ଗୁବି ନେଭାଟା ମୋ ହାତକୁ ବଢେଇ ଦେଲ । ମୁଁ ତାକୁ ଆଣି କାନିରେ ବାନ୍ଧି ଦେଇ ଅଣ୍ଟାରେ ଖୋସିଦେଲି । ତମେ ପରା ମୋ ପାଖରେ ଛିଡା ହୋଇଥିଲ । ତମର ହେତୁ ନାହିଁ ?

ଦେବ : ମାର୍ ଗୁଲି ମୋ ହେତୁକୁ - ତମର ହେତୁ ହେଲେ ହେଲ । ଗୁବି ନେଭାଟା କୁଆଡେ ଗଲ ସେ କଥା ଆଗ କହିବଟି—

Digitized by PPRACHIN, SOA

ଅନିମା : ମଣ୍ଡ ! ମୁଁ ପରା ସେଇ ଷ୍ଟବି ନେକ୍ଲେସଟାକୁ ଘଡ଼ିଏ ହେଲା ଖୋଜୁଚି । ତମକୁ କହିବି କଣ ? ତମେ ତ ଖାଲି ଆଖି ଦିଟାକୁ ଖୋଲୁଚ ବୁଜୁଚ । ଖୋଲୁଚ ବୁଜୁଚ । ତମ ମୁଣ୍ଡରେ କଣ କିଛି ପଶୁଚି ଯେ କହିବି ? ହେଇଟି- ଷ୍ଟବି ନେକ୍ଲେସଟା ଯେବେ ଚୋରଙ୍କ ହାତରେ ପଡ଼ିଗଲେ କଣ ହବ ବୁଝୁଚଟି ? ଆମର ସର୍ବସ୍ୱ ଲୁଟ୍ ହେଇଯିବ । ଘରେ କଳାକନା ବୁଲିଯିବ । ଆମେ ଦାଣ୍ଡର ଭିକାରୀ ହେଇଯିବା । ହେଇଟି ! ସତରେ କହିଲ ତମେ ଦେଖିନା ? ତମକୁ ଦେଇନାହିଁ ?

ଦେବ : ମୋତେ କେତେବେଳେ ଦେଇ ?

ଅନିମା : ହଁ - ହଁ ମୋତେ ତ କାହିଁକି ଲାଗୁଚି ତମକୁ ଦେଇଚି ବୋଲି ।

ଦେବ : ନାଇଁ ତ - ମୋତେ ଦେଇନା ତ-

ଅନିମା : ହଁ - ହଁ ତମକୁ ଦେଇଚି ନା କଣ । ମୋଇତ କାହିଁକି ସେମିତି ହେତୁ ହଉଚି । ହେଇଟି ସତ କହୁଚ ? ସତରେ ତମକୁ ଦେଇ ନାହିଁ ? ଦେଖୁ ଦେଖୁ ତମ ପକେଟ ଫକେଟ ଦେଖୁ । ଦେଖୁ ତମ ଅଣ୍ଟା ଫଣ୍ଟା (ପାଖକୁ ଘୁଞ୍ଚିଆସି ପକେଟ ଓ ଅଣ୍ଟା ଅଣ୍ଡାଳିବାକୁ ଆରମ୍ଭ କଲେ)

ଦେବ : (ଅଣ୍ଡାଳିବାକୁ ନିବୃତ୍ତ କରିବାର ମୃଦୁ ଚେଷ୍ଟା କରି) ଆରେ - ଆରେ - ଆରେ - ଯେ କଣ ? ଯେ କଣ? ସୁରବୋଲ - ସୁରବୋଲ - ଓହୋ ହୋ ମୋ ଦିହ ହାତ ସବୁ ଏମିତି ଅଣ୍ଡାଳୁଚ କାହିଁକି ? ଏଇ ଏଇ - ମୋତେ କୁତୁ କୁତୁ ଲାଗୁଚି ପରା - ମୋତେ କୁତୁ କୁତୁ ଲାଗୁଚି ପରା ' ସୁର ବୋଲ- ସୁର ବୋଲ - ହସି ପକେଇବି -ହସି ପକେଇବି ମୁଁ କହିଦଉଚି - ଛାଡ - ଛାଡ ମୋ ପକେଟ ଛାଡ - ଆରେ ଆରେ ଆରେ - ସେଟା ପରା ମୋ କଛାଟା - ସେଟାକୁ ସେମିତି ଭିଡ଼ି ପକଉଚ କାହିଁକି ? ମୋ ଲୁଗା- ପଟା ସବୁ ଫିଟିଯିବ ଯେ । ଛାଡ - ଛାଡ - ହେଇ - ଦେଖ - ଦେଖ ଲୋକମାନେ କେମିତି ଆମ ଆଡକୁ ଅନେଇଲେଣି - ଓହୋ୍ଽଽ ଛାଡ ମୋ କଛା ଫଛା ଛାଡ଼ -

ରାଜ : (ହଠାତ୍ ଆସିଛି) ନେଲ - ନେଲ - ନେଇ ନୂଆବୋଉ ତମ ଜିନିଷ । ତମେ ତମର ଯାକୁ ଛାଡ଼ିଦେଇ ଚାଲି ଆସିଲ । ଦାଦା ଯେମିତି ଦେଖି ଦେଇଚନ୍ତି ଦେଲେ ମୋତେ ସାଇକଲରେ ଦୌଡେଇ । ଟ୍ରେନ୍ ଟାଇମ୍ ହେଇଯିବ

Digitized by PPRACHIN, SOA

ବୋଲି ମୁଁ ତ ଅଣ ନିଶ୍ୱାସୀ ହେଇ ଧାଇଁଚି । ନିଅ ରଖ—(ଜିନିଷ ବଢେଇ ଦେଇ)

ଅନିମା : କି ଜିନିଷ ? କି ଜିନିଷ ? ମୋ ଗୁବି ନେଡାଟା ଯା ଭିତରେ ଅଛି କି ? ଦେଖି ଦେଖି (ଖୋଲିବାକୁ ଗଲେ)

ଗଜ : ନାଇଁ ତ ! ତମ ଗୁବି ନେଡାଟା ତ ମୁଁ ଆଣି ନାହିଁ । ମୁଁ ଆଣିଚି ଖାଲି ତମ ଖୁଲିକାଚି ଆଉ ତମ -

ଦେବ : ତାଲିକା ଦବା ଦରକାର ନାହିଁ । ତୁ ସେ ଅସଲ ଜିନିଷଟା ଆଣିଚୁ କି ନାହିଁ କହ ।

ଗଜ : ଗୁବି ନେଡାଟା ତ ?

ଦେବ : ନାଇଁ ! ନାଇଁ - ତୋ ନୂଆବୋଉ ଆଉ ଗୋଟେ ଜିନିଷ ଛାଡ଼ି ଆସିଚି । ଅନିମା ! କହୁନା - କହୁନା କଣ ଛାଡ଼ି ଆସିଚ ?

ଅନିମା : କହିବି ଆଉ କଣ ମ ? ଗୁବି ନେଡା କଥା କହୁଚି ପରା -

ଦେବ : ନାଇଁମ ସେଇ ଆର କଥାଟା—

ଅନିମା : କୋଉ ଆର କଥାଟା ?

ଦେବ : ଓହୋ ସେଇ ଯୋଉ ଆର କଥାଟା ମ ! ତମ ହେତୁ କଥାଟା ! ଗଜ ! ତୋ ନୂଆବୋଉର ହେତୁଟା ଆମ ଘରେ କୋଉଠି ପଡ଼ିଚି ତୁ ଦେଖିଚୁ କି ?

ଅନିମା : ଏଇ - ଏଇ ନିର୍ଲଜ ନିଶାଖୋର ମଣିଷ ! ମୋ ସାଙ୍ଗରେ ସେମିତି ଲଗାନା କହୁଚି । ତମ ହେତୁଟା ତ ତମ ସାଙ୍ଗେ ସାଙ୍ଗେ ଥିଲା । ତମେ ମନେ ପକେଇ ଦେଲ ନାହିଁ କାହିଁକି ?

ଗଜ : ନୂଆବୋଉ ତମେ ପରା ଗୁବି ନେଡାଟା କାନିରେ ବାନ୍ଧିଥିଲ ।

ଅନିମା : ତମର ହେତୁ ଅଛିଟି ?

ଗଜ : ମୋର ତ ଠିକ ହେତୁ ଅଛି । ଭଇ ତମ ହାତକୁ ବଢ଼େଇଦେଲେ । ତମେ ନେଇ -

ଅନିମା : (ମଝିରୁ) ଶୁଣିଲତ ଶୁଣିଲତ ମୁଁ କଣ କହୁଥିଲି —

ଦେବ : ଶୁଣିଲି । ତା ପରେ ?

ଅନିମା : କଣ ତା ପରେ ?

ଦେବ : ତା ପରେ କଣ ହେଲ ?

Digitized by PPRACHIN, SOA

ଅନିମା : ତା ପରେ ହେଲ ତମ ମୁଣ୍ଡ ଆଉ ଗର୍ଣ୍ଣ । ସେଇକଥା ପର ଏତେବେଳ ଯାକେ ଖୋଳାପଡ଼ିଚି ! ତମେ ଆଉ ଶୁଣୁଚ କଣ - କହୁଚ କଣ ?

ଦେବ : ହଉ - ହଉ ସୁଉବୋଉ । ତମେ ଆଉ ବ୍ୟସ୍ତ ହୁଅ ନାହିଁ । ତମ ଗ୍ରବି ନେଣ୍ଡା ଆଉ ତମ ହେତୁ ଏମିତି ମଝିରେ ମଝିରେ ହଜନ୍ତି । ପୁଣି ବେଳହେଲେ ଫେରନ୍ତି । ସେମାନେ ଠିକ୍ ଫେରି ଆସିବେ । ଋଜ ତତେ ଶୋଷ ହେଉଥିବ । ସରବତ ଗ୍ଲାସେ ପିଇବୁ ?

ଅନିମା : (ଶେଷ ଅଂଶ କଥାକୁ ମାଡ଼ି) ଶୁଣୁଚ - ଶୁଣୁଚ ଋଜ ? ଶୁଣୁଚ ? ଏ ବେସରମିଆ ବେପରୁଆ ଲୋକଙ୍କ କଥା ଶୁଣୁଚ ? ଘରଟାଯାକର ଗ୍ରବିକାଠି କୋଉ ଘେର ଟପର ହାତରେ ପଡ଼ିଲଣି । ଯେ ଗୋଟେ ଘରର ମର୍ଦ୍ଦ ହେଇଛନ୍ତି । ଦିନବେଳଟାରେ ଏଠି ଏ ହାଟ ମଝିରେ ବସି ଘୁଙ୍ଗୁଡ଼ି ମାରୁଚନ୍ତି କହିଲଣୁ ମୋ ସାଙ୍ଗରେ ଶାଳିଟାପର ହଉଚନ୍ତି । ହଉ- ସେ ବେହିଆ ଲୋକଙ୍କ କଥା ଛାଡ଼ି ଋଜ ତମେ ମୋତେ କହିବଟି ତମେ ଆମ ଦାଣ୍ଡପିଣ୍ଡାଟା ଭଲ କରି ଦେଖୁଚ ନା ନାହିଁ—

ଋଜ : ତମ ଦାଣ୍ଡପିଣ୍ଡାଟା ତ ମୁଁ ସବୁ ଦିନେ ଦେଖୁଚି—

ଅନିମା : ଓହୋ ନାଇଁ ମ ! ଆଜି - ଆମେ ଆସିଲ ପରେ—

ଋଜ : କାହିଁକି ?

ଅନିମା : ଧର ଯଦି ମୁଁ ଭୁଲରେ ଗ୍ରବିନେଣ୍ଡାଟାକୁ ଦାଣ୍ଡପିଣ୍ଡାରେ ରଖୁ ଦେଇ ଆସିଥିବି—

ଋଜ : ମୁଁ ପର ନିଜେ ଦେଖୁଲି ତମେ ଗ୍ରବିନେଣ୍ଡାଟାକୁ କାନିରେ ବାନ୍ଧିଲ ।

ଅନିମା : ତମେ ନିଜ ଆଖୁରେ ଦେଖୁଲ ?

ଦେବ - ଋଜ ! ଠିକ୍ କରି କହିବୁ । ଉଇମ ବିଲମ କରିବୁ ନାହିଁ । ବଡ ଗୁରୁତର କଥା । ତୋର ଠିକ୍ ହେତୁ ଅଛି ତୁ ନିଜ ଆଖୁରେ ଦେଖୁଲୁ ? ମାନେ ତୁ ନିଜ ଆଖୁରେ ଦେଖୁଲୁ ?

ଅନିମା : ଚୁପ୍ କର - ବଜାରୀ ଲୋକ ! (ଋଜକୁ) ହେଇଟି ଋଜ ! ତମେ ନିଜ ଆଖୁରେ ଦେଖୁଲ ମୁଁ—?

ଦେବ : (ମେଝିରେ) ସେଇ କଥା ପର ସେ—

Digitized by PPRACHIN, SOA

ଅନିମା : (କଥାମଝିରୁ) ମୁଁ ତମକୁ ପଗ୍ଭରୁଛି ? ତମେ ଚୁପ୍ ହେଇ ବସତ ! ଆଛା ଗଜ ! ଆମେ ଯୋଉ ଶଗଡରେ ଆସିଥିଲୁ ତମେ ଆସିଲାବେଳେ ସେ ଶଗଡକୁ ଦେଖିଥିଲ କି ?

ଗଜ : ଶଅର ସାଇ ନିଧି ଜେନା ଠ ? ସେତ ଦେଖିଲି ଶଗଡ ଧରି ଆମ ଗାଁ ଆଡେ ମୁଁ ହେଇଚି । ମନ ଭରି ଖୁସି ନା କଣ ଗୀତ ଗଗିଣୀ ଛାଡ଼ି ଦେଇଚି ।

ଅନିମା : ମନ ଭରି ଖୁସି କାହିଁକି ?

ଗଜ : କେଜାଣି ? ତମଠୁ ମୋଟା ଦକ୍ଷିଣା କିଛି ପାଇ ଯାଇଥିବ ।

ଦେବ : କି ବାଟରୁ କିଛି ମୋଟା କରି ମହୁଲି ପକେଇ ଦେଇଥିବ ।

ଅନିମା : ତମକୁ କିଏ ପଗ୍ଭରୁଚି ମ—ନିଶା ଖୋର ମଣିଷ ! ଗଜ—ମୋତେ ଲଗୁଚି ଯା ଭିତରେ ନିଶ୍ଚୟ ଗୋଟେ କିଛି କଥା ଅଛି ।

ଗଜ : କାହା ଭିତରେ ?

ଅନିମା : ଏଇ ଯୋଉ ନିଧି ଜେନା ଗୀତ ଗାଉଚି—

ଗଜ : ଭଇ ପର କହିଲେ ସେ ମୋଟା କରି—

ଅନିମା : ତମ ଭଇଙ୍କର ସବୁ ସେମିତି ମୋଟା ତ - ତାଙ୍କୁ ସେଇଥିପାଇଁ ସବୁ ମୋଟା ଜିନିଷ୍ ଗୁଡ଼ା ଦିଶିଯାଉଚି । (ସ୍ୱର ନୀଚ କରି ବୁଝିଲ ଗଜ ! ମୋତେ ଲଗୁଚି ବୋଧହୁଏ ଆମ ଗ୍ଭବିନେତ୍ତାଟା ତା ହାତରେ ପଡ଼ିଯାଇଚି । ଆମେ ତ ପାଟେଶ୍ୱରୀ ଯାତ୍ରାକୁ ଯାଉଚୁ । ଫେରୁ ଫେରୁ ଗ୍ଭରି ପାଞ୍ଚଦିନ ହେଇଯିବ । ତାରି ଭିତରେ ସେ ତାର ବେଳକାଳ ଦେଖି ଗ୍ଭବି ଫାବି ସବୁ ଖୋଲି—

ଦେବ : (ମଝିରୁ) ତମେ ପର—

ଅନିମା : ତମେ ଚୁପ୍ କର ତ । ଗଜ ! ତମେ ଟିକେ ଗଲ ଗଲ ନିଧିଜେନାକୁ ଚୁପ୍ କରି ପଗ୍ଭରିବ ଆମ ଗ୍ଭବି ନେତ୍ତାଟା ପାଇଚି କି ତା ଶଗଡରୁ ? ବାଟରେ ଯଦି ତା ଶଗଡ଼ରେ ପଡ଼ି ଯାଇଥିବ ଆଉ ସେ ନ ମାନିବ—ହେ ମା ପାଟେଶ୍ୱରୀ - ହେ ମା ପାବନେଶ୍ୱରୀ - ମାଲେ - ତୋ ପାଇଁ ସୁନାଚିତାଟେ କରି ଦେବି ଲେ ମା - ମା - ମୋତେ ମୋ ଗ୍ଭବିନେତ୍ତାଟା ମିଳେଇ ଦେ ଲେ ମା - (ଜୁହାର ହେଲେ) ଗଜ ! ତମେ ଗଲ ଗଲ—

Digitized by PPRACHIN, SOA

ଗଜ : କଣ ଭଇ ଯିବି ?

ଅନିମା : ସିଏ କଣ କହିବେ ମ ଗୋଟେ ବେପରୁଆ ନିଶାଖୋର ମଣିଷ ? ତମେ ଯିବଟି - ଯା -

ଦେବ : ଆଛା ହଉ - ହଉ ତୁ ଗଜ ଯା । ବୁଝି ବାଝି ଆ । ଆଉ ଶୁଣ୍ - ମୋ ପାଖକୁ ଆ - (ଗଜ ପାଖକୁ ଗଲା । ଦେବ ତା କାନରେ କଣ ସବୁ କହିଲା) ହେଲା ? ବୁଝିଲୁତ ?

ଗଜ : ହଁ ବୁଝିଲି (ହସ ହସ ଭବ) ମୁଁ ତାହେଲେ ନୁଆବୋଉ ଯାଉଚି –

ଅନିମା : କଣ ବୁଝିଲ ? କଣ ତମ ଯୋଗ୍ୟ ମୋଟାବୁଦ୍ଧି ଭ୍ରାତୃଦେବ ତୁମକୁ ଏମିତି ବୁଝେଇ ଦେଲେ ଯେ ତମର ଏମିତି ହସ ହସ ଭବ ହେଇଗଲା ?

ଗଜ : ହେଁ ହେଁ ହେଁ- ସେ କିଛି ନୁହେଁ । ସେ କିଛି ନୁହେଁ । ହଉ - ମୁଁ ତାହେଲେ ଯାଉଚି ।

ଅନିମା : ଜଲ୍‌ଦି ଆସିବ କିନ୍ତୁ । ଆମ ଟ୍ରେନ ବେଳ ଆଗରୁ ଯେମିତି ପହଞ୍ଚ । ହୁସିଆର-

ଗଜ : ହଁ - ହଁ ମୁଁ ଯିବି । ଆସିବି । ତମେ ବ୍ୟସ୍ତ ହେବ ନାହିଁ । (ଚାଲିଗଲା)

ଅନିମା : ପଛରୁ ଡାକି) ହଁ - ଯା- ଖୁବ୍ ଜଲ୍‌ଦି କିନ୍ତୁ । (ଦେବେନ୍ଦ୍ରକୁ ଲକ୍ଷ୍ୟକରି) କେହି ଜମାକିଛି ବ୍ୟସ୍ତ ହଉ ନାହାନ୍ତି । ଯିଏ ହବା କଥା ସିଏ ତାଙ୍କର ବରଫ ଗଦା ପରି ଜମି ଗଲେଣି । ପୁଣି ଖରା ପଡ଼ିଲେ ଯାଇ ତରଳିବେ । ତାଙ୍କର ଚିନ୍ତା ନାହିଁ କି ଦକ ନାହିଁ । ଏକଦମ୍ ନିଧଡକ । ଆଉ କାହାର ବ୍ୟସ୍ତ ହବାରେ କଣ ଯାଏ ଆସେ ? ଘର ଗୋଟାକଯାକର ଚାବି ହଜିଲାଣି ଚୋର ଟସକର ହାତରେ ପଡ଼ିଲେ ଘର ସବୁ ଶୂନ ହେଇଯିବ । ସେଥିରେ କାହାର ହୋଲେ ନା ଡୋଲେ ? ସିଏ ତ ତାଙ୍କର ବାଆପାଣି ଖାଇ ଫୁଲୁଚନ୍ତି । କାନ୍ଧକୁ ଆଉଜି ଝୁଲୁଚନ୍ତି । ମଲା ! ତମେ ପୁଣି ଥରେ ଶୋଇ ଗଲଣି ନା କଣ ମ ? (ଦେବର ଦୃଷ୍ଟିକୁ ଲକ୍ଷ୍ୟ କରି ହଠାତ୍ ଟିକେ ଉଚ ସ୍ୱରରେ) ଏଇ - ଏଇ - ଏଇ - ବେହିଆ ଅଲାଜୁକ ମଣିଷ - ତମେ ସେ ବଜାରୀ ଟୋକିଟା ଆଡ଼କୁ କାହିଁକି ସେମିତି ଅନେଇଚ ?

ଦେବ : (ଦୃଷ୍ଟି ଫେରଉ) କୋଉ ବଜାରୀ ଟୋକିଟା ଆଡକୁ ?

ଅନିମା : କୋଉ ଟୋକିଟା ଆଡ଼କୁ ? ଛୋପରା ହଉଚ ମୋ ସାଙ୍ଗରେ ? କୋଉ ଟୋକିଟା ଆଡ଼କୁ ?

Digitized by PPRACHIN, SOA

ଦେବ : ମୁଁ ତ କୋଉ ଟୋକିକି ଅନେଇ ନାହିଁ ।

ଅନିମା : ଅନେଇ ନା ? ମୋ ସାଙ୍ଗରେ ଗାଲୁ ? ଏଇ - ମୁଁ କହି ଦଉଚି ମୋ ସାଙ୍ଗରେ ସେମିତି ଗାଲୁମାଲୁ କରିବ ନାହିଁ । ମୁଁ ତମ ଗାଁର ସେ ଖାନ୍‌କା ମରୁଆ ଦେଇ ହେଇ ନାଇଁ ଯେ ମୋତେ ସେମିତି ଗାଲୁମାଲୁ ମାରିଦେବ । ମୁଁ ଦେଖିଚି ଅନେଇଚ । ମୋତେ କହୁଚ କୋଉ ଟୋକିକି ? ତମେ ଭବୁଚ ମୁଁ କିଛି ଦେଖି ପାରୁନାହିଁ । ନା ?

ଦେବ : କେଜାଣି ? ତମେ ଦେଖି ପାରୁଥିଲେ ପାରୁଥିବ । ମୁଁ ତ କିଛି ଦେଖି ପାରୁନାହିଁ ।

ଅନିମା : କେମିତି ଦେଖି ପାରିବ ? ଧରପଡ଼ିଗଲଣି ଯେତେବେଳେ ଦେଖି ପାରିବ କେମିତି ?

ଦେବ : ଓହୋ - ଅନିମା - କୋଉ ଟୋକି କଥା ତମେ କହୁଚ ?

ଅନିମା : ସେଇ ସେଇ ସେଇ ଘଣ୍ଟା ସେ ପାଖ ଲୁଗା ଦୋକାନରେ ଯୋଉ ଟୋକିଟା ଛିଡା ହେଇଚି ଯାହାକୁ ତମେ ମାଛକୁ ବଗ ହନେଇ ବସିଲା ପରି ହନେଇ ବସିଚ ମୁଁ ସେଇ ଟୋକି କଥା କହୁଚି । ଏଥର ଜାଣି ପାରିଲ ନା ପାଖକୁ ଯାଇ ଜାଣି ଆସିବାକୁ ମନ ହଉଚି ? ଦେଖ ଦେଖ ସେ ପୋଡା ମୁହଁର ବେଶକୁ ଦେଖ ! ତା ଛଟକକୁ ଦେଖ ! ପୋଡ଼ିଯାଉ ସେ ଶାଢୀପିନ୍ଧା । ପୋଡ଼ିଯାଉ ସେ ଶାଢ଼ୀପିନ୍ଧା । ପୋଡ଼ିଯାଉ ସେ ଫେସନ । ପୋଡ଼ିଯାଉ ସେ ଟୋକି ପଣିଆ । ମରଣ ହଉନାହିଁ ଯାହା ଯେ ବେଲଜ୍ଜ୍ୟା ଟୋକି ଗୁଡାକୁ ! ଶାଢୀଟେ ଆଉ କାହିଁକି ପିନ୍ଧିଚି ବା ? ନପିନ୍ଧିଲେ ଚଳନ୍ତା ନାହିଁ ? ଏ ସହରୀ ଟୋକି ଗୁଡାଙ୍କର କଣ ଲାଜ ସରମ ବୋଲି କିଛି ନାହିଁ ?(ସ୍ୱାମୀକୁ ଲକ୍ଷ୍ୟକରି) ହଁ ମୁଁ ମୋର କହିଯାଉଥାଏଁ । ତମେ ତମର ସେ ବେଲଜ୍ଜ୍ୟା ଟୋକିଟାକୁ ଆଖି ବାଟେ ଗିଳି ଯାଉଥା-ଗିଳି ଯାଉଥା -

ଦେବ : (ହସି ହସି) ଅନିମା - ତଳଗଡ ଗାଁରେ ରହି ରହି ସତରେ ତମେ ଇଗି ମଫସଲି ହେଇ ଗଲଣି । ସେଟା ପରା ଗୋଟେ ମାଟି ମୂର୍ତ୍ତୀ ।

ଅନିମା : ଖବରଦାର କହି ଦଉଚି - ଖବରଦାର କହି ଦଉଚି - ଅନେଇଲ ତ ଅନେଇଲ । ତା ଉପରେ ପୁଣି ଗାଲୁମାଲୁ କଥା ଗୁଡା କହିବ ନାହିଁ । ମୁଁ

Digitized by PPRACHIN, SOA

ମାଟି ମୂର୍ତ୍ତୀ ଦେଖୁନାହିଁ - ତମେ ମୋତେ ମାଟି ମୂର୍ତ୍ତୀ ଦେଖଉଚ ? ମାଟି ମୂର୍ତ୍ତୀ ଦେଖଉଚ ?

ଦେବ : ସତରେ ଅନିମା ସେଟା ଗୋଟେ ମାଟିମୂର୍ତ୍ତୀ । ଲୁଗା ଦୋକାନୀ ତା ଦେହରେ ଗୋଟେ ସୁନ୍ଦର ଶାଢୀ ଗିନ୍ଧେଇ ଦେଇଚି ଯେମିତି ଲୋକ ଦେଖିଲେ ତା ଦୋକାନକୁ ଶାଢ଼ୀ କିଣିବାକୁ ଆସିବେ । ଦେଖୁନା କେମିତି ଚୁପ୍ ଗୁପ୍ ହୋଇ ଛିଡ଼ା ହୋଇଚି - ହଲ୍ ଚଲ୍ ହେଉନାହିଁ ।

ଅନିମା : ତମେ ଦେଖୁଥିଲ । ତମେ ତମର ଦେଖୁଥା -

ଦେବ : ନାଇଁ ନାଇଁ ତମେ ବି ଦେଖ - କେମିତି ଚୁପ୍ ଗୁପ୍ ଛିଡା ହୋଇଚି - ହଲ ଚଲ କିଛି ହଉ ନାହିଁ -

ଅନିମା : (କିଛି ସମୟ ଲକ୍ଷ୍ୟ କରି) ଆଲେ ସତେତ ! ଜମା ହଲ୍‌ଚଲ୍ ନାହିଁତ ! ତାହେଲେ ସେଟା କଣ ସତରେ ଗୋଟେ ମାଟି ମୂର୍ତ୍ତୀ ?

ଦେବ : ନେଟି ଅପା ଝିଅ ବାହାଘରକୁ ସହରରେ ଶାଢୀ କିଣିଲ ବେଳେ ତମକୁ ଏମିତି ମୂର୍ତ୍ତୀ ସବୁ ଦେଖେଇ ଦେଇ ନଥିଲି ? ଭୁଲି ଗଲଣି ?

ଅନିମା : ହଁ - ସତେତ । ମୋର ତ ଜମା ହେତୁ ନାହିଁ । ଏମିତି ଅବିକଳ ଝିଅଟେ କରିଦେଇଚି ଦୂରରୁ ଜମା ଜାଣି ହେଉନାହିଁ । ଆଖି ନାକ କାନ ଭାରି ସୁନ୍ଦର ହୋଇଚି । ନୁହେଁ ?

ଦେବ : ହଁ - ଭାରି ସୁନ୍ଦର ହୋଇଚି ।

ଅନିମା (ହଠାତ୍ ସ୍ୱର ବଦଳାଇ) ହଁ - ଭାରି ସୁନ୍ଦର ହୋଇଚି ! ସେଇଥି ପାଇଁ ତମେ ତାକୁ ଘଡ଼ିଏ ହେଲା ଅନେଇ ବସିଚ ! ନାଇଁ ? ହେଲା ବା ମାଟି ମୂର୍ତ୍ତୀ - ସେଇଥି ପାଇଁ ତମେ ତାକୁ ଅନେଇ ବସିବ ? ଯଦି ସତକୁ ସତ ଟୋକିଟେ ହୋଇଥାନ୍ତା ତାହେଲେ ତ ତମେ ଯାଇ ତା ହାତକୁ ଝପ୍ କରି ଧରି ପକେଇ ସାରନ୍ତଣି କି କଣ । ଭାରି ସୁନ୍ଦର ହୋଇଚି ! ତମେ ସେ କାନ୍ଥ ଆଡ଼କୁ ମୁହଁ ବୁଲେଇ ବସିବଟି ।

ଦେବ : କାନ୍ଥ ଆଡ଼କୁ ମୁହଁ ବୁଲେଇ ବସିବି ? କାହିଁକି ?

ଅନିମା : ବସ କହୁଚି ପରା - (ଜୋର୍ ଦେଇ) ବସ—

ଦେବ : ହଉ ହଉ ବାବା ବସୁଚି । (ମୁହଁ ବୁଲେଇ ଭିତର କାନ୍ଥ ଆଡକୁ ମୁହଁ କରି ବସିଲା)

Digitized by PPRACHIN, SOA

ଅନିମା : ଆସି ଦରବୁଢ଼ାଟିଏ ହେଲଣି । ତଥାପି ଏମିତି ଖେଳି କାମ କରିବାକୁ ହମ ହମ ।

ଘନ : (ଗଞ୍ଜେଇ ଖାଇ ଦେଇଛି । ବୟସ ଚାଳିଶ ପାଖାପାଖି । ଏକ ପ୍ରକାର ବୁଲକି ଲୋକ । କିଛିଟା ଅବ୍ୟବସ୍ଥିତ ଭାବ ଅଛି । ହଠାତ୍ ଉଚ୍ଚସ୍ୱରରେ ହସି ହସି) ହାଃ ହାଃ - ମୁଁ ଖେଳି କରିବି ।

ଅନିମା : (ଚମକି ପଡ଼ି) କିଏ ? କିଏ କହିଲା ? ହେଇଟି ଶୁଣୁଚ ? କିଏ ଗୋଟେ କହିଲଣି ଖେଳି କରିବ । ଆମ ଜିନିଷ ପତ୍ର ସବୁ ଏକାଠି ଅଛିଟି ? (ହଠାତ୍ ସବୁ ଜିନିଷ ପତ୍ର ନିଜ ଆଡ଼କୁ ଟାଣି ଆଣିଲେ)

ଘନ : ହାଃ - ହାଃ - ହାଃ - ମୁଁ ଖେଳି କରିବି ।

ଅନିମା : ହେଇ ପୁଣି କହିଲଣି ଖେଳି କରିବ ।

ଦେବ : କଣ୍ଢ ।

ଅନିମା : ଖେଳ ଖେଳି କରିବ ବୋଲି କହୁଚି - କଣ୍ଢ ?

ଦେବ : ସେ ଖେଳ ନୁହେଁ ।

ଅନିମା : ସେ ପର ନିଜେ କହୁଚି ଖେଳୀ କରିବ ବୋଲି । ତମକୁ କଣ ଶୁଭୁନାହିଁ ନା ଦିଶୁ ନାହିଁ ?

ଦେବ : ସବୁ ଶୁଭୁଛି । କିଛି ଦିଶୁନାହିଁ । ଖାଲି ଗୋଟେ କାଛ ଦିଶୁଛି ।

ଅନିମା : ହଉ - ହଉ ଏତେ ଛୋପରମି କରିବା ଦରକାର ନାହିଁ । ତମେ ମୁହଁ ବୁଲେଇ ବସ ।

ଦେବ : କୁଆଡ଼କୁ ? ସେ ଦୋକାନ ଆଡ଼କୁ ?

ଘନ : ହାଃ - ହାଃ - ହାଃ ମୁଁ ଖେଳି କରିବି । ମୁଁ ଖେଳି କରିବି ।

ଅନିମା : ହେଇ ପୁଣି କହିଲଣି । ତମେ ମୁହଁ ବୁଲେଇ ବସିଲ- ?

ଦେବ : ତାହେଲେ ତମେ କହୁଚ ମୁଁ ମୁହଁ ବୁଲେଇ ବସିବି ?

ଅନିମା : ଦି ଥର କହିସାରିଲିଣି ପର ! ଶୁଣିପାରୁନା ?

ଦେବ : (ହସି ହସି) ହାଃ ହାଃ - ତାହେଲେ ମୁଁ ବି ସେ ଦୋକାନ ଆଡ଼କୁ ଚାହିଁ ଖେଳି କରିବି । (ମୁହଁ ବୁଲେଇ ବସିଲ)

ଅନିମା : ଓହୋ କାହିଁକି ସେମିତି ଗୋଟେ ହୋ ହୋ ହଉଛ ମ ? ଟିକେ ହୁସିଆର୍‌ରେ ବସି ଜିନିଷ ପତ୍ର ଉପରେ ନଜର ରଖି ପାରୁନା ?

Digitized by PPRACHIN, SOA

ଗ୍ରବି ନେଲ୍ତାଟା ତ ଗଲଣି । ଶେଷରେ ଏତକ ବି ଯିବ । ଗ୍ରବିନେଲ୍ତାଟା କୁଆଡେ ଯେ ଗଲ ! ମା ପାଟେଶ୍ୱରୀ - ମା ସମଲେଶ୍ୱରୀ- ମା ଲେ- ତୋ ଇଛା ପୂର୍ଣ୍ଣ ହେଉ ଲୋ ମା - ମୋ ଗ୍ରବିନେଲ୍ତାଟା ମିଳେଇ ଦେ (କୁହାର ହେଲେ । ମୁହୂର୍ତେ ରହି) ହେଲଟି ଦେଖିଲଣି ? ସେଠି ସେ ପାଖ ଖୁଣ୍ଟ ପାଖରେ ଜଣେ କିଏ ଅବଧାନ ବସି ଖଡ଼ି ପକେଇ ଲେକଙ୍କୁ କଣ ସବୁ କହୁଚନ୍ତି । ଆମ ଗ୍ରବିକାଠି କଥା ତାଙ୍କୁ ଟିକେ ପଗ୍ରରନ୍ତ ନାହିଁ ?

ଦେବ : ସେ ଅବଧାନ ଟୋକି ନା ବୁଢ଼ୀ ?

ଅନିମା : ଫାଜିଲମି ହଉଚି ?

ଦେବ : ଯଦି ଟୋକି ହେଇଥାଏ ତାହେଲେ ବୟସ ବଟିଶରୁ କମ୍ ନା ବେଶୀ ? ଯଦି କମ୍ ହେଇଥାଏ ତାହେଲେ ରଙ୍ଗ କଳା ନା ଗୋରା ? ଯଦି କଳା ହେଇଥାଏ ତାହେଲେ ଅଙ୍ଗାର କାମୁ ପରି କଳା ନା—

ଗଜ : (ଆସିଛି) ନୂଆବୋଉ । ନିଧି କେନାକୁ ପାଇଲି ଯେ ହେଲେ ତାକୁ ଯେମିତି ଗ୍ରବିକାଠି କଥାଟା ପଗ୍ରରି ଦେଇଚି ସେ ତ ମୋ ଉପରେ ରଗି ମାଗି ଖୁନ୍ । ମୁଁ ଚମ ଗ୍ରବିକାଠି କାହିଁକି ନେବି—ମୁଁ କଣ ଗ୍ରେର ହେଇଚି କି-ମୋତେ ତ କେତେ କଥା କହିଗଲ ! ହେଲେ ସେ ଯାହା କହୁ ପଛେ ମୋର କିନ୍ତୁ ଲେକଟା ଉପରେ ଭରି ସନ୍ଦେହ ହଉଚି । ନେଇ ନାହିଁ ତ ନାହିଁ କରି ଦବୁ—ଗଲ କାମ ସଇଲ—ଏତେ ପାଟି ଫାଟି କଣ ? ଆହୁରି କଣ ହେଇଚି ଜାଣିଚ ନୂଆବୋଉ ? ତା ଶଗଡରେ ଗ୍ରରି ପାଞ୍ଚଟା ଟୋକା ବି ଯାଉଚନ୍ତି । ମୁଁ ପଗ୍ରରିଲରୁ କହିଲେ ଆମ ଗାଁରେ କେଶଗମ ପୁଂଆ ଯାତ୍ରା ଦେଖିବାକୁ ଯାଉଚନ୍ତି ।

ଦେବ : ଭରି ଭଲ ଯାତ୍ରା । ତୁ ବି ଦେଖିବୁ । ଆମେ ଯଦି ଯାଉ ନ ଥାନ୍ତୁ—

ଅନିମା : (ମଝିରୁ) ତମର ଟିକେ ଲଜ କି ସରମ ନାହିଁ ? ଘରର ସର୍ବସ୍ୱ ଯାଇ ଦାଣ୍ଡରେ ପଡ଼ିଲଣି । ତମକୁ ଟିକେ ଚିନ୍ତା ବି ମାଡ଼ି ପଡୁନାହିଁ ? ଆହୁରି ଯାତ୍ରା ଦେଖି ଯାଉଚ ! ଯାତ୍ରା । ବେସରମିଆ ଲେକ !

ଗଜ : ସେ ଟୋକାଦଳ କାହିଁକି ଆମ ଗାଁକୁ ଯାଉଚନ୍ତି ଜାଣିଚ ନୂଆବୋଉ ? ମୋତେ ଲଗୁଚି ଗ୍ରବିକାଠି ତ ହାତରେ ପଡ଼ି ଯାଇଚି । ରତିରେ ଯେତେବେଳେ ଗାଁ ଲେକ ଯାତ୍ରା ଦେଖୁଥିବେ ଏ ଟୋକାଦଳ ସେତିକି ବେଳେ

Digitized by PPRACHIN, SOA

ସବୁ ଗ୍ରବି ଫାବି ଖୋଲି ଆଗମରେ ସବୁ ଜିନିଷ ଶଗଡରେ ବୋହି ନେଇ ଗ୍ଲିଯିବେ ।

ଅନିମା : (ଆତଙ୍କିତ ହୋଇ) ରଜ ! କଣ ତମେ କହୁଚ !

ରଜ : ଭଇ ! ତମେ କଣ ଭବୁଚ ?

ଅନିମା : ସେ କଣ ଭବୁଚନ୍ତି କହିବି ? ଏଠି ବସି ତମେ କଣ କରୁଥିଲ କହିବି କହିବି ରଜଙ୍କୁ ? ହେଇଟି ରଜ ! ଏ ଗୋବର ଗଣେଶଙ୍କୁ କହି କିଛି ଲଭ ନାହିଁ । ୟାଙ୍କୁ କହିବା ଯାହା ପଥର ଗଦାକୁ କହିବା ସେୟା । ତମେ କିଛି ଗୋଟାଏ କର । ଆଛା - ରଜ ! ସେଇ ଯୋଉ ଲେକଟା ସେଠି ଖୁଣ୍ଟକୁ ଆଉଜି ବସିଚି ଫଟେଇଟେ ପିନ୍ଧିଚି ଛେଳି ପରି ଦାଢି ରଖିଚି - ସେଇଟା କିଏ ? ଗ୍ରେର ଫୋର କିଛି ନୁହେଁତ–?

ରଜ : ଓ-ସେଇଟା ପର ଡ଼ିହସାହି ଘନିଆ ରଉତ । ପେଟେ ଗଞ୍ଜେଇ ଟାଣି ଦେଇଚି । ଗ୍ରେରି କରିବି ଗ୍ରେରି କରିବି ବୋଲି ପାଟି କରୁଚି । ତାକୁ ଡରିବାର କିଛି ନାହିଁ । ଆଛା ନୂଆବୋଉ ! ଥାନାରେ ଗୋଟେ ଇତାଲ୍ ଦେଇ ଦେବିକି ?

ଦେବ : ରଜ ! ଜମା ସେ ଭୁଲ କାମ କରିବୁ ନାହିଁ ।

ଅନିମା : କାହିଁକି ?

ଦେବ : କାହିଁକି କଣ ? ଥାନା ବାଲ ତତେ ଆଗ ପଗ୍ୱରିବେ ଗ୍ୱବିକାଠି କୋଉଠି ଥିଲ ! ଗ୍ୱବିକାଠି କିଏ ରଖିଥିଲ । ଯଦି ହଜିଲ କୋଉଠି ହଜିଲ !

ରଜ : ସେଇ କଥା ତ ପଡ଼ିଚି । କୋଉଠି ହଜିଲ ଜାଣିନାହୁଁ ବୋଲିତ ଏତେ କଥା ।

ଦେବ : ଥାନା ବାଲ ସେୟା ପଗ୍ୱରିବେ - କୋଉଠି ହଜିଲ - କାହିଁକି ହଜିଲ । ତାପରେ କଣ କହିବେ ଜାଣିଚୁ ? କହିବେ ତମେ ତମ ଘରେ ଗ୍ୱବି ପକେଇ ଦେଇ ଗ୍ୱବି କାଠିକି ଗ୍ରେର ଆଗରେ ପକେଇ ଦବ । ତା ପରେ ଗ୍ରେରି ହେଇଗଲେ କହିବ ଆମ ଗ୍ୱବିକାଠି ଖୋଜ । ନାଇଁ ? ଆମର ଆଉ କିଛି ଭଲ କାମ ନାହିଁ - ଆମେ ତମର ଗ୍ୱବିକାଠି ଖୋଜୁଥିବୁ ? ଯାଃ-ପଳା ଏଠୁ - ପଳା–

Digitized by PPRACHIN, SOA

ଗଜ ! ତା ହେଲେ ଥାନାକୁ ଯିବି ନାହିଁ ? ନୂଆବୋଉ । ତମେ କଣ କହୁଚ ?

ଅନିମା : ମୋତେ ଆଉ କିଛି କୁହ ନାହିଁ । ମୋ ମୁଣ୍ଡ ଚକ୍ର ପରି ଘୁରୁଚି । ମୋ'ତେ ଆଉ କିଛି ବୁଦ୍ଧି ଦିଶୁନାହିଁ । ସମସ୍ତେ ତ ଯା କର ନାହିଁ ତା କର ନାହିଁ କହି ଦଉଚନ୍ତି । କଣ କରିବାକୁ ହବ କିଏ କହୁଚି ?

ଗଜ : ହଁ ! ଯାହା କହିଲ ! କିଛି କରିବାକୁ ହବ ସାଙ୍ଗେ ସାଙ୍ଗେ । ଗ୍ରବିକାଠି ଯାଇ ନିଧିଭେଜା ହାତରେ । ତା ସାଙ୍ଗରେ ଗ୍ରଗି ପାଞ୍ଚଟା ଷଣ୍ଢାମାର୍କା ଟୋକା । ସେମାନେ ସମସ୍ତେ ଯାଇ ଗାଁରେ ପହଞ୍ଚି ସାରିବେଣି–

ଘନ : ମୁଁ ଗ୍ରେଭି କରିବି । ହାଃ-ହାଃ-ହାଃ - ମୁଁ ଗ୍ରେରି କରିବି । (ଟ୍ରେନର ହୁଇସିଲ୍ ଓ ଆସିବାର ଶବ୍ଦ ହେଲା) । ଲୋକେ ଟ୍ରେନକୁ ଯିବା ପାଇଁ ଜିନିଷପତ୍ର ଧରି ତରବର ହୋଇ ଉଠିଲେ । ଡକା ହକା । ପାଟିତୁଣ୍ଡ ହେଲା ।)

ଦେବ : (ତରବର ହେଇ ଉଠିପଡ଼ିଲା) ହେଇ - ହେଇ - ଗାଡ଼ି ଆସିଗଲା । ଆମ ଗାଡ଼ି ଆସିଗଲା । ଅନିମା - ଉଠ - ଉଠ - ଯିବା - ଉଠ -

ଅନିମା : କଣ ହେଲା ? ଘରଟା ଯାକର ଗ୍ରବିକାଠିକି ଗ୍ରେର ହାତକୁ ବଢ଼େଇ ଦେଇ କଣ ନା ଉଠ ଯିବା ? ମୁଁ ଏଠି ସବୁ ଏମିତି ପକେଇ ଦେଇ ତମ ସାଙ୍ଗରେ ଯାତ୍ରା ଦେଖିବାକୁ ଯିବି ? ଜମା ଯିବି ନାହିଁ ।

ଦେବ : ଓହୋ ! ଆମ ଗାଡ଼ି ଆସିଗଲାଣି ପର -

ଅନିମା : ଆସୁ । ଗ୍ରବି ନେଉା ନ ପାଇଲା ପର୍ଯ୍ୟନ୍ତ ମୁଁ କୁଆଡେ ଯିବିନାହିଁ ।

ଦେବ : ଗାଡ଼ି ପର ଆସିଗଲା । ଯିବ ନାହିଁ କେମିତି ? ଗ୍ରଲ ଉଠ - ଯିବା ଉଠ -

ଅନିମା : କହିଲି ପର ମୁଁ ଜମା ଉଠିବି ନାହିଁ ।

ଦେବ : ଓହୋ ଉଠ କହିଲି ପର–

ଅନିମା : ଶୁଣୁଚ ପର କହୁଚି ମୁଁ ଉଠିବି ନାହିଁ ବୋଲି । ସେଯା ସେଯା କଣ ହଉଚ ? ମୋ ହାତକୁ ମୋ ଗ୍ରବି ନେଉା ନ ଆସିବା ପର୍ଯ୍ୟନ୍ତ ମୁଁ କୁଆଡେ ଯିବି ନାହିଁ ।

ଦେବ : ଓହୋ କାଲି ପର ତମ ଭଉଜଙ୍କ ଝିଅର ନିର୍ବନ୍ଧ । ପାଟେଶ୍ୱରୀଙ୍କ ପାଖରେ ଅଭିଷେକ ହେବ । ଆମକୁ ସମସ୍ତେ ସେଠି ଗ୍ରହିଁ ବସିଥିବେ ।

ଅନିମା : ବସିଥାନ୍ତୁ । ମୁଁ ଯିବି ନାହିଁ ।

ଦେବ : ଯିବ ନାହିଁ ?

ଅନିମା : ନା ।

Digitized by PPRACHIN, SOA

ଦେବ : ଯିବ ନାହିଁ ?

ଅନିମା : ନା - ନା - ନା - ଜମା ଯିବି ନାହିଁ ।

ଦେବ : ଉଠିବ ନାହିଁ ?

ଅନିମା : ନା !

ଦେବ : ଜମା ଉଠିବ ନାହିଁ ?

ଅନିମା : ଜମା ଉଠିବି ନାହିଁ । ମୁଁ ଏଇଠି ବସିଲି । ଗ୍ରବିନେନ୍ତା ନ ପାଇଲାଯାକେ ଉଠିବି ନାହିଁ ।

ଦେବ : (ଈଷତ୍ ହସି ପକେଟରୁ ଗ୍ରବିନେନ୍ତା କାଢ଼ି) ଆଚ୍ଛା ହଉ ହଉ ବା ବା ହେଲା-ହେଲା-ହେଇ ନିଅ ତମ ଗ୍ରବିକାଠି ନିଅ କାନିରେ ବାନ୍ଧ । ଏଥର ଉଠ ଯିବା । (ଗ୍ରବିନେନ୍ତା ବଢେଇ ଦେଲା)

ଅନିମା : ମୋ ସାଙ୍ଗରେ ଖେଳୁଚ ? ଖେଳୁଚ ମୋ ସାଙ୍ଗରେ ?

ଦେବ : ଆଗ ହାତକୁ ନିଅ - ଦେଖ ଯେ ତମ ଗ୍ରବିକାଠି କି ନୁହେଁ—

ଅନିମା : (ଗ୍ରବିକାଠି ନେଇ ଦେଖି) ଆଁଏ - ହଁ ତ ! ଯେ ତ ଆମ ଗ୍ରବି କାଠି । ତମେ ଯାକୁ କୋଉଠୁ ପାଇଲ ?

ଦେବ : ତମେ ଆଗ ଉଠିଲ—

ଅନିମା : ତମେ ଆଗ କହିଲ କୋଉଠୁ ପାଇଲ । ନିଶ୍ଚେ ତମେ ରଖିଥିଲ । ମୁଁ ପର ସେତେବେଳୁ ସେୟା କହୁଚି ତମକୁ ଦେଇଚି ବୋଲି—

ଦେବ : ତମେ ତ ଜମା କିଛି ହେତୁ ରଖ ନା । ଘରୁ ଷ୍ଟେସନକୁ ଆସିଲାବେଳେ ତମେ ଯେତେବେଳେ ତମର ସେ ହଲେଇ ଅପା ନା ଫୁଲେଇ ଅପା—

ଅନିମା : ସେ ହଲେଇ ଅପା କାହିଁକି ହବ ମ ? ସେତ ମୋ ଗୋଲେଇ ଅପା—

ଦେବ : ହଁ ସେଇ ଗୋଲେଇ ଅପା ଘରକୁ ଗଲ ବେଳେ ମୋ ହାତରେ ଦେଇ ଯାଇ ନ ଥିଲ ?

ଅନିମା : (ହଠାତ୍ ମନେ ପଡ଼ିଗଲା । ପାଟି ଅଧା ଆଁ କରି ପାଟି ଆଗରେ ହାତ ଦେଇ ଆଶ୍ଚର୍ଯ୍ୟ ପ୍ରକାଶ ଭଙ୍ଗୀରେ) ଆଲେ ସତେ ତ ! ତମକୁ ଗ୍ରବିନେନ୍ତାଟା ସେଇଠି ଦେଇଥିଲି ! ଦେଖୁଚ- ମୋ ନିଆଁ ଲଗା ହେତୁକୁ ଦେଖୁଚ ! ତମକୁ ଗ୍ରବିନେନ୍ତାଟା ଦେଇ ଦେଇ ଏଣେ ଏଠି ଗ୍ରରିଆଡ଼େ ଖୋଜୁଚି । (ହଠାତ୍

Digitized by PPRACHIN, SOA

ଘର ବଦଳାଇ) ତା ବୋଲି ତମେ ଗୃବିନେତାଟାକୁ ଲୁଚେଇ ଦେଇ ମୋତେ ଏମିତି ହଇରଣ କରିବ ? ମୁଁ ତମର ଶାଳିଟାପଗ ହେଇଚି ? ଶାଳି ଟାପଗ ?

ଦେବ : ହଉ ହଉ - ଗୃଇ ଉଠ ଯିବା—

ଅନିମା : ଆଛା ହଉ ଠିକ ଅଛି ତମେ ଘରକୁ ଫେର । ତାପରେ ଯାଇ ତମର ମୋର କଥାବାର୍ତ୍ତା । ମୋ ସାଙ୍ଗରେ ଘଡ଼ିଏ ହେଲ ଟାପଗ ଗୃଲିଚି ! ନାଇଁ ? ଦି ଭଇଙ୍କର ହସାହସି ଫୁସ୍‌ଫାସ୍ ଠରଠରି - ଗଜ ! ସେ ନିଧି ଜେନା କଥାଟା କିଏ ଫାନ୍ଦିଲ ? ତମେ ନା ତମ ଭ୍ରାତୃଦେବ ?

ଗଜ : ମୋର ଜମା କିଛି ଦୋଷ ନାହିଁ ନୂଆଁବୋଉ - ଭଇ ଯାହା କହିଲେ -

ଦେବ : ଆବେ ଗଜ ! ତୁଟା ଗୋଟଖଣ୍ଡି ଆଟେ କି ବେ ? ହାଃ-ହାଃ-ହାଃ-

ଅନିମା : ଆଛା ହଉ ହଉ - ମୁଁ ଟିକେ ଘରକୁ ଫେରେ । ତମେ ଦିଭଇ ମିଶି କେମିତି ଗୋଠ ତିଆରି କରିଚ ସେ କଥା ମୁଁ ବୁଝିବି । ଏକା ଥରକେ ଯଦି ତମର ସେ ଫୁସ୍‌ଫାସିଆ ଗୋଠକୁ ମୁଁ ଭର୍ଙ୍ଗି ନ ଦେଇଚି—

ଦେବ : ହାଃ-ହାଃ-ହାଃ (ଟ୍ରେନ୍‌ର ହୁଇସିଲ୍ ଶବ୍ଦ ହେଲା) ଆରେ ଆରେ - ଟ୍ରେନ୍ ଛାଡ଼ିଲ ନା କଣ - ଛାଡ଼ିଲ ନା କଣ—ଉଠ-ଉଠ ଉଠ—ଗଜ-ଗଜ- ଜିନିଷପତ୍ର ଧରିବୁଟି - ତୁ ସେ ସୁଟକେଶଟା - ମୁଁ ଏ ସୁଟକେଶ୍‌ଟା - ଅନିମା-ଗୃଲି ଆସ - ଗୃଲିଆସ - ଜଲ୍‌ଦି-ଜଲ୍‌ଦି - (ତରବର ହୋଇ ଜିନିଷପତ୍ର ଧରି ଗୃଲିବାକୁ ଆରମ୍ଭ କଲେ)

ଅନିମା : ହଁ-ହଁ ମୁଁ ଏ ବ୍ୟାଗଟା ଧରୁଚି । ତମେ ଆଉ ସବୁ ଧର—

ଦେବ : ତମେ କିଛି ଧରିବା ଦରକାର ନାହିଁ । ଆମେ ସବୁ ଧରିବୁ । ତମେ ଖାଲି ତମ ଗୃବି କାଠି ଆଉ ତମ ହେତୁକୁ ସମ୍ଭାଳି ଧରି ଆସ— ଜଲ୍‌ଦି - ଜଲ୍‌ଦି - (ଦେବ ଓ ଗଜ ଜିନିଷପତ୍ର ଧରି ଆଗେଇ ଗଲେ । ତାପରେ ସେଇଠୁ ଡାକିଲେ) ଅନିମା - ଆସିଲ ?

ଅନିମା : ଆସିବି କଣ ବା ? ତମେ ଯୋଉ ଚଦରଟା ଏଠି ତଳେ ପକେଇ ବସିଥିଲ ସେଟା ପରା ଛାଡ଼ି ଯାଇଚ । ତାକୁ ଗୋଟେଇ ନେଇ ଯାଉଚି । (ଚେଦର ଉଠେଇ ଧରିଲେ)

Digitized by PPRACHIN, SOA

ଦେବ : (ଧାଇଁ ଆସି) ଆରେ ସତେ ତ - ସତେ ତ - ଆଣ - ଆଣ - ଚଦର କଥାଟା ତ ମୋର ଜମା ହେତୁ ନ ଥିଲା - (ଚଦରଟା ହାତକୁ ନେଲା)

ଅନିମା : (ଯାଉ ଯାଉ) କି କହେଁ ତମ ବେଲଜ୍ଜ୍ୟା ହେତୁକୁ ! ନିଜ ମୁଣ୍ଡରେ ତ ଗାଦିଏ ଗୋବର । କୋଉ ଗୁଣରେ ମୋତେ କୁହା ହଉଚି ମୋର ହେତୁ ନାହିଁ ବୋଲି ? ବେସରମିଆ ନିଶାଖୋର ମଣିଷ !

ପ୍ରଥମେ ଦେବ ତା ପରେ ଖଜ୍ଜ ଓ ତାପରେ ଅନିମା ହସି ଉଠିଲେ ଓ ପ୍ଲାଟଫର୍ମ ଆଡକୁ ଚାଲିଗଲେ । କ୍ରମଶଃ ସେ ହସ ଓ ଟ୍ରେନ୍‌ର ଶବ୍ଦ ଦୂରରେ ମିଳେଇ ଗଲା ।

●

Digitized by PPRACHIN, SOA

-ମୁଁ ହିରୋ ହେବି-

-ଚରିତ୍ର-

ଲଡୁ ଷଡଙ୍ଗୀ

ନାଟୁ ଗଉବନ୍ଧୁ

ମଣ୍ଟୁ

ନନ୍ଦୀ

ଜହ୍ନିଲା

●

Digitized by PPRACHIN, SOA

Digitized by PPRACHIN, SOA

ସକାଳ ଆଠଟା । କଲେଜ ହଷ୍ଟେଲ । ଫିଫ୍ଥ ଇୟର ଛାତ୍ର ଲଡୁ ଷଡଙ୍ଗୀର ରୁମ୍ । ଲଡୁ ରୁମ ମଝିରେ ଏକ ଯାତ୍ରାଦଳ ରଜାର ଭଙ୍ଗୀରେ ଛିଡା ହୋଇଛି ।

ଲଡୁ : (ଜୋର୍ ଦେଇ ଏକ ଅଦୃଶ୍ୟ ଚରିତ୍ର ଉଦ୍ଦେଶ୍ୟରେ) ଗେଟ୍ ! ଗେଟ୍‌ଅପ୍ ! ହିରୋ ହବ ! ହିରୋ ! ହାଲ୍ଲ ଦଶଟା ଲୋକଙ୍କ ଆଗରେ ଛିଡା ହେଇଗଲେ ଗୋଡ ଠକ୍ ଠକ୍ ବାଜିବ - ପାଟି ଖନି ମାରିଯିବ - କହିଲୁ ହିରୋହବ ! ହିର୍‌ରୋ ! ଆବେ ଏଟା କଣ ତମ ନନ୍ଦିପୁରିଆ ଅପେରା ପାର୍ଟି ଯାତ୍ରାହେଇଚି ନା କେଳାକେଲୁଣୀ ଫାର୍ସ ହେଇଚି ଯେ ଯିଏ ପାରେ ସିଏ ହିରୋ ହେଇଯିବ ? ଏଟା ହେଲା କଲେଜ ଡ୍ରାମା । ଏଠି ହିରୋ ହବାକୁ ହେଲେ ଟାଲେଣ୍ଟ ଦରକାର ମୁଣ୍ଡରେ ମସଲା ଦରକାର । ତୋର ଅଛି ? ମୁଁ ପଚାରୁଚି ତୋ ମୁଣ୍ଡରେ ମସଲା ଅଛି ? ତୋ ମୁଣ୍ଡରେ କିଛି ନାହିଁ । ଖାଲି ଗୋବର ଅଛି ବୁଝିଲୁ? ଗୋବ୍‌ବର-ଗୋବ୍‌ବର ! ତୁ ଭାବିଚୁ ଖାଲି ଓଠରେ ଗୋଟେ ମୁଚୁକୁନ୍ଦିଆ ହସଟେ ଝୁଲେଇ ଦେଲେ କି ଧୁରମୁସିଆ ହାତ ଦିଟାକୁ ବାତ ମାରିଲା ପରି ଏ ପାଖ ସେ ପାଖ ହଲେଇ ଦେଲେ ଆକ୍ଟିଂ ହେଇଗଲା । ନାଇଁ ? ଇଡ଼ିୟଟ୍ ତଥାପି ମୋ ସାଙ୍ଗରେ ଟକ୍କର ଦବାକୁ ବାହାରିଚି ! ମୋ ସାଙ୍ଗରେ ଟକ୍କର ଦବାକୁ ବାହାରିଚି ! ଜାଣିଚୁ ? ଜାଣିଚୁ କଣ କରିବି ? ମୋ ସାଙ୍ଗରେ ଟକ୍କର ଦବାକୁ ବାହାରିଲେ କଣ କରିବି ଜାଣିଚୁ ? ଗୋଟେ ମୁଥରେ ତୋର ସେ କଳା ଭଉଁରିଆ ନିଶ ହଳଟାକୁ ଠକ୍ ଠକ୍ କରି ଖସେଇ ପକେଇବି । ବଚ୍ଚା ମୋତେ ଚିହ୍ନି ନାହିଁ ! ବଚ୍ଚା ଲଡୁ ଷଡଙ୍ଗୀକି ଚିହ୍ନି ନାହିଁ ! (ହଠାତ୍ ଯାତ୍ରା ଦଳ ରଜା ପରି ରୁମ୍‌ର ଏ ପାଖ ସେ ପାଖ ବୁଲିବାକୁ ଆରମ୍ଭ କଲା । ତାପରେ ହସ କାନ୍ଦ ରାଗ ହିଂସା ବିସ୍ମୟ ଇତ୍ୟାଦି ବିଭିନ୍ନ ଭାବର ଅଭିନୟ କଲା । ଦେହର ବିଭିନ୍ନ ଅଙ୍ଗଭଙ୍ଗୀ କଲା ।ଶେଷ ଆଡକୁ ସିନେମା ଫାଇଟିଂ ପରି ମୁଥ କରି ଶୂନ୍ୟକୁ ମାରିଲା ଓ ମୁହଁରେ ଢିସୁମ ଢିସୁମ ଶବ୍ଦ କଲା । ତା ପରେ ହଠାତ୍ ଉଲ୍ଲସିତ ସ୍ୱରରେ ଢେଇଁ ଢେଇଁ) ହା - ହା - ହୁସିଆର୍ ନାଟୁ ଗଉଡ଼ୁ ! ଗୋଟେ ମୁଥରେ ମୁଁ ତୋର ପତନ ଓ ମୂର୍ଚ୍ଛା କରିଦେବି । (ଶୂନ୍ୟକୁ ମୁଥ ମାରି) ଗୋଟେ ମୁଥ୍‌ଥରେ ମୁଁ ତୋର ପତନ ଓ ମୂର୍ଚ୍ଛା କରିଦେବି । ବୁଝିଲୁ ? ଆବେ ବୁଝିଲୁଟି ? (ରଜାଙ୍କ ପରି ଏ ପାଖ ବୁଲିଲା ଓ ଉଚ୍ଚସ୍ୱରରେ ହସିଲା) ହାଃ - ହାଃ - ହାଃ—

Digitized by PPRACHIN, SOA

ନାଟୁ : (ଇତୁର ଅଲକ୍ଷ୍ୟରେ କିଛି ସମୟ ଅଗରୁ ଆସି ଇତୁକୁ ଲକ୍ଷ୍ୟ କରୁଥିଲା । ଇତୁର ହସ ସହ ମିଶି ହସି ଉଠିଲା) ହାଃ ହାଃ ହାଃ-

ଇତୁ : (ହଠାତ୍ ହସର ଶବ୍ଦ ଶୁଣି ଚମକିପଡ଼ି ଚୁପ୍ ହୋଇଗଲା ଓ ବିସ୍ମିତଭାବେ ହସ ଆସୁଥିବା ଦିଗକୁ ଆସ୍ତେ ଆସ୍ତେ ମୁହଁ ଫେରାଇ ନାଟୁକୁ ଦେଖି ରାଗ ଓ ଘୃଣାରେ ମୁହଁ ବୁଲେଇ ନେଲା) ହୁଁଃ ! ଇଡ଼ିୟଟ—

ନାଟୁ : (ହସିଲା) ହାଃ ହାଃ ଇତୁ ! ତୁ ବରଂ ଗୋଟେ କାମ କର । ମୋ ରୁମକୁ ଚାଲିଆ । ସେଇଠି ମୁଁ ତତେ ଆକ୍ଟିଂ ଫାକ୍ଟିଂ ସବୁ ଶିଖେଇ ଦେବି । ତାପରେ ତୁ ଯାଇ ଗୋଟେ କୋଉ ଯାତ୍ରାପାର୍ଟିରେ ମିଶିଯିବୁ ।

ଇତୁ : (ଜୋର୍ ଦେଇ) ମୋ ରୁମକୁ ଆସିବାକୁ ତତେ କିଏ କହିଲା ?

ନାଟୁ : ହାଃ ହାଃ ହାଃ-ଆବେ ଇତୁ ! ତୁ କୁଆଡ଼େ ଆମ କଲେଜ ଡ୍ରାମାରେ ହିରୋ ହବାକୁ ଜାମାଯୋଡ଼ ହେଇ ବସିଚୁ ? ସତରେ ?

ଇତୁ : ତୁ କଣ ପାଇବୁ ସେଥିରୁ ? ଇଡ଼ିୟଟ !

ନାଟୁ : ହାଃ ହାଃ ହାଃ— ଆବେ ଇତୁଷଡ଼ଙ୍ଗୀ ! ତୁଟା ପରା ସୂର୍ଯ୍ୟୋଦୟ ପଞ୍ଜିକାର ସଂକ୍ରାନ୍ତି ପୁରୁଷ ! ଆବେ ତୁଟା କି ହିରୋ ହବୁ ?

ଇତୁ : ନାଇଁ ! ମୁଁ କାହିଁକି ହିରୋ ହେବି ? ତୁ ତ ନନ୍ଦିପୁର ଗାଁ ର ବୃଦ୍ଧ ଖବିସ ତୁ କଲେଜ ଡ୍ରାମାରେ ହିରୋ ହବୁ ।

ନାଟୁ : ମୁଁ ହେବି ନାହିଁ ଆଉ କଣ ତୁ ହବୁ ?

ଇତୁ : ଗ୍ରେପ୍ ବେ ବୃଦ୍ଧ ଖବିସ ! ହିରୋ ହବ ! ହିର୍‌ରୋ ! ଆବେ ତୋ ଜିନ୍ଦେଗୀରେ ତୁ କେବେ ହିରୋ ହେଇଚୁ ?

ନାଟୁ : ଅବେ ତୋ ଜିନ୍ଦେଗୀରେ ତୁ କେବେ ଡ୍ରାମା କରିଚୁ ?

ଇତୁ : ତୁ ଡ୍ରାମାରେ କଣ କରୁ ମୁଁ ଜାଣିନାହିଁ ? ତୁ ପରା ଡ୍ରାମାରେ ଗିନି ବଜଉ । ଲୁଗାକାଚୁ । ପେଟି ବୋହୁ । ଓସ୍ତାଦଙ୍କ ବୋଲହାକ କରୁ ।

ନାଟୁ : ଆଉ ତୁ ଭାବିଚୁ ତୁ କଣ କରୁ ମୁଁ ଜାଣିନାହିଁ । ନାଇଁ ? ଇଡ଼ିୟଟ୍ ! ଆବେ ତୁ ପରା ଡ୍ରାମାରେ ସିନ୍ ଟାଣୁ । ରାଣୀ ପିଲାର ବୋକଗ୍ଧ ବୋହୁ । ଓସ୍ତାଦଙ୍କ ଗୋଡ ମୋଡୁ । ଷ୍ଟେଜରେ ଝାଡୁ ମାରୁ-

ଇତୁ : ତୁ ଦେଖିଚୁ ମୁଁ ବୋକଗ୍ଧ ବୁହେ ?

ନାଟୁ : ତୁ ଦେଖିଚୁ ମୁଁ ଲୁଗା କାଚେ ?

Digitized by PPRACHIN, SOA

ଲଡୁ : ତୁ ଦେଖୁଚୁ ମୁଁ ଗିନି ବଜାଏ ?

ନାଟୁ : ତୁ ଦେଖୁଚୁ ମୁଁ ଝାଡୁ ମାରେ ?

ଲଡୁ : ତୁ ଦେଖିଚୁ ମୁଁ ପେଟି ବୁହେ ?

ନାଟୁ : ତୁ ଦେଖୁଚୁ ମୁଁ ଓସ୍ତାତଙ୍କ ଗୋଡ଼ ମୋଡ଼େ ?

ଲଡୁ : ତୁ ଦେଖିଚୁ ମୁଁ ଓସ୍ତାତଙ୍କ ବୋଲ ହାକ କରେ ?

ନାଟୁ : ନାଇଁ ତୁ କାହିଁକି ବୋଲହାକ କରିବୁ ? ତୁ ତ ହିରୋହ ଭ ! ହିରୋ ! ହିର୍‌ରୋ ! ଇଡ଼ିୟଟ୍ !

ଲଡୁ : ନାଇଁ ତୁ କାହିଁକି ଗୋଡ ମୋଡ଼ିବୁ ? ତୁ ତ ହିରୋ ହଉ ! ଗସକେଇ !

ନାଟୁ : ତୁ ହିରୋର ଡ୍ରେସ ମୁଣ୍ଡଉ ।

ଲଡୁ : ତୁ ହିରୋକୁ ହଜାମତ କରୁ ।

ନାଟୁ : ତୁ ହିରୋକୁ ତେଲ ମାଲିସ କରୁ ।

ଲଡୁ : ଆବେ ତୁ ଜାଣିଚୁ ଏ ଡ୍ରାମାଟା ମୁଁ ନିଜେ ଲେଖିଚି ?

ନାଟୁ : ନିଜେ ଲେଖୁଚୁ ? ତୁ ନିଜେ ଲେଖୁଚୁ ? ହାଃହାଃହାଃ - ଆବେ ତୋରି ପରି ହିନ୍ଦି ବଙ୍ଗଳା ଇଂରାଜୀରୁ କପି ମାରିଦେଇ କେତେ ଲୋକ ଆମ ଓଡ଼ିଶାରେ ନାଟ୍ୟକାର ହେଇଗଲେଣି । ତୁ କଣ ସେଇ ବୋଗଝାଙ୍କି ନାଟ୍ୟକାରଙ୍କ ପରି ନିଜେ ଲେଖୁଚୁ ?

ଲଡୁ : ତୁ ଲେଖୁଲୁ ଗୋଟେ ଦେଖିବା -

ନାଟୁ : ମୁଁ ତୋ ପରି ଛିଞ୍ଚକା ଗ୍ରେର ହେଇ ନାହିଁ ଯେ ପରମାଲ୍‌କୁ କେହି ନ ଦେଖୁଲେ ବେଳେ ଚୁଟ୍ କରି ପକେଟରେ ପୁରେଇ ଦେଇ ନେଇ ପଳେଇବି । ଡ୍ରାମା ଲେଖୁଚି ! ଡ୍ରାମା ! ଡ୍ରାମା ନିଜେ ଲେଖୁଚି !

ଲଡୁ : ନାଟୁ ! ସେମିତି ଆଜେବାଜେ କଥା ତୁ ମୋତେ କହିବୁ ନାହିଁ କହି ଦଉଚି । ହୁସିଆର୍ ! ମୋ ଡ୍ରାମାରେ କଳିକା ଦାସ ହିରୋଇନ ହେବ । ସେ ଯାହାକୁ କହିବ ସେ ହିରୋ ହବ ।

ନାଟୁ : ହାଃହାଃହାଃ - ତାହେଲେ ତୁ ଲଡୁ ଷଡଙ୍ଗୀ ତୁ ତ ଜରୁର୍ ହିରୋ ହବୁ । ହିରୋଇନ ତୋ ସଜାତି ପୁରୁଷ ରୂପକୁ ଦେଖୁଦେଲେ ତୋ ସାଙ୍ଗରେ ପାର୍ଟ କରିବ କଣ ତୋ ପ୍ରେମରେ ପଡ଼ିଯାଇ ସାଙ୍ଗେ ସାଙ୍ଗେ ମୂର୍ଚ୍ଛା ହେଇ ଯିବ । ହାଃ ! ହିରୋ ହବ । ହିରୋ । ଆବେ କଳିକା ଦାସ ହିରୋଇନ୍ ହେଲେ ତୁ କଣ ହବୁ ଜାଣିଚୁ ? ତୁ ହବୁ ତାର ଗ୍ଭକର ! ଗ୍ଭକ୍‌ର !—

Digitized by PPRACHIN, SOA

ଲଡ୍ଡୁ : ଆଉ ତୁ କଣ ହବୁ ଜାଣିଚୁ ? ତୁ ହବୁ ତାର କୁକ୍କୁର ! କୁକ୍କୁର–
ନାଟୁ : ତୁ ହିରୋଇନର ଯୋତା ବୋହିବୁ ।
ଲଡ୍ଡୁ : ତୁ ହିରୋଇନର ଗୋଡ଼ ଘସିବୁ ।
ନାଟୁ : ତୁ ହିରୋଇନର ପାଇଟି କରିବୁ ।
ଲଡ୍ଡୁ : ତୁ ହିରୋଇନର ଅଇଁଠା ଖାଇବୁ ।
ନାଟୁ : ହିରୋଇନ ତୋ ଉପରେ ପିକ ପକେଇବ ।
ଲଡ୍ଡୁ : ହିରୋଇନ୍ ତୋ ଉପରେ ବାନ୍ତି କରିବ ।
ନାଟୁ : ହିରୋଇନ୍ ତୋ ମୁହଁରେ ମୁଥ ମାରିବ ।
ଲଡ୍ଡୁ : ହିରୋଇନ୍ ତୋ ମୁହଁରେ ନାତ ଦେବ ।
ନାଟୁ : ଇଡ଼ିୟଟ୍ –
ଲଡ୍ଡୁ : ଗସେଇ –
ନାଟୁ : ନନ ସେନ୍ସ –
ଲଡ୍ଡୁ : ଚୋପ୍ -
ନାଟୁ : ତୁ ଚୋପ୍ -
ଲଡ୍ଡୁ : ତୁ ଷ୍ଟେପ୍ -
ନାଟୁ : ତୁ ଷ୍ଟେପ୍ -
ଲଡ୍ଡୁ : (ଆଙ୍ଗୁଳି ଦେଖାଇ) ନାଟୁ ଗଗବଡ୍ଡୁ ! ମୁଁ ପରିଷ୍କାର କହି ଦଉଚି ଅଲବତ୍ ମୁଁ ହିରୋ ହେବି ।
ନାଟୁ : (ଅଙ୍ଗୁଳି ଦେଖେଇ) ମୁଁ ବି ପରିଷ୍କାର କହି ଦଉଚି ମୁଁ ଅଲବତ୍ ହିରୋ ହେବି ।
ଲଡ୍ଡୁ : ମୁଁ ଅଲବତ ହେବି ।
ନାଟୁ : ମୁଁ ଅଲବତ୍ ହେବି ।
ଲଡ୍ଡୁ : ମୁଁ ଅଲବତ୍ ହେବି ।
ନାଟୁ : ମୁଁ ଅଲବତ୍ ହେବି ।
ଲଡ୍ଡୁ : ଦେଖିବା ତୁ କେମିତି ହବୁ ।
ନାଟୁ : ଦେଖିବା ତୁ କେମିତି ହବୁ ।
ଲଡ୍ଡୁ : ହଉ ଦେଖିବା
ନାଟୁ : ଦେଖିବା

Digitized by PPRACHIN, SOA

ଲଡୁ : (ହଠାତ୍ ପାଦେ ଆଗେଇଆସି ଉଚ୍ଚସ୍ୱରରେ) ମୁଁ କହିଦେଉଚି ତୁ ଜମ୍ମା ହିରୋ ହେଇ ପାରିବୁ ନାହିଁ ।

ନାଟୁ : (ସେଇଭଳି ଆଗେଇଆସି ଉଚ୍ଚସ୍ୱରରେ)ମୁଁ ବି କହିଦଉଚି ତୁ ଜମ୍ମା ହିରୋ ହେଇ ପାରିବୁ ନାହିଁ ।

ଲଡୁ : ଦେଖିବା କେମିତି ହେଇ ପାରିବି ନାହିଁ ।

ନାଟୁ : ଦେଖିବା କେମିତି ହେଇ ପାରିବୁ ।

ଲଡୁ : ଦେଖିବା ତୁ କେମିତି ହେଇ ପାରିବୁ ।

ନାଟୁ : ଦେଖିବା ତୁ କେମିତି ହେଇପାରିବୁ ।

ଲଡୁ : ଆଚ୍ଛା ! ଦେଖ୍‌ଲେଙ୍ଗେ –

ନାଟୁ : ଠିକ୍ ହାୟ – ହମଭି ଦେଖ୍‌ଲେଙ୍ଗେ - (କହି କହି ଗୁଲିଗଲା)

ଲଡୁ : (ରାଗରେ ଟେବୁଲ ଉପରେ ଗୋଟେ ବହି ପିଟି) ଠିକ୍ ହ୍ୟାୟ ! ହମ୍ ଭି ଦେଖ୍ ଲେଙ୍ଗେ - ହମ୍ ଭି ଦେଖ୍‌ଲେଙ୍ଗେ - (ରାଗରେ ଘରର ଏପାଖ ସେ ପାଖ ଜୋର୍‌ରେ ଘୁରି ବୁଲିଲା)

●

ତୃତୀୟ ଦୃଶ୍ୟ

ପରଦିନ ସକାଳ । କଳିକା ଦାସର ଡ୍ରଇଂ ରୁମ୍ । କଳିକା ଦାସ ଓ ଲଡୁ ଷଡଙ୍ଗୀ ସାମନା ସାମନି ସୋଫାରେ ବସିଚନ୍ତି ।

କଳିକା : (ଲଡୁର ଛାତିକୁ ଗୁହିଁ ଆବେଗ ସହ) ଲଡୁ ବାବୁ ! (ସ୍ୱର ଉଚ୍ଚକରି) ଲଡୁ ବାବୁ !

ଲଡୁ : (ହଠାତ୍ ଚମକି ଉଠି) ସାର୍ - ସାର୍ - Sorry-Sorry - ଦେବୀ ! ଦେବୀ–

କଳିକା : (ଲଡୁର ଛାତିକୁ ଅଙ୍ଗୁଳି ଦେଖେଇ) ଲଡୁ ବାବୁ । କଣ ମୁଁ ଦେଖୁଚି ତା ଭିତରେ !

ଲଡୁ : (ହଠାତ୍ ଛାତି ବିଷୟରେ ସଚେତନ ହୋଇ ଓ ଛାତିକୁ ଥରେ ଗୁହିଁଦେଇ ଓ ଆଇଁସି ଆଇଁସି) ଏଁ ! ମୋ ଛାତିରେ ? ମାନେ - ମାନେ - ମୋ ଛାତିରେ - ମୋ ଛାତିରେ କଣ ଆପଣ ଦେଖୁଚନ୍ତି ଦେବୀ ?

Digitized by PPRACHIN, SOA

କଳିକା : ଛାତିରେ ନୁହେଁ ଲଡ୍ଡୁବାବୁ ଛାତି ଭିତରେ - ମାନେ ହୃଦୟ ଭିତରେ । କିନ୍ତୁ ଲଡ୍ଡୁ ବାବୁ ଆପଣଙ୍କ ହୃଦୟ ଭିତରେ କଣ ଅଛି ସେ କଥା କଣ ଆପଣ ଜାଣି ନାହାନ୍ତି ?

ଲଡ୍ଡୁ : (ବିହ୍ୱଳିତ ସ୍ୱରରେ) ଜାଣିଚି - ଜାଣିଚି ଦେବୀ ! ଅନେକ କିଛି - ଅନେକ କିଛି ମୁଁ ତା ଭିତରେ ସଞ୍ଚୟ କରି ରଖିଚି । କିନ୍ତୁ - କିନ୍ତୁ ଦେବୀ -

କଳିକା : (ସେହିଭଳି ଆବେଗ ସ୍ୱରରେ) କହନ୍ତୁ - କହନ୍ତୁ ଲଡ୍ଡୁବାବୁ ! ରହିଗଲେ କାହିଁକି ? କହନ୍ତୁ କାହା ପାଇଁ ସେ ସବୁକୁ ସଞ୍ଚୟ କରି ରଖିଚନ୍ତି ଆପଣ ! କହିଦେଇ ଏ ପ୍ରାଣକୁ ଶୀତଳ କରନ୍ତୁ ।

ଲଡ୍ଡୁ : (ବିହ୍ୱଳିତ ସ୍ୱର) ଆଉ କାହା ପାଇଁ - ଆଉ କାହାପାଇଁ ସେ ସବୁ ମୁଁ ରଖି ଥାଇ ପାରେ ଦେବୀ ? ସେ ସବୁ ତ - ସେ ସବୁ ତ କେବଳ -

କଳିକା : (ଆଖି ବୁଜି ସୋଫାରେ ଆଉଜି ବସି) ଆଃ ! ଆଃ! କି ସୁନ୍ଦର ! କି ମିଷ୍ଟ ! କି ମଧୁର ! (ଆବୃତ୍ତି କଲା) କି ବୋଲି ବର୍ଣ୍ଣିବି ବନ୍ଧୁ ପାଏନାହିଁ ଭଷା / ସବୁ କି ହୁଅଇ କହି ଅଛି ବୋଲି ଚକ୍ଷୁ କର୍ଣ୍ଣ ନାସା ? (ଟିକେ ରହି) ଲଡ୍ଡୁବାବୁ -

ଲଡ୍ଡୁ : (ତଦ୍‌ଗତ ଭାବ) କଳିକା ଦେବୀ !

କଳିକା : ଲଡ୍ଡୁ ଦେବୀ ! Sorry - ଲଡ୍ଡୁବାବୁ !

ଲଡ୍ଡୁ : କଳିକା ଦେବୀ !

କଳିକା : ଲଡ୍ଡୁବାବୁ !

ଲଡ୍ଡୁ : କଳିକା ଦେବୀ (କ୍ରମଶଃ ଆବେଗ ବଶତଃ ଆଗକୁ ଝୁଙ୍କିପଡ଼ିଲା)

କଳିକା : Oh ! my love ! my love ! How much I love!

ଲଡ୍ଡୁ : Oh ! Oh ! କଳିକା ଦେବୀ ! କଳିକା ଦେବୀ - (ସ୍ୱର ଥରି ଉଠିଲା)

କଳିକା : ଲଡ୍ଡୁବାବୁ -

ଲଡ୍ଡୁ : କଳିକା ଦେବୀ !

କଳିକା : ଲଡ୍ଡୁବାବୁ ! ଦେବେ ?

ଲଡ୍ଡୁ : (ସୋଫାରେ ତଳକୁ ଗଳି ପଡ଼ି ପାଦତଳେ ବସି ଯିବା ପରି ଭାବ ବିହ୍ୱଳ ଅବସ୍ଥା) କଳିକା ଦେବୀ ! କଳିକା ଦେବୀ ! ଏ ସବୁ କିଛି - ଏ ସବୁ କିଛିତ ମୁଁ ଆପଣଙ୍କ ପାଇଁ ରଖିଚି ଦେବୀ ! ଆପଣଙ୍କ ପାଇଁ ମୋର କିଛି ଅଦେୟ ନାହିଁ ଦେବୀ - ଯାହା ମାଗିବେ ଯେତେ ମାଗିବେ ସବୁ ମୁଁ ଆପଣଙ୍କ ପାଖରେ ନିବେଦନ କରିବାକୁ ପ୍ରସ୍ତୁତ ଅଛି ଦେବୀ -

Digitized by PPRACHIN, SOA

କଳିକା : ଯେଉଁଭଳି ଆଖି ବୁଜି) ଆପଣଙ୍କ ହୃଦୟର ସେ ସବୁ କିଛି ନେଇ ମୁଁ ତାକୁ କେଉଁଠି ନେଇ ରଖିବି ଇଡ୍ଲିବାବୁ ? ଏତେ ବଡ ହୃଦୟ ମୋର କାହିଁ ?

ଇଡ୍ଲି : ଆପଣଙ୍କ ହୃଦୟ ପରି ବିଶାଳ ହୃଦୟ ଆଉ କା'ର ଅଛି ଦେବୀ ? ମୋର ସବୁକିଛି ଆପଣ ଗ୍ରହଣ କରି ନିଅନ୍ତୁ । ସେ ସବୁତ ଆପଣଙ୍କ ପାଇଁ ହିଁ ସଚିତ ହୋଇ ରହିଁଚି—

କଳିକା : ନା ନା ଇଡ୍ଲିବାବୁ ମୁଁ କେବଳ କିଞ୍ଚିତର ପ୍ରାର୍ଥୀ । ମୋତେ ସେଥିରୁ କିଞ୍ଚିତ ଦିଅନ୍ତୁ । ମୋତେ ସେଥିରୁ ଗୋଟିଏ ମାତ୍ର ଦିଅନ୍ତୁ ଇଡ୍ଲିବାବୁ—

ଇଡ୍ଲି : ଗୋଟିଏ କାହିଁକି କୋଟିଏ ଦେବି କଳିକା ଦେବୀ— ଆପଣଙ୍କୁ ମୋର-

କଳିକା : (ମଝିରେ) କୋଟିଏ ମୋର ଲୋଡା ନାହିଁ ଇଡ୍ଲିବାବୁ - ଆପଣ ମୋତେ ଗୋଟିଏ ଦିଅନ୍ତୁ - ମାତ୍ର ଗୋଟିଏ ଇଡ୍ଲି ଦିଅନ୍ତୁ - (ସ୍ୱର ଆବେଗ ମୟ)

ଇଡ୍ଲି : (ହଠାତ୍ ବେଲୁନ୍‌ରୁ ସବୁ ପବନ ବାହାରି ଗଲାପରି ପଛକୁ ଆଉଜି ପଡ଼ି ଭଗ୍ନ ଓ ଅବଶ ସ୍ୱରରେ) ଏଁ ! କଣ ଦେବି ? ଗୋଟିଏ ଇଡ୍ଲି ଦେବି ? ମାନେ ଆପଣଙ୍କୁ ଗୋଟିଏ ଇଡ୍ଲି ଦେବି ? My goodness !

କଳିକା : ହଁ ଇଡ୍ଲିବାବୁ ! ଆପଣଙ୍କର ସେ ଇଡ୍ଲିମୟ ହୃଦୟରୁ ମୋତେ ଗୋଟିଏ ଇଡ୍ଲି ଦେବେ ?

ଇଡ୍ଲି : ମୋ - ହୃଦୟ ବଡ଼୍ଲିମୟ ହୃଦୟ ? ହେ ମହାବାହୁ ! (ଉଠି ସୋଫାରେ ବସି)

କଳିକା : ଇଡ୍ଲିକେଶ୍ୱର ନାମ ବହି ଆପଣ ଆପଣଙ୍କ ହୃଦୟର ଇଡ୍ଲିମାନଙ୍କ କଥା କଣ ଜାଣି ନାହାନ୍ତି ? ଆଃ ! କସ୍ତୁରୀ ମୃଗ ପରି କି ସୁନ୍ଦର ନିର୍ଲିଡ୍ଲି ମୃଗ ଆପଣ ! ମୋତେ କିନ୍ତୁ ଆପଣଙ୍କ ହୃଦୟଟା ଖାଲି ଇଡ୍ଲିମୟ ଦିଶୁଚି । ଇଡ୍ଲି ଖାଇବାକୁ ମୋତେ ଭରି ଭଲ ଲାଗେତ - ଏଇ ଦେଖୁନାହାନ୍ତି ଆଜି ସକାଳୁ ଏ ଭିତରେ ମୁଁ ସତରଟା ଇଡ୍ଲି ଖାଇସାରିଲିଣି ।

ଇଡ୍ଲି : ସତରଟା ? ମହାବାହୁ ! ଆଜି କାହା ହୃଦୟରେ ଏତେ ଇଡ୍ଲି ଥିଲା ପ୍ରଭୁ ?

କଳିକା : ନା ଆଜି ଆଉ ଖାଇବି ନାହିଁ । ବହୁତ ହେଇଯାଇଚି । ଆପଣ ବି ଯାନ୍ତୁ । ଆପଣଙ୍କୁ ଦେଖୁଥିଲେ ବାରମ୍ବାର ଇଡ୍ଲିକଥା ମନେ ପଡ଼ିଯାଉଥିବ । ଆଉ ତା ଛଡା ଆପଣ ଯଦି ମାମୁଁଙ୍କ ପାଖକୁ ଆସିଥିଲେ ସେ ନାହାନ୍ତି ।

Digitized by PPRACHIN, SOA

ଇନ୍ଦୁ : ହେଁଃ ହେଁଃ ! ଆଜ୍ଞା ନାଇଁ ନାଇଁ - ମୁଁ ମାନେ ମୁଁ ଆପଣଙ୍କ ପାଖକୁ ଆସିଥିଲି ।

କଳିକା : (ଖୁସି ପ୍ରକାଶ କରି) Is it ! ମୋ ପାଖକୁ ? Beautiful ! ତାହେଲେ କହୁନାହାନ୍ତି ?

ଇନ୍ଦୁ : ହେଁହେଁହେଁ ମାନେ କଥାଟା କଣ କି ମାନେ ଆମେ କଲେଜରେ ଗୋଟେ ଡ୍ରାମା କରୁଚୁ ଯେ ହେଁହେଁହେଁ - ନାଁଟା ଅବଶ୍ୟ ଟିକେ ଲମ୍ବା ହେଇଗଲ - ସଦାସର୍ବଦା ଦେଖ୍ ନଜର ବନାମ ଅଠରଟି କବାଟ ଓ ବାଇଶଟି ମଶା ଯଦି ଏକା ସାଙ୍ଗେ ବାଜନ୍ତେ - ତେବେ ଘରି ଭଇ ଲଗିବ । ଗୋଟେ ସିନ୍‌ରେ ଦେଖିବେ ଜାମ୍ବବାନ ଆଉ ଜଟାଧାରୀ ଗଉଡ କୁବରେ ବସି କୋଳଥ ଖେବଉଛନ୍ତି ତ ଆଉ ଗୋଟେ ସିନ୍‌ରେ ଦେଖିବେ ହିଟଲର୍ ଓ ହରିସାହୁ ମିଶି ପଡ଼ିଆରେ ବକ୍‌ସିଂ କରୁଛନ୍ତି–

କଳିକା : Beautiful ! Beautiful ! ଜାମ୍ବବାନକୁ ଜଟାଧାରୀ ହିଟଲର୍‌କୁ ହରିସାହୁ - Beautiful ! ଆପଣ ତ ଜରୁର କିଛିଗୋଟେ ଆଘାତ ପାଷାତ ପାଇଯିବେ ।

ଇନ୍ଦୁ : (ବିଗଳିତ ଭାବ) ହେଁହେଁହେଁ ଏ ଡ୍ରାମାଟା ମୁଁ ଲେଖିଚି–

କଳିକା : ଆରେ ! What a surprise ! ଆପଣ ଜଣେ ନାଟ୍ୟକାର ବି ?

ଇନ୍ଦୁ : ହେଁହେଁହେଁ ସବୁ ଆପଣଙ୍କର ଆଶୀର୍ବାଦ । ହେଁହେଁହେଁ - କଳିକା ଦେବୀ ! ଗୋଟେ କଥା କହିବି ?

କଳିକା : କହୁ ନାହାନ୍ତି ? କହନ୍ତୁ - କହନ୍ତୁ -

ଇନ୍ଦୁ : ହେଁହେଁହେଁ - ନାଇଁ ନାଇଁ ମାନେ - ମାନେ ମୁଁ କଣ କହୁଥିଲି କି - ମାନେ - ମାନେ - ଆପଣ ଯଦି ଆମ ଡ୍ରାମାରେ ଟିକେ ହିରୋଇନ୍ ହୁଅନ୍ତେ–

କଳିକା : ହିରୋଇନ୍ ? ଆପଣଙ୍କ ଡ୍ରାମାରେ ହିରୋଇନ୍ ? କି ଭାଗ୍ୟ ! ନିଶ୍ଚୟ ହେବି ? ଆପଣ ନିଜେ ଡ୍ରାମା ଲେଖିଚନ୍ତି । ନିଜେ ଡ୍ରାମା କରୁଚନ୍ତି । ହେବି ନାହିଁ ? ଜରୁର୍ ହେବି । ଆପଣ ନ କହିଥିଲେ ତ ମୁଁ ନିଜେ କହିଥାନ୍ତି । ଆଚ୍ଛା ! ତା ହେଲେ ଆପଣ କଣ ହେବେ ? ଦେଖି ନଜର ହେବେ ନା

Digitized by PPRACHIN, SOA

ଅଠରଟି କବାଟରୁ ଗୋଟିଏ କବାଟ ହେବେ ? ନାଇଁ ଆପଣ ବରଂ ଜାମ୍ବବାନ କି ଜଟାଧାରୀ ଗଉଡ଼ କିଛି ଗୋଟେ ହୁଅନ୍ତୁ । କୁବରେ ବସି କୋଳଥ ଘେବେଇବେ । ଭରି ମଜା ହବ ।

ଲଡ୍ଡୁ : ଏଁ ? ମୁଁ-ମାନେ ମୁଁ ଜାମ୍ବବାନ ହେବି ? ଜଟାଧାରୀ ଗଉଡ଼ ହେବି ?

କଳିକା : କହୁ ନାହାନ୍ତି ? କହୁ ନାହାନ୍ତି ଆପଣ କଣ ହେବେ ? ଆପଣଙ୍କ ଡ୍ରାମା । ଆପଣ ଯାହା ଇଛା କରିବେ ତା ହେବେ । ହିଟଲର୍ ହେଇ ପାରିବେ । ସଦା ସର୍ବଦା ବି ହେଇ ପାରିବେ । ଦୁଆର କବାଟ ଝରକା ଯାହା ଗୁହିଁବେ ତା ହେବେ ।

ଲଡ୍ଡୁ : ହେଁହେଁହେଁ- ନାଇଁ ନାଇଁ ମାନେ ମୁଁ କଣ କହୁଥିଲି କି - ମାନେ - ମାନେ ମୁଁ ଟିକେ ହିରୋ ହୁଅନ୍ତି –

କଳିକା : (ଆନନ୍ଦ ଓ ବିସ୍ମୟ ସହ) ଆପଣ - ମାନେ ଆପଣ ହିରୋ ହେବେ ! ହିରୋ ? Beautiful ! Beautiful !

ଲଡ୍ଡୁ : (ସାନୁନାସିକ ସ୍ୱରରେ) ଖାଲି କଣ ମନ କଲେ ହେଇ ପାରିବି ? କେତେ ଲୋକ ତ ମନ କରୁଚନ୍ତି । ସମସ୍ତେ କଣ ହେଇପାରୁଚନ୍ତି ? ଯାହାକୁ ସ୍ୱୟଂ ହିରୋଇନଙ୍କ ଆଶୀର୍ବାଦ ମିଳୁଚି ସେଇ ସିନା ହେଇ ପାରୁଚି - ସମସ୍ତେ କଣ ହେଇ ପାରୁଚନ୍ତି ?

କଳିକା : (ହସି ହସି) Beautiful ! ଲଡ୍ଡୁବାବୁ ! Beautiful – ତା ହେଲେ ମାନେ ତା ହେଲେ – ମାନେ ମୁଁ କହୁଚି ତା ହେଲେ–

ଲଡ୍ଡୁ : (ଅତିରିକ୍ତ ମନୋଯୋଗ ସହ ଉଦ୍‌ଗ୍ରୀବଭାବେ) ତା ହେଲେ ?

କଳିକା : ତାହେଲେ–

ଲଡ୍ଡୁ : ତା ହେଲେ ?

କଳିକା : ତା ହେଲେ ଆପଣ–

ଲଡ୍ଡୁ : (ହଠାତ୍ ଉଲ୍ଲସିତ ସ୍ୱରରେ) ତାହେଲେ ମୁଁ – ?

ନନ୍ଦୀ : (ଭିତରୁ ହଠାତ୍ ଉଚ୍ଚ ସ୍ୱରରେ) ଦେଇ ! ମାଛ ମସଲ–

ଲଡ୍ଡୁ : ହୁତ୍ ବେ ! ମାଛ ମସଲ– !

Digitized by PPRACHIN, SOA

ନନ୍ଦୀ : (ଭିତରୁ) ଦେଇ !

ଇତୁ : ଓହୋ ! (କଳିକାକୁ ଗ୍ରହି) ହେଁ ହେଁ ହେଁ—ଆଜ୍ଞା—ଆଜ୍ଞା—

କଳିକା : ଇତୁବାବୁ !

ଇତୁ : ଆଜ୍ଞା !

କଳିକା : ଧରନ୍ତୁ—

ଇତୁ : ଧରନ୍ତୁ ?

କଳିକା : ଯଦି —

ଇତୁ : ଯଦି ?

କଳିକା : ସ୍ବତଗଂ —

ଇତୁ : ସ୍ବତଗଂ ?

କଳିକା : ଗଂ ଗଂ —

ଇତୁ : ଗଂ ଗଂ —

କଳିକା : (ହଠାତ୍ ପାଟି କରି) ଇତୁ ବାବୁ ! ମିଳିଗଲା । ମିଳିଗଲା —

ଇତୁ : (ଉଦ୍‌ଗ୍ରୀବ ଓ ଆତୁର ହୋଇ) କଣ ମିଳିଗଲା ?

କଳିକା : ଆପଣ ଯାହା ଖୋଜୁଥିଲେ— ଆଶୀର୍ବାଦ । ଆପଣ ହିରୋ ହେବେ ।

ଇତୁ : (ହଠାତ୍ ଉଲ୍ଲସିତ ହୋଇ) ଏଁ ! ଏଁ ! ମୁଁ — ମାନେ — ମାନେ ମୁଁ — ହିରୋ ହେବି ? ମାନେ ମୁଁ ହିରୋ ହେବି ?

କଳିକା : ଜରୁର୍ ହେବେ ।

ଇତୁ : ଜରୁର୍ ହେବି ?

କଳିକା : ଜରୁର୍ ହେବେ ।

ଇତୁ : ହେଁ ହେଁ ହେଁ—ଠିକ୍ କଥା — ଠିକ୍ କଥା — ଜରୁର୍ ହେବି । କାହିଁକି ନ ହେବି ? କାହିଁକି ନ ହେବି ? ସ୍ବୟଂ ହିରୋଙ୍କ ଆଶୀର୍ବାଦ ମିଳିଗଲା ଯେତେବେଳେ କାହିଁକି ନ ହେବି ? ଜରୁର୍ ହେବି —

ନନ୍ଦୀ : (ଭିତରୁ) ଦେଇ ! ମାଛ ମସଲା —

ଇତୁ : ହୁତ୍ ବେ ! ବଜାରୀ ଲୋକଟା ! ଖାଲି ମାଛମସଲା ମାଛମସଲା ହଉଚି—

Digitized by PPRACHIN, SOA

କଳିକା : (ହସି ହସି) ଆଚ୍ଛା ତା ହେଲେ ଲଡୁବାବୁ ! ଏଥର —

ଲଡୁ : ହେଁ ହେଁ ହେଁ— ଆଜ୍ଞା—ଆଜ୍ଞା— ଯାଉଚି- ଯାଉଚି - କାଲି କି ପ'ରିଦିନ ଆସି ପାଟ୍ କାଗଜ ଦେଇ ଯିବି । ତାପରେ ତ ଫିହରସାଲ ରିହରସାଲ ବେଳକୁ ଆସି ନିଜେ ପହଞ୍ଚିଯିବି । ହେଁ ହେଁ ହେଁ—କି ଭଗ୍ୟ ! ଆପଣ ହିରୋଇନ୍ ମୁଁ ହିରୋ । ଆପଣ ହିରୋଇନ୍ ମୁଁ ହିରୋ ! କି ଭଗ୍ୟ ! ହେଁ ହେଁ ହେଁ— ଯାଉଚି—ଯାଉଚି (ଯାଉ ଯାଉ ମନକୁ ମନ) ହଉଥା ! ଏଥର ବାପଧନ ହଉଥା ! ହାଲ୍କ ହିରୋ ହବ ! ହିର୍‌ରୋ ! ମୋ ସାଙ୍ଗରେ ଟକ୍‌କର ଦବ !

କଳିକା : ମୋତେ କିଛି କହିଲେ ?

ଲଡୁ : ଏଁ - ନା ନା - ଆପଣଙ୍କୁ ନୁହେଁ । ଆପଣଙ୍କୁ ନୁହେଁ । ହେଁ ହେଁ - ମୁଁ କଣ କହୁଥିଲିକି - ମାନେ ମା'ନେ ଆମର ତ ଗୋଟେ ଫାଇନାଲ କଥା ହେଇଗଲା । ଆପଣ ହିରୋଇନ ମୁଁ ହିରୋ । ଧରନ୍ତୁ ତାପରେ ବି ଯଦି ଗୋଟେ ଲଫଙ୍ଗା ଟୋକା ଆସି କହେ ମୁଁ ହିରୋ ହେବି ବୋଲି ଆପଣ କଣ ତା କଥା ଆଉ ଶୁଣିବେ ?

କଳିକା : ବିଲ୍‌କୁଲ୍ ଶୁଣିବି ନାହିଁ ।

ଲଡୁ : ଆମ କ୍ଲବରେ ସେମିତି ଗୋଟେ ଲଫଙ୍ଗା ଟୋକା ଅଛି । ବହୁତ ବଡ଼ ବଡ଼ କଥା କହେ । ଏତେଟା ଡ୍ରାମାରେ ପାଟ୍ କରିଚି । ଏତେଟା ଡ୍ରାମାରେ ହିରୋ ହେଇଚି । ସବୁ ଗାଲୁକଥା । ସେଟାକୁ ଡ୍ରାମାର ତ ଅକ୍ଷର ବି ଜଣାନାହିଁ । (ସ୍ୱର କମେଇ ପାଦେ ପାଖକୁ ଆସି) ଆଉ କଣ ଜାଣନ୍ତି ? ସେଟା ଜମା ଗାଧାଏ ନାହିଁ । ଲୁଚେଇ ଲୁଚେଇ ଶାଢପତ୍ର ପିଇଁ ଟାଣେ । ତା ମୁଁହରୁ ଏମିତି ଫକ୍ ଫକ୍ ଗନ୍ଧ ବାହାରେ ଆପଣ ତା ପାଖରେ ମିନିଟିଏ ବି ଛିଡ଼ା ହେଇପାରିବେ ନାହିଁ ।

କଳିକା : Very bad ! Very bad !

ଲଡୁ : ଏକଦମ୍ bad ! ତଥାପି ସେ ଟୋକାଟା ଆସିପାରେ । ଆଉ ଯଦି କେତେବେଳେ ଆସି ଆପଣଙ୍କୁ ହିରୋ ଫିରୋ ହବା କଥା କିଛି କହେ ନା ତାକୁ ଆପଣ ଏକଦମ୍ ଗେଟ୍ ପାଖରୁ ନିକଇ୍ କରି ଦେବେ । ନ ଗଲେ କୁକୁର ଲଗେଇ ଦେବେ ।

କଳିକା : ଜରୁର୍ ଲଗେଇ ଦେବି । ବାସ୍ତବିକ କି ଦୁଃସାହସ ଲୋକଗୁଡାଙ୍କର !

Digitized by PPRACHIN, SOA

ଆପଣଙ୍କ ପରି ଜଣେ ଟ୍ୟାଲେଣ୍ଟେଡ ଲୋକ ଥାଉ ଆଉ - ହଉ ଛାଡନ୍ତୁ - ଅନେକ ଡେରି ହେଇଗଲାଣି ଆପଣଙ୍କର । ଆପଣ ଏଥର ଯାନ୍ତୁ । ନମସ୍କାର—

ନନ୍ଦୀ : (ଭିତରୁ) ଦେଇ ! ମାଛ ମସଲା । ଡ଼େରି ହଉଚି —

ଇଡୁ : ହୁଡ୍ ବେ ! ଗୋଟେ ହରଦମ୍ ଲଗେଇଚି ମାଛମସଲା ମାଛମସଲା ! ହୁଁ ! (କେଳିକାକୁ ଗ୍ରହିଁ ନମସ୍କାର କରୁ କରୁ) ହେଁହେଁହେଁ - ଯାଉଚି - ଯାଉଚି ନମସ୍କାର - ନମସ୍କାର - ନମସ୍କାର - (ନମସ୍କାର କରି କରି ଗ୍ଲଲିଗଲା)

●

ତୃତୀୟ ଦୃଶ୍ୟ

ତିନିଦିନ ପରେ ଏକ ସନ୍ଧ୍ୟା । ଇଡୁର ରୁମ୍ । ନାଟୁ ଛିଡା ହୋଇଚି । ଇଡୁ ଛାତି ଫୁଲେଇ ଯାତ୍ରା ପାର୍ଟିର ରଜାପରି ରୁମ୍‌ରେ ଏ ପାଖ ସେ ପାଖ ବୁଲୁଚି ।

ଇଡୁ : (ହସିକି) ହାଃହାଃହାଃ ଦେଖିଲୁ ? ଆବେ ଦେଖିଲୁ ଟି କିଏ ହେଲା ? ଦେଖିଲୁତ ମୁଁ ହେଲି କି ତୁ ହେଲୁ । ମୁଁ ଲଡୁ ଷଡଙ୍ଗୀ ହିରୋ ହେଲି । ହା-ହା-ହା- (ଆବୃତ୍ତି ଓ ଅନୁରୂପ ଅଙ୍ଗଭଙ୍ଗୀ) ଗରବଡୁ ମହାଶୟ ! ଆଉ ଏବେ ନାହିଁ ତୁମ୍ଭ ତ୍ରାହି/ ହିରୋପାଟ୍ ଜିତିଅଛି ମୁହିଁ । ତେଣୁ ତୁମ୍ଭେ ସମରରୁ ଦିଅ ବତ୍ର ଭଙ୍ଗ / ନହେଲେ ଲଭିବ ନିଶ୍ଚେ ଇଡୁ ହସ୍ତେ ଘୋର ପରାଭବ -

ନାଟୁ : ଆବେ ଇଡୁ ! ଏଠି ସୁଆଙ୍ଗ ଯାତ୍ରା ହଉଚି ? ସୁଆଙ୍ଗ ଯାତ୍ରା - ମୁଁ ଛତ୍ରଭଙ୍ଗ ଦେବି ?

ଇଡୁ : ହା ହା ହା - (ଗୋଇଲା) କାନ୍ଦିଲେ କି ହେବ ନାଟୁ ଗରବଡୁ ଲଡୁ କି ସହଜେ ଛାଡ଼ିବ ? / ଯେତେ ଯାହା ଗାଳୁ ପେଲିଲେ ସୁଦ୍ଧା ତୁ ହିରୋ ସେ ଅବଶ୍ୟ ହୋଇବ - ହା ହା ହା ହା—

ନାଟୁ : (ଉଚ୍ଚ ସ୍ୱରରେ) ଇଡୁ—

Digitized by PPRACHIN, SOA

ଇଡୁ : (ଗାଇଲା) ଅଟେ ମୁଁହି ବୀର ଜିତିଅଛି ଗଡ / ପଥ ଛାଡ଼ି ବନ୍ଧୁ ହୋଇଯାଅ ଦୂର/ ବୃଥା ବଡେଇରେ ଆଉ ନାହିଁ କିଛି ଲାଭ/ କାନ୍ଦିଲେ କି ହେବ ନାଟୁ ଗଗବଡୁ ଇଡୁ କି ସହଜେ ଛାଡ଼ିବ ? (ଉଲ୍ଲସିତ ସ୍ୱରରେ) ନାଟୁ ! କାଳିକା ଦାସ ମୋତେ କହିଚି ମୁଁ ହିରୋ ହେବି ।

ନାଟୁ : କଣକହିଲୁ ? କଣକହିଲୁ ? ଆବେ ଗାଲୁ ମାରିବାକୁ ତୁ ଆଉ ଯାଗା ପାଇଲୁ ନାହିଁ ? କଳିକା ଦାସ ତତେ କହିଚି ? ତୁ ହିରୋ ହବୁ ବୋଲି ତତେ କହିଚି ?

ଇଡୁ : କହିଚି କି ନାଇଁ ଯା ପଗ୍ଭରି ଆସିବ ।

ନାଟୁ : ଆବେ ତୁଟ! ପଗ ଟା ଘରଭିତରକୁ ପଶିପାରିବୁ ନାହିଁ । ତୋତେ ସେ ଗେଟରୁ ନିକଲ କରିଦେବ ନ ହେଲେ ତୋ ପଛରେ କୁକୁର ଲଗେଇ ଦବ - ତୁଟା ହିରୋ ହବୁ କଣ ? ହାଲ ଗାଲୁଆ ! କହିଲ ମୋତେ କହିଚି ମୁଁ ହିରୋ ହେବି !

ଇଡୁ : ଯା ପଗ୍ଭରିଆସିବୁ ମୋତେ କହିଚି କି ନାହିଁ–

ନାଟୁ : ତୁ ଯା ପଗ୍ଭରି ଆସିବୁ ମୋତେ କହିଚି କି ନାହିଁ -

ଇଡୁ : (ପରିହାସକରି) ତତେ କହିଚି ? ନାଟୁ ଗଗବଡୁ ! ତତେ କହିଚି ? ହାଃ ହାଃ ହାଃ - ହସେଇଲୁ ନାଟୁ ଗଗବଡୁ ତୁ ହସେଇଲୁ ! ହାଃ ହାଃ ହାଃ- (ହସି ଉଠିଲା)

ନାଟୁ : (ଜୋର୍ ଦେଇ) ଯା ପଗ୍ଭରି ଆସିବୁ କହିଚି କି ନାହିଁ ।

ଇଡୁ : ତୁ ଯା ପଗ୍ଭରି ଆସିବୁ ମୋତେ କହିଚି କି ନାହିଁ ।

ନାଟୁ : ତୁ ଯା ପଗ୍ଭରି ଆସିବୁ ମୋତେ କହିଚିକି ନାହିଁ -

ଇଡୁ : ତୁ ଯା ପଗ୍ଭରି ଆସିବୁ ।

ନାଟୁ : ତୁ ଯା ପଗ୍ଭରି ଆସିବୁ ।

ଇଡୁ : ତୁ ଯାଉନୁ ?

ନାଟୁ : ତୁ ଯାଉନୁ ?

ଇଡୁ : ତୁ ଯାଉନୁ ?

ନାଟୁ : ତୁ ଯାଉନୁ ?

ଇଡୁ : ଗାଲୁଆ–

Digitized by PPRACHIN, SOA

ନାଟୁ : ଇପଙ୍ଗା—

ଇଡୁ : ଛତର—

ନାଟୁ : ଖତର—

ଇଡୁ : ଚ୍ଛଲିଲୁ ପଚ୍ଛରି ଆସିବା କେମିତି ତତେ କହିଚି -

ନାଟୁ : ଚ୍ଛଲ୍ ପଚ୍ଛରି ଆସିବା ।

ଇଡୁ : ଚ୍ଛଲ୍ ପଚ୍ଛରି ଆସିବା

ନାଟୁ : ଚ୍ଛଲ୍ -

ଇଡୁ : ଚ୍ଛଲ୍ । ମୋତେ କହିଚି ! ହାନ୍ତ ଗାଳୁଆ ! କହିଲ ମୋତେ କହିଚି !

ନାଟୁ : (ପାଟିକରି) ଚ୍ଛଲ୍ ବେ—

ଇଡୁ : (ବେପରୱା ଭାବେ) ହୁଁଃ ହୁଁଃ—ଚ୍ଛଲ୍—

ଉଭୟେ ବାହାରକୁ ଚ୍ଛଲିଗଲେ ।

●

ଚତୁର୍ଥ ଦୃଶ୍ୟ

ସେଇଦିନ । କିଛି ସମୟ ପରେ । କଳିକା ଦାସ ତା ଡ୍ରଇଂ ରୁମରେ ବସି ମନୋଯୋଗ ଦେଇ ନେଲ୍ ପଲିସ ଲଗାଉଚି । କବାଟରେ ଠକ୍ ଶବ୍ଦ ।

ଇଡୁ : (ବାହାରେ ଡାକିଲା) ସାର୍ - ସାର୍ -

କଳିକା : (ଅଳସ ସ୍ୱରରେ) କିଏ ? (ନେଲ୍‌ପଲିସ ଲଗାଇଲା । ତାପରେ) ଆକାଶୀ ରଙ୍ଗ ଅଛି ? ଲିପଷ୍ଟିକ ?

ଇଡୁ : (ବାହାରେ) ସାର୍—

କଳିକା : ନାହିଁ ? ତାହେଲେ ଯାଉ । Sorry—

ଇଡୁ : (ବାହାରେ) ଆମେ ଆଜ୍ଞା ଲିପ୍‌ଷ୍ଟିକ ବାଲା ନୋହୁଁ । ଆମେ ହଉଚୁ ଇଡୁ ଷଡଙ୍ଗୀ - ଆଉ -

ନାଟୁ : (ମଝିରେ) ଆଉ ନାଟୁ ଗଗବଡୁ—

ଇଡୁ : (ରାଗ ଦୃଷ୍ଟିରେ ଚ୍ଛହିଁ) ନାଟୁ ! ମୁଁ ତୋ ନାଁଟା କହିପାରି ନ ଥାନ୍ତି ? ନାଟୁ ଗଗବଡୁ ।

Digitized by PPRACHIN, SOA

କଳିକା : (କବାଟ ଖୋଲି ଉଲ୍ଲସିତ ସ୍ୱରରେ) ଆରେ ଆରେ ! ଆସନ୍ତୁ ଆସନ୍ତୁ । Enter the heroes and excuse the audacity— ଆସନ୍ତୁ—

ଲଡ୍ଡୁ : (ଭିତରକୁ ଆସୁ ଆସୁ) ହେଁ ହେଁ - ନମସ୍କାର - ନମସ୍କାର - (ନାଟୁ ବି ଭିତରକୁ ଆସୁଛି) ଆରେରେsss - ସାଇଲା - ସାଇଲା ଆବେ ହେ ନାଟୁ ! ଦାମିକା ଗାଲିଗ୍ଚେ ପଡ଼ିଚି । ଦିଶୁନାହି ? ସେ ଖଣ୍ଡିଆଚଟି ଦିଟା ମାଡ଼ି ପଶି ଆସୁଚୁ ? ଯା - ଯା - ବାହାରେ ରଖି ଦେଇ ଆ—

କଳିକା : ନାଇଁ ନାଇଁ - ଥାଉ । କିଛି ବ୍ୟସ୍ତ ହବାର ନାହିଁ । ଆସନ୍ତୁ । ବସନ୍ତୁ -

ଲଡ୍ଡୁ : ନାଇଁ ନାଇଁ- ଦାମିକା ଗାଲିଗ୍ଚା ଖରପ ହେଇ ଯିବ । ଆବେ ଯାଉନାହୁଁ ?

ନାଟୁ ଗୋଟେ ଅଗ୍ନିବର୍ଷୀ ଚାହାଣୀ ଦେଇ ବାହାରକୁ ଗଲା ଓ ଯୋତା ରଖି ଦେଇ ଆସିଲା । ସମସ୍ତେ ସୋଫାରେ ବସିଲେ ।

ଲଡ୍ଡୁ : ହେଁହେଁହେଁ କଳିକା ଦେବୀ ! ଆପଣଙ୍କ ରୁଚି କିନ୍ତୁ ଅଟି ଚମତ୍କାର । ଏକଦମ ଚମତ୍କାର । ହେଁହେଁହେଁ- ସେଇଥି ପାଇଁ କବି କହିଛନ୍ତି- ଆକାଶେର ରଙ୍ଗିମାୟ ମଣ୍ଡ ଗୋ ଅଧର / ବିକଶ ଯେସନ ଜଳେ ନୀଲ ଇନ୍ଦୀବର /

କଳିକା : (ହସି ହସି) Beautiful! beautiful ! ଲଡ୍ଡୁବାବୁ । ବଡ଼ ରସିକ ଲୋକ ତ ଆପଣ ! (ଲଡ୍ଡୁ ହେଁ ହେଁ ହୋଇ ବିନୟ ପ୍ରକାଶ କଲା) ତାହେଲେ ଆଗ ଚା କି ସରବତ୍ କିଛି ଗୋଟେ ହେଇ ଯାଉ -

ଲଡ୍ଡୁ : ହେଁହେଁ- କିଛି ଦରକାର ନାହିଁ । ଆମେ ଖାଇ ଦେଇ ଆସିଚୁ । ଆପଣ ବସନ୍ତୁ- ଗପସପ କରିବା -

କଳିକା : (ହସି ହସି) କହିଦେଲି ସିନା କିନ୍ତୁ ଅସଲ କଥାଟା କଣ ଜାଣନ୍ତି ? (ଆବୃତ୍ତି) କି ଦେଇ ବହିବି ବନ୍ଧୁ ମିଳି ନାହିଁ ରେସନ / ନାହିଁ ଅଟା କିରେସିନୀ ନାହିଁ ଚିନି ବେସନ / ଚୂଡ଼ା ଗୁଡ ମୁଢ଼ି ପିଠା out of ଫେସନ / ତେଣୁ ବନ୍ଧୁ କହିବି କି ପଦେ ଖ - ଖ - ଖ - ଖନା ବଚନ ?

ଲଡ୍ଡୁ ଓ କଳିକା ଆଗପଛ ହୋଇ ଉଚ୍ଚସ୍ୱରରେ ହସି ଉଠିଲେ । ନାଟୁ ବି ନିଶବ୍ଦରେ ହସିଲା ।

ଲଡ୍ଡୁ : Beautiful ! beautiful (ଆବୃତ୍ତି କରି) ତେଣୁ ବନ୍ଧୁ କହିବି କି

Digitized by PPRACHIN, SOA

ପଦେ ଖ - ଖ - ଖ- ଖନା ବଚନ ? ହାଃହାଃହାଃ - (ହଠାତ୍ ନାଟୁ ଜୋରରେ ହସୁ ନ ଥିବାର ଦେଖି ଗମ୍ଭୀର ସ୍ୱରରେ) ନାଟୁ ! ମୁଁ ହଟାକୁ କାହିଁକି ସେମିତି ପାନବଟୁଆ ପରି ଓହୋଳେଇ ବସିଚୁ ? କଳିକା ଦେବୀ ଏତେ ସୁନ୍ଦର ହସ କଥାଟେ କହିଲେ· ତତେ ଟିକେ ହେଲେ ହସ ମାଡ଼ିଲା ନାହିଁ ? ହାଙ୍କ ବୁଝିପାରିବ ଯେ ହସିବ ? ବେରସିକ ପିଲାଟା ! ହସ୍—

ନାଟୁ : (ତାଗିଦ କରି) ଇତୁ !

ଇତୁ : (କଳିକାକୁ) କଣ କହିଲେଟି ? (ଆବୃତ୍ତି) ଚୂଡ଼ା ଗୁଡ଼ ମୁଢ଼ି ପିଠା ଆଉଟ୍ ଅଫ ଫେସନ/ ତେଣୁ ବନ୍ଧୁ କହିବିକି ପଦେ ଖ - ଖ - ଖ - ଖନା ବଚନ ? ହାଃ ହାଃ ହାଃ - (ଅତିରିକ୍ତଭାବେ ତୁହାକୁ ତୁହା ହସିଲା)

ନାଟୁ : (ମଝିରେ) ଇତୁ !

ଇତୁ : (ଅଟକିଯାଇ ଗମ୍ଭୀର ଭାବେ) ହଁ ହଁ ମୁଁ ଜାଣିଚି । ଇତୁ !

ନାଟୁ : କଳିକା ଦେବୀ ! ଆମେ ଆସିଥିଲୁ—

ଇତୁ : (ତାକୁ ଅଟକେଇ) ହଁ ହଁ- ତୋର ଏତେ ନେତାଗିରି କରିବା ଦରକାର ନାହିଁ । ମୁଁ କହୁଚି । ତୁ ଚୁପ୍ ହେଇ ବସ । (କଳିକାକୁ) ହେଁ ହେଁ ହେଁ— କଳିକା ଦେବୀ - ମୁଁ ମାନେ ମୁଁ କଣ କହୁଥିଲିକି - ହେଁ ହେଁ - (ହଠାତ୍ ଗମ୍ଭୀର ସ୍ୱରରେ) ନାଟୁ । ମୁଁ କହୁଚି । ତୁ ଏକଦମ୍ ଚୁପ୍ ! (କଳିକାକୁ) ହେଁ ହେଁ ମାନେ - ମାନେ - ମୁଁ କଣ କହୁଥିଲି କି ସେ ଦିନ ଆପଣ ମୋତେ କହି ନ ଥିଲେ ମୁଁ ହିରୋ ହେବି ବୋଲି ?

କଳିକା : କହିଥିଲି ତ -

ଇତୁ : ଆବେ ନାଟୁ ଶୁଣିଲୁ ତ ? ଶୁଣିଲୁ ତ କଳିକା ଦେବୀ କଣ କହିଲେ ?

ନାଟୁ : କିନ୍ତୁ କଳିକା ଦେବୀ ! ଆପଣ ମୋତେ ବି ତ—

କଳିକା : [ଦୋଷୀଭାବ ସ୍ୱରରେ] ଏଁ ? ଆପଣଙ୍କୁ ବି କହିଦେଇଚି ? ହଁ - କହିଦେଇଚି ନା କଣ ତ ? କି ମୁସିଲ !

ଇତୁ : ଜମା କିଛି ମୁସିଲ ଫୁସିଲ ନୁହେଁ । ଆପଣ ଜମା କହିନାହାଛି ।

ନାଟୁ : [ଉଚ୍ଚ ସ୍ୱରରେ ତାଗିଦ୍ କରି] ଇତୁ !

Digitized by PPRACHIN, SOA

ଲଡ୍ଡୁ : ଓହୋ ! ଧର ବି ଯଦି ଭୁଲରେ କହିଦେଲେ - କଣ ହେଇଗଲା ସେଠୁ ଶୁଣେ ? ସେ ମହୀୟସୀ ମହିଳାଙ୍କର ହଜାରେ ଏନଗେଜମେଣ୍ଟ - ରେଡ଼ିଓ ଟିଭି, କଲେଜ, ଡ୍ରାମା, ସଭା, ସମିତି, ଅଗଡମ୍ ବଗଡମ୍ । ପଛକୁ ପଛ ଲାଗିଛି । ଲୋକ ଆସୁଛନ୍ତି । ଯାଉଛନ୍ତି । ତା ଭିତରେ ଯଦି ଭୁଲରେ କଣ ଗୋଟେ କାହାକୁ କହିଦେଲେ କଣ ହେଇଗଲା ସେଠୁ ? ହଉ ହଉ ତୁ ଏଥର ଗଲୁ- ଯା - ଆମର ଏଥର ରିହରସାଲ ଫିହରସାଲ କଥା ପଡ଼ିବ । କାଷ୍ଟିଂ ଫାଷ୍ଟିଂ ହବ । ତୁ ଯା—

ନାଟୁ : ଲଡ୍ଡୁ !

ଲଡ୍ଡୁ : ଓହୋ ! କାହିଁକି ସେମିତି ଗୋଟେ ଲଡ୍ଡୁ ଲଡ୍ଡୁ ହଉଚୁ କହିଲୁ ? ତୁ ତ ହିରୋ ହବାକୁ ଅଯୋଗ୍ୟ ହେଲୁ । ମୁଁ କଣ କରିବି ? ଆଚ୍ଛା ! ହଉ- ହଉ- ତୁ ଆଉ ହିରୋ ହବାକୁ ବ୍ୟସ୍ତ ହୋ ନା । ଦେଖିବା ତୋତେ ଗୋଟେ କିଛି ଛୋଟକାଟିଆ ପାଟ୍ ଦବା । ଯା - ଆଉ ଝମେଲା କର ନା - ଯା—

ନଟୁ : ଅଲବତ କରିବି । ମୁଁ ଅଲବତ ହିରୋ ହେବି ।

ଲଡ୍ଡୁ : [ପରିହାସ କରି] ହାଃ - ହାଃ -

ନାଟୁ : ଲଡ୍ଡୁ—

ଲଡ୍ଡୁ : [ସେଇଭଳି ପରିହାସ କରି] ହାଃ- ହାଃ ହିରୋ ! ହିର୍‌ରୋ !

ନାଟୁ : ମୁଁ ସଫା ସଫା କହିଦେଉଚି ତୁ ଜନ୍ମା ହିରୋ ହେଇପାରିବୁ ନାହିଁ ।

ଲଡ୍ଡୁ : ନାଟୁ ସେମିତି ଝାମେଲା ଏଠି କରିବୁ ନାହିଁ କହି ଦଉଚି—

ନାଟୁ : ତୁ ବି ସେମିତି ଝମେଲା ଏଠି କରିବୁ ନାହିଁ କହି ଦେଉଚି-

ଲଡ୍ଡୁ : [ପାଟିକରି] You ନାଟୁ ବଣ ମର୍ଣଷ !

ନାଟୁ : [ପାଟିକରି] You ଲଡ୍ଡୁ ବୃଦ୍ଧ ଖବିସ !

ଲଡ୍ଡୁ : You ବ୍ରହ୍ମରାକ୍ଷସ ।

ନାଟୁ : You ଗୋର୍‌ଲୁ !

ଲଡ୍ଡୁ : You କଙ୍ଗାରୁ !

ନଟୁ : You ହଡା ।

ଲଡ୍ଡୁ : You ବୁଢା !

ନାଟୁ : [କେଳିକାକୁ] ଆଜ୍ଞା ଏଇଟା ହିରୋ ହବ ? ଏଟା ପଗ ଘରେ ଧାନ କୁଟେ !

Digitized by PPRACHIN, SOA

ଇଡୁ : ଆଜ୍ଞା ଏଟା ପଗ ଘରେ ବାସନ ମାଜେ ।
ନାଟୁ : ଆଜ୍ଞା ଏଟା ପଗ ଘରେ ମଇଳା କାଢେ !
ଇଡୁ : ଆଜ୍ଞା ଏଟା ପଗ ଘରେ ମସଲ ବାଟେ !
ନାଟୁ : ଆଜ୍ଞା ଏଟା ପରୀକ୍ଷାରେ କପି କରେ !
ଇଡୁ : ଆଜ୍ଞା ଏଟା ରାସ୍ତାରେ ଝିଅଙ୍କୁ ଆଖି ମାରେ ।
ନାଟୁ : ଆଜ୍ଞା ଏଟା ଚୋରି କରେ ।
ଇଡୁ : ଆଜ୍ଞା ଏଟା ଗଞ୍ଜେଇ ଖାଏ ।
ନାଟୁ : ଏଟା ମଦ ପିଏ ।
ଇଡୁ : ଏଟା ଗୁଲି ଟାଣେ ।
ନାଟୁ : ଇଡୁ !
ଇଡୁ : ନାଟୁ !
ନାଟୁ : You Idiot
ଇଡୁ : You nonsense
ନାଟୁ : You rascal
ଇଡୁ : You scoundrel-
ନାଟୁ : You shut up !
ଇଡୁ : You shut up
ନାଟୁ : You shut up !

କଥା କହୁଁ କହୁଁ ଉଭୟେ ଉଠି ପଡ଼ିଲେ ଓ ପରସ୍ପର ପ୍ରତି ହାତ ମୁଠି ଓ ଅଙ୍ଗୁଳି ଦେଖାଇବାକୁ ଓ ହଲେଇବାକୁ ଲାଗିଲେ । ଅନୁରୂପ ଅଙ୍ଗଭଙ୍ଗୀ କଲେ । ସ୍ୱର କ୍ରମଶଃ ଉଗ୍ର ଓ ଚଞ୍ଚଳ ହେଲା । କଳିକା ମଝିରେ ମଝିରେ ଶାନ୍ତ କରିବାର କ୍ଷୀଣ ଚେଷ୍ଟା କରୁଥିଲା । କିନ୍ତୁ ଅଧିକାଂଶ ସମୟ ବସି ମୁରକି ମୁରକି ହସୁଥିଲା ।

ଇଡୁ : ମାରିବି ଯେ ଏକ ମୁଠି ତୋ ଥୋମଣି ଭାଙ୍ଗିଦେବି ।
ନାଟୁ : ଥୋଇବି ଯେ ଏକ ଲଥି ତୋ ନାକକ ଫଟେଇ ଦେବି ।
ଇଡୁ : ଦେଖିବା କେମିତି ଥୋଇବୁ ।
ନାଟୁ : ଦେଖିବା ତୁ କେମିତି ଥୋଇବୁ ।
ଇଡୁ : ଦେଖିବୁ ଥୋଇବି ?
ନାଟୁ : ଦେଖିବୁ ଥୋଇବି ?

ଉଚ୍ଚସ୍ୱରରେ ପାଟି କଲେ । ପରସ୍ପର ଆଡ଼କୁ ପାଦେ ଲେଖାଁ ଆଗେଇଲେ ।

ଇଡୁ : ଦେଖିବୁ ?
ନାଟୁ : ଦେଖିବୁ ?
ଇଡୁ : ଦେଖିବୁ ?

Digitized by PPRACHIN, SOA

ନାଟୁ : ତୁ ଦେଖିବୁ ?

ଇତୁ : ତୁ ଦେଖିବୁ ?

କଳିକା : (ହଠାତ୍ ଉଠିପଡ଼ି ଉଭୟଙ୍କୁ ଶାନ୍ତ କରିବାର ଚେଷ୍ଟା କରି) ଆରେରେ୍ଃଃ ଯେ କଣ ? ଯେ କଣ ? ଶାନ୍ତ ହୁଅନ୍ତୁ । ଶାନ୍ତ ହୁଅନ୍ତୁ ହାତ ଫାଟ ଯଦି ନିହାତି ବୁଲେଇବାର କଥା ତାହେଲେ ବସି ବସି ବୁଲାନ୍ତୁ- ବସି ବସି ବୁଲାନ୍ତୁ-

ନାଟୁ ଓ ଇତୁ ଥମିଗଲେ ଓ କ୍ରମଶଃ ନିଜ ନିଜ ଯାଗାରେ ବସିବାକୁ ଆସିଲେ ଯଦିଓ ରାଗରୋଷ ଅପ୍ରଶମିତ ଥିଲା ।

ଇତୁ : (ବସୁ ବସୁ) ଥୋଇ ଦେବି ! ଏଡ଼େ ଥୋଇଲା ବାଲା !

ନାଟୁ : (ବସୁ ବସୁ) ନାଇଁ ତୁ ଭରି ଥୋଇଲା ବାଲା ?

ଇତୁ : ନାଇଁ - ତୁ ଭରି ଥୋଇଲା ବାଲା ?

ନାଟୁ : ନାଇଁ ତୁ ଭରି ଥୋଇଲା ବାଲା ?

ଉଭୟେ ପୁଣି ଥରେ ଉଠି ପଡ଼ିଲେ ।

କଳିକା : ଆରେରେଃଃ- ପୁଣି ଉଠି ପଡ଼ିଲେ କାହିଁକି ? ପୁଣି ଉଠି ପଡ଼ିଲେ କାହିଁକି ? ବସିପଡ଼ନ୍ତୁ - ବସିପଡନ୍ତୁ - (ନାଟୁ ଓ ଇତୁ ପରସ୍ପର ଆଡକୁ ମୁହଁ କରି ବସିଗଲେ) କଥାଟା ଭରି ଗୁରୁତର ହେଇଗଲାଣି ଦେଖୁଚି–

ଇତୁ : ହବ ନାହିଁ ? ସବୁକଥା ପକ୍‌କା ହେଇ ସାରିଲା ପରେ ଯଦି ଜଣେ ତା ଭିତରକୁ ଷଣ୍ଢ ପରି ମାଡ଼ି ଆସିବ–

ନାଟୁ : ମୁଁ ଷଣ୍ଢ ? ନାଇଁ ନାଇଁ ମୁଁ ଷଣ୍ଢ ?

ଇତୁ : ତୁ ଷଣ୍ଢ ନୋହୁଁ - ତୁ ଗଣ୍ଡ । ତୁ ଗଣ୍ଡମୂର୍ଖ ।

ନାଟୁ : (ଉଚ୍ଚ ସ୍ୱରରେ ତାଗିଦ୍ କରି) ଇତୁ -

କଳିକା : ହଉ - ହଉ - ଆପଣମାନେ ଚୁପ୍ ଗୁପ୍ ହେଇ ବସନ୍ତୁ ତ- ମୁଁ ଟିକେ ଭବେଁ କଣ କରଯିବ–

ଇତୁ : ହଁ ହଁ ଆପଣ ଭବନ୍ତୁ । ନାଟୁ ! ହୁସିଆର - ଏକଦମ୍ ଚୁପ୍ ହେଇ ବସିଥିବୁ । କଳିକା ଦେବୀ ଭବୁଚନ୍ତି–

ନାଟୁ : (ତାଗିଦ୍ ସ୍ୱର) ଇତୁ -

ଇତୁ : ଓହୋ ! କଳିକା ଦେବୀ ପରା ଭବୁଚନ୍ତି । ଦିଶୁନାହିଁ ?

ସମସ୍ତେ କିଛି ସମୟ ଚୁପ୍ ହୋଇ ବସିଲେ ।

କଳିକା : ଏ ବିଷୟରେ କବି କଣ କହିଚନ୍ତି ଜାଣନ୍ତି? କବି କହିଚନ୍ତି- (ଆବୃତ୍ତି) ଦୁଇ

Digitized by PPRACHIN, SOA

ବୀର ପୁଙ୍ଗବରେ ଏକଇ ଅବଳାନାରୀ / କିଏ ନେବ ବୋଲି ଲଗିଗଲ ଧର ଧରି / ବୀର ଭେଗ୍ୟା ବସୁନ୍ଧରା କହିଲେ ବିଗ୍ଭରି / ପ୍ରଥମ କାଢିଲ ଛୁରୀ ଦ୍ୱିତୀୟ କଟାରୀ / ଲଗିଗଲ ଘମାଘୋଟ ଯୁଦ୍ଧ ମରମରି / ମୁଁ ଭାବୁଚି ଆପଣମାନଙ୍କର ବି ସେମିତି ଗୋଟେ ଛୁରୀରେ ଲଢ଼େଇ ହେଇ ଯାଉ । ଯିଏ ଜିତିବ ସିଏ ହିରୋ ହବ ।

ଲଡୁ : (ବୀରତ୍ୱ ଦେଖାଇ) ହଁ ହଁ ହେଇଯାଉ ହେଇଯାଉ ।

ନାଟୁ : ଏଁ ! ଛୁରୀରେ ଲଢେଇ ହବ ? ମାନେ ହିରୋ ହବା ପାଇଁ ଛୁରୀରେ-

ଲଡୁ : (ପରିହାସ କରି ମଝିରେ) ଛାଡ଼ି ତ ଗଲ ! ଛାଡ଼ିତ ଗଲ ! ଛୁରୀ ନାଁ ଶୁଣି ହାଣ ତ ଛାଡ଼ି ଗଲ ! ଆବେ ଛୁରୀରେ ଲଢେଇ ହବ ନାହିଁ ଅଉ କଣ ଛୁଞ୍ଚିରେ ଲଢେଇ ହବ ? ଅଲବତ୍ ଛୁରୀରେ ଲଢ଼େଇ ହବ ।

କଳିକା : ହଉ ଠିକ ଅଛି । ଆପଣ ମାନେ ଯାନ୍ତୁ ଶନିବାର ଦିନ ପାଞ୍ଚଟା ବେଳକୁ ଛୁରୀ ଧରି ଆସିବେ । ଏଇଠି ଲଢେଇ ହବ । ଯାନ୍ତୁ - ନମସ୍କାର -

ଲଡୁ : ନମସ୍କାର - ନମସ୍କ ର -

ନାଟୁ : ନମସ୍କାର - (ଉଠିଲେ)

ଲଡୁ : (ନାଟୁକୁ) ମନେ ରହିଲାତ ? ନହେଲେ ଟିପିରଖ୍ । ଶନିବାର ପାଞ୍ଚଟା । ଏଇଠି । ଛୁରୀ ଧରି । ଏଥର ରଙ୍କନାମ ଜପି ଜପି ଏକମୁହାଁ ହେଇ ଘରକୁ ପଳା । କିବେ ଯାଉ ନାହୁଁ କାହିଁକି ? ନମସ୍କାର ତ କଲୁ ପଳେଇବୁ । ଛିଡାହେଇ ହେଇଚୁ କାହିଁକି ? ଯା ପଳା । ହଁ ! ଗଲାବେଳେ ସେ ଖଣ୍ଡ ଆ ଚଟି ଦିଟା ପକେଟରେ ପୁରେଇ ଦବୁ । କିଏ ଦେଖି ପକେଇବ । ଯା—

ନାଟୁ : (ରାଗରେ) ଇଡ଼ିୟଟ୍ ! (ଗ୍ଭଲିଗଲେ । କଳିକା ମୁରୁକି ମୁରୁକି ହସୁଥିଲେ)

କଳିକା : ଲଡୁବାବୁ ଆପଣ ବି ତାହେଲେ—

ଲଡୁ : ହେଁ ହେଁ — ଯିବି ଯେ - ତେବେ କଥାଟା କଣକି - ମାନେ - ହେଁ ହେଁ ଗୋଟେ ଛୋଟ କଥାଟେ ପଗ୍ଭରିବାକୁ ଥିଲା ଯେ- ମାନେ- (ହଠାତ୍ ଦୁଆର ପାଖକୁ ଧାଇଁ ଯାଇ କିଏ ଅଛି କି ନାହିଁ ଦେଖି ଦେଇ ଆସି) ହେଁହେଁ ମାନେ ମାନେ କଥାଟା କଣକି ଏଇ ଯୋଉ ଛୁରୀରେ ଲଢେଇ ହବନା- କଥାଟା ଏକଦମ୍ beautiful କଥା ଏକଦମ୍ beautiful କଥା - ହେଁହେଁ ତେବେ କଥାଟା କଣକି ଏଇ ଯୋଉ ଲଢେଇଟା ହବ ମାନେ ଏଇ ଯୋଉ

Digitized by PPRACHIN, SOA

ଛୁରୀଲଢେଇଟା ହବ ସେଟା କଣ ଯୋଉ ଛୁରୀରେ ସବୁ କଟାକଟି ହୁଏ ସେଇ ଛୁରୀରେ ହବ ? ହେଁ ହେଁ - ମାନେ କଣ ବୁଝିଲେ ନା—

କଳିକା : ବୁଝିଲି । ଡର ମାଡୁଚି ।

ଇଡୁ : ଜମା ନୁହେଁ । ଜମା ନୁହେଁ । ମୁଁ ତ ଖଣ୍ଡାକୁ ଡ଼ରିବି ନାହିଁ । ଛାର ଗୋଟେ ଛୁରୀକି ଡରିଯିବି ? ପିଲଦିନେ ଏମିତି କେତେ ଝଣ୍ଡାପଣ୍ଡା ଛୁରୀପୁରୀ ଧରିଚି ନା ଆଜି ଧରିବି ? ଆଉ ଥରେ ଯଦି କଣ ଗୋଟେ ଧରି ପକେଇଲି ନା - ଦେଲି ତ ଭୁଷି ଦେଲି ତ ଭୁଷି - ହେଁହେଁ - ତେବେ କଥାଟା କଣକି - ହେଁହେଁ - ମାନେ ଛୁରୀଟା ଗୋଟେ ଖତରନାକ୍ ଜିନିଷ ତ—

କଳିକା : ଖତରନାକ୍ ଜିନିଷରେ ଲଢେଇ ହବ ନାହିଁ ଆଉ କଣ ଖେଳନା ଜିନିଷରେ ଲଢେଇ ହବ ?

ଇଡୁ : ଅବଶ୍ୟ । ଅବଶ୍ୟ । ହେଁ ହେଁ- ତେବେ ମୁଁ କଣ କହୁଥିଲି କି ଏଇ ଯୋଉ ଛୁରୀଟା - ମାନେ ଛୁରୀଟା କଣ ଏକଦମ୍ ଭୁଷି ହେଇଯିବ ? ହେଁହେଁ- ମୁଁ କେବେ ଛୁରୀରେ ଲଢେଇ କରି ନାହିଁ ତ -

କଳିକା : ମୁଁ ବି ତ କରିନାହିଁ । କେମିତି କହିବି ?

ଇଡୁ : ଅବଶ୍ୟ । ଅବଶ୍ୟ । ତେବେ - ତେବେ ଆପଣ ଜଣେ ମହିୟସୀ ମହିଳା ତ- ସେଇଥି ପାଇଁ - କଣ ବୁଝିଲେ ନା- ହେଁହେଁ- ଛୁରୀଟା କଣ ଏକଦମ୍ ଭୁଷ୍ଷି ହେଇଯିବ ? ମାନେ ଏକଦମ୍ ଭୁଷ୍ଷି ହେଇଯିବ ?

କଳିକା : ହେଇ ଯାଇ ପାରେ ।

ଇଡୁ : (ଭୟାତୁର) ହେଇ ଯାଇପାରେ ?

କଳିକା : ନ ହେଇ ବି ପାରେ ।

ଇଡୁ : ନ ହେଇ ବି ପାରେ ?

କଳିକା : ହେଇଯାଇ ପାରେ । ନ ହେଇବି ପାରେ ।

ଇଡୁ : ହେଇଯାଇ ପାରେ - ନ ହେଇ ବି ପାରେ - ହେଇଯାଇ ପାରେ - ନ ହେଇ ବି ପାରେ - କଣ ହବ କିଏ କହିବ ପ୍ରଭୁ ? ପ୍ରଭୁହେ

Digitized by PPRACHIN, SOA

ବିପଦ ଭଞ୍ଜନ ମହାବାହୁ ! ମୃଗୁଣୀ ରକ୍ଷକ ! କି ଗୋଲକ ଧନ୍ଦାରେ ପକେଇଲ ପ୍ରଭୁ ! ହିରୋ ହବା କି ଝମେଲ !

ନନ୍ଦୀ : (ଭିତରୁ) ଦେଇ ! ମାଛ ମସଲ–

ଇନ୍ଦୁ : ହୁଡ୍‌ବେ ଥାର୍ଡରେଟ ଲେକଟା ! କଥା ଯାଇ କୋଉଠି ଉଠିଲଣି ! ଯାର ହରଦମ ଗ୍ଭଲିଚି ଦେଇ ମାଛ ମସଲ ଦେଇ ମାଛ ମସଲ ! ବୁଡ୍‌ବକ୍ !

ପ୍ରଭୁଙ୍କୁ ପ୍ରଣାମ କରୁ କରୁ ଗ୍ଭଲିଗଲ । କଳିକା ବସି ବସି ହସୁଥିଲ ।

●

ପଞ୍ଚମ ଦୃଶ୍ୟ

ଶନିବାର ସକାଳ । ଇନ୍ଦୁର ରୁମ୍ । ନାଟୁ ଓ ଇନ୍ଦୁ ସାମନା ସାମନି ଛିଡ଼ା ହୋଇଛନ୍ତି ।

ନାଟୁ : (ମୁଥ ଦେଖାଇ ଉଗ୍ର ସ୍ୱରରେ) ଦେଖୁଚୁ ? ଦେଖୁଚୁ ଏ ମୁଥକୁ ? କେମିତି ପଥ୍‌ଥର ପରି ହେଇଚି ଏ ମୁଥ ଦେଖୁଚୁ ? ମାରିବି ଯଦି ଗୋଟେ ମୁଥ ଏକାଥରକେ ତୋର ଦଣ୍ଡ୍‌ଦାନ୍ତ ଭର୍ଗି ଦେବି !

ଇନ୍ଦୁ : (ହସିଲ) ହାଃହାଃହାଃ- ପଥ୍‌ଥର ? ପଥ୍‌ଥର ? ଆବେ ନାଟୁ ଗଗବହୁ ତୋ ମୁଥ୍‌ଥଟା ପଥର ନୁହେଁ ତୋ ମଥାଟା ପଥ୍‌ଥର ! ତୁ ଭବିଚୁ ତୁ ଗୋଟେ ମୁଥ ମାରିଦେଲେ ମୁଁ ତୋତେ ଅରଗାଲଟା ଦେଖେଇଦେବି । ନାଇଁ ? ତୁ ଗୋଟେ ମୁଥ ମାରିଦେଲେ ମୁଁ ତୋତେ ଦିଟା ମୁଥ ମାରିଦେବି ।

ନାଟୁ : ହାଃହାଃହାଃ - ତୁ ଲଦ୍‌ଦୁଷଡଙ୍ଗୀ ଦୁର୍ଭିକ୍ଷ ପୁରୁଷ ତୁ ମୋତେ ଦିଟା ମୁଥ ମାରିଦବୁ ? ମୋତେ ଦିଟା ମୁଥ ମାରିଦବୁ ? ହାଃ ହାଃ ହାଃ-

ଇନ୍ଦୁ : ମାରି ଦେଖ କଣ ହଉଚି–

ନାଟୁ : ଆବେ ମାରିଲ ପରେ ତୁ ଆଉ କଣ ଥିବୁ ଯେ ଦେଖିବି ? (ପରିହାସ କରି) ଦିଟା ମୁଥ ମାରିଦେବି ! ହାଃହାଃହାଃ– (ହଠାତ୍ ହସ ବନ୍ଦକରି ଗମ୍ଭୀର

Digitized by PPRACHIN, SOA

ଘରରେ) ମୋ ମୁଁହରୁ ପଗ୍ଧ ଗନ୍ଧ ବାହାରୁଛି ବୋଲି କଳିକା ଦାସକୁ କିଏ କହିଲା ?

ଲଡୁ : ସେ କଥା ମୋତେ ପଗ୍ଧରିବାର ମାନେ ?

ନାଟୁ : ମୁଁ ପଗ୍ଧରୁଛି କିଏ କହିଲା ?

ଲଡୁ : ମୋତେ କାହିଁକି ସେକଥା ପଗ୍ଧରୁଚୁ ?

ନାଟୁ : ତୁ ଅଇବତ୍ ଜାଣିଚୁ ।

ଲଡୁ : ମୋ ଦାନ୍ତରେ ପୋକ ପଡ଼ିଚି ବୋଲି ତାକୁ କିଏ କହିଲା ?

ନାଟୁ : ମୋ ମୁଣ୍ଡଯାକ ଟିଙ୍କ ହେଇଚନ୍ତି ବୋଲି କିଏ ତାକୁ କହିଲା ?

ଲଡୁ : ମୋ ଦେହଯାକ ଯାଦୁ ହେଇଚି ବୋଲି କିଏ ତାକୁ କହିଲା ?

ନାଟୁ : ମୋ ପିଠିରେ ବିଇଞ୍ଚ ଘା ହେଇଚି ତୁ ଦେଖିଚୁ ?

ଲଡୁ : ମୁଁ ଗଷ୍ଟାରେ ବୁଲି ବୁଲି ବଜାରୀ ଗୀତ ଗାଏ ତୁ ଶୁଣିଚୁ ?

ନାଟୁ : ମୁଁ ଗଳିମୁଣ୍ଡରେ ଛିଡା ହେଇ ଝିଅଙ୍କୁ ଆଖିଠାରେ ତୁ ଦେଖିଚୁ ?

ଲଡୁ : ମୁଁ ପିଲଙ୍କ ଜଳଖିଆ ଗ୍ରେରି କରି ଖାଏ ?

ନାଟୁ : ମୁଁ ମେସ୍ ଗ୍ଧଉଳ ବୁଲେଇ ବିକେ ?

ଲଡୁ : ମୁଁ ପିଙ୍କା ଟାଣେ ?

ନାଟୁ : ମୁଁ ଗଞ୍ଜେଇ ଖାଏ ?

ଲଡୁ : ମୁଁ ମଦ ପିଏ ?

ନାଟୁ : ଏସବୁ କଥା କଳିକା ଦାସକୁ କିଏ କହିଲା ?

ଲଡୁ : ତୁଇ କହିଚୁ ।

ନାଟୁ : ତୁଇ କହିଚୁ

ନାଟୁ : ହଉ ଠିକ୍ ଅଛି । ଆଜି ଶନିବାର । ଆଜି କଳିକାଦାସ ଘରେ ଯଦି ଚୋର ସେ ବୃଗୁଲିମଗ ଢ଼ଙ୍ଗ ଛଡ଼େଇ ନ ଦେଇଚି-

ଲଡୁ : ହଉ ଠିକ ଅଛି । ମୁଁ ବି ଆଜି ଯଦି ତୋ ଗାଲୁପେଲ ଢଙ୍ଗ ଛଡ଼େଇ ନ ଦେଇଚି -

ନାଟୁ : ହାଃହାଃହାଃ- କଣ ବୀର ପୁଙ୍ଗବ ! ତମର ସେଇ ଯାତ୍ରା ବାଲା ଛୁରୀରେ ?

ଲଡୁ : (ପରିହାସ କରି) ନା!ଇଁ – ତମେ ମେସ୍‌ରୁ ଯୋଉ ପିଆଜ କଟା ଛୁରୀଟା ଗ୍ରେରି କରି ଆଣିଚ ସେଇ ଛୁରୀରେ -

Digitized by PPRACHIN, SOA

ନାଟୁ : (ହଠାତ୍ ଛୁରୀ ବାହାର କରି) ଏଇଟା ପିଆଜ କଟା ଛୁରୀ ? ଆଁବେ ଏଇଟା ପିଆଜ କଟା ଛୁରୀ ?

ଲଡୁ : (ଛୁରୀ ବାହାର କରି) ଆଉ ଏଇଟା କଣ ଯାତ୍ରାବାଲା ଛୁରୀ ?

ନାଟୁ : ଏଇଟା ପିଆଜକଟା ଛୁରୀ ନୁହେଁ । ଏଟା ପେଟକଟା ଛୁରୀ ।

ଲଡୁ : ଏଟା ଯାତ୍ରା ବାଲା ଛୁରୀ ନୁହେଁ । ଏଟା ମହାଯାତ୍ରାର ଛୁରୀ ।

ନାଟୁ : ଏ ଛୁରୀରେ କଗ୍ କଚ୍ -

ଲଡୁ : ଏ ଛୁରୀରେ ଝଗ୍ ଝଚ୍

ନାଟୁ : ଏ ଛୁରୀରେ ଘଗ୍ ଘଚ୍-

ଲଡୁ : ଏ ଛୁରୀରେ ଫଗ୍ ଫଚ୍-

ନାଟୁ : ଏ ଛୁରୀରେ ଭୁଷି ଦେବି ।

ଲଡୁ : ତୋ ପେଟକୁ ଭୁଷିଦେବି ।

ନାଟୁ : ମୁଁ ବି ତୋ ପେଟକୁ ଭୁଷିଦେବି ।

ଲଡୁ : ମୁଁ ବି ତୋ ପେଟକୁ ଭୁଷିଦେବି ।

ନାଟୁ : ମୁଁ ବି ତୋ ପେଟକୁ ଭୁଷିଦେବି ।

ଲଡୁ : ମୁଁ ବି ତୋ ପେଟକୁ ଭୁଷିଦେବି ।

ନାଟୁ : ମୁଁ ତବେ ଆଜି ଖତମ୍ କରିବି ।

ଲଡୁ : ମୁଁ ବି ତବେ ଆଜି ଖତମ୍ କରିବି ।

(ଛୁରୀ ଦେଖାଇ ପରସ୍ପରକୁ ଉଦ୍ଦେଶ୍ୟ କରି ହଲେଇଲେ ଓ କାଟି ଦେବାର ଅଭିନୟ କଲେ । ଅନୁରୂପ ଅଙ୍ଗଭଙ୍ଗୀ କଲେ । ସ୍ୱର କ୍ରମଶଃ ଉଚ୍ଚ ଓ ଉଗ୍ର ହେଲା । କିନ୍ତୁ କିଛି ସମୟ ପରେ ଲଡୁର ସ୍ୱର କ୍ରମଶଃ ଭୟାତୁର ହେଲା ।)

ନାଟୁ : ମୁଁ ତବେ ଆଜି ଜରୁର୍ ଖତମ୍ କରିବି ।

ଲଡୁ : ମୁଁ ବି ତବେ ଆଜି ଜରୁର୍ ଖତମ୍ କରିବି ।

ନାଟୁ : ମୁଁ ବି ତବେ ଖତମ୍ କରିବି । ଆଜି ତବେ ମୁଁ ଜରୁର୍ ଖତମ୍ କରିବି ।

ଲଡୁ : ଜରୁର୍ ଖତମ୍ କରିବୁ ?

ନାଟୁ : (ଜୋର୍ ଦେଇ) ଜରୁର୍ ଖତମ୍ କରିବି ।

ଲଡୁ : ମାନେ - ମାନେ ଜରୁର୍ ଖତମ୍ କରିବୁ ?

ନାଟୁ : ଜରୁର୍ କରିବି । ହମ୍ ତୁମକୋ ଜରୁର୍ ଖତମ୍ କରେଗା ।

ଲଡୁ : ଜରୁର୍ କରେଗା ?

ନାଟୁ : ଜରୁର୍ କରେଗା । ହମ ତୁହାର ପେଟକୋ ଜରୁର୍ ଭୁଷେଗା ।

ଲଡୁ : ତାହେଲେ ତ ତୁମକୋ ପୋଲିସ ଧରେଗା ।

ନାଟୁ : ପୋଲିସ ହମାର ଲେମ୍ବୁ କରେ ଗା ।

Digitized by PPRACHIN, SOA

ଲଡୁ : ପୋଲିସ ତୁମକୋ ଧରେଗା ଔର ପିଟ୍ ପିଟ୍‌କେ ସାବାଡ କରେଗା ।

ନାଟୁ : ହୁଡ୍ ବେ - କୋନ ବୁଡବକ୍ ପୋଲିସ୍ ହମକୋ ପିଟେଗା ? ହମ୍ ପୋଲିସ୍ ଫୋଲିସ୍ ନେହିଁ ମାଙ୍ଗତା—

ଲଡୁ : ଜରୁର୍ ମାଙ୍ଗତା । ପୋଲିସ୍ ଦେଖିନେସେ ତୁହ୍ମାରା ଲୁଗାପଟାମେ ବଡପାସ୍ ହୋତା—

ନାଟୁ : ତୁହ୍ମାର ହୋତା । ହମାର କୁଛ୍ ନେହିଁ ହୋତା—

ଲଡୁ : ପୋଲିସ ତୁମ୍‌କୋ ସିର୍ଫ ଧରେଗା ନେହିଁ ତୁମକୋ ଧର୍‌କେ ଫାସି ଦେଗା ।

ନାଟୁ : କୋନ ବୁଡବକ୍ ପୋଲିସ ହମକୋ ଫାସି ଦେଗା ?

ଲଡୁ : ତୁମ ମର୍ଡର କେଶ୍ କରେଗା - ତୁମକୋ ଫାସି ନେହିଁ ଦେଗା ?

ନାଟୁ : ହମକୋ ଫାସୀ ଦେଗା ? ହମକୋ କୋଇ ଫାସୀ ନେହିଁ ଦେ ସକେଗା ।

ଲଡୁ : ଜରୁର୍ ଦେ ସକେଗା । ତୁହ୍ମାର ଛୁରି ଯବ୍ ଭୁଷି ହୋ ଯାଏଗା ନା ତବ୍ ତୋ ଜରୁର୍ ମର୍ଡର କେଶ୍ ହୋ ଯାଏଗା ।

ନାଟୁ : (ହଠାତ୍ ସଚେତନ ହୋଇ) ଏଁ ? ମର୍ଡର କେଶ୍ ହୋ ଯାଏଗା ?

ଲଡୁ : ହଁ ହିଁ- ଏଁ ଏକଦମ୍ ମର୍ଡର କେଶ୍ ହୋ ଯାଏଗା ।

ନାଟୁ : ଏକଦମ୍ ମର୍ଡର କେଶ୍ ହୋ ଯାଏଗା ?

ଲଡୁ : ଏକଦମ୍ ହୋ ଯାଏଗା ।

ନାଟୁ : (କିଛିଟା ଶଙ୍କିତ ସ୍ୱରରେ)ତାହେଲେ ହମକୋ ଫାସୀ ହୋଗା ?

ଲଡୁ : ଜରୁର୍ ହୋଗା ।

ନାଟୁ : (ଶଙ୍କିତ) ଜରୁର୍ ହୋଗା ? } (ଦୁଇଥର)
ଲଡୁ : ଏକଦମ୍ ଜରୁର୍ ହୋଗା ।

ନାଟୁ : ତାହେଲେ କ୍ୟା ହୋଗା ?

ଲଡୁ : ମୁଝେ କ୍ୟା ମାଲୁମ୍ କ୍ୟା ହୋଗା ?

ନାଟୁ : (ହଠାତ୍ ସ୍ଲୋଗାନ ଦେଲା ପରି ହାତ ଉଠେଇ ଉଚ୍ଚସ୍ୱରରେ)
ଯେ ଲଢେଇ — } (ତିନିଥର)
ଲଡୁ : ନେହିଁ ହୋଗା—

Digitized by PPRACHIN, SOA

ନାଟୁ : ହମ୍ ଇଡେଇ
ଇଡୁ : ନେହିଁ କରେଙ୍ଗେ । } (ତିନିଥର)

ନାଟୁ : ପିଅକ୍ କଟା ଛୁରୀ

ଇଡୁ : ଫେଁକ ଦୋ - (ନାଟୁ ଛୁରୀ ତଳକୁ ପକେଇ ଦେଲା)

ନାଟୁ : ଯାଡ୍ରାବାଲା ଛୁରୀ -

ଇଡୁ : ଫେଁକ ଦୋ - (ଇଡୁ ଛୁରୀ ତଳକୁ ପକେଇ ଦେଲା)

ନାଟୁ : ଇଡୁ ଷଡଙ୍ଗୀ -
ଇଡୁ : ଜିନ୍ଦାବାଦ୍ । } (ଦୁଇଥର)

ନାଟୁ : ନାଟୁ ଗଗବଡୁ -
ଇଡୁ : ଜିନ୍ଦାବାଦ୍ } (ଦୁଇଥର)

ନାଟୁ : ହମ୍ ଦୋନୋ-
ଇଡୁ : ଦୋସ୍ତ ହାୟ } (ଦୁଇଥର)

ନାଟୁ : ଆଓ ହମ୍-
ଇଡୁ : ଆଗେ ବଢେଁ } (ଦୁଇଥର)

ଦୁଇଜଣଯାକ ପିଠିରେ ହାତ ଛନ୍ଦାଛନ୍ଦି ହୋଇ ପାଦ ମିଳେଇ ମାର୍ଚ୍ଚିଂ କଲେ ।

ନାଟୁ :
ଇଡୁ : } — ଲେଫ୍ଟ ରାଇଟ୍ ଲେଫ୍ଟ - ଲେଫ୍ଟ - ଲେଫ୍ଟ - ଲେଫ୍ଟ ରାଇଟ୍ ଲେଫ୍ଟ - ଲେଫ୍ଟ ଏବାଉଟ୍ ଟର୍ଣ୍ଣ - ଲେଫ୍ଟ · ଲେଫ୍ଟ ଲେଫ୍ଟ ରାଇଟ୍ ଲେଫ୍ଟ - ଲେଫ୍ଟ - ଲେଫ୍ଟ ଏବାଉଟ ଟର୍ଣ୍ଣ - ଲେଫ୍ଟ - ଲେଫ୍ଟ - (ମାର୍ଚ୍ଚିଂ କରି କରି ଚାଲିଲେ)

ନାଟୁ : (ହଠାତ୍ ଅଟକି ଯାଇ) ଇଡୁ !

ଇଡୁ : କଣ ହେଲା ?

ନାଟୁ : ରହିଗଲା ।

ଇଡୁ : କଣ ରହିଗଲା ?

ନାଟୁ : ଅସଲ କଥାଟା ରହିଗଲା । ହିରୋ କିଏ ହେଲା ?

ଇଡୁ : କାହିଁକି ? ମୁଁ ହେଲି । ତୁ Surrender କରିଗଲୁ । ମୁଁ ହେଲି ।

ନାଟୁ : ମୁଁ Surrender କରିଗଲି ?

Digitized by PPRACHIN, SOA

ଲଡୁ : କରି ନଥି ? ଯେ ଲଢ଼େଇ ନେହିଁ ହୋଗା ଯେ ଲଢ଼େଇ ନେହିଁ ହୋଗା ବୋଲି ତୁ ଚିଲଉ ନ ଥିଲୁ ?

ନାଟୁ : ଚିଲେଇଛି ବୋଲି ମୁଁ Surrender କରିଗଲି ?

ଲଡୁ : ହଁ ହଁ ତୁ Surrender କରିଗଲୁ ।

ନାଟୁ : କ୍ଷମା କରି ନାହିଁ ।

ଲଡୁ : ଜରୁର୍ କରିଚୁ ।

ନାଟୁ : କ୍ଷମା କରି ନାହିଁ ।

ଲଡୁ : ଜରୁର କରିଚୁ ।

ନାଟୁ : ଅଇବତ୍ କରି ନାହିଁ ।

ଲଡୁ : ଅଇବତ୍ କରିଚୁ ।

ନାଟୁ : ଅଇବତ୍ କରି ନାହିଁ ।

ଲଡୁ : ଅଇବତ୍ କରିନାହୁଁ ? ଠିକ୍ ଅଛି । ତାହେଲେ ଏଥର ଯାତ୍ରାବାଲା ଛୁରୀ - (ଛୁରୀ ତଳୁ ଉଠାଇ ଉପରକୁ ଉଗ୍ର ଭାବରେ ଟେକି ଧରି ଛିଡ଼ା ହେଲେ)

ନାଟୁ : ଠିକ୍ ଅଛି । ତା ହେଲେ ଏଥର ପିଆଜ କଟା ଛୁରୀ - (ଛୁରୀ ତଳୁ ଉଠେଇ ଟେକି ଧରି ଛିଡ଼ା ହେଲେ)

ଲଡୁ : ରେ ରେ ପାମର—

ନାଟୁ : ରେ ରେ ଦୁରଗ୍ରର—

ଲଡୁ : ରେ ରେ ନିର୍ଲଜ—

ନାଟୁ : ରେ ରେ ନିର୍ବୋଧ—

ଯାତ୍ରାରେ ଲଢ଼େଇ କଲା ପରି ଦୁହେଁ ଏ ପାଖ ସେ ପାଖ ଛକା ପଂଝାରେ ବୁଲିଲେ ଓ ମଝିରେ ମଝିରେ ଛୁରୀ ଭୁଷିବାର ଅଭିନୟ କଲେ ।

ଲଡୁ : ହମ୍ ତୁମକୋ ଦେଖଲେଙ୍ଗେ —
ନାଟୁ : ହମ୍ ଭି ତୁମକୋ ଦେଖଲେଙ୍ଗେ - } (ଦୁଇଥର)

ଲଡୁ : ଠିକ୍ ହାୟ । ଚଲେ କଳିଙ୍ଗା ଦାସ୍କେ ପାସ —

ନାଟୁ : ଠିକ୍ ହ୍ୟାୟ ଚଲେ କଳିଙ୍ଗା ଦାସ୍କେ ପାସ୍—

ଲଡୁ : ଠିକ୍ ହ୍ୟାୟ । ଚଲେ —

ନାଟୁ : ଚଲେ — (ଛୁରିକୁ ଟେକି ଟେକି ବାହାରକୁ ଚାଲିଗଲେ)

Digitized by PPRACHIN, SOA

ଶେଷ ଦୃଶ୍ୟ

ସେଇ ଦିନର ସନ୍ଧ୍ୟା । କଳିକା ଦାସର ଡ୍ରଇଂରୁମ୍ । ଗୁକର ନନ୍ଦୀ ଘର ସଜଉଛି ।

ଲଡ୍ଡୁ : (ପଶିଆସିଛି) ନନ୍ଦୀଘୋଷ ! ଆହେ ପ୍ରିୟ - ନନ୍ଦୀଘୋଷ ମହାଶୟ - ଆମ୍ଭେ ବୀର ଲଡ୍ଡୁକେଶ୍ୱର ଆସିଗଲୁ । ତୁମେ ଏଥର ଫୁଲମାଳ କାଢ । ଢୋଲକି ପିଟ । ହାର୍ମୋନି ବଜାଅ । ବିଗୁଲ୍ ଫୁଙ୍କ । ଆମେ ଏଥର ଯୁଦ୍ଧ କରିବୁ ।

ନନ୍ଦୀ : (ଅଟକି ଛିଡାହେଇ । ଟିକେ ଆଶ୍ଚର୍ଯ୍ୟସହ) କଣ କରିବ ? ଯୁଦ୍ଧ କରିବ ?

ଲଡ୍ଡୁ : ଏକଦମ୍ ଘମାଘୋଟ ଯୁଦ୍ଧ । ଗଗନ ପବନ କମ୍ପି ଉଠିବ । ମେଦିନୀ ଥରି ଉଠିବ । ଜିନିଷ ପତ୍ର ଛିନଛତ୍ର ହେଇଯିବ ।

ନନ୍ଦୀ : ଓହୋ ! ବୁଝିଲି - ବୁଝିଲି - ତମେ ସବୁ ଏଠି ଡ୍ରାମା କରିବ ।

ଲଡ୍ଡୁ : ହୁତ୍ ବେ ମାଛ ମସଲ ! ସୁଙ୍ଘି ସୁଙ୍ଘି କହିଲ ସୈନ୍ଧବ ଲବଣ ! କଥା ଯାଇ କଉଠି ୟଠିଲାଣି । କହୁଚି ଡ୍ରାମା କରିବ ! ଡ୍ରାମା ଫ୍ରାମା କିଛି ନୁହେଁ । ରୀତିମତ ଯୁଦ୍ଧ । ଭୁଷ୍ - ଭଷ୍ - ଭୁଷ୍ - ଭଷ୍ - (ମୁଥ ମାରି ନନ୍ଦୀ ଅ.ଡକୁ ଆଗେଇଲ) ଭୁଷ୍ ଭଷ୍ - ଭୁଷ୍ - ଭଷ୍ -

ନନ୍ଦୀ : (ପଛେଇ ପଛେଇ) ଆରେ ଆରେ - ଲଡ୍ଡୁ ବାବୁ - ମୋ ପେଟ - ମୋ ପେଟ - ମୋ ପେଟ ଫାଟିଯିବ -

ଲଡ୍ଡୁ : (ସେଇଭଳି ଆଗେଇ ଯାଉ ଯାଉ) ଭୁଷ୍ - ଭଷ୍ - ଭୁଷ୍ - ଭଷ୍ - ତାପରେ- (ଜଲ୍‌ଦି ଜଲ୍‌ଦି କହିଇ ଓ ମୁଥ ଚଳାଇଲ)ଭୁଷ୍ ଭଷ୍ ଭୁଷ୍ ଭଷ୍ ଭୁଷ୍ ଭଷ୍- ଆଃ - ମରିଗଲି - ମରିଗଲି-ରକ୍ଷାକର - ରକ୍ଷାକର - କିଏ କେଉଁଠି ଅଛ ରକ୍ଷା କର - ଆଃ - ଆଃ - ଆଃ- ଏହା କହି ଶତ୍ରୁର ହଠାତ୍ ପତନ ଓ ମୂର୍ଚ୍ଛା ଓ ମୋର ମହା ଆନନ୍ଦରେ ଗୋଟାଏ ଲଅଙ୍ଗ ଅଟ୍ଟହାସ୍ୟ : ହାଃ ହାଃ ହାଃ-

ନନ୍ଦୀ : (ସଚେତନ କରିଦେଇ) ଲଡ୍ଡୁ ବାବୁ—

ଲଡ୍ଡୁ : (ହଠାତ୍ ହସ ମଝିରେ ଅଟକି ଯାଇ ନିମ୍ନ ଓ ସତର୍କ ସ୍ୱରରେ) ନନ୍ଦୀ ଘୋଷ ! ତମ ବଡ ବାବୁ ଘରେ ଅଛନ୍ତି ?

ନନ୍ଦୀ : ନା - ଟୁର୍‌ରେ ଯାଇଛନ୍ତି ।

ଲଡ୍ଡୁ : ଆଉ ତମ ଦେଇ ?

Digitized by PPRACHIN, SOA

ନନ୍ଦୀ : ସେ ବି ନାହାନ୍ତି ।

ଇନ୍ଦୁ : କେହି ନାହାନ୍ତି-ତମେ ବୃଥାଟାରେ ଇନ୍ଦୁବାବୁ ଇନ୍ଦୁବାବୁ ହେଇ ଗୋଟେ କେତେ ବଢିଆଁ ମୁସ୍ ମୁସିଆ ମୁଡ୍‌ଟା କୁ ଖରାପ କରିଦେଇ ? ଆଛା ନନ୍ଦୀଘୋଷ ! ସେ ଟୋକାଟା ଆସିଲାଣି ?

ନନ୍ଦୀ : କୋଉ ଟୋକାଟା ?

ଇନ୍ଦୁ : ସେଇଟା ମ ! ସେଇ ଯୋଉ ଲଫଙ୍ଗା ଟୋକାଟା ବେଳେ ବେଳେ ମୋ ପଛରେ ଲେଙ୍ଗଡେଇ ଲେଙ୍ଗଡ଼େଇ ଆସେ - ଡେଙ୍ଗା ହେଇ ଗୋରା - ନିଶ - ଇଡ଼ିୟଟଟେ ପରି ଦିଶେ -

ନନ୍ଦୀ : ଓ ! ତମେ ନାଟୁ ବାବୁଙ୍କ କଥା କହୁଚ ତ ? ସେ ପରା—

ଇନ୍ଦୁ : (ମଝିରେ) ଆସି ନାହିଁଟି ? ଆଉ ଆସିବ ? ସେ ଦିନତ ଖାଲି ଛୁରୀ କଥାଟା ଶୁଣୁ ଶୁଣୁ ତାର ଲୁଗାପଟା ଖରାପ ହେଇ ଯାଇଥିଲା । ଆଉ ଲଢେଇ କରିବାକୁ ଆସିବ ? (ଘରର ଗ୍ରିଲପଟ ହଲାସରେ ବୁଲି ବୁଲି) ନନ୍ଦୀଘୋଷ ! ଫୁଲ୍‌କା ବିଲକୁଲ୍ ସାଫ୍ । ହମ୍ ଜିତେଙ୍ଗେ । ହିରୋ ହେଙ୍ଗେ । ହିରୋ ! ହିର୍‌ରୋ - (ଘର ଗ୍ରିଲଆଡ ଘୁରି ବୁଲିଲା) ହା - ହା - ହା - ହା -

ନାଟୁ : (ଭିତରୁ) ହଁ - ହଁ ହେଙ୍ଗେ - ହେଙ୍ଗେ - ହିରୋ ହେଙ୍ଗେ । ହିରୋ ଇଡ଼ିୟଟ୍ !

ଇନ୍ଦୁ : (ହଠାତ୍ ତ୍ରସ୍ତ ହୋଇପଡ଼ି ନନ୍ଦୀ ପାଖକୁ ଚୁପ୍ ଚୁପ୍ ଆସି ନିମ୍ନ ସ୍ୱରରେ) ନନ୍ଦୀଘୋଷ ! କିଏ କହିଲା ? କିଏ ? କିଏ କହିଲା ?

ନନ୍ଦୀ : ନାଟୁବାବୁ ହେଇଥିବେ । ଆଉ କିଏ କହିବ ?

ଇନ୍ଦୁ : (ଭୟାତୁର ସ୍ୱର) ଏଁ ଽଇ ! ନାଟୁବାବୁ ? ମାନେ - ମାନେ - ସେ ଟୋକାଟା ଆସିଗଲାଣି ? My God !

ନାଟୁ : (ଭିତରୁ) ପଡିଗଲା । ପଡ଼ିଗଲା । ଏଥର ବୀର ପୁଙ୍ଗବଙ୍କ ଲୁଗାପଟାରେ ପଡ଼ିଗଲା—

ଇନ୍ଦୁ : ହେଇ- ହେଇ- ପୁଣି ଶୁଭିଲା । ପୁଣି ଶୁଭିଲା ନନ୍ଦୀ ଘୋଷ ! ସିଚୁଏସନଟା ବଡ଼ dangerous ଦିଶୁଚି । ମୋତେ କପେ କଡା ଚା ଆଉ ଦିଟା ଛତା ମାର୍କା ବିଡ଼ି ଦବ ?

ନନ୍ଦୀ : ଖାଇବ ?

ଇନ୍ଦୁ : ନନ୍ଦୀଘୋଷ ! ସେ ଲୋକଟା କଣ କରୁଚି ସେ ଘରେ ?

ନନ୍ଦୀ : ଦେଖିବି ? (ଯାଇ କବାଟ ଫାଙ୍କରେ ଦେଖିଲା) ନାଟୁ ବାବୁ ଉଠି ଛିଡା

Digitized by PPRACHIN, SOA

ହେଉଚନ୍ତି । ହେଇ - ହେଇ - ମାରିଲେ- ମାରିଲେ- ଡାହାଣ ହାତକୁ ମୁଠା କରି ବାଁ ହାତ ପାପୁଲିରେ ମାରିଲେ । ବାବ୍‌ବା ! ଦାନ୍ତକୁ କାମୁଡ଼ି କି ଜୋର୍‌ରେ ମାରୁଚନ୍ତି - ଲଡ୍ଡୁବାବୁ ! ତମେ—

ଲଡ୍ଡୁ : (ଘୃପା ସ୍ୱରରେ) ଓହୋ ! ପାଟିଟେ କାହିଁକି କରୁଛ କହିଲ ?

ନନ୍ଦୀ : ହେଇ ହେଇ ଯାତ୍ରାପାର୍ଟି ଗଜା ପରି ଘରଯାକ ବୁଲିଲେଣି । ବାଃ - କି ଗଜୁଡ଼ା ଠାଣୀ । କି ଗଜୁଡ଼ା ଚହାଣୀ ! ହେଇ ହେଇ - ଭୁଷି ପକଉଚନ୍ତି - ଭୁଷି ପକଉଚନ୍ତି ଛୁରୀ ଭୁଷିଲା ପରି ଭୁଷି ପକଉଚନ୍ତି - ବକ୍‌ସିଂ କଲାପରି ମୁଥସବୁ ମାରିଦେଉଚନ୍ତି - ଲଡ୍ଡୁବାବୁ - ତୁମେ ଏଇ ନାଟୁବାବୁଙ୍କ ସାଙ୍ଗରେ ଲଢେଇ କରିବ ବୋଲି କହୁଥିଲ ? ହେଇ-ହେଇ- ପକେଟରୁ କଣ ଗୋଟେ ଲମ୍ବା ଜିନିଷ ବାହାର କଲେଣି । ନାଟୁବାବୁ କାହିଁକି ସେମିତି ଗ୍ରେର ପରି ଟରକି ଟରକି ଚାହୁଁଚନ୍ତି? ସେଟା କଣ କି ଲଡ୍ଡୁବାବୁ? ତମେ ଦେଖିଲ ଦେଖିଲ-

ଲଡ୍ଡୁ : ସେଇ ସେଇ ସେଇଟା ଲୋ ନନ୍ଦୀଘୋଷ ! ଏଟା ସେଇଟା!ଆଉ ଦିଟା ବିଡ଼ିରେ ଚଳିବ ନାହିଁ । ଏଥର କଠେ ବିଡ଼ି ଆଉ ଟେଙ୍କେ ଭେଜାଲ ଅଫିମ ଦରକାର-

ନନ୍ଦୀ : ତମ ପକେଟଟା ବି ତ କାହିଁକି ଓଜନିଆ ଓଜନିଆ ଦିଶୁଛି । କଣ ରଖିଚ କି ତା ଭିତରେ ?

ଲଡ୍ଡୁ : (ହଠାତ୍ ସତର୍କ ହୋଇ ଯାଇ ପକେଟକୁ ଜାବୁଡ଼ି ଧରି) ନାଇଁତ - ନାଇଁତ - କିଛି ନାଇଁତ - କିଛି ନାଇଁତ - ହେଁହେଁ - ଆଛା ନନ୍ଦୀଘୋଷ ! ତମେ କୋଉ ଦୋକାନରୁ ମାଛ ମସଲା କିଣୁଚ କି ? ଭରି ଭଲ ମସଲା । ମାଛ ନ ପକେଇ ଖାଲି ମସଲା ପକେଇ ତରକାରୀ କରିଦେଲେ ମାଛ ତରକାରୀ ପରି ଲାଗିବ । ହେଁହେଁ -

ମଣ୍ଡୁ [ବାହାରେ ଡାକିଲେ] ନନ୍ଦୀ ! ନନ୍ଦୀ !

ଲଡ୍ଡୁ : (ହସ୍ତ ସ୍ୱର) କିଏ ? କିଏ ଡ଼ାକିଲା ?

ମଣ୍ଡୁ : [ବାହାରେ] ନନ୍ଦୀ ! ମୁଁ — ଖୋଲ୍

ନନ୍ଦୀ : ଓ ! ମଣ୍ଡୁବାବୁ ! ଦେଇଙ୍କ ପିଇସୀ ପୁଅ ଭାଇ । [ବାହାରକୁ ଉଦେଶ୍ୟ କରି] ଆଜ୍ଞା ଖୋଲୁଚି । [ଲଡ୍ଡୁକୁ] ଲଡ୍ଡୁବାବୁ ! ତୁମେ ଭିତରକୁ ଯା । ବାବୁ ଦେଖିଲେ ଚିଡ଼ିବେ କି କଣ । ଗଲୀ ଲୋକ — [ଗଲା]

ଲଡ୍ଡୁ : My goodness ! ଯେ ଆଉ ଗୋଟେ କିଏ ବୁଡ଼ବକ୍ ମଣ୍ଡୁ ନା ଖଣ୍ଡୁ

Digitized by PPRACHIN, SOA

ଆସି ପହଞ୍ଚିଗଲ ? [ଭିତରକୁ ଗ୍ଲିଗଲା]

ମଣ୍ଡୁ : [ନନ୍ଦୀ ସହ ଭିତରକୁ ଆସୁ ଆସୁ] କଳିକା ଆସିନାହିଁ ? ମୁଁ ଟିକେ ଥାନା କାମ ସାରି ଦେଇ ଆସିଲି । ସେଇଥିପାଇଁ ଟିକେ ଡେରି ହେଲା । ଅଚ୍ଛା ! ଲଡୁ ଷଡଙ୍ଗୀ ଆଉ ନାଟୁ ଗଗବଡୁ ବୋଲି ଦିଟା ଟୋକା ଆସିଚନ୍ତି ?
[ସୋଫାରେ ବସିଲେ]

ନନ୍ଦୀ : ହଁ । ଆସିଚନ୍ତି ।

ମଣ୍ଡୁ : ହଉ ତା ହେଲେ ଯାଇ ସବୁ ବାହାର କବାଟ ଯାକ ବନ୍ଦ କରି ଦେ । ଯାଃ- - ଭଲ୍ ବି –

ନନ୍ଦୀ : ଯାଉଚି । [ଗଲ ଓ ସବୁ ବାହାର କବାଟ ବନ୍ଦ କରିଦେଲ]

ମଣ୍ଡୁ : [ଡାକିଲେ] ନାଟୁବାବୁ - ଲଡୁବାବୁ - ନାଟୁବାବୁ - ଲଡୁବାବୁ [ଉତ୍ତର ନ ପାଇ] ନାଟୁବାବୁ - ଲଡୁବାବୁ - ନନ୍ଦୀ - ନନ୍ଦୀ - କବାଟ ବନ୍ଦ କଲୁ ? ଲଡୁବାବୁ - ଲଡୁବାବୁ - ଆବେ କେହି ଶୁଣୁ ନାହଁ କାହିଁକି ? ନାଟୁବାବୁ - ନାଟୁବାବୁ - (ନାଟୁ ତରିଡ଼ରି ଆସି ଛିଡ଼ା ହେଲ । ତାକୁ ଦେଖି) ହୁଃ ! କିଏ ତମେ ? ତମ ନାଁ କଣ ?

ନାଟୁ . ମୋ ନାଁ ନାଟୁ ଗଗବଡୁ–

ମଣ୍ଡୁ . ହୁଃ (ନାଟୁ ବସି ପଡ଼ିଲ) ହୁଁଃ – (ନାଟୁ ଉଠି ପଡ଼ିଲ) ହୁଁଃ ! (ନାଟୁ ଉଠି ପଡ଼ିଲ) କୁଆଡେ ଗଲ ସେଟା ? ଲଡୁବାବୁ - ଲଡୁବାବୁ – ନନ୍ଦୀ – ନନ୍ଦୀ – ସେ ଆରଟା ଆସୁ ନାହିଁ କାହିଁକି ? କଣ କରୁଚି ଘର ଭିତରେ ? ନନ୍ଦୀ-ନନ୍ଦୀ ! ଆବେ ସେଟା ନ ଆସୁଚି ଯଦି ଧରି ଆଣୁନଉ କାହିଁକି ତାକୁ ?

ନନ୍ଦୀ : [ଭିତରୁ] ନାଇଁ - ନାଇଁ - ଯାଉଚନ୍ତି - ଯାଉଚନ୍ତି । [ଲଡୁକୁ ଏକପ୍ରକାର ଟାଣି ଟାଣି ଆଣିଛି] ଓ ହୋଃss ! ନାଇଁମ ! ସେ କାହିଁକି ଲଡୁ ଖାଇବାକୁ ଡାକିବେ ? ସେ ପର ତମକୁ ଡ଼ାକୁଚନ୍ତି ! ଆସ । ଏଇ ଆଜ୍ଞା ଲଡୁବାବୁ ଆସିଲେ । [ଦୁହେଁ ଭିତରକୁ ଆସିଲେ]

ଲଡୁ : [ତ୍ରସ୍ତଅବସ୍ଥା] ସାର୍ - ସାର୍ - ନମସ୍କାର ସାର୍–

ମଣ୍ଡୁ : ଶ୍ଟେପ୍ ! ଶ୍ଟେପ୍ ! କଣ କରୁଥିଲ ଏତେବେଳଯାକେ ? କଣ କରୁଥିଲ ? ଲଡୁ ଖାଉଥିଲ ? ଲଡୁ ?

ଲଡୁ : ନାଇଁ ସାର୍ । କିଛି ଖାଉ ନ ଥିଲି ସାର୍ –

Digitized by PPRACHIN, SOA

ମଣ୍ଟୁ : ଗେ୍ଟପ୍ ! ଗେ୍ଟଓପ୍ !

ଇତୁ : ସାର୍ !

ମଣ୍ଟୁ : [ଉଚ୍ଚ ସ୍ୱରରେ] କିଏ ତମେ ଦିଜଣ ? ଏଠିକି କାହିଁକି ଆସିଚ ? ଏଠିକି କାହିଁକି ଆସିଚ ? ମୁଁ ପଚାରୁଚି ଏଠିକି କାହିକି ଆସିଚ ? (କିଛି ଉତ୍ତର ନ ପାଇ) ମୁଁ ପଚାରୁଚି ପଚା ଏଠିକି କାହିଁକି ଆସିଚ ବୋଲି । ଶୁଭୁନାହଁ ମୋ କଥା ? ଶୁଭୁନାହଁ ମୋ କଥା ?

ଇତୁ : ଶୁଭୁଚି ସାର୍–

ମଣ୍ଟୁ : ଶୁଭୁଚି ତ ପାଟିରୁ ବଚନ ବାହାରୁ ନାହିଁ କାହିଁକି ?

ନାଟୁ : ସାର୍ - ଆମେ ସାର୍ ଆସିଥିଲୁ–

ଇତୁ : (ତାଗିଦ୍ କରି ମଝିରେ ଅଟକେଇ) ନାଟୁ !

ନନ୍ଦୀ : ଇତୁବାବୁ ! ନାଟୁବାବୁ ! କହିଦଉନ କାହିଁକି ଆସିଥିଲ । କହିଦିଅ–

ଇତୁ : ନନ୍ଦୀଘୋଷ ! ତଣ୍ଟି ଶୁଖିଯାଉଚି । ଟେଳେ ଭେଜାଲ ଅଫିମ ପକେଇ କପେ କଡା ଚା ଆଉ ଦିଟା ଛତାମାର୍କା ବିଡ଼ି –

ମଣ୍ଟୁ : ଇତୁବାବୁ ! ଏଣେ ତେଣେ ଗୁହିଁବା ଦରକାର ନାହିଁ । ସବୁ କବାଟ ବନ୍ଦ । ଜଲଦି କୁହ କାହିଁକି ଆସିଥିଲ । (ପାଟିକରି) ଜଲ୍‌ଦି–

ନନ୍ଦୀ : ଇତୁବାବୁ ! ବାବୁ ପଚା ପଚାରୁଚନ୍ତି । କହିଦେଉନା କାହିଁକି ? କହିଦିଅ– - ମୋତେ କହୁଥିଲ । ବାବୁଙ୍କୁ କହୁନା କାହିଁକି ?

ମଣ୍ଟୁ : ତତେ କଣ କହୁଥିଲେ ! କଣ କହୁଥିଲେ ତତେ ?

ଇତୁ : ନନ୍ଦୀଘୋଷ ! ଚା ଆଣିବାକୁ କହିଲି ନା କହିବାକୁ କହିଲି ?

ମଣ୍ଟୁ : କଣ ତୋତେ କହୁଥିଲେ କହୁନାହୁଁ କାହିଁକି ? ନନ୍ଦୀ ! ଜଲ୍‌ଦି କହ–

ନନ୍ଦୀ : କହିବି ଇତୁବାବୁ ? କହିବି ?

ମଣ୍ଟୁ : ମୁଁ ପଚାରୁଚି ପଚା କଣ ତୋତେ କହୁଥିଲେ । ଶୁଭୁନାହିଁ ?

ନନ୍ଦୀ : ଇତୁବାବୁ କହୁଥିଲେ ସେମାନେ କୁଆଡେ ଏଠି ଯୁଦ୍ଧ କରିବେ ।

ମଣ୍ଟୁ : (ହଠାତ୍ ପାଟିକରି) କଣ କରିବେ ? କଣ କରିବେ ? ଏଠି ଯୁଦ୍ଧ କରିବେ ? ଏ ଦିଟା ଏଠି ଯୁଦ୍ଧ କରିବେ ? My goodnes ! ଆବେ ଏ ଦିଟା ଗୁଣ୍ଡା ନା କଣ ବେ ? ଆବେ ହେଃଇ । ତମେ ଦିଟା ଏଠିକି

Digitized by PPRACHIN, SOA

ଯୁଦ୍ଧ କରିବାକୁ ଆସିଚ ? ଏଠି ଯୁଦ୍ଧ କରିବାକୁ ଆସିଚ ? କି dangerous କଥା ! ଯୁଦ୍ଧ କରିବାକୁ ଆସିଚନ୍ତି ! My good God ! ନନ୍ଦୀ ! ଯାଙ୍କ ପକେଟ ଫକେଟ ଦେଖିଚୁ ? ଛୁରୀ ଫୁରୀ ବୋମା ଫୋମା କିଛି ରଖି ନାହାଁନ୍ତି ତ ? ଦେଖିଲୁ - ଦେଖିଲୁ - ଦେଖିଲୁ–

ଲଡ୍ଡୁ/ନାଟୁ : (ପକେଟକୁ ଚିପିଧରି) ନାଇଁ ସାର୍ - ନାଇଁ ସାର୍ - କିଛି ନାହିଁ ସାର୍-କିଛି ରଖି ନାହୁଁ ସାର୍ ! ସାର୍ - ସାର୍ –

ମଣ୍ଟୁ : କିଛି ନାହିଁତ ପକେଟକୁ ସେମିତି ଚିପିଧରିଚ କାହିଁକି ? ବାହାର କର ବାହାର କର କଣ ରଖିଚ ! ଆବେ ବାହାର କରିବ ନା ଦେଖିବ ? ନନ୍ଦୀ ସେ ବାହାର କରିବେ ନାହିଁ । ତୁ ବାହାର କର ଜଲ୍‌ଦି–

ଲଡ୍ଡୁ : ନାଇଁ ନାଇଁ ସାର୍ - କରୁଚୁ - କରୁଚୁ - କରୁଚୁ (ବାହାରକଲା) ଯେ ହେଲା ଗୋଟେ ପାନିଆ । ଯେ ହେଲା ଗୋଟେ ଯାଦୁର ମଲମ । ଆଉ ଯେ ହେଲା ଗୋଟେ ଲିପଷ୍ଟିକ–

ମଣ୍ଟୁ : ଲିପଷ୍ଟିକ ? ଆବେ ପକେଟରେ ଲିପଷ୍ଟିକଟେ କାହିଁକି ରଖିଚ ? ଓଠରେ ମାରୁଚ ? ନା ସେଥିରେ ବିଷ ମିଶେଇଚ ?

ନାଟୁ : ମୋ ପକେଟରେ ଯେ ହେଲା ଗୋଟେ ଚାବିକାଠି ଆଉ ଯେ ହେଲା ଦିଟା ଖଣ୍ଡିଆ ସିଗାରେଟ୍ ଆଉ–

ମଣ୍ଟୁ : ରଖ ହୋ ତମ ଖଣ୍ଡିଆ ସିଗାରେଟ ! ଖଣ୍ଡିଆ ସିଗାରେଟ୍ ! ଆଉ କଣ ସବୁ ରଖିଚ ବାହାର କର - ବାହାର କର - ବାହାର କର (ଲଡ୍ଡୁ ପକେଟରୁ ଗୋଟେ ପୁଡ଼ିଆ କାଢିଲା) କି ପୁଡ଼ିଆ ସେଇଟା । କି ପୁଡ଼ିଆ ସେଇଟା ? ଖୋଲ ଖୋଲ ସେ ପୁଡ଼ିଆକୁ ।

ଲଡ୍ଡୁ : ହେଁହେଁ ନାଇଁ ସାର୍ - ନାଇଁ ସାର୍ - ଏଟା ଗୋଟେ - ଏଟା ଗୋଟେ–

ମଣ୍ଟୁ : ଆବେ ଖୋଲୁଚ ନା ନାଇଁ ବେ ? ଖୋଲ - ଖୋଲ - (ଲଡ୍ଡୁ ଖୋଲିଲା) ଆଁ ଏ ! ଯା ଭିତରୁ କଣ ଦିଟା ଲଡୁ ବାହାରିଲଣି ! ଆବେ ଲଡୁ ଦିଟା କାହିଁକି ପକେଟରେ ପୂରେଇ ବୁଲୁଚ ? ଏଥିରେ କଣ ଗଞ୍ଜେଇ ମିଶେଇଚ ଖୋଇଦେଇ ଅଚେତ୍ କରିଦେବ ? Dangerous–

ନନ୍ଦୀ . ଆଜ୍ଞା ! ନାଟୁବାବୁଙ୍କ ପକେଟରୁ କଣ ଦିଟା ଅଣ୍ଡା ବାହାରିଲଣି !

ମଣ୍ଟୁ : (ପାଟି କରି) ପଞ୍ଚ ଅଣ୍ଡା - ବୁଝିଲୁ ? ପଚଅଣ୍ଡା ମୁହଁକୁ ମାରିବ ବୋଲି

Digitized by PPRACHIN, SOA

ରଖିଥିଲ - ପଗ୍ସ ଅଣ୍ଡା-

ନାଟୁ : ପଗ୍ସ ଅଣ୍ଡା ନୁହେଁ ସାର୍ ଟଟକା ଅଣ୍ଡା - ଆଜି ଦେଇଥିଲ—

ମଣ୍ଡୁ : ଗ୍ରେପ୍ ! ଗ୍ରେଓପ୍ ! ଟଟକା ଅଣ୍ଡା । ଆରେ ବାବ୍‌ବା ! ବଡ dangerous ଲୋକ ଏ ଦିଟା ! କିଏ ନିଶାଲଡୁ ରଖିଚି ତ ଆଉ କିଏ ପଗ୍ସ ଅଣ୍ଡା ଧରି ବୁଲୁଚି । ନନ୍ଦୀ ! ଦେଖିଲୁ ଦେଖିଲୁ ଆଉ କଣ ସବୁ ରଖିଚନ୍ତି ପକେଟରେ । ଦେଖ୍ ଦେଖ୍—

ଲଡୁ : (ଆତଙ୍କିତ) ନାଇଁ ସାର୍ - ନାଇଁ ସାର୍ - ଆଉ କିଛି ନାହିଁ ସାର୍ - ଆଉ କିଛି ନାହିଁ ସାର୍ -

ମଣ୍ଡୁ : ନାଇଁତ ପକେଟ ଗୁଡ଼ା ସେମିତି ଓଜନିଆ ଓଜନିଆ ଦିଶୁଚି କାହିଁକି ? ବାହାର୍ କର - ବାହାର୍ କର କଣ ରଖିଚ - ଲଡୁବାବୁ । ସବୁ କବାଟ ବନ୍ଦ । ସେମିତି ଚନ ଚନ ହେବାରେ କିଛି ଲଭ ନାହିଁ । ଯାହା ସବୁ ରଖିଚ ପକେଟରେ ଜଲ୍‌ଦି ବାହାର କର ।

ଲଡୁ : (ଥର ଥର ସ୍ୱରରେ) ନନ୍ଦୀଘୋଷ ! ଭୂମିକମ୍ପ ହଉଚି ନା କଣ ! ଗୋଡ଼ ଥରୁଛି । ମୁଣ୍ଡ ଘୁରୁଚି । କପେ କଡା ଗ୍ସ ଆଉ ଦିଟା ଛଡାମାର୍କା ବିଡ଼ି । ଜଲ୍‌ଦି—

ମଣ୍ଡୁ : ଆବେ କାଢୁଚ ନା ନା!ଇଁବେ ? ନନ୍ଦୀ ! ତୁ କଣ କରୁଚୁ ? କାଢୁନାହୁଁ କାହିଁକି ?

ଲଡୁ : କାଢୁଚୁ ସାର୍ - କାଢୁଚୁ ସାର୍ - ପ୍ରଭୁ ଚକାଡୋଳା - ପ୍ରଭୁ ବିପଦଭଞ୍ଜନ ମହାବାହୁ - ପ୍ରଭୁ ହେ - ଆମେ ହତ୍ୟା ହେଇଗଲୁ ପ୍ରଭୁ - (ନନ୍ଦୀ ପକେଟ ଦେଖୁଥିଲ । ଲଡୁ ତାକୁ ଗୁପି ଧରିଥିଲ) ଓହୋ ! ନନ୍ଦୀଘୋଷ - ତମେ ଏମିତି ଟଣା ଓଟରା କାହିଁକି କରୁଚ କହିଲ ? ତା ଭିତରେ ଆଉ କିଛି ନାହିଁ- ବୋଲି କହିଲି ପରା । ଛାଡ- ଓହେ! ହୋଃ ନନ୍ଦୀଘୋଷ ଛାଡ-ଛାଡ-

ନନ୍ଦୀ : (ପକେଟରୁ କାଢିଚି) ସାର୍ - ସାର୍-ଦି ଜଣଙ୍କ ପକେଟରେ ଦିଟା ଛୁରୀ ସାର୍ -

ମଣ୍ଡୁ : (ଚିତ୍କାର କରି) ଏଁ ? ଛୁରୀ ? ମାନେ ଛୁରୀ ? My goodness ! ଛୁରୀ ରଖିଥିଲେ ପକେଟରେ ? ନନ୍ଦୀ ! ଟେଲିଫୋନ୍- ଟେଲିଫୋନ -

Digitized by PPRACHIN, SOA

ଟେଲିଫୋନ୍ - ଆଣ୍ - ଜଲ୍‌ଦି - ପୋଲିସ୍ - ପୋଲିସ୍ - ୮
ପକେଟରେ ଛୁରୀ ? My good God ! ନନ୍ଦୀ - ୮ ଧାନା -
ଜଲ୍‌ଦି - ଇରେ ବାବ୍‌ବା ! କି dangerous ! ଟେଲିଫୋନ୍ -

ନନ୍ଦୀ : ଆଣୁଚି - ଆଣୁଚି - (ଗ୍ଲଲିଗଲ)

ଲଡ୍ଡୁ ଓ ନାଟୁ : ସାର୍ - ସାର୍ - ଆମ କଥା ଟିକେ
ମରିଯିବୁ ସାର୍ - ଆମକୁ ପୋଲିସ୍‌ରେ ଶୁଣନ୍ତୁ ସାର୍ - ମରିଯିବୁ ସାର୍
ଦୋଷ ନାହିଁ ସାର୍ - କଳିକା ୮ ଦିଅନ୍ତୁ ନାହିଁ ସାର୍ - ଆମର କିଛି
ମଣ୍ଡୁ ଘର ୮ ଦେବୀ କହିଥିଲେ ବୋଲି ଆସିଥିଲୁ ସାର୍-
ପଛେ ଘ ାକ ଘୁରି ବୁଲିଲେ । ନାଟୁ ଓ ଲଡ୍ଡୁ ତାଙ୍କ ପଛେ

ମଣ୍ଡୁ : କେହି ଜିଛୁଚି ୍ଧ ବୁଲିଲେ ।
ଗୁଣ୍ଡା । ୮ କହି ନ ଥିଲେ । ମିଚ୍ଛକଥା । ମିଛକଥା । ତମେ ଦିଟା

ଲଡ୍ଡୁ : ନା୮ ମେ ଦିଟା ବଦମାସ୍ । ବମେ ଆପେ ଆପେ ଆସିଥିଲ —

ମଣ୍ଡ ୍ସାର୍ - କଳିକା ଦେବୀ କହିଥିଲେ ସାର୍—

: କଣ କହିଥିଲେ ? କଣ ତମକୁ କହିଥିଲେ ? ତମକୁ ଛୁରୀ ଧରି ଆସିବାକୁ କହିଥିଲେ ? ଗ୍ଲଲକୀ କରୁଚ ? ଗ୍ଲଲକୀ ?

ଲଡ୍ଡୁ : ହଁ ସାର୍ ! ଆମକୁ କହିଥିଲେ ଆମ ଦି ଜଣଙ୍କ ଭିତରେ ଛୁରୀ ଲଢେଇ ହବ । ଯିଏ ଜିତିବ ସେ ଆମ କଲେଜ ଡ୍ରାମାରେ ହିରୋ ହବ ।

ମଣ୍ଡୁ : ମିଛକଥା । ମିଛକଥା । ଏକଦମ୍ ମିଛ କଥା—

ଲଡ୍ଡୁ : ନାଇଁ ସାର୍ - ନାଇଁ ସାର୍ - ଏକଦମ୍ ସତକଥା ସାର୍ - ଆମକୁ ଛାଡ଼ି ଦିଅନ୍ତୁ ସାର୍ - ସାର୍ - ସାର୍ - ସାର୍ - (ଦୁଇଜଣ ଯାକ ମଣ୍ଡୁକୁ କୁଣ୍ଢେଇ ଧରିଲେ)

ମଣ୍ଡୁ : ଆରେ - ଆରେ - ଯେ କଣ ? ଯେ କଣ ? ଯେ କଣ ? ମୋତେ ଏମିତି କୁଣ୍ଢେଇ ଧରୁଚ କହିଁକି ? ଛାଡ - ଛାଡ - ମୋତେ ଛାଡ —

ଲଡ୍ଡୁ : ଜନ୍ମା ଛାଡ଼ିବୁ ନାହିଁ ସାର୍ - ଆପଣ ଆମକୁ କ୍ଷମା ନ ଦେଇଯାକେ ଆମେ ଜନ୍ମା ଛାଡ଼ିବୁ ନାହିଁ । (ନାଟୁକୁ ଟାର୍ଗିଦ୍ କରି)ନାଟୁ ! ଜୋର୍ କରି ଧରିଥିବୁ କହିଦଉଚି । ଜନ୍ମା ଛାଡ଼ିବୁ ନାହିଁ । ହୁସିଆର୍ ! (ମଣ୍ଡୁକୁ) ଆଉ କୁଆଡେ କାହାରିକି ଟେଲିଫୋନ କରନ୍ତୁ ନାହିଁ ସାର୍-ଆମେ ମରିଯିବୁ- ପୋଲିସ ଆମକୁ ବାନ୍ଧି ନେବ । ଜେଲରେ ପୁରେଇ ଦବ । ଆପଣ ଯାହା କହିବେ ଆମେ ତା କରିବୁ ପଛେ ଆମକୁ ଆଉ ପୋଲିସ ହାତରେ ଦିଅନ୍ତୁ ନାହିଁ ।

Digitized by PPRACHIN, SOA

' ଯଦି କହିବେ ଆମେ ନିଲ୍‌ଡାଉନ ହେବୁ । ଏକଗୋଡକିଆ ହେବୁ ।
ଆପ... ଉଠବସ ହେବୁ । ହେଲେ ଆଉ ଆପଣ ସେ ପୋଲିସ୍
ଶହେ ଥର ...ବ୍ ନାହିଁ ସାର୍ - (ଆହୁରି ଜୋରରେ ଭିଡ଼ି ଧରିଲା
ପୋଲିସ୍‌କୁ ଡାକ... ର୍‌ରେ ଧରିଥିବୁ । ଜନ୍ମା ଛାଡ଼ିବୁ ନାହିଁ । ହୁଶିଆର !
ନାଟୁକୁ) ନାଟୁ ! ଜୋ... ଟକି ଯାଇ) ଆରେ - ଆରେ - ଆରେ - ଯେ

ମଣ୍ଟୁ : (ଦୁଇ ଜଣଙ୍କ ମଝିରେ ଧ... ଣ ମୋତେ ଏତେ ଜୋର୍‌ରେ ଭିଡ଼ି
କଣ ? ଯେ କଣ ? ତମେ ଦି ଜ... ' ନିଶ୍ୱାସ ବନ୍ଦ ହେଇ ଯିବ ଯେ !
ଧରୁଚ କାହିଁକି ? ଆରେ ଆରେ - ମୋ... ବାବୁ
ମୋତେ ଛାଡ - ଛାଡ - ଲଡୁବାବୁ - ନାଟୁ... ' ଜନ୍ମା ଛାଡ଼ିବୁ ନାହିଁ ।

ଲଡୁ : ଜନ୍ମା ଛାଡ଼ିବୁ ନାହିଁ ସାର୍—ଆପଣ ନ କହିଲା ଯାଏ ... ତମେ ବାଇଶଥର

ମଣ୍ଟୁ : ଆଛା ହଉ ହଉ - ହେଲା ହେଲା । ତମକୁ ଛାଡ଼ି ଦେଲି । ...
ଉଠବସ ହୁଅ । ଯା । ମୋତେ ଛାଡ଼ିଦିଅ— ' sir

ଦୁହେଁ : (ମଣ୍ଟୁକୁ ଛାଡ଼ିଦେଲେ) Thank you sir-Thank you
ଆମେ ସାଙ୍ଗେ ସାଙ୍ଗେ ହେଲୁ - ସାଙ୍ଗେ ସାଙ୍ଗେ - (ଉଠ ବସ ହେଲେ
ଡାକି ଡାକି) ଏକ୍ - ଦୁଇ - ତିନ୍ - ଗ୍ରରି - ପାଞ୍ଚ -

ମଣ୍ଟୁ : ଦି ଜଣ ଯାକ କହ ଆମେ ଦିଜଣହିରୋ ହବାକୁ ଅଯୋଗ୍ୟ —

ଲଡୁ : କହୁଚୁ ସାର୍ କହୁଚୁ- କହୁଚୁ — (ବୁଝିପାରି) ସାର୍— ?

ମଣ୍ଟୁ : କହିବ ନା ନାଇଁ ? କୁହ - କୁହ -

ଲଡୁ : କହୁଚୁ'ସାର୍ କହୁଚୁ କହୁଚୁ - ନାଟୁ -

ଦୁହେଁ : ଆମେ ଦିଜଣ ହିରୋ ହବାକୁ ଅଯୋଗ୍ୟ — (ଦବିଲାସ୍ୱର)

ମଣ୍ଟୁ : ଜୋର୍‌ରେ—

ଦୁହେଁ : (ସ୍ୱର ଉଚ୍ଚ କରି) ଆମେ ଦିଜଣ ହିରୋ ହବାକୁ ଅଯୋଗ୍ୟ —

ମଣ୍ଟୁ : ଆହୁରି ଜୋର୍‌ରେ —

ଦୁହେଁ : (ସ୍ୱର ଆହୁରି ଉଚ୍ଚକରି) ଆମେ ଦିଜଣ ହିରୋ ହବାକୁ ଅଯୋଗ୍ୟ —

ମଣ୍ଟୁ · କୁହ ଆମେ ଯୋଉ ପାର୍ଟ ପାଇଁ ଯୋଗ୍ୟ ସେ ପାର୍ଟ ହେଲା-

ଦୁହେଁ : ଆମେ ଯୋଉ ପାଟ୍ ପାଇଁ ଯୋଗ୍ୟ ସେ ପାଟ୍ ହେଲା —

ଲଡୁ : ଜନୈକ ନିର୍ଲଜ୍ଜ ମୃଗ ।

ନାଟୁ : ଜନୈକ ନିର୍ବିଘ୍ନ ବଗ ।

Digitized by PPRACHIN, SOA

ଲଡ୍ଡୁ : ଜନୈକ ବଡାପେଇ ।

ନାଟୁ : ଜନୈକ ଆଗଚଇ ।

ଲଡ୍ଡୁ : ଜନୈକ ଥୁଣ୍ଟା ବରଗଛ ।

ନାଟୁ : ଜନୈକ ଠେଲଗାଡ଼ି ।

ଲଡ୍ଡୁ : ଜନୈକ ଛିଣ୍ଡା କାଗଜ ।

କଳିକା : (ବାହାରେ ଡାକିଲା) ନନ୍ଦୀ - ନନ୍ଦୀ -

ମଣ୍ଟୁ : (ଡାକିଲେ) ନନ୍ଦୀ - ନନ୍ଦୀ - କଳିକା ଡାକୁଚି । ଖୋଲି ଦେ -

ଲଡ୍ଡୁ : ନାଟୁ ! ମହାଦେବୀ ଆସିଗଲେ । ଏଥର ବଳୀଦାନ ଦିଆଯିବ । ନରବଳୀ ।

(ନନ୍ଦୀ ସହ କଳିକା ଭିତରକୁ ଆସିଲା)

କଳିକା : ଆରେ ମଣ୍ଟୁଭାଇ ! ତମର ସିକ୍ସଥ ଇୟର୍ ସେମିନାର ସରିଗଲାଣି ?

ମଣ୍ଟୁ : ହଁ ! ପାଞ୍ଚଟା ବେଳୁ ସରିଗଲାଣି । ମୁଁ ଟିକେ ଥାନା ବାଟେ ଆସିଲି ଆମ କୁକୁର ବିଷୟରେ ବୁଝିଦେଇ । ସେଇଥି ପାଇଁ ଟିକେ ଡେରି ହେଇଗଲା । ଅବଶ୍ୟ ତୋ କହିବା ସମୟକୁ ଆସିଯାଇଥିଲି । ତମର ରିହରସାଲ ସରିଲା ?

ଲଡ୍ଡୁ : କହିବା ସମୟକୁ ଆସିଯାଇଥିଲେ ? ମହାବାହୁ ! ଯେ କହିବା ସମୟକୁ କଣ କିବେ ନାଟୁ ?

`` ହଁ - ବସନ୍ତ ବାବୁ ମୋତେ ଏଇଠି ଛାଡ଼ିଦେଇ ଗଲେ ।

କଳିକା : ମଣ୍ଟୁ ...

କିଏ ?

ମଣ୍ଟୁ : ବସନ୍ତ ବାବୁ . ... ।

"ମ କଲେଜ୍ ଡ୍ରାମାରେ ହି...

କଳିକା : ବସନ୍ତ ଦାସ ! ଃ ... "ମ କଲେଜ ଡ୍ରାମାରେ ହିରୋ ? ଆରେ ନାଁଟି !

ଲଡ୍ଡୁ : ଏଁ ! ହିରୋ ? ମାନେ ... ଲା ହିରୋ ହେଲଣି ! କିବେ ଏଟା କୋଉ କିଏ ଗୋଟେ ବସନ୍ତ ଦାସ ... ଶା ବାଇଶିଟି କବାଟ କୁଆଡେ ଉଡ଼ିଗଲା ଡ୍ରାମା କିବେ ? ଆମ ଅଠରଟି ମ... ଇଛି - (ଭେଠବସ ହେଲେ) ଅଠର-ପରି ଲାଗୁଚି । ନାଟୁ- ଏଥର ଜଲ୍‌ଦି ... ଉଣେଇଶ - କୋଡ଼ିଏ - ଏକୋଇଶ -

Digitized by PPRACHIN, SOA

କଳିକା : (ଦେଖି ଦେଇ) ଆରେ ଲଡୁ ବାବୁ ନାଟୁବାବୁ ! ଆପଣମାନେ କେତେବେଳେ ? କିନ୍ତୁ ଆପଣମାନେ ଏମିତି –

ମଣ୍ଡୁ : ସେମାନେ ପର ଛୁରୀ ଧରି ଆସିଛନ୍ତି ତମ ଡ୍ରାମାରେ ହିରୋ ହେବେ ବୋଲି-

ଦୁହେଁ : ବାଇଶ - ତେଇଶ - ଚବିଶ - ପଚିଶ - (ଉଠ ବସ ହେଉଚନ୍ତି । ତାକର ସ୍ୱର କିଛିଟା ଅବଶ ଓ ଦୁଃଖିତ)

କଳିକା : ଛୁରୀ ଧରି ଆସିଚନ୍ତି ? Beautiful! ତାହେଲେ ଏଥର ଲଢେଇ ହଵ ।

ଦୁହେଁ : ଛବିଶ - ସତେଇଶ - ଅଠେଇଶ - ଅଣତ୍ରିଶ - (ଉଠବସ ହେଉଚନ୍ତି)

କଳିକା : ଆରେ ଏଠି ବିଟା ଏତେ ସୁନ୍ଦର ଅଣ୍ଡା କିଏ ରଖିଚି ? ନାଟୁ ବାବୁ ଆଣିଚନ୍ତି ନିଶ୍ଚୟ ମୋ ପାଇଁ ମୁଁ ଭଲ ପାଏ ବୋଲି ?

ଦୁହେଁ : (ଉଚ୍ଚ କିନ୍ତୁ କ୍ଲାନ୍ତ ଓ ମନ୍ଦଗତି ସ୍ୱର) ତିରିଶ - ଏକତ୍ରିଶ - ବତିଶ ତେତିଶ - ଚଉତ୍ରିଶ - ପଇଁତ୍ରିଶ - [ଉଠବସ ହେଉଚନ୍ତି]

କଳିକା : ଆରେ ଏଠି ପୁଡ଼ିଆରେ ବିଟା ସୁନ୍ଦର ଲଡୁ ବି ଥୁଆ ହେଇଚି ଦେଖୁଚି । Beautiful ! ଲଡୁବାବୁ ଆଣିଚନ୍ତି ନିଶ୍ଚୟ ! ଲଡୁ ବିଟା କି beautiful ହେଇଚି ! ଖାଇଦବାକୁ ମନ ହେଉଚି–

ଲଡୁ : (ଅବଶ ଓ ପରାହତ ସ୍ୱରରେ) ଏ ଲଡୁ beautiful ଲଡୁ ନୁହେଁ କଳିକା ଦେବୀ ଏ ଲଡୁ ହିରୋମାରିଣୀ ଲଡୁ - ଯେମିତି ମଣ୍ଡୁଭାଇ ଥାନା କାମ ସାରି ଆସିଲେ ବି ପୋଲିସ ଅଫିସର ନୁହନ୍ତି ଡିକ୍‌ଥଇୟର ଙ୍କ ଯେମିତି ଆପଣ କୁମାରୀ କଳିକା ଦାସ ନୁହନ୍ତି ଆପଣ ... ଡ଼ୁଡ଼େଣ୍ଡ କଳିକେ କଳହକାରିଣୀ ହିରୋମୁଣ୍ଡମା... ହଉଚନ୍ତି ଦେବୀ କାରିଣୀ - ଆଉ ଯେମିତି ... ଣୀ ... ବୀ ନିତ୍ୟନାଟକ ... ଆମେ ଦି ଜଣ ଲଡୁ ... ନୋହୁଁ - ଆମେ ଦି ଜଣ ହଉଚୁ– ... ଷଡଙ୍ଗୀ ଆଉ ନାଟୁ

ଦୁହେଁ : ଆମେ ଦି ଜଣ ହଉଚୁ ନମ୍ବର ୱାନ ଇଡ଼ି... ାଟୁ ! କହ–

ଲଡୁ : ଜୋର୍‌ରେ– ... ଟ୍ –

ଦୁହେଁ : (ସ୍ୱର ଉଚ୍ଚ କରି) ଆମେ ଦି ଜ...

ଲଡୁ : ଆହୁରି ଜୋର୍‌ରେ– ... ହଉଚୁ ନମ୍ବର ୱାନ ଇଡ଼ିୟଟ –

Digitized by PPRACHIN, SOA

ଦୁହେଁ : (ସ୍ୱର ଆହୁରି ଉଚ୍ଚକରି) ଆମେ ଦିଜଣ ହଉଚୁ ନମ୍ବର ୱାନ ଇଡ଼ିୟଟ—

ଇନ୍ଦୁ : (କ୍ଲାନ୍ତ ଓ ଅବଶ ଭବେ ସୋଫାରେ ପଡ଼ିଯାଇ ଓ ଦୁଇ ହାତ ଦୁଇ ପଟକୁ ଝୁଲେଇ ଦେଇ ନିସ୍ତେଜ ସ୍ୱରରେ) ଶଙ୍କା ବସନ୍ତ ଦାସ ଗୋଟେ କିଏ ହିରୋ ହେଲୁ । ଆମ ଅଠରଟି ମଣ୍ଡା କୁଆଡେ ଉଡ଼ିଗଲେ । କଥାଟା ଶୁଣି ହୃଦ ଫାଟିଯାଉଚି ରେ ନନ୍ଦୀଘୋଷ ତର୍ଣ୍ଣି ଶୁଖୁ ଯାଉଚି । ଟେଙ୍କେ ଭେଜାଲ ଅଫିମ ପକେଇ ମୋତେ କପେ କଡ଼ା ଚା ଆଉ ଦିଟା ଛତା ମାର୍କା ବିଡ଼ି ଆଉ ମୋର ଏ ସାଙ୍ଗ ଟୋକାକୁ ଗୋଟେ ଖଣ୍ଡିଆ ସିଗାରେଟ ଆଉ ଦିଟା ପଚା ଅଣ୍ଡା ଦେଇ ପାରିବୁ ?

ଇନ୍ଦୁ ଆଖି ବୁଜିଲ । ମଣ୍ଟୁ କଳିକା ଓ ନନ୍ଦୀ ହସିଉଠିଲେ ।

Digitized by PPRACHIN, SOA